ଧରିତ୍ରୀ 51 Years

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 4/2025 | Page 16 | ₹ 7.00

୫୧ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 158 | ମୂଲ୍ୟ₹୭/-





## ସଂକ୍ଷେପରେ

### ନିଳାଦେଇ ଗ୍ରାମରେ ଶନିଦେବଙ୍କ ପୂଜା

କାଏମା,୩।୫(ଶିବ ପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନିଳାଦେଇ ଗ୍ରାମ ନିକଟ ଶନି ମନ୍ଦିରରେ ଶନିଦେବଙ୍କ ଜନ୍ମଉତ୍ସବ ଶନିବାର ପାଳିତ ହୋଇଯାଇଛି। ପୂଜକ ଆଲୋକ ପଣ୍ଡିତ ଓ ଅନ୍ୟ ପୂଜକଙ୍କ ମନ୍ତ୍ର ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସକାଳୁ ଭକ୍ତମାନେ ନିକଟ ପୁଷ୍କରିଣୀରୁ ଜଳ ଆଣି ନିକଟ ଓସ୍ତ ବୃକ୍ଷମୂଳରେ ଢାଳିବା ସହିତ ଶନି ମହାରାଜଙ୍କ ଦର୍ଶନ କରିଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଦେଓଡ଼ା ପଞ୍ଚାୟତ ବାସୁଦେବପୁର ଗାଁରେ ଶନିଦେବଙ୍କ ପୂଜା ପାଳିତ ହୋଇଯାଇଛି। ପୂଜକ ମଦନ ନନ୍ଦ ଓ କର୍ତ୍ତା ଭାବେ ରଞ୍ଜନ ପାଣି ଦାୟିତ୍ୱ ତୁଲାଇ ଥିଲେ। ଭକ୍ତମାନେ କେଲୁଅ ନଦୀରୁ ପାଣି ଆଣି ନିକଟ ଓସ୍ତ ବୃକ୍ଷ ମୂଳରେ ଢାଳିବା ସହିତ ଶନିଙ୍କ ଦର୍ଶନ କରିଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ଚଷମା ବଣ୍ଟନ

ସିଂହପୁର,୩।୫(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଶ୍ରାବଣୀ ପରିସରରେ ଶୁକ୍ରବାର ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ସାଧୁ ବିଧଶ୍ରୀ ସାଧବ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାରାୟଣପୁର ମଠାଧିଶ ଶଙ୍ଖାଳି ବାବା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଯାଜପୁର ଆଞ୍ଚଳିକ ଉନ୍ନୟନ କମିଟି ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖବରଦାତା ଅନିରୁଦ୍ଧ ବେଉରିଆ, ସମ୍ମାନିତ ଅତିଥିଭାବେ ଯୁବ ବ୍ୟବସାୟୀ ସୁଧାଂଶୁ ଶେଖର ଧଳ, ହୃଷୀକେଶ ସାହୁ, ଖଗେଶ୍ୱର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ଖବରଦାତା ଗୋପାଳ ସୂତାର, ଅଜୟ ରାଉଳ, କୈଳାସ ଚନ୍ଦ୍ର ବାରିକ ଓ ବୀରକିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ୫୦ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା।

### ରାଛିପୁରରେ ଶନିଦେବଙ୍କ ଜନ୍ମୋତ୍ସବ

କଳିଙ୍ଗନଗର,୩।୫(ଶୁଭାଶିଷ ରାଉତ): ଦାନଗଦୀ ବ୍ଲକ ଅଧୀନ ରାଛିପୁର ଗାଁରେ ଗ୍ରହରାଜ ଶନିଦେବଙ୍କ ଜନ୍ମୋତ୍ସବ ଶନିବାର ପାଳିତ ହୋଇଯାଇଛି। ଗ୍ରହରାଜଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହିଳା ଓ ପୁରୁଷ ଶନିଶ୍ଚରଙ୍କଠାରେ ଜଳଲାଗି କରିଥିଲେ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ବସ ସେବା ଯୋଗାଇ ଦିଆଯାଇଥିଲା। ଚୋରି, ପକେଟମାର ରୋକିବା ପାଇଁ ସିସିଟିଭି ଲଗାଯିବା ସହିତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ବାଇକ୍ ଜବତ, ଯୁବକ ଗିରଫ

ଧର୍ମଶାଳା,୩।୫(ବଟକୃଷ୍ଣ ପରିଡ଼ା): ଜେନାପୁର ଥାନା ରଗଡ଼ିପସି ଗ୍ରାମରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଏଥିସହିତ ବାଇକ୍ ଚୋରି କରିଥିବା ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଗ୍ରାମର ହିମାଂଶୁ ସେଠୀ(୩୫)। ରଗଡ଼ିପସି ଗ୍ରାମର ଚିନ୍ମୟ ପ୍ରଧାନଙ୍କ ଓଡି୦୪ଆର୍ ୭୭୫୦ ନମ୍ବର ବାଇକ୍ ଏପ୍ରିଲ ୨ରେ ତାଙ୍କ ଘର ନିକଟରୁ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୬୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବାଇକ୍ ନମ୍ବର ପ୍ଲେଟ୍ ଖୋଲି ଶୁକ୍ରବାର ରାତିରେ ଜେନାପୁର ଆସିଥିଲେ। ଖବର ପାଇ ପୋଲିସ ଗାଡ଼ି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା କହିଛନ୍ତି।


# ପ୍ରତି ପଞ୍ଚାୟତରେ ଖୋଲିବ ଆର୍‌ଆଇ ଅଫିସ: ମନ୍ତ୍ରୀ

## ବଡ଼ଚଣାରେ ୧୫ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ

**ଚଣ୍ଡିଖୋଲ,୩।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶା ୨୦୩୬ରେ ୧୦୦ ବର୍ଷ ପୂରଣ କରିବ। ସେଥିପାଇଁ ଆମ ସରକାର ଏକ ଆଧୁନିକ ଓଡ଼ିଶା ଦେଖିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛି। ଆଧୁନିକ ଓଡ଼ିଶା କ୍ଷୁଧା, ବେକାରୀ ମୁକ୍ତ ହେବ। ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇବ। ବିକଶିତ ଓଡ଼ିଶା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧର୍ମପଦ ହେବାକୁ ପଡ଼ିବ। ଯଦି ସମସ୍ତଙ୍କ ସହଯୋଗ ରହିବ ତେବେ ଆମେ ବିକଶିତ ନୂଆ ଓଡ଼ିଶା ଦେଖି ପାରିବା। ଭୂମିହୀନଙ୍କୁ ୪ ଡିସିମିଲ ଜମି ସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଏବେ ୨ ପଞ୍ଚାୟତକୁ ନେଇ ଗୋଟିଏ ଆର୍‌ଆଇ ଅଫିସ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଲୋକଙ୍କୁ ସହଜ ଓ ସୁବିଧାରେ ସେବା ଯୋଗାଇ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଆର୍‌ଆଇ ଅଫିସ ଖୋଲାଯିବ। ଶନିବାର ୧୫ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

ଯାଜପୁର ଜିଲାର ବଡ଼ଚଣା ମହୋତ୍ସବ ପଡ଼ିଆରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମନ୍ତ୍ରୀ ୧୮ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଉକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହ ବାସଗୃହର ଶିଳାନ୍ୟାସ କରିଛନ୍ତି। ଯାଜପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଚଣ୍ଡିଖୋଲକୁ ସବଡିଭିଜନ କରିବା ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ବଡ଼ଚଣା ବିଧାୟକ ଅମର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦର୍ପଣ ତହସିଲରେ ୨ ଅତିରିକ୍ତ ତହସିଲଦାର ପଦବୀ ଫାଙ୍କା ପଡ଼ିଛି ବୋଲି କହିବା ସହ ୯ଟି ସ୍ଥାନରେ ଜଣେ ମାତ୍ର ଅମିନ କାର୍ଯ୍ୟ କରୁଥିବା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବୈରୀ, ସମିଆ, ସୋଲର, ବନ୍ଦାଲୋ, ଛତିଆ, ବାଲିଚନ୍ଦ୍ରପୁର, ବଡ଼ଘୁମୁରି, ବଡ଼ଚଣା, ମୂଷା ଟିକିରି, ଗୋପାଳପୁର, ବନ୍ଦେରେଶ୍ୱର, ବାଇଶିମୌଜା, ଖଇରା, ବରଦା ଓ ଚମ୍ପାପୁରଠାରେ ଆରଆଇ ସର୍କଲ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ଦେବଯାନୀ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ କାହାଳୀ ପ୍ରମୁଖ ଯୋଗଦେଇଥିଲେ। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରମୋଦ ଜେନା, ଲଲାଟ ମହାପାତ୍ର, ବିମଳ ପ୍ରଧାନ, ବେଣୁଧର ବିଶ୍ୱାଳ, ଅମିୟ ସାହାଣୀ, ରବୀନ୍ଦ୍ର ରାଉତ, ପ୍ରିତମ ନାୟକ, ମାନସ ରାଉତ ରାୟ, ମନୋଜ ପ୍ରଧାନ, ଅଶୋକ ସିଂହ, ପ୍ରକାଶ ସାହୁ, ସୁଜିତ ଜେନା ଓ ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ଟ୍ରେନ୍ ଲାଇନରୁ ମିଳିଲା ମୃତଦେହ


**ବ୍ରହ୍ମବରଦା,୩।୫(ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଇସ୍ଥମାପଡ଼ିଆର ବାସିନ୍ଦା ଅବ୍ଦୁଲ ୱାହିଦଙ୍କ ପୁଅ ଅବ୍ଦୁଲ ସାଜିଦ(୧୮)ଙ୍କ ଶନିବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ସାଜିଦଙ୍କ ମୃତଦେହ ଟ୍ରେନ୍ ଲାଇନରୁ ମିଳିଥିବାରୁ ତାଙ୍କର ଅସାବଧନତା ହେତୁ ମୃତ୍ୟୁ ହୋଇଛି କି ତାଙ୍କୁ ଟ୍ରେନରୁ ଠେଲି ହତ୍ୟା କରାଯାଇଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ଏହାର ତଦନ୍ତ କଲେ ପ୍ରକୃତ ସତ ଜଣାପଡ଼ିବ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ସାଜିଦ ଗତ ୫-୬ଦିନ ପୂର୍ବରୁ ଆନ୍ଧ୍ରପ୍ରଦେଶସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଗତ ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ଘରକୁ ଫେରିବେ ବୋଲି ଫୋନ ଯୋଗେ ଜଣାଇଥିଲେ। ମାତ୍ର ସନ୍ଧ୍ୟା ସୁଦ୍ଧା ସାଜିଦ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ। ହେଲେ ନମ୍ବର ବନ୍ଦ ଥିବା ଜଣାପଡ଼ିଥିଲା। ଏଥିରେ ବ୍ୟତିବ୍ୟସ୍ତ ହୋଇ ସାଜିଦଙ୍କ ମା' ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସାଜିଦଙ୍କ ଫୋନ ନମ୍ବରକୁ ଟ୍ରାକିଂ କରି ଜାଣିବାରୁ ତାହା ଖୋର୍ଦ୍ଧା ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ଶୁକ୍ରବାର ଅପରାହ୍ନରେ ସାଜିଦଙ୍କ ପରିବାର ଖୋର୍ଦ୍ଧା ଅଭିମୁଖେ ଯାଇଥିଲେ। ସେଠାରେ ଖୋର୍ଦ୍ଧା ପୋଲିସ ସହାୟତରେ ବହୁ ଖୋଜା ଖୋଜିପରେ ସାଜିଦର କିଛି ନ ପାଇବାରୁ ନିରାଶ ହୋଇ ଫେରିଆସିଥିଲେ। ଶନିବାର ଭୋର ସମୟରେ ଖୋର୍ଦ୍ଧା ଅଞ୍ଚଳର ଟ୍ରେନ ଲାଇନରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସାଜିଦଙ୍କ ପରିବାର ଲୋକଙ୍କୁ କେହି ଫୋନଯୋଗେ ଜଣାଇଥିଲେ। ସାଜିଦଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ସାଜିଦଙ୍କର ବୋଲି ଚିହ୍ନଟ କରିଥିଲେ। ଖୋର୍ଦ୍ଧା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ସନ୍ଧ୍ୟାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମରଶରୀରକୁ ଆଣି ଗାଁ କବରସ୍ଥାନରେ କବର ଦେଇଥିଲେ। ସାଜିଦଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।



# ବରୀର ୬ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ



ସୌମ୍ୟଜିତ୍ ଦାସ | ଜିଜ୍ଞାସା ବିଶ୍ୱାଳ | ଜୟଶ୍ରୀ ଦାସ | ସାଗର ମୁଦୁଲି | ନିବେଦିତା ଦାସ | ଲକ୍ଷ୍ମୀପ୍ରିୟା ମଲ୍ଲିକ

**ବରୀ,୩।୫(ମହେନ୍ଦ୍ର ସ୍ୱାଇଁ):**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବରୀ ଶିକ୍ଷା ମଣ୍ଡଳର ୬ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଆମ୍ରକାନନ ଶିକ୍ଷାନିକେତନ ସରକାରୀ ଉଚ୍ଚ ବିଦ୍ୟାଳର ଛାତ୍ର ସୌମ୍ୟଜିତ ଦାସ ବ୍ଲକ୍‌ରେ ସର୍ବାଧିକ ୫୬୦ ନମ୍ବର ରଖିଛନ୍ତି। ସେହିପରି ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ୫୪୨, ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ଜିଜ୍ଞାସା ବିଶ୍ୱାଳ ୫୫୩, ନନ୍ଦିନୀଦେବୀ ଉଚ୍ଚ ବିଦ୍ୟାଳୟର ସାଗର ମୁଦୁଲି ୫୪୬, ଈଶାଣପୁର ଉଚ୍ଚ ବିଦ୍ୟାଳୟର ନିବେଦିତା ଦାସ ୫୪୨ ଏବଂ ଜୟଶ୍ରୀ ଦାସ ୫୪୭ ମାର୍କ ରଖି ଏ-୧ ଗ୍ରେଡରେ ସ୍ଥାନ ପାଇଛନ୍ତି।

# ୪ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଧର୍ମଶାଳା/କାଏମା,୩।୫ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ୩ ଓ ରସୁଲପୁର ତହସିଲ ଅଧୀନ ଗୋଟିଏ ମୋଟ୍ ୪ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାରକା ସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟଗୁଡ଼ିକ ନାକପୋଲ, ଜେନାପୁର, ନେଉଳପୁର ଓ ବାରବାଟୀଠାରେ ନିର୍ମିତ ହୋଇଛି। ଉତ୍ସବରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ଆହୁହା, କାଏମା, ବଳରାମପୁର ନଂ-୧, ତଳଗଡ଼, ଶ୍ରୀନଗର ଠାରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି କରିଥିଲେ। ମନ୍ତ୍ରୀ ଖୁବ୍‌ଶୀଘ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।



୪ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ଉତ୍କଳ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ

**ଯାଜପୁର ଟାଉନ,୩।୫ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଜିଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ସଂଘର କାର୍ଯ୍ୟଧାରାକୁ ଗତିଶୀଳ କରିବା ସହ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମତ ଉପସ୍ଥାପନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ରବିନାରାୟଣ ରଣାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଆଗାମୀ ୧୧ ତାରିଖରେ ଜିଲା ଶାଖାର ବାର୍ଷିକ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବାର୍ଷିକ ଉତ୍ସବ ଅବସରରେ ଏକ ଆଲୋଚନାଚକ୍ର ଆୟୋଜନ ପାଇଁ ସ୍ଥିର କରାଯିବା ସହ ସଂଘର ପ୍ରତି ବ୍ଲକରେ ଥିବା କୋଅର୍ଡିନେଟରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ପୀତବାସ ଭୂୟାଁ ସୂଚନା ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ସାହୁ, ବିଶ୍ୱନାଥ ପଣ୍ଡା, ରଙ୍ଗ ବଲ୍ଲଭ ସାହୁ, କଳ୍ପତରୁ ପଣ୍ଡା, ସୁବାଶିଷ ରାଉତ, ଭରତ ନାୟକ, ସଞ୍ଜୟ କର, ବାଞ୍ଛାନିଧି ସାହୁ, ବିଦ୍ୟାଧର ବେହେରା, ଦିବ୍ୟକାନ୍ତ କର, ମନୋଜ ନାୟକ, ଲିଙ୍ଗରାଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ମୃତ କ୍ରସର କର୍ମଚାରୀଙ୍କ ପରିବାରକୁ ଭେଟିଲେ କଂଗ୍ରେସ ବିଧାୟକ ଦଳନେତା

**ଧର୍ମଶାଳା,୩।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଭଡ଼ଙ୍ଗାଠାରେ ଏକ କ୍ରସର କର୍ମଚାରୀଙ୍କ ମାଡ଼ରେ ମୃତ୍ୟୁ ହୋଇଥିବା ଅର୍ଜିତ ଜେନା(୨୨)ଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହିକ୍ରମରେ ଶନିବାର ରାଜ୍ୟ କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡମ, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ପ୍ରଦେଶ କଂଗ୍ରେସ୍ କମିଟି ସଭ୍ୟ ସୁଧାଂଶୁ ଶେଖର ଦେଓ, ଜିଲା କଂଗ୍ରେସ୍ ସଭାପତି ମନୋଜ ରାଉତ, ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା, ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବଡ଼ଚଣା ବିଧାୟକ ପ୍ରାର୍ଥୀ ଅଜୟ ସାମଲ, ମାନସ କର, ସଞ୍ଜୟ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ମୃତ ଯୁବକଙ୍କ ଜାମୁବଣିଆସ୍ଥିତ ବାସଭବନକୁ ଯାଇ ତାଙ୍କ ବାପା ଅଜୟ ଜେନାଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ ମାଝୀଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି।



ମୃତକଙ୍କ ପରିବାର ସଦସ୍ୟଙ୍କୁ କଂଗ୍ରେସ ନେତାମାନେ ଭେଟି ଆଲୋଚନା କରୁଛନ୍ତି।

# ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ବାଲିଚନ୍ଦ୍ରପୁର,୩।୫ (ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ୍‌ଅଧୀନ କୃଷ୍ଣପୁରଶାସନଠାରେ ଶୁକ୍ରବାର ସନ୍ଧ୍ୟାରେ ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଅଣକା ପଞ୍ଚାୟତର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସଚେତନ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଭୁଲୁକା ଗ୍ରାମ ହନୁମାନ ମନ୍ଦିରଠାରୁ ବାହାରି କୃଷ୍ଣପୁରଶାସନ ତାରିଣୀ ପୀଠରେ ପହଞ୍ଚିଥିଲା। ସେଠାରେ ଅବସରପ୍ରାପ୍ତ ଶିକ୍ଷକ ଗୟାଧର ମହାପାତ୍ରଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସାମାଜିକ କର୍ମୀ ଦୀପକ ସାମଲ, ସର୍ବେଶ୍ୱର ମହାପାତ୍ର, ବାନାମ୍ବର ଲେଙ୍କା, ବ୍ରଜବନ୍ଧୁ ନାୟକ, ଛବିନ୍ଦ୍ର ସିଂହ, ପରେନ୍ଦ୍ର ବେହେରା, ସୁଶାନ୍ତ ବେହେରା, ପ୍ରବୋଧ ଶତପଥୀ, ଶରତ ଚନ୍ଦ୍ର ଜେନା, ଯଶୋବନ୍ତ ଓଝା ଓ ଆଦିକନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୁକୁଡ଼ାଖାଲିରେ ଶନିଦେବଙ୍କ ପୂଜା

**ଚଢ଼େଇଧରା,୩।୫ (ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଲିସ୍ଥିତ ଶନିଦେବଙ୍କ ମନ୍ଦିରରେ ଶନିବାର ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ଅଞ୍ଚଳରୁ ମହିଳାମାନେ ଆସି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ହରିବୋଲ, ହୁଳହୁଳି ଓ ଭଜନ କୀର୍ତ୍ତନରେ ଗ୍ରାମ ଉତ୍ସବ ମୁଖରିତ ହୋଇ ଉଠିଛି। ଅନେକ ମହିଳା ନିଜର ମାନସିକ ରଖି ଶନିଦେବଙ୍କ ଉପରେ ଜଳାଭିଷେକ କରିଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହକାରେ ପୂଜା ସମାପନ ହୋଇଛି।



ଶନି ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ବିପ୍ଳବୀ ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବରୀ,୩।୫(ମହେନ୍ଦ୍ର ସ୍ୱାଇଁ):**

ଇଂରେଜମାନଙ୍କୁ ବିତାଡ଼ିତ କରି ଦେଶକୁ ସ୍ୱାଧୀନତା ଦେବା ପାଇଁ ଯେଉଁମାନେ ସଂଗ୍ରାମ ଆରମ୍ଭ କରିଥିଲେ ସେମାନଙ୍କ ମଧ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ସୁପୁତ୍ର ରାମକୃଷ୍ଣ ସାମନ୍ତ ସିଂହାର ଅନ୍ୟତମ। ବିପ୍ଳବୀ ରାମକୃଷ୍ଣ ସାମନ୍ତସିଂହାରଙ୍କ ଜୟନ୍ତୀ ଓ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ଯୁବ ସାମାଜିକ କର୍ମୀ ବସନ୍ତ ଜେନାଙ୍କ ସଭାପତିତ୍ୱରେ ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଲିଆଠାରେ ଶୁକ୍ରବାର ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ରାମକୃଷ୍ଣଙ୍କ ସ୍ମୃତିଚାରଣ କରିବା ସହ ବରୀର ଇତିହାସ, ସ୍ୱାଧୀନତା ସଂଗ୍ରାମ, ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ବାଲିଆ ଗ୍ରାମର ଆଦ୍ୟ ଠାକୁରାଣୀ ମା' ଜାଗୁଳାଇଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ରାମକୃଷ୍ଣଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ବିଦଗ୍ଧାର ନିର୍ଦ୍ଦେଶକ ଶରତ ଜେନା ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଭାଜପା ଜିଲା ସଭାପତି ଆଶୁତୋଷ ପରିଡ଼ା, ଯୁବ ନେତା ଉମେଶ ଜେନା ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ରବୀନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।



ବିପ୍ଳବୀ ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି।

# ପେଟ ପାଇଁ ବିଡ଼ି ମୋଡୁଛନ୍ତି ମହିଳା, ଶିଶୁ

- ରାସାୟନିକ ଗ୍ୟାସ୍ ପ୍ରଭାବଜନିତ ରୋଗକୁ ନାହିଁ ଔଷଧ
- ସ୍ୱତନ୍ତ୍ର ଚିକିତ୍ସାଳୟ ସ୍ଥାପନ ପାଇଁ ଉଠିଲା ଦାବି

କେନ୍ଦ୍ରାପଡ଼ା,୩।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଅଣସଙ୍ଗଠିତ ହୋଇ ରହିଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ବିଡ଼ି ଶ୍ରମିକଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି । ଜିଲାର ପ୍ରାୟ ୧୦ ହଜାର ଲୋକ ଏହି ବୃତ୍ତିରେ ଥିବା ବେଳେ ଅନୂନ୍ୟ ୮ ହଜାର ମହିଳା ଓ ଶିଶୁ ପେଟ ପୋଷିବା ପାଇଁ ବିଡିମୋଡା ବୃତ୍ତିକୁ ଧରିଛନ୍ତି । ବିଡିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଦ୍ୱାରା କ୍ରମାଗତ କାଶ, ଯକ୍ଷ୍ମା, ଜ୍ୱର, ଶ୍ୱାସ ଆଦି ସମସ୍ୟା ଦେଖା ଯାଉଥିଲେ ମଧ୍ୟ ସେହି ଶ୍ରମିକମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ । ସେହିପରି ଅସଙ୍ଗଠିତ ହୋଇଥିବାରୁ ଶ୍ରମିକଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସରକାରୀ ଯୋଜନା ତାଙ୍କ ନିକଟରେ ପହଞ୍ଚିପାରୁନାହିଁ । ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି ।

ଏ ସମ୍ପର୍କରେ ଶ୍ରମିକ ନେତା ଜଗଜୀବନ ଦାସ କହିଛନ୍ତି, ଜିଲାର ବିକଶିତ ଅର୍ଥନୀତିକୁ ପ୍ରଭାବିତ କରିବା ପରି କୌଣସି ଉତ୍ସ ନାହିଁ । ପ୍ରାୟ ୫୧ ପ୍ରତିଶତ ପରିବାରର ପୁରୁଷ କର୍ମ ନିଯୁକ୍ତି ପାଇଁ ଜିଲା ବାହାରକୁ ଯାଇଥାନ୍ତି । ଏହାସତ୍ତ୍ୱେ ଘରେ ଥିବା ପରିବାର ସଦସ୍ୟ ପେଟ ଚିନ୍ତାରେ ଅଛନ୍ତି । ଏଥିପାଇଁ ବିଡି ମୋଡିବା ଏକ ବୃତ୍ତି ହୋଇଛି । ଏହି ବୃତ୍ତିରେ ୮ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ କାର୍ଯ୍ୟ କରୁଛନ୍ତି । ବିଡି ଶ୍ରମିକ ଅଙ୍ଗଗଠିତ ହୋଇ ରହିଥିବାରୁ ସରକାରୀ ଯୋଜନା ତାଙ୍କ ନିକଟରେ ପହଞ୍ଚି ପାରୁନାହିଁ । ମହାକାଳପଡ଼ା ଡଳିହା ଗ୍ରାମର ଶ୍ରୀମତୀ ପାତ୍ର କହିଛନ୍ତି, ତାଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର । ଏହି ଜିଲାରେ ଶିଳ୍ପ ଅଥବା ପରିବାରର ଭରଣପୋଷଣ ମୁତାବକ କର୍ମନିଯୁକ୍ତି ନାହିଁ। ଏଥିପାଇଁ ଏକମାତ୍ର ରୋଜଗାରକ୍ଷମ ସ୍ୱାମୀ ସୁରଟରେ ସୂତାକଳରେ କାମ କରୁଛନ୍ତି । ତଥାପି ନିଅଣ୍ଟ ଯୋଗୁ ମହାଜନ ନିକଟରୁ ବିଡି ପତ୍ର ଆଣି ପରିବାର ସଦସ୍ୟ ବିଡି ପ୍ରସ୍ତୁତ କରୁଛନ୍ତି । ଦୈନିକ ୧୦୦୦ ବିଡି ମୋଡିଲେ ମାତ୍ର ୧୦୦ ଟଙ୍କା ମିଳୁଛି। ଏଥିପାଇଁ ନିଜ ସହିତ ଝିଅଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଦୋବନ୍ଧା ଗ୍ରାମର ସଜେଦା ଖାତୁନ କୁହନ୍ତି, ବିଡି ନ ମୋଡିଲେ ଆମ ପରିବାରର ଖାଇବା ବନ୍ଦ । ପ୍ରାୟ ୧୦ ବର୍ଷ ଧରି ଏହି କାର୍ଯ୍ୟ କରୁଛନ୍ତି । ଏଥିପାଇଁ ପରିବାର ସଦସ୍ୟ ଯକ୍ଷ୍ମା, ଶ୍ୱାସ ଆଦି ବିଭିନ୍ନ ରୋଗରେ ପଡିଛନ୍ତି । ରୋଗର ଚିକିତ୍ସା ପାଇଁ ଆମକୁ ପ୍ରାୟ ୨୦ କିମି ଦୂର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି । ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ନ ଥିବାରୁ ଔଷଧ ପାଇବାରେ ଅବହେଳା ହେଉଛି। କମ ରୋଜଗାରକୁ ଚିକିତ୍ସା ଖର୍ଚ୍ଚ ପରିବାରର ସାମାଜିକ ଚଳଣିକୁ ବ୍ୟତିବ୍ୟସ୍ତ କରୁଛି। ଏସମ୍ପର୍କରେ ଶ୍ରମିକ ନେତା ଗୟାଧର ଧଳ କହିଛନ୍ତି, ବିଡି ଶ୍ରମିକମାନେ ସାଧାରଣରେ ଅସଙ୍ଗଠିତ ହୋଇ ରହିଛନ୍ତି । ସେମାନଙ୍କ ଦୁଃଖଦୁର୍ଦ୍ଦଶା ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାଙ୍କ ଦୃଷ୍ଟିକୁ ଆସୁନାହିଁ । ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ସହିତ ଶ୍ରମ ମଜୁରୀକୁ ଅଧିକ କରିବା ପାଇଁ ସେ ଦାବି ଉଠାଇଛନ୍ତି ।

ଏ ନେଇ ଏଡିଏମ୍ ରବିନ୍ଦ୍ର ମଲିକ କହିଛନ୍ତି, ଶ୍ରମିକଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣଠାରୁ ଆରମ୍ଭ କରି ବିବାହ ଖର୍ଚ୍ଚରେ ସହଯୋଗ ଦିଆଯାଉଛି । ଏହି ଶ୍ରେଣୀର ଶ୍ରମିକ ଜିଲା କାର୍ଯ୍ୟାଳୟକୁ ଆସି ନିଜ ନାମ ପଞ୍ଜୀକରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।


ମହିଳମାନେ ବିଡି ତିଆରି କରୁଛନ୍ତି ।

# ଡେରାବିଶ ବ୍ଲକ୍‌ରେ ପାସ୍ ହାର ୯୭ ପ୍ରତିଶତ

- ୧୬୬୮ ଜଣ ଛାତ୍ରୀଛାତ୍ର ପାସ୍, ୨୩ଜଣଙ୍କୁ ଏ୧ ଗ୍ରେଡ୍
- କଳିଙ୍ଗ ଆବାସିକ ବିଦ୍ୟାଳୟର ଆୟେଶା ଧଳ ବ୍ଲକ ଟପ୍ପର

ଡେରାବିଶ,୩।୫(ବେବର୍ତ୍ତା ଅଜୟ ଦାସ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ହାଇସ୍କୁଲ ମାଟ୍ରିକ ସାର୍ଟିଫିକେଟ ପରୀକ୍ଷା ଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶିତ ହୋଇଛି । ଡେରାବିଶ ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬୬୮ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ୍ ହାର ୯୭ ପ୍ରତିଶତ ରହିଛି । ବ୍ଲକ ଅଧୀନରେ ଥିବା ୩୮ ଉଚ୍ଚ ବିଦ୍ୟାଳୟର ମୋଟ ୧୭୨୫ ଛାତ୍ରୀଛାତ୍ର ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ । ସେମାନଙ୍କ ମଧ୍ୟରୁ ୧୭୧୪ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଅନୁପସ୍ଥିତ ରହିଥିଲେ । ୨୩ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦୮ ଜଣ ଏ୨ ଗ୍ରେଡ, ୧୮୯ ଜଣ ବି୧ ଗ୍ରେଡ, ୩୧୯ଜଣ ବି୨ ଗ୍ରେଡ, ୪୮୪ ଜଣ ସି ଗ୍ରେଡ, ୩୯୮ ଜଣ ଡି ଗ୍ରେଡ ଏବଂ ୧୪୭ଜଣ ଛାତ୍ରୀଛାତ୍ର ଇ ଗ୍ରେଡରେ ପାସ କରିଛନ୍ତି । ସେହିପରି ଅବଶିଷ୍ଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬ ଜଣ ଏଫ ଗ୍ରେଡ ପାଇ ଫେଲ ହୋଇଥିବା ବିଭାଗୀୟ ସୂଚନାରୁ ଜଣାଯାଇଛି । ପ୍ରକାଶିତ ଏହି ଫଳାଫଳ ଅନୁଯାୟୀ ଚାନ୍ଦୋଳ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ରୀ ଆୟେଶା ଧଳ ମୋଟ ନମ୍ବରରୁ ସର୍ବାଧିକ ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହୋଇ ପରିଛନ୍ତି । ସେହିପରି ଡେରାବିଶ ହାଇସ୍କୁଲର ଛାତ୍ରୀ ମନିଷା କର ୫୬୩ନମ୍ବର ରଖି ୨ୟ ବ୍ଲକ ଟପ୍ପର ହୋଇଥିବା ବେଳେ କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ରଥ, ଛାତ୍ରୀ ସିଦ୍ଧିରୂପା ଦାଶ ଓ କାଜଲ ତ୍ରିପାଠୀ ଏବଂ ହରିଅଙ୍କ ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ସମାନ ଭାବେ ୫୬୦ ନମ୍ବର ରଖି ବ୍ଲକରେ ତୃତୀୟ ଟପ୍ପର ସ୍ଥାନ ଅଧିକାର କରିଛନ୍ତି । ସେହିପରି ବ୍ଲକ ଅଧୀନ ୧୨ ହାଇସ୍କୁଲର ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି ।


ଆୟେଶା ଧଳ

# ରାଜନଗରରେ ୯୪.୭୪ ପ୍ରତିଶତ ପାସ୍

## ବ୍ଲକରେ ଏ୧ରେ ମାତ୍ର ଜଣେ

ରାଜନଗର,୩।୫(ଭାସ୍କର ରାଉତରାୟ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇଛି । ରାଜନଗର ବ୍ଲକର ୨୬ଟି ହାଇସ୍କୁଲରେ ୨୨୮୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୧୬୩ ଜଣ ଅର୍ଥାତ୍ ୯୪.୭୪ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏ୧ରେ ମାତ୍ର ଜଣେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ୨ ରେ ୨୦ଜଣ, ବି୧ ରେ ୬୮ଜଣ, ବି୨ ରେ ୧୯୯ଜଣ, ସି ରେ ୪୯୬ଜଣ, ଡିରେ ୯୪୪ଜଣ, ଇରେ ୪୩୫ ଜଣ ଓ ଏଫ୍ ଗ୍ରେଡରେ ୯୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ସେହିପରି ୪ଟି ସଂସ୍କୃତ ବିଦ୍ୟାପୀଠରେ ୧୨୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଏ୧ , ଏ୨, ବି୧ କେହି ଉତ୍ତୀର୍ଣ୍ଣ ହୋଇ ନ ଥିବା ବେଳେ , ବି୨ ରେ ୫୫ଜଣ, ସି ରେ ୩୭ଜଣ, ଡି ରେ ୨୩ଜଣ ପାସ କରିଥିବା ବେଳେ ଏଫ ଗ୍ରେଡରେ ୩ ଜଣ ରହିଛନ୍ତି । ରାଜନଗର ବ୍ଲକର ୨୬ଟି ହାଇସ୍କୁଲ ମଧ୍ୟରୁ ଶିକ୍ଷକ ନ ଥିବା ଭାଟପଡା ନୀଳ କଣ୍ଠେଶ୍ୱର ହାଇସ୍କୁଲରେ ଶତ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି । ଏହି ହାଇସ୍କୁଲରେ ୨୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି । ଶ୍ରୀଜଗନ୍ନାଥ ହାଇସ୍କୁଲ କେରେଡାଗଡ଼ରେ ସର୍ବାଧିକ ୧୪ ଜଣ ଛାତ୍ରୀଛାତ୍ର ଫେଲ ହୋଇଥିବା ବେଳେ , ବନ୍ଧପଡା ଜିପି ହାଇସ୍କୁଲରେ ୧୦ ଜଣ , ସାତଭାୟା ହାଇସ୍କୁଲରେ ୯ ଜଣ ଓ ବିବେକାନନ୍ଦ ବିଦ୍ୟାପୀଠ ବାଘମାରିରେ ୭ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି ।

# ରାଜକନିକା ବ୍ଲକ୍‌ରେ ପାସ୍ ହାର ୯୩.୧୧%

## ମାଟ୍ରିକ୍ ପରୀକ୍ଷା ଫଳ

ରାଜକନିକା,୩।୫ (ସଞ୍ଜୟ କୁମାର ଦାଶ)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ସାରା ରାଜ୍ୟରେ ରବିବାର ପ୍ରକାଶ ପାଇଛି । ସେହି କ୍ରମରେ ରାଜକନିକା ବ୍ଲକର ମୋଟ ୧୮୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ, ପାସ୍‌ହାର ୯୩.୧୧%, ଫେଲ ହାର ୭.୮୮% ହୋଇଛି । ସେଥିମଧ୍ୟରୁ ଏ୧ରେ ୪ଜଣ, ଏ୨ରେ ୩୦ଜଣ, ବି୧ରେ ୯୫ ଜଣ, ବି୨ରେ ୨୬୪ ଜଣ, ସିରେ ୫୦୯ ଜଣ, ଡିରେ ୫୦୨ ଜଣ ଓ ଇରେ ୨୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ପାସ କରିଛନ୍ତି ।

ଏ୧ ଗ୍ରେଡରେ ପାଶ କରିଥିବା ୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ରାଜକନିକା ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୨ ଜଣ ରହିଥିବା ବେଳେ, ନମତରା ଉଚ୍ଚ ବିଦ୍ୟାଳୟର ଜଣେ ଓ ଡାଳିକାଏନ୍ଦା ଉତ୍କଳମଣି ନୋଡାଲ ବିଦ୍ୟାପୀଠର ଜଣେ ଅଛନ୍ତି । ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ବୈଭବ ବେହୁରା ମୋଟ ୫୬୨ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ, ଡାଳିକାଏନ୍ଦା ଉତ୍କଳମଣି ନୋଡାଲ ବିଦ୍ୟାପୀଠର ଛାତ୍ର ରୁଦ୍ରମାଧବ ଶତପଥୀ, ମୋଟ ୫୬୦ ରଖିଛନ୍ତି । ସେହିପରି ନମତରା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ମୋଟ ୫୪୨ ନମର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ, ରାଜକନିକା ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ବେହେରା ୫୪୧ ରଖି ପାସ୍ ହୋଇଛନ୍ତି ।


ବୈଭବ ବେହୁରା


ରୁଦ୍ରମାଧବ ଶତପଥୀ


ଭାଗ୍ୟଲକ୍ଷ୍ମୀ ସାହୁ


ଆଦ୍ୟାଶା ବେହେରା

# ଶନି ମନ୍ଦିରରେ ଜଳାଭିଷେକ ପରେ ପୋଖରୀରେ ବୁଡ଼ି ନାବାଳକ ମୃତ

ଆଳି,୩।୫ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନାଉଡିହ ଗ୍ରାମରେ ଥିବା ଶନି ମନ୍ଦିର ନିକଟରେ ଶନିବାର ପୂର୍ବାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି । ଆଜି ଥିଲା ଗ୍ରହରାଜ ଶନିଦେବଙ୍କ ଜଳାଭିଷେକ ଉତ୍ସବ । ନାଉଡିହ ଗ୍ରାମରେ ଥିବା ଶନି ମନ୍ଦିରରେ ଶନିବାର ପୂର୍ବାହ୍ନରେ ଜଳାଭିଷେକ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ । ସେହି ଗାଁର ପ୍ରହ୍ଲାଦ ପରିଡ଼ାଙ୍କ ଏକମାତ୍ର ପୁଅ ପ୍ରଭୁପତ(୧୨) ବି ଶନି ମନ୍ଦିରକୁ ଗ୍ରହରାଜଙ୍କୁ ଜଳାଭିଷେକ କରିବାକୁ ଯାଇଥିଲେ । ଜଳାଭିଷେକ କରିସାରି ପ୍ରଭୁପତ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ । ହେଲେ କୌଣସି କାରଣରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହିତ ଶ୍ରଦ୍ଧାଳୁମାନେ ଏହାଦେଖି ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ସ୍ଥାନୀୟ ସାଧନା ପବ୍ଲିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


ପ୍ରଭୁପତ ପରିଡ଼ା ।

# ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ

## ଭକ୍ତଙ୍କ ସମାଗମରେ ସବୁ ପୀଠ ଚଳଚଞ୍ଚଳ

ଡେରାବିଶ,୩।୫(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଥିବା ଶ୍ରୀଶନିଶ୍ଚରଙ୍କ ପୀଠରେ ଶନିବାର ପ୍ରାତଃରୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଛି । ଏହି ଅବସରରେ ବ୍ଲକ୍ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳଣ୍ଠପୁର ଗ୍ରାମରେ ଥିବା ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । ମଙ୍ଗଳ ଆରତୀ ପରେ ଗୋବରୀ ନଦୀ ଚମ୍ପାବାଗ ଘାଟରେ ଶହସ୍ରାଧିକ ଶ୍ରଦ୍ଧାଳୁ ନଦୀରୁ ପାଣି ଆଣି ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ । ଭିଡକୁ ଦେଖି ସ୍ଥାନୀୟ ଅଗ୍ରଣୀ ଯୁବ ପରିଷଦ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯିବା ସହ ଜଳଛତ୍ର ପ୍ରଦାନ କରିଥିଲେ । ସେହିପରି ନଦୀଘାଟରେ ମହିଳା ଓ ପୁରୁଷମାନଙ୍କ ପାଇଁ ପାଣି ତୋଳିବାକୁ ଅଲଗା ଭାବେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା । ଶନିଶ୍ଚରଙ୍କ ମନ୍ଦିର କମିଟି ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲା ଯାଇଥିଲା । ଭଜନ ସଂକୀର୍ତ୍ତନ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲା । ଗୋଲରାହାଟ ପଞ୍ଚାୟତ ଦୁମୁକାଠାରେ ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଥିଲା । ସେହିପରି ହରିଅଙ୍କ ପଞ୍ଚାୟତ କୁଲସାହିଠାରେ ଥିବା ଶନିଶ୍ଚରଙ୍କ ପୀଠରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼ଲାଗି ରହିଥିଲା । ରଘୁଦେଇପୁର ପଞ୍ଚାୟତ ଦେଲାରପୁରଠାରେ ଗୋବରୀ ନଦୀ କୂଳରେ ଥିବା ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ସେହିପରି କୁସିଆପାଳ ପଞ୍ଚାୟତ ଖସାପଡିଆଠାରେ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁରଠାରେ ଥିବା ଶନିଶ୍ଚରଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବା ସହ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ । ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କ୍ଷୀରେଶ୍ୱର ମହାଦେବଙ୍କ ପୀଠ, ପଲେଇ ପଞ୍ଚାୟତର କାଜିପୁର, ଚାନ୍ଦୋଳ ପଞ୍ଚାୟତର ନରଣପଡ଼ାର ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ପାଇଁ ପ୍ରାତଃରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା ।



ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

# ବ୍ରାହ୍ମଣୀ ଉପରେ ନିର୍ମାଣ ହେବ ଦ୍ୱିତୀୟ ବ୍ରିଜ୍

- ପତ୍ରପୁର ପୋଲ ପାଇଁ ୩୦୬ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର
- ରାଜନଗର ନିର୍ବାଚନ ମଣ୍ଡଳୀର ୨ ରାସ୍ତା ପାଇଁ ୨୫ କୋଟି ମଞ୍ଜୁର

ରାଜନଗର,୩।୫(ଭାସ୍କର ରାଉତରାୟ)

କଟକ ଚାନ୍ଦବାଲି ରାସ୍ତାର ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେବ ଦ୍ୱିତୀୟ ସେତୁ । ପତ୍ରପୁର ନିକଟରେ ସେତୁ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା । ଏହି ସେତୁପାଇଁ ରାଜ୍ୟ ସରକାର ୩୦୬ କୋଟି ୮୫ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରିଛନ୍ତି । ଏଥିସହିତ ରାଜନଗର ନିର୍ବାଚନ ମଣ୍ଡଳୀର ପଟ୍ଟାମୁଣ୍ଡାଇ-କାଠିଆପଡା ରାସ୍ତାର ପ୍ରଶସ୍ତୀକରଣ ସହିତ ପୁନଃନିର୍ମାଣ ପାଇଁ ୧୫ କୋଟି ୫୪ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଅର୍ଥରେ ୧୧କିମି ୩୩ ମିଟର ରାସ୍ତା ନିର୍ମାଣ ହେବ । ରାଜନଗର ବ୍ଲକର ପନ୍ତାଳ ଭାୟା ପଞ୍ଚୁପଲ୍ଲୀ , ଶୀଳପୋଖରୀ , ନୂଆଖୁଣ୍ଟା ଦେଇ ଜୁନୁସନଗର ଘାଟ ଯାଏଁ ରାସ୍ତା ନିର୍ମାଣ ହେବ । ୯ କୋଟି ୩୩ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟରେ ଏହି ୬ କିମି ୨୦୦ ମିଟର ରାସ୍ତା ନିର୍ମାଣ କରାଯିବ । ପତ୍ରପୁର ସେତୁ ଓ ରାଜନଗର ନିର୍ବାଚନ ମଣ୍ଡଳୀର ୨ଟି ରାସ୍ତା ପୁନଃନିର୍ମାଣ ଓ ପ୍ରଶସ୍ତୀକରଣ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ଆଇନ , ପୂର୍ତ୍ତ , ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଲିଖିତ ଭାବେ ଜଣାଇଥିଲେ । ସେତୁ ଓ ରାସ୍ତା ପାଇଁ ଅର୍ଥ ବ୍ୟୟ ବରାଦ ପରେ ମନ୍ତ୍ରୀ ଏନେଇ ଚିଠି ମାଧ୍ୟମରେ ଜଣାଇଛନ୍ତି ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ସମାରୋହ

ରାଜକନିକା,୩।୫(ସଞ୍ଜୟ କୁମାର ଦାଶ)

ବିଶ୍ୱ ଶ୍ରମିକ ଦିବସ ରାଜକନିକା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି । ପତାକା ଉତ୍ତୋଳନ ସହ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଟ୍ରାକ୍ଟର ଶ୍ରମିକ ସଂଘ ପକ୍ଷରୁ ସେବାସାହି ଛକ ସଂଘ କାର୍ଯ୍ୟାଳୟଠାରେ ସଭାପତି ବିଧାନ ଦାସ ଲାଲ ପତାକା ଉତ୍ତୋଳନ କରିଥିଲେ । ସମ୍ପାଦକ ନିରଞ୍ଜନ ସାହୁ, ଉପ ସଭାପତି ବିପିନ ନାଥ, ସଭ୍ୟ ବାଇଧର ଜେନା, ଇସଲିମ ଖାଁ, ବିରାଟ ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ମଇ ଦିବସ ପାଳନ କରିଥିଲେ । ସେହିପରି ରିକ୍ସା ଓ ଟ୍ରଲି ଚାଳକ ସଂଘ ପକ୍ଷରୁ କଣ୍ଟପଡ଼ା ବଜାରସ୍ଥିତ ସଂଘ କାର୍ଯ୍ୟାଳୟଠାରେ ସଭାପତି ବିଧାନ ଦାସ ଲାଲ ପତାକା ଉତ୍ତୋଳନ କରିଥିଲେ । ସମ୍ପାଦକ ସୁବାସ ମଲିକ, ଅଜିତ ମଲିକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ମଇ ଦିବସ ପାଳନର କରିଥିଲେ । ଅଟୋ ଚାଳକ ସଂଘ ପକ୍ଷରୁ ଚନ୍ଦନ ପୋଖରୀ ଛକ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ସଭାପତି ବିଧାନ ଦାସ ଲାଲ ପତାକା ଉତ୍ତୋଳନ କରିଥିଲେ । ପରେ ସମସ୍ତ ଅଟୋ ନେଇ ଚନ୍ଦନ ପୋଖରୀ ଛକରୁ ଶୋଭାଯାତ୍ରାରେ ବାହାରି କଣ୍ଟପଡା, ବାଘବୁଦା, ଥାନା ଛକ, ବ୍ଲକ ଛକ ଦେଇ ଅଶୋକ ବଜାର ପରିକ୍ରମା କରି ଚନ୍ଦନ ପୋଖରୀ ଛକରେ ପହଞ୍ଚିଥିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାରେ ସଭାପତି ବିଧାନ ଦାସ, କୃଷକ ନେତା ଯୋଗେଶ୍ୱର ପ୍ରଧାନ, ନାରୀନେତ୍ରୀ ସବିତା ବରଜ ପ୍ରମୁଖ ମଇ ଦିବସର ତାତ୍ପର୍ଯ୍ୟ ସହ ଶ୍ରମିକ ଓ ସରକାରୀ ସହାୟତା ବିଷୟରେ ବକ୍ତବ୍ୟ ରଖିଥିଲେ । ଶେଷରେ ଆସନ୍ତା ୨୦ ତାରିଖରେ ମିଳିତ ଟ୍ରେଡ ୟୁନିୟନର ଡାକରାରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ନିବେଦନ କରିଥିଲେ । ଅଟୋ ଚାଳକ ସଂଘର ସଞ୍ଜୟ ରାଉତ, ନକୁଳ ପଲାଇ, ଗୋକୁଳାନନ୍ଦ ବାରିକ, ଦୁଃଶାସନ ରାଉତ, ସନାତନ କର, ରବିନ୍ଦ୍ର କର, ପ୍ରମୋଦ ବେହେରା, ସୁବାସ ମଲିକ, ନବୀନ ଅଲ୍ଲୀ, ବନ ବାରିକ, ସମୀର ବାରିକଙ୍କ ସମେତ ପ୍ରମୁଖ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ ।

# ରୋଜଗାର ବାଟ ଦେଖାଇଛି ଟେରାକୋଟା

ମାର୍ଶାଘାଇ,୩।୫
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କରାଯାଇଛି । ସେହି ଯୋଜନା ମଧ୍ୟରୁ ମାଟିରେ ତିଆରି ଲାଲ ରଙ୍ଗର ବିଭିନ୍ନ ସାମଗ୍ରୀ । ଟେରାକୋଟା ସାମଗ୍ରୀ ମାର୍ଶାଘାଇ ବ୍ଲକ ପରକୁଳା ଗ୍ରାମର ମହିଳାମାନଙ୍କୁ ରୋଜଗାର କରିବାର ବାଟ ଶିଖାଇଛି । ମାଟିରେ ଘୋଡ଼ା, ହାତୀ, ପିକଦାନୀ, ଧୂପଦାନୀ, ଦୀପ, ଛୋଟ କଳସୀ, ମାଟି ଗଣେଶ, ମାଟି ମୁଖା ଆଦି ଘର ସଜା ସାମଗ୍ରୀ ତିଆରି କରି ବିଭିନ୍ନ ମେଳା ମହୋତ୍ସବର ପ୍ରଦର୍ଶନୀ ଷ୍ଟଲରେ ବିକ୍ରି କରି କିଛି ରୋଜଗାର କରୁଥିଲେ । ଟେରାକୋଟା ସାମଗ୍ରୀ ତିଆରି ଶିଖିବା ପାଇଁ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ସହିତ ସାମଗ୍ରୀ ବିକ୍ରି ପାଇଁ ସହଯୋଗ କରାଯାଇ ଆସୁଅଛି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ସମେତ ପ୍ରତ୍ୟେକ ଜିଲାର ପଲ୍ଲିଶ୍ରୀ ମେଳା, ମୃତ୍ତିକା ମେଳା ଆଦି ଆୟୋଜନ କରାଯାଉଛି । ରାଜ୍ୟ ବାହାରେ ମଧ୍ୟ ଜାତୀୟସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଟେରାକୋଟା ହସ୍ତଶିଳ୍ପୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଅଛି । ସେହି ଯୋଜନା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଡିସି ହ୍ୟାଣ୍ଡିକ୍ରାଫ୍ଟ ପକ୍ଷରୁ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ନୂତନ ଶୈଳୀର ମାଟି ସାମଗ୍ରୀ (ବିଶେଷକରି ଘର ସଜା ସାମଗ୍ରୀ) ଉତ୍ପାଦନ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସହଯୋଗରେ ମାର୍ଶାଘାଇ ବ୍ଲକର ପରକୁଳା ଗ୍ରାମରେ ୨ ମାସିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି । ଏହି ଗ୍ରାମରେ ମାଟିପାତ୍ର କୌଳିକ ବୃତ୍ତିଧାରୀ କୁମ୍ଭାର ସମ୍ପ୍ରଦାୟର ଦେଢ଼ଶହ ପରିବାର ଅଛନ୍ତି । ମାଟି ପାତ୍ରର ଚାହିଦା ହ୍ରାସ ପାଇବା ଯୋଗୁ ନୂଆ ଜ୍ଞାନକୌଶଳରେ ନୂଆଶୈଳୀରେ ଟେରାକୋଟା ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପାଇଁ କେନ୍ଦ୍ରାପଡ଼ା ଜିଲା କୁମ୍ଭାର ସମାଜ ପକ୍ଷରୁ ଦାବି କରାଯାଇଥିଲା ବୋଲି ସମାଜ ସମ୍ପାଦକ ବିଚିତ୍ରାନନ୍ଦ ବେହେରା କହିଛନ୍ତି । କାନ୍ଥରେ ସଜାଇବା ପାଇଁ ଦେବଦେବୀଙ୍କ ମୂର୍ତ୍ତି, ଷ୍ଟୋରି ଭିତ୍ତିକ ଦୃଶ୍ୟ, ପୁଷ୍ପଦୋଳିକୁଣ୍ଡ ଆଦି ଅନେକ ପ୍ରକାରର ମାଟିରେ ତିଆରି ଏବଂ ରଙ୍ଗ ତୁଳିରେ ଚିତ୍ରିତ କରାଯାଇ ଘରସଜା ସାମଗ୍ରୀ ନିର୍ମାଣ ନେଇ ଏହି ଶିବିରରେ ପ୍ରଶିକ୍ଷଣ ଦିଆଯାଉଅଛି ବୋଲି ଦିଲ୍ଲୀରୁ ଆସିଥିବା ଡିଜାଇନ ଟେକନୋଲୋଜି ଟ୍ରେନର ପ୍ରିୟଙ୍କା ସିଂ ସୂଚନା ଦେଇଛନ୍ତି ।

ରାଜ୍ୟ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ସ୍ଥାନୀୟ ନିପୁଣ ହସ୍ତଶିଳ୍ପୀ ମକର କେତନ ସାହୁ ସ୍ଥାନୀୟ ସହଯୋଗୀ ପ୍ରଶିକ୍ଷକ ଭାବେ ସହଯୋଗ କରୁଛନ୍ତି । ଏପ୍ରିଲ ମଧ୍ୟ ଭାଗରୁ ଜୁନ ମଧ୍ୟଭାଗ ପର୍ଯ୍ୟନ୍ତ ୫୦ଦିନ ଏହି ମହିଳା ହସ୍ତଶିଳ୍ପୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ସରକାରଙ୍କ ପକ୍ଷରୁ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଛି ବୋଲି ହସ୍ତଶିଳ୍ପ ବିଭାଗ ପକ୍ଷରୁ ସୂଚନା ମିଳିଛି । ରେବତୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ଧ୍ୟାରାଣୀ ବେହେରା, ଗୁନିବାଳା ବେହେରା, ପୂଜାରାଣୀ ସାହୁ, ମିନର୍ଭା ସାହୁ, କଲ୍ୟାଣୀ ସାହୁ, ସସ୍ମିତା ବେହେରା, ସୁମିତ୍ରା ସାହୁ, ରୋଜାଲିନି ବେହେରା, ଅନିତା ସାହୁ, ରୋଜାଲିନି ସାହୁ, ମାମାଲି ସାହୁ, ପାର୍ବତୀ ବେହେରା, ରଞ୍ଜିତା ସେନାପତିଙ୍କ ସମେତ ୩୦ ଜଣ ମହିଳା ହସ୍ତଶିଳ୍ପୀ ପ୍ରଶିକ୍ଷିତ ହେଉଛନ୍ତି ।


ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ମହିଳାମାନେ ।

# ସମ୍ପାଦକ ଅନୁପସ୍ଥିତ ରହିବାରୁ ଅନୁମୋଦନ ହେଲା ନାହିଁ ବଜେଟ



କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭାରେ ଯୋଗ ଦେଇଥିବା କର୍ମକର୍ତ୍ତା।

- ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା
- ବିନା ଅନୁମୋଦନରେ ଖର୍ଚ୍ଚ ହେଲେ ହେବ ରିକୋଭରି
- ବୋନସ ଅନିୟମିତତାର ହେବ ଆଇନ ୬୫ରେ ତଦନ୍ତ
- ସମ୍ପାଦକଙ୍କ ନିଲମ୍ବନ କରି ବ୍ୟାଙ୍କରୁ ହଟାଇବାକୁ ପ୍ରସ୍ତାବ ଗୃହିତ
- ୨କର୍ମଚାରୀଙ୍କ ନିଲମ୍ବନ ପାଇଁ ସଭାପତିଙ୍କୁ କ୍ଷମତା
- ବଜେଟ ଆପ୍ରୁଭାଲ ନ ଥାଇ ଖର୍ଚ୍ଚକୁ ନେଇ ହାଇକୋର୍ଟ ଯିବେ ବ୍ୟାଙ୍କ ସଭାପତି

ନୟାଗଡ,୩।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭା ନୟାଗଡ ବ୍ଲକ ସଭାଗୃହର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ୧୨୫ରୁ ଊର୍ଦ୍ଧ୍ୱ ସମବାୟ ସମିତିର ସଭାପତିମାନେ ଯୋଗ ଦେଇଥିଲେ। ଓଡିଶା ସମବାୟ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ସାଧାରଣ ସଭା ସମ୍ପର୍କରେ ଆଲୋଚନା କରିବା ସହ ଗତ ସାଧାରଣ ସଭାର ବିବରଣୀକୁ ଦୃଢ଼ୀଭୂତ କରିବାକୁ ପ୍ରସ୍ତାବ ଦେଇଥିଲେ। ଗତ ସାଧାରଣ ସଭାର ବିବରଣୀ ଦୃଢ଼ୀଭୂତ ପରେ ବ୍ୟାଙ୍କ ବଜେଟ ପାସ୍ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ତେବେ ବ୍ୟାଙ୍କ ସମ୍ପାଦକ ଅନୁପସ୍ଥିତ ରହିବାରୁ ବଜେଟ ଅନୁମୋଦନ ହୋଇ ପାରିଲା ନାହିଁ ବୋଲି ପ୍ରସ୍ତାବ ଗୃହିତ ହୋଇଛି। ବଜେଟ ଆଗତ ହୋଇ ପାରି ନ ପାରିବାରୁ ସାଧାରଣ ସଭା ବିନା ଅନୁମୋଦନରେ ଅର୍ଥ ଖର୍ଚ୍ଚ କରାଗଲେ ସମ୍ପାଦକଙ୍କ ଠାରୁ ରିକୋଭରି ହେବାକୁ ପ୍ରସ୍ତାବ ଗୃହୀତ କରାଗଲା। ସମବାୟ ବିଭାଗ ସଚିବଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ରିକୋଭରି କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ସେହିଭଳି ନାବାର୍ଡର ତଦନ୍ତ ରିପୋର୍ଟ ଗୃହରେ ଚର୍ଚ୍ଚା ହୋଇଥିଲା। ନାବାର୍ଡର ରିପୋଟ ଅନୁସାରେ କାର୍ଯ୍ୟରତ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ସମ୍ପାଦକ ହେବା ପାଇଁ ଅଯୋଗ୍ୟ। ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ସାଧାରଣ ସଭାକୁ ଆସୁ ନ ଥିବାବେଳେ ପରିଚାଳନା ପରିଷଦକୁ ଅସହଯୋଗ କରୁଛନ୍ତି। ବ୍ୟାଙ୍କ ପରିଚାଳନା ପରିଷଦକୁ ଅସହଯୋଗ ଓ ସମ୍ପାଦକଙ୍କ ମନମାନି ନେଇ ବୈଠକରେ ଅସନ୍ତୋଷ, ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳିସ୍ଥଳେ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ନିଲମ୍ବନ କରି ନୟାଗଡରୁ ହଟାଇ ନେବାକୁ ରାଜ୍ୟ ସମବାୟ ବିଭାଗକୁ ସାଧାରଣ ସଭାର ନିଷ୍ପତ୍ତିକୁ ଅବଗତ କରାଯିବ। ପୁଣି ୨୦୧୯ – ୨୦ ମସିହାଠାରୁ ଆଜି ପର୍ଯ୍ୟନ୍ତ କର୍ମଚାରୀମାନେ ବେଆଇନ ଭାବେ ହେରେଫେରି କରି ବିନା ଆପ୍ରୁଭାଲରେ ନେଇଥିବା ୫କୋଟି ରୁ ଉର୍ଦ୍ଧ ପ୍ରୋତ୍ସାହନ ରାଶି ର ତଦନ୍ତ ଆଇନ ୬୫ ଅନୁସାରେ ହେବାକୁ ସ୍ଥିର ହୋଇଛି।ଏନେଇ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ସମବାୟ ନିବନ୍ଧକ ଓଡିଶାଙ୍କୁ ଅବଗତ କରାଯିବାକୁ ସ୍ଥିର ହୋଇଛି। ଅନ୍ୟପକ୍ଷେ ଗତ ପରିଚାଳନା ପରିଷଦ ବୈଠକରେ ବ୍ୟାଙ୍କ କର୍ମଚାରୀ ସସ୍ମିତା ଦାଶ ଓ ମୃତ୍ୟୁଞ୍ଜୟ ବେହେରାଙ୍କୁ ନିଲମ୍ବନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଦୁଇ କର୍ମଚାରୀଙ୍କ ନିଲମ୍ବନ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ନିଯୁକ୍ତି କମିଟି ଆହ୍ୱାନ କରି ତ୍ୱରିତ ପଦକ୍ଷେପ ନେବାକୁ ବ୍ୟାଙ୍କ ସଭାପତିଙ୍କୁ ଦାୟିତ୍ୱ ଦିଆଗଲା। ସେହିଭଳି ବଜେଟ ଅପ୍ରୁଭାଲ ନଥାଇ ବ୍ୟାଙ୍କରେ ସମ୍ପାଦକ ଅର୍ଥ ବ୍ୟୟ କରୁଥିବାରୁ ବ୍ୟାଙ୍କ ସଭାପତି ହାଇକୋର୍ଟ ଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପସଭାନେତ୍ରୀ ମୌସୁମୀ ସାହୁ, ପରିଚାଳନା ପରିଷଦ ନିର୍ଦ୍ଦେଶକ ଦୁର୍ଯୋଧନ ବେହେରା, ମହେଶ୍ୱର ବେହେରା, ମାଦବ ଚନ୍ଦ୍ର ସାହୁ, ମନୋଜ କୁମାର ନାୟକ, ଉପେନ୍ଦ୍ର ସାହୁ, ନିତ୍ୟାନନ୍ଦ ପ୍ରଧାନ, ପ୍ରଦୀପ ବେହେରା, ସଞ୍ଜୟ ଖୁଣ୍ଟିଆ, ସୁରପ୍ରିୟା ପ୍ରଧାନ, ବାସନ୍ତୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଥାଉକି ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ୬୬ ତମ ବାର୍ଷିକ ସାଧାରଣ ସଭା ମେ' ୩ରେ ବ୍ୟାଙ୍କ ସଭାପତି ଡାକିବା ପରେ ସମ୍ପାଦକ ଏହାକୁ ଖବରକାଗଜ ନୋଟିସ୍ ମାଧ୍ୟମରେ ଅବୈଧ୍ୟ ଦର୍ଶାଇବାରୁ ପରିଚାଳନା ପରିଷଦ ଓ ସମ୍ପାଦକଙ୍କ ବିବାଦ ବଢ଼ିଥିଲା। ସାଧାରଣ ସଭାର ବୈଠକକୁ ସମ୍ପାଦକ ଅବୈଧ୍ୟ କହିବା ପରେ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ ଓ ନିର୍ଦ୍ଦେଶକ ସନ୍ୟାସି ପ୍ରଧାନ ଏହାକୁ ପ୍ରତିବାଦ କରି ସମ୍ପାଦକଙ୍କୁ ସମାଲୋଚନା କରଥିଲେ। ଗତ କିଛି ଦିନ ହେଲା ସମ୍ପାଦକ ଓ ପରିଚାଳନା ପରିଷଦ ମଧ୍ୟରେ ଲାଗିଥିବା ଶୀତଳଯୁଦ୍ଧ ବିସ୍ଫୋରକ ରୂପ ନେଇ ସାରିଛି।

# ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଅକ୍ଷୟ ତୃତୀୟା ପାଳିତ

ଖଣ୍ଡପଡ଼ା,୩।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ବୁଧବାର ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଖଳିସାହି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲଳିତା ପାତ୍ର, ସମ୍ମାନୀତ ଅତିଥି ଭାବେ ଖଣ୍ଡପଡା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତ, କୃଷି ସମିତି ମଣ୍ଡଳ ନିର୍ଦ୍ଦେଶକ ବେଣୁଧର ନାୟକ, ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବିକ୍ରମ ଚନ୍ଦ୍ର ଗଜେନ୍ଦ୍ରସିଂହ, ସଦସ୍ୟ ବିଶ୍ୱାସ କୁମାର ଖୁଣ୍ଟିଆ, ବିକେ ସୋମନାଥ, ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ପବିତ୍ର ଅକ୍ଷୟ ତୃତୀୟା ସମ୍ପର୍କରେ ଆଲୋକାତ କରିଥିଲେ। ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ଶାନ୍ତି ପ୍ରାର୍ଥନା କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମାକୁମାରୀ ସିଲୁ, ଶୀବାନୀ, କୌଶଲ୍ୟା, ମମତା ଭଉଣୀ ଉପସ୍ଥିତ ଅତିଥିମାନଙ୍କୁ ଚନ୍ଦନ ଟିପା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମା କୁମାର ସନ୍ତୋଷ ଭାଇ, ଲିଙ୍ଗରାଜ ଭାଇ ସହଯୋଗ କରିଥିଲେ।


ଅକ୍ଷୟ ତୃତୀୟ ଦିବସ ପାଳନ ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ମଦନମୋହନ,ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ ନୀତି ଆରମ୍ଭ

ଖଣ୍ଡପଡ଼ା,୩।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର ପରିସରରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ପ୍ରଭୁ ଶ୍ରୀ ମଦନମୋହନ ଓ ମା'ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ ନୀତି ପାରମ୍ପରିକ ରୀତିନୀତି ଅନୁଯାଇ ଆରମ୍ଭ ହୋଇଛି। ଏହି ଅବସରରେ ଖଣ୍ଡପଡ଼ା ସହର ଚନ୍ଦନ ବଜାରଠାରେ ଚଳିତ ବର୍ଷ ଚନ୍ଦନଯାତ୍ରା ନିମନ୍ତେ ପୂଜାର୍ଚ୍ଚନା କରାଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଚନ୍ଦନ ଯାତ୍ରା ନେଇ ଖଣ୍ଡପଡ଼ା ଚନ୍ଦନ ବଜାର ଚଳଚଞ୍ଚଳ ହୋଇ ଉଠିଛି। ଏହି ପାରମ୍ପରିକ ନୀତି ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେବ। ବିଗ୍ରହଙ୍କ ପ୍ରତିଦିନର ନୀତିକାନ୍ତି ଶେଷ ପରେ ମନ୍ଦିର ପରିସରରୁ ଠାକୁରଙ୍କୁ ବିମାନ ଯୋଗେ ନିକଟସ୍ଥ ବଡପୋଖରୀକୁ ବିଜେ କରାଯାଇଥିଲା। ପରେ ବିଗ୍ରହଙ୍କୁ ସୁସଜ୍ଜିତ ନୌକାରେ ଚାପ କ୍ରୀଡା କରାଯାଇଥିଲା।

# ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କଲେ ବିଧାୟକ

ଖଣ୍ଡପଡ଼ା,୩।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ। ଶୁକ୍ରବାର ଅପରାହ୍ନରେ ସ୍ୱାଇଁ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଗହଣରେ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ ପୂର୍ବକ ପାନୀୟ ଜଳ ଯୋଗାଣ ସ୍ଥିତିର ସମୀକ୍ଷା କରିଥିଲେ ।

ମିଳିଥିବା ସୂଚନା ଅନୁଯାୟୀ, ମହାନଦୀରୁ ପାଇପ୍ ଯୋଗେ ଜଳକୁ ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ମୌଜାରେ ଥିବା ବିଶୋଧନାଗାରକୁ ପହଞ୍ଚାଇବା ନିମନ୍ତେ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି । ତେବେ ଏଠାରୁ ବିଶୁଦ୍ଧ ପାନୀୟ ଜଳକୁ ଗାଁ ଗାଁକୁ ପହଞ୍ଚାଇବା ନିମନ୍ତେ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଥିବା ବେଳେ ବିଦ୍ୟୁତ ସମସ୍ୟା ବାଧକ ସାଜିଛି । ସମ୍ପୂର୍ଣ୍ଣ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱରେ ଥିବା ହାଇଦ୍ରାବାଦର ଜିଭିପିଆର ଇଞ୍ଜିନିୟରସ ନାମକ ଘରୋଇ ସଂସ୍ଥା ଏବେ ବିଦ୍ୟୁତ ସରବରାହ କାମକୁ ଦ୍ରୁତ ଗତିରେ କରୁଥିବା ନେଇ ବିଧାୟକଙ୍କୁ ଅବଗତ କରାଇଥିଲା । ଭାପୁର ବ୍ଲକ ଅଧିନ ପଦ୍ମାବତୀ ଗ୍ରାମରେ ଥିବା ଇନଟେକ ୱେଲରୁ ମହାନଦୀ ପାଣି ବିଶୋଧନାଗାରକୁ ଆଣିବା ନିମନ୍ତେ ସମସ୍ତ ପରୀକ୍ଷା ନିରୀକ୍ଷା ସରିଥିବା ବେଳେ କେବଳ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ବ୍ୟବସ୍ଥା ହେଲେ ହିଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି । ତେବେ ଆସନ୍ତା ଜୁନ ମାସ ସୁଦ୍ଧା ନୟାଗଡ଼ରୁ ପ୍ରକଳ୍ପକୁ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହେବା ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥିତ ହେବ ବୋଲି ଘରୋଇ ସଂସ୍ଥା କହିଛି । ନୟାଗଡ ଜିଲା ରାଜପାଟଣା ଗ୍ରୀଡରୁ ଖଣ୍ଡପଡା ଶିଖରପୁର ପର୍ଯ୍ୟନ୍ତ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସରବରାହ ପାଇଁ କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ବର୍ଷ ବର୍ଷ ଧରି ପ୍ରକଳ୍ପରୁ ପାଣି ପାଇବା ନିମନ୍ତେ ଚାହିଁ ବସିଥିବା ଅଂଚଳବାସୀଙ୍କ ସମସ୍ୟା ଦୂର ହୋଇ ପାରିବ ବୋଲି ଆଶା ସଞ୍ଚାର ହୋଇଛି । ପରିଦର୍ଶନ ସମୟରେ ବିଧାୟକ ସ୍ୱାଇଁଙ୍କ ସହିତ ନୟାଗଡ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସର୍ଫରାଜ ଖାନ, ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ, କନିଷ୍ଠଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସମେତ କଟକ ଏମ୍‌ପିଙ୍କ ନୟାଗଡ ଜିଲା ପ୍ରତିନିଧି ଗୟାଧର ପରିଡା, ବଡସହରା ପଞ୍ଚାୟତ ସରପଞ୍ଚ ବ୍ରଜ କିଶୋର ଆଲୁକ, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ତ୍ରିନାଥ ବେହେରା ପ୍ରମୁଖ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।


ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରୁଛନ୍ତି ବିଧାୟକ ଓ ଅନ୍ୟମାନେ।

# ଓଡ଼ଗାଁ ଏନ୍‌ଏସିରେ ମାଟ୍ରିକ ପରୀକ୍ଷା ଫଳକୁ ନେଇ ଚିନ୍ତା

ଓଡ଼ଗାଁ,୩।୫
(ଆଦର୍ଶ କୁମାର ପଟ୍ଟନାୟକ)


ଶୁଭମ ମହାପାତ୍ର
ବିସ୍ମୟ ପଣ୍ଡା

ନୟାଗଡ଼ ଜିଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଓଡ଼ଗାଁ (ଏନଏସି) ଅନ୍ତର୍ଗତ ୪ ହାଇସ୍କୁଲର ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ମାତ୍ର ଛାତ୍ର ବିସ୍ମୟ ପଣ୍ଡା ଶତକଡ଼ା ୯୦ ପ୍ରତିଶତ ଅର୍ଥାତ୍ ୫୫୧ ନମ୍ବର ରଖି ଏ ୱାନ ଶ୍ରେଣୀରେ ପାସ୍ ହୋଇଛନ୍ତି। ଅବଶିଷ୍ଟ ପିଏମଶ୍ରୀ ସରକାରୀ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭଳି ୨ ଘରୋଇ ବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ଏ ୱାନ ଶ୍ରେଣୀକୁ ଛୁଇଁ ପାରି ନାହାନ୍ତି। ୨୦୨୫ ପରୀକ୍ଷା ଫଳକୁ ନେଇ ଓଡ଼ଗାଁ ସହରର ବୁଦ୍ଧିଜୀବୀ ଏବଂ ଶିକ୍ଷା ପ୍ରେମୀ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

୨୦୨୪ ପରୀକ୍ଷା ଫଳ ସହିତ ବିଗତ ବର୍ଷରେ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ସଂଖ୍ୟାଧିକ ଛାତ୍ରୀଛାତ୍ର ଆଶାନୁରୂପଭାବେ ଶତକଡ଼ା ୯୦ରୁ ଅଧିକ ମାର୍କ ରଖି ଏୱାନ ଶ୍ରେଣୀରେ ପାସ୍ କରିଥିବା ନଜିର ରହିଛି। ଚଳିତ ବର୍ଷ ପିଲାମାନଙ୍କ ପରୀକ୍ଷା ଫଳକୁ ନେଇ ଅଭିଭାବକମାନେ ଚିନ୍ତାପ୍ରକଟ କରିଛନ୍ତି। ସମ୍ପ୍ରତି ପ୍ରତିଯୋଗିତା ମୂଳକ ଅଧ୍ୟୟନ ଜାରି ରହିଥିବା ବେଳେ ଚଳିତବର୍ଷର ପରୀକ୍ଷାଫଳ ଆଶାନୁରୂପକ ହୋଇନାହିଁ। ଏସବୁ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକ ରହିଥିବା ବେଳେ ଛାତ୍ରୀଛାତ୍ରମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନକୁ ଟିଉସନ କରିବା ପାଇଁ ଯାଇଥାନ୍ତି। ତେବେ ସେମାନଙ୍କ ପରିଶ୍ରମର ଫଳ ନ ମିଳିବାର କାରଣ ଅବହେଳା ଉଚିତ୍ ମାର୍ଗ ଦର୍ଶନର ଅଭାବରୁ ହୋଇଥିବା ନେଇ ସମୀକ୍ଷା କରିବାର ବେଳେ ଆସିଛି। ଅନ୍ୟପକ୍ଷେ ସୁନାମୁହିଁ ହାଇସ୍କୁଲର ଛାତ୍ର ଶୁଭମ ମହାପାତ୍ର ଏୱାନ ଅର୍ଥାତ ୫୫୨ ମାର୍କ ରଖି ପାସ୍ ହୋଇଥିବା ବେଳେ ରାଜେଶ ବେହେରା ୫୪୧ ମାର୍କ ରଖିଛନ୍ତି। ଏପରିକି କୁରାଳ, ଡଣ୍ଡୋର, ପାଣ୍ଡେରିପଡା ଅଞ୍ଚଳର ଛାତ୍ରୀଛାତ୍ରମାନେ ଆଶାନୁରୂପ ଫଳାଫଳ କରିଥିବା ନେଇ ପ୍ରଶଂସାର ସୁଅ ଛୁଟିଛି। ହେଲେ ସ୍ଥାନୀୟ ଏନଏସି ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷକମାନେ ବିଭିନ୍ନ ଟ୍ୟୁଟୋରିୟଲ ମାଧ୍ୟମରେ ବେଆଇନ ଭାବେ ଟ୍ୟୁଶନ କରିବା ନେଇ ଅଭିଯୋଗ ହେଉଥିବା ବେଳେ ସ୍କୁଲ ସମୟରେ ସେମାନେ ପାଠ ପଢା ପ୍ରତି ଧ୍ୟାନ ଦେଉ ନ ଥିବା ଚିନ୍ତାର କାରଣ ସାଜିଛି।

# ଖବରଦାତାଙ୍କ ପରିବାରକୁ ସହାୟତା

ନୟାଗଡ଼,୩।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ, ସାପ୍ତାହିକୀ ପତ୍ରିକା ସାଲାମୀର ସମ୍ପାଦକ ତଥା ନୟାଗଡ଼ ଏନଏସିର ପୂର୍ବତନ ନଗରପାଳ ଭବାନୀ ଦାଶଙ୍କ ଗତ ୨୯ ତାରିଖରେ ପରଲୋକ ଘଟିଥିଲା। ପୂର୍ବ ନିଷ୍ପତ୍ତି କ୍ରମେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୁଦ୍ଧକ୍ରିୟା ବ୍ରାହ୍ମଣ ଭୋଜନ ନିମନ୍ତେ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶନିବାର ପୂର୍ବାହ୍ନରେ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ୱର୍ଗତ ଦାଶଙ୍କ ପୁରୁଣା ସହରସ୍ଥିତ ବାସ ଭବନରେ ପହଞ୍ଚି ତାଙ୍କ ଜ୍ୟେଷ୍ଠପୁତ୍ରଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି।

# ଖଣ୍ଡପଡ଼ା ବ୍ଲକ୍‌ସ୍ତରରେ ଶୁଭମ ପ୍ରଥମ

ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

ଖଣ୍ଡପଡ଼ା,୩।୫(ଅଜୟ କୁମାର ମହାରଣା)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଶୁଭମ ରାଉତ ଖଣ୍ଡପଡ଼ା ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଖଣ୍ଡପଡା ବ୍ଲକ ରାଣୀଛେଲ୍ଲୀ ପଂଚାୟତ ଅଧିନ ପଣ୍ଡିତ ଜମ୍ମେଶ୍ୱର ବିଦ୍ୟାପୀଠର ଛାତ୍ର ଶୁଭମ୍ ରାଉତ ମୋଟ ୫୪୭ ମାର୍କ ରଖି ଏ–୧ ଗ୍ରେଡରେ ଉତ୍ତୀର୍ଣ୍ଣ ହେବା ସହ ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ସେହିପରି ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ପଞ୍ଚାୟତର ରବିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଛାତ୍ର ରଘୁନାଥ ନାୟକ ୫୪୨ ମାର୍କ ରଖି ଏ–୧ ଗ୍ରେଡରେ ଉତ୍ତୀର୍ଣ୍ଣ ହେବା ସହ ବ୍ଲକ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସୂଚନା ମିଳିଛି। ରଘୁନାଥଙ୍କ ପିତା ପବିତ୍ର ନାୟକ ଜଣେ ରାଜମିସ୍ତ୍ରୀ ଓ ମା'ମାନସୀ ନାୟକ ଗୃହିଣୀ ହୋଇଥିବା ବେଳେ ଭବିଷ୍ୟତରେ ଜଣେ ଡ଼ାକ୍ତର ହେବାର ଲକ୍ଷ୍ୟ ରଖିଥିବା ନେଇ ସେ ପ୍ରତିକ୍ରୀୟାରେ କହିଛନ୍ତି।


ଶୁଭମ ରାଉତ

# ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ନୟାଗଡ,୩।୫(ଲୋକନାଥ ମିଶ୍ର)

ଶୁକ୍ରବାର ଦଶମ ଶ୍ରେଣୀ ପରୀକ୍ଷା ଫଳରେ ଜିଲାର ଅନେକ ସ୍କୁଲ ଶତ ପ୍ରତିଶତ ସଫଳତା ଅର୍ଜନ କରିଛନ୍ତି। ନୟାଗଡ ସହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏୱାନରେ ୬ଜଣ ଅଛନ୍ତି। ଏୱାନ ୬ଜଣରୁ ଜଣେ ଜିଲା ଟପର ହୋଇଛନ୍ତି। ସେହିପରି ଏ ଟୁରେ ୧୭, ବି ୱାନରେ ୨୧, ବି ଟୁରେ ୨୧, ସିରେ ୧୮ ଜଣ ଓ ଡି ରେ ୨ଜଣ ପାସ ହୋଇଛନ୍ତି। ସେହିଭଳି ନୟାଗଡ ଆଦର୍ଶ ଶିକ୍ଷାକେନ୍ଦ୍ରର ୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏ ୱାନରେ ୧, ଏ ଟୁରେ ୩, ବି ଟୁରେ ୧୭, ସି ଗେଡରେ ୧୨ଜଣ ପାସ୍ ହୋଇଛନ୍ତି। ଏ ଗ୍ରେଡରେ ହନିମେଶ ଡାକୁଆ ୫୫୦ ନମ୍ବର ରଖିଛନ୍ତି। ଓଡ଼ଗାଁ ବ୍ଲକ ଡିମିଶର ପଞ୍ଚାୟତ ରଘୁ କୁନ୍ତଳା ହାଇସ୍କୁଲର ୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ଜଣ ଏ ୱାନ, ବି ୱାନରେ ୧, ବି ୨ରେ ୧୧, ସିରେ ୯, ଡିରେ ୧୬ ଓ ଇ ଗ୍ରେଡରେ ୩ଜଣ ପାସ କରିଛନ୍ତି। ସେହିଭଳି କେଏସବି ପବ୍ଲିକ ସ୍କୁଲ ଶରଣକୂଳ ଭିକାରୀପଡାର ୨୫ ଛାତ୍ରୀ ଛାତ୍ରରୁ ଏ ୱାନରେ ୨, ଏ ଟୁରେ ୩, ବି ୱାନରେ ୫, ବି ଟୁରେ ୭, ସିରେ ୬, ଡିରେ ୧, ଇରେ ୧ ଜଣ ଅଛନ୍ତି।ସେହିପରି ନୟାଗଡ ଏନଏସି ହାଇସ୍କୁଲର ୧୧୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଏ ୱାନରେ ଯାଇଥିବାବେଳେ ଏ ଟୁରେ ୫, ବି ୱାନରେ ୧୪, ବି ଟୁରେ ୨୨, ସିରେ ୪୯, ଡିରେ ୨୧, ଇରେ ୨ଜଣ ଓ ଜଣେ ଅନୁପସ୍ଥିତ ଅଛନ୍ତି।

# ମାନବିକ ଅଧିକାର ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା,୩।୫(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଓକିଲ ସଂଘ ଆୟୋଜନ କ୍ରମେ ଦଶପଲ୍ଲାସ୍ଥ ଗୋବିନ୍ଦ ଭବନଠାରେ ଅନୁସୂଚିତ ଜାତି , ଜନଜାତି ଓ ମହିଳାମାନଙ୍କର ମାନବିକ ଅଧିକାର ଉପରେ ଏକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଯାଇଅଛି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ବିଚାରପତି ହାଇକୋର୍ଟ ତଥା ଅଧୁନା ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଜଷ୍ଟିସ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସି.ବି.ଆଇ. ଜଜ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଭାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବାବା ସାହେବ ଡ. ଆମ୍ବେଡ଼କରଙ୍କ ଫଟୋଚିତ୍ରରେରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ଵଳନ କରାଗଲା ପରେ ଓକିଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ମୁଖ୍ୟବକ୍ତା ମିଶ୍ର ମାନବିକ ଅଧିକାରର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ଷଡ଼ଙ୍ଗୀ ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ଅଧିକାର କିଭଳି ସୁରକ୍ଷିତ ରହିବ ଓ ସେ କିଭଳି ସମ୍ମାନର ସହ ବଞ୍ଚିବା ତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଥିପାଇଁ ସମାଜରେ ଆଦିବାସୀ , ଦଳିତ ଓ ମହିଳାମାନେ ଏବିଷୟରେ ସଚେତନ ହେବା ଦରକାର। ଏଥିରେ ଆଇନଜୀବୀଙ୍କଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ସଙ୍ଗଠନମାନେ କାର୍ଯ୍ୟ କରିବା ଦରକାର ବୋଲି ମତ ବ୍ୟକ୍ତ କରିଥିଲେ। ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ମିଶ୍ରଙ୍କ ଆଇନଜୀବୀ ମାନସ କୁମାର ମହାକୁଡ଼ଙ୍କ ସମେତ ସମସ୍ତ ଅତିଥି ବୃନ୍ଦଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ସଂଘର ଅନ୍ୟତମ ସଦସ୍ୟ ଆଲୋକ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାଦୌରା ଜଜ, ଜିଲା ରେଜିଷ୍ଟର,ଦଶପଲ୍ଲା ଜୁଡ଼ିସିଆଲ ମାଜିଷ୍ଟ୍ରେଟ ପ୍ରମୁଖ ଯୋଗଦେଇଥିଲେ।



ମାନବିକ ଅଧିକାର ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# କୁଆଁରିଆ ସେତୁ ନିର୍ମାଣରେ ବିଳମ୍ବକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡ଼ା,୩।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିରୁ ଆଡକଟାକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁଟି ବିପଦ ଶଂକୁଳ ହୋଇ ସମ୍ପୂର୍ଣ୍ଣ ଭାଙ୍ଗି ଯିବାର ଇତି ମଧ୍ୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଛି। ମାତ୍ର କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ସେତୁ ନିର୍ମାଣ ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ମାତ୍ର ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ ଯୋଗୁ ସେତୁ ନିର୍ମାଣରେ ବିଳମ୍ବ ହେଉଛି। ଉକ୍ତ ସେତୁ ପାର୍ଶ୍ୱରେ ଯାନବାହନ ଯାତାୟତ ନିମନ୍ତେ ଆପ୍ରୋଚ ରାସ୍ତା ନିର୍ମାଣ କରାଯାଇଛି। ସେତୁ ନିର୍ମାଣକାରୀ ସଂସ୍ଥା ବିପଦଶଙ୍କୁଳ ସେତୁକୁ ଭାଙ୍ଗି ଦେଇ ମାଟିରେ ମିଶେଇ ଦେଇଥିଲେ ହେଁ ଅଦ୍ୟାବଧି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନଥିବା ଜଣାପଡିଛି। ଆଉ ୨ ମାସ ପରେ ବର୍ଷା ଋତୁ ଆସିଲେ ସେତୁ ନିର୍ମାଣରେ ସମସ୍ୟା ସୃଷ୍ଟି ହେବା ସହ ଖରସ୍ରୋତା କୁଆଁରିଆ ନଦୀର ପ୍ରଖର ସ୍ରୋତରେ ଆପ୍ରୋଚ ରାସ୍ତା ଗତବର୍ଷ ପରି ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ପୁଣି ବାଧାପ୍ରାପ୍ତ ହେବ ବୋଲି ଜଣାପଡିଛି। ପ୍ରକାଶ ଥାଉକି ଖଣ୍ଡପଡାରୁ ଖଳିସାହି, କୋସକା ଦେଇ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁଟି ନିର୍ମାଣ ହେଲେ ଖଣ୍ଡପଡା, ଭାପୁର, ଦଶପଲ୍ଲା, ନୟାଗଡ, ଗଣିଆ ଆଦି ୫ ବ୍ଲକ ଅଞ୍ଚଳର ବାସିନ୍ଦା ବିଶେଷ ଭାବେ ଉପକୃତ ହେବା ସହ ଦୂରଗାମୀ ଯାତ୍ରୀବାହୀ ବସଗୁଡିକ ସେତୁ ଦେଇ ଯାତାୟତ କରିପାରିବ ବୋଲି ଜଣାପଡିଛି। ତେଣୁ ଅଂଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁଆଁରିଆ ସେତୁ ଉପରେ ଉଚ୍ଚତମ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ ନିମନ୍ତେ ପ୍ରଶାସନ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କୁ ଏ ସମ୍ପର୍କରେ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।


କୁଆଁରିଆ ସେତୁ ନିର୍ମାଣ କାର୍ଯ୍ୟ ଅଟକି ରହିଛି।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର,ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧




କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଶନିବାର ସନ୍ଧ୍ୟାରେ ଖସିପଡ଼ିଛି । (ଫଟୋ-ରାଜକିଶୋର ମହାନ୍ତି)

## ବଦଳିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷାଫଳ ପୁନଃମୂଲ୍ୟାୟନ ପ୍ରକ୍ରିୟା

ଭୁବନେଶ୍ୱର,୩।୫
(ଅନୁରାଧା ମହାରଣା)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଖାତା ପୁନଃମୂଲ୍ୟାୟନ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିଛି । ପରୀକ୍ଷାଫଳ ପ୍ରକାଶ ପରେ ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଉତ୍ତର ଖାତାର ଫଟୋ କପି ମିଳିବ । ତା'ପରେ ରିଭାଲ୍ୟୁଏଶନ ହେବ । ଛାତ୍ରୀଛାତ୍ରଙ୍କୁ ଅଧିକ ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦେବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି । ଆଗକୁ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି । ଏପରିସ୍ଥିତିରେ ବୋର୍ଡର ଏହି ବଡ଼ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି । ନିଷ୍ପତ୍ତି ଅନୁସାରେ, ଛାତ୍ରୀଛାତ୍ର ପ୍ରଥମେ ସେମାନଙ୍କ ପରୀକ୍ଷା ଉତ୍ତରପତ୍ରର ଫଟୋକପି ଦେଖିପାରିବେ ଏବଂ ତା'ପରେ ହିଁ ସେମାନେ ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ । ଏହାଦ୍ୱାରା ଛାତ୍ରୀଛାତ୍ର କେଉଁ ଉତ୍ତର ପାଇଁ କେତେ ମାର୍କ ମିଳିଛି ଏବଂ କେଉଁ ପ୍ରଶ୍ନ ପାଇଁ କେତେ କଟାଯାଇଛି ତାହା ଜାଣିପାରିବେ । ଏହା ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ।

# ବ୍ରିଜ୍ ସ୍ଲାବ୍ ଖସିପଡ଼ି ୩ ମୃତ

**କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିବାରୁ ଜଣେ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଖାନ୍‌ନଗରରେ ଶନିବାର ସନ୍ଧ୍ୟାରେ ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ କ୍ରେନ୍‌ରେ ରେଡିମେଡ୍ ସ୍ଲାବ୍ ଉଠାଯାଉଥିଲା। କ୍ରେନ୍ ଛିଣ୍ଡିଯିବାରୁ ସ୍ଲାବ୍‌ଟି ହଠାତ୍ ଭୁଶୁଡ଼ିପଡ଼ିଥିଲା। ଫଳରେ ଏହା ତଳେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଜଣ ଚାପିହୋଇ ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ୨ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ରାଜ୍ୟର ନିର୍ମାଣସ୍ଥଳଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲ ଉପରେ ପ୍ରଶ୍ନବାଚୀ ଉଠାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଘୋଷଣା କରିଛନ୍ତି।**

କଟକ,୩।୫(କାର୍ତ୍ତିକ ସାହୁ)

କଟକରେ ଶନିବାର ସନ୍ଧ୍ୟାରେ ଘଟିଛି ବଡ଼ ଅଘଟଣ । ଖାନନଗରସ୍ଥିତ କାଠଯୋଡ଼ି ନଦୀ ଭିତରେ ନୂଆ ବ୍ରିଜ୍ କାମ ଚାଲିଥିବା ସମୟରେ ସ୍ଲାବ୍ ଖସିପଡ଼ି ଜଣେ ଇଞ୍ଜିନିୟର ଓ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୨ ଜଣ ଗୁରୁତର ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୃତକମାନେ ହେଲେ ଶିବଶଙ୍କର ପଟ୍ଟନାୟକ, ସୁବାସ ଚନ୍ଦ୍ର ଭକ୍ତ ଓ ସୌମ୍ୟରଞ୍ଜନ ମଲ୍ଲିକ । ଦୁଇ ଗୁରୁତର ବିକଳ ଜେନା ଓ ଅରୁଣ ବାରିକ ଏବେ ଏସ୍‌ସିବି ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଅବସ୍ଥା ସଂକଟାପନ୍ନ ରହିଛି ।

ସୂଚନା ଅନୁସାରେ ଖାନନଗର ରିଂବନ୍ଧ ସମ୍ପ୍ରସାରଣ ପାଇଁ କାଠଯୋଡ଼ି ନଦୀ ଭିତରେ ବ୍ରିଜ୍ ନିର୍ମାଣ କରାଯାଉଛି । ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଘରୋଇ କମ୍ପାନୀ ଏଲ୍‌ଆଣ୍ଡଟିକୁ ଦାୟିତ୍ୱ ଦିଆଯାଇଛି । ଏଲ୍‌ଆଣ୍ଡଟି ଅଧୀନରେ ଆର୍‌କେଡି କନ୍‌ଷ୍ଟ୍ରକ୍ସନ୍ ଏହାର ନିର୍ମାଣ କରୁଥିଲା । ସବୁଦିନ ଭଳି ନିର୍ମାଣ କାମ ଚାଲିଥିଲା । କିନ୍ତୁ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଅଘଟଣ ଘଟିଥିଲା । ବ୍ରିଜ୍ ଉପରେ କେତେଜଣ ଶ୍ରମିକ କାମ କରୁଥିବାବେଳେ ଅନ୍ୟମାନେ ତଳେ ଥିଲେ । ଦୁଇ ପିଲାରକୁ ସଂଯୋଗ କରିବା ନିମନ୍ତେ ଉଦ୍ଦିଷ୍ଟ ବଡ଼ ସ୍ଲାବ୍‌କୁ କ୍ରେନ ସାହାଯ୍ୟରେ ଉଠାଯାଉଥିଲା । ସ୍ଲାବର ଉଭୟ ପାର୍ଶ୍ୱରେ ୨ଟି କ୍ରେନ୍ ନିୟୋଜିତ ଥିବାବେଳେ ଗୋଟିଏ କ୍ରେନ୍ ଭାଙ୍ଗି ପଡ଼ିଥିଲା । ଫଳରେ ସ୍ଲାବ ଖସି ତଳେ ଥିବା ଶ୍ରମିକଙ୍କ ଉପରେ ପଡ଼ିଥିଲା । ସେମାନଙ୍କୁ ଆଉ ଏକ କ୍ରେନ୍ ସାହାଯ୍ୟରେ ବାହାର କରି ତୁରନ୍ତ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ପ୍ରାୟ ୪୦ରୁ ୫୦ ଶ୍ରମିକ ସେଠାରେ କାମ କରୁଥିଲେ । କାମ କରିବା ସମୟରେ ଶ୍ରମିକଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦିଆ ନ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି । ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମେୟର ସୁବାସ ସିଂହଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ଅପରପକ୍ଷରେ ଜିଲାପାଳ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।






## ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକିସ୍ତାନ



ଇସଲାମାବାଦ,୩।୫

ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଥିବା ଦାବି କରିଛି । ସ୍ଥଳରୁ ସ୍ଥଳଭାଗକୁ ନିକ୍ଷେପ କରାଯାଇପାରୁଥିବା ଏହି ଆବଦଲି ୱିପନ୍ ସିଷ୍ଟମ୍‌କୁ ଏକ ସମରାଭ୍ୟାସ ବେଳେ ପରୀକ୍ଷା କରାଯାଇଥିବା ଇସ୍‌ଲାମାବାଦ କହିଛି । ପଡ଼ୋଶୀ ଦେଶ ଦ୍ୱାରା ଯେକୌଣସି ପ୍ରକାର ମିଶାଇଲ୍ ପରୀକ୍ଷାକୁ ଭାରତ ଗମ୍ଭୀର ଉତ୍ତେଜନା ସୃଷ୍ଟିକାରୀ ଭାବେ ଦେଖୁଥିବା ଏକ ସୂତ୍ରରୁ କୁହାଯାଇଛି । ସୈନ୍ୟମାନଙ୍କ ଆକ୍ରମଣ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ପ୍ରମୁଖ ବୈଷୟିକ ମାପଦଣ୍ଡର ସତ୍ୟାସତ୍ୟ ଦର୍ଶାଇବା ଲକ୍ଷ୍ୟରେ ଏହି କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିବା ପାକ୍ ସରକାର କହିଛନ୍ତି । ସୂଚନାଯୋଗ୍ୟ, ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ନିୟମିତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି । ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି ।

## ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁମ୍ବାଇ,୩।୫

ଜିଓ ୱାର୍ଲ୍ଡ ସେଣ୍ଟରରେ ଆୟୋଜିତ ୱାର୍ଲ୍ଡ ଅଡିଓ ଭିଜୁଆଲ ଓ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭ୍ସ) ୨୦୨୫ରେ ଶନିବାର 'ସ୍ୱଦେଶୀ କ୍ରୀଡ଼ା-ଭାରତରୁ ବିଶ୍ୱସ୍ତର' ଶୀର୍ଷକ ଉପରେ ଆଲୋଚନା ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ଦିଗରେ ଆଗେଇ ନେବା ଲାଗି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସେ ସ୍ୱଦେଶୀ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ସ୍ୱଦେଶୀ କ୍ରୀଡ଼ା କେବଳ ଖେଳ ନୁହେଁ, ସେଗୁଡ଼ିକ ଟିମ୍‌ୱାର୍କ, ଧୈର୍ଯ୍ୟ ଓ ଆମ ସମ୍ପ୍ରଦାୟ ମାଟିର ପରିଚୟକୁ ପ୍ରକାଶ କରେ । ଖେଳରେ ସଂସ୍କୃତି ଅଛି, ସଂସ୍କୃତିରେ ଅସ୍ମିତା ଅଛି । ବିଶ୍ୱସ୍ତରରେ ଆମ ସ୍ୱଦେଶୀ କ୍ରୀଡ଼ାକୁ ତା'ର ଉପଯୁକ୍ତ ଅଧିକାର ଦେବା ଲାଗି ଆମେ ଭାରତ ସରକାର ଓ ବିଶ୍ୱ ଫେଡେରେଶନ ସହିତ କାମ କରିବା ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି । ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ା ଲାଗି ହାଇ-ପରଫର୍ମାନ୍ସ ସେଣ୍ଟର ନିର୍ମାଣ କରିଛି । ଏହି ଉଲ୍ଲେଖନୀୟ ପଦକ୍ଷେପ ପାରମ୍ପରିକ କ୍ରୀଡ଼ା ପ୍ରତି ଲୋକଙ୍କ ଚିନ୍ତାଧାରା ବଦଳାଇଛି । ଉପଯୁକ୍ତ ପ୍ରଶିକ୍ଷଣ, ଭିତ୍ତିଭୂମି ଓ ନୂତନତ୍ୱ ମାଧ୍ୟମରେ ପାରମ୍ପରିକ କ୍ରୀଡ଼ାକୁ ପେସାଦାର କ୍ରୀଡ଼ା ଭଳି ଲୋକପ୍ରିୟ କରିହେବ । ଓଡ଼ିଶା ଜଗରନଟ୍ସ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଏକମାତ୍ର ଫ୍ରାଞ୍ଚାଇଜ, ଯାହାକି ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇଛି । ଏହା ଦର୍ଶାଉଛି ଯେ, ନିରନ୍ତର ସମର୍ଥନ ଓ ସୁଚିନ୍ତିତ ନିବେଶ ମାଧ୍ୟମରେ କିଛି ବି ହାସଲ କରାଯାଇପାରେ ବୋଲି ସେ କହିଛନ୍ତି । ୱେଭ୍ସ ୨୦୨୫ ସମ୍ମାନିତ ବକ୍ତାଙ୍କ ପ୍ୟାନେଲରେ ପ୍ରୋ କବାଡ଼ି ଲିଗ କମିଶନର ଅନୁପମ ଗୋସ୍ୱାମୀ, ଗ୍ଲୋବାଲ କବାଡି ଆଇକନ ଫାଜେଲ ଅତ୍ରାଚାଲି ଓ ଖୋ ଖୋ ଫେଡେରେଶନ ଅଫ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ସ୍ଥାନ ପାଇଥିଲେ । ସେମାନେ ସରକାର, ଫେଡେରେଶନ, ଗଣମାଧ୍ୟମ ଓ ଆଥ୍‌ଲେଟଙ୍କ ସମର୍ଥନରେ ଭାରତର ପାରମ୍ପରିକ କ୍ରୀଡ଼ାକୁ କେଉଁଭଳି ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ନିଆଯାଇପାରିବ, ତାହା ଉପରେ ଆଲୋଚନା କରିଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଆଜିର ସମ୍ପାଦକୀୟ**

**ଏବକାର ଭାରତ-ପାକିସ୍ତାନ**

**ସୂଚନା:** ଅନିବାର୍ଯ୍ୟ କାରଣରୁ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ ।


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଆସନ୍ତା ସୋମବାର, ଇଂରାଜୀ **ତା।05.05.2025ରିଖ** ଦିନ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0097/2526



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୫।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୨।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହୋଇଛି । ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ**
**ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**OIPR-09014/11/0098/2526**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ, କଟକର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିନ୍ଦୁ ସାହିତ୍ୟ ସମାଜର ଦଶମ ବାର୍ଷିକୋତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦ର ଉଦ୍‌ଯାପନୀ, ସ୍ଥାନ: ଇଡ୍‌କୋ ଏକ୍ସିବିଶନ, ସମୟ: ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାଶ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ମଧ୍ୟାହ୍ନ ୬ଟା ୩୦।

## କଟକ
- ଶ୍ରୀ ଶ୍ରୀ ପଞ୍ଚାନନେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୭ଟା।

## ପୁରୀ
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପିପିଲି ଟୋଲ ଗେଟ୍ ନିକଟସ୍ଥ, ସମୟ: ସକାଳ ୭ଟା।

## ବାଲେଶ୍ୱର
- ଜଗନ୍ନାଥ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଆଙ୍କୋ ଚନ୍ଦନ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଧାନପଡ଼ା ପଞ୍ଚାୟତ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ୩ୟ ବାର୍ଷିକ ସମାରୋହ, ସ୍ଥାନ: ଉପର ବାଗୁରାଇସ୍ଥିତ ମା' ଦୁର୍ଗା ପାଲେସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦରବାରହଲ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ବିଶ୍ୱ ହସ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମା' ଖମ୍ୱେଶ୍ୱରୀଙ୍କ ବୈଶାଖୀ ଯାତ୍ର, ସ୍ଥାନ: ଖମ୍ୱେଶ୍ୱରୀ ପାଟଣା ଆସିକା, ସମୟ: ସକାଳ ୯ଟାଠାରୁ ଆରମ୍ଭ।
- ୱାଟର ପାର୍କ, ଫୁଡ ପାର୍କ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ ଟା ।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ହନୁମାନ ଜୀଉଙ୍କ ୧୭ତମ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଦୁର୍ଗାବଜାର ହନୁମାନ ବାଟିକା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଶାନ୍ତିକୁଞ୍ଜ ହରିଦ୍ୱାର କଳସରଥର ପାରାଦୀପ ସହର ପରିକ୍ରମା, ସ୍ଥାନ: ବିଜୟଚନ୍ଦ୍ରପୁର ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଦର ପୋଲିସ ଥାନା, ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡା, ସମୟ: ସକାଳ ୮ଟା।

## ରାୟଗଡ଼ା
- ନୀଳକଣ୍ଠେଶ୍ୱର ଦେବାଳୟ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଅଙ୍କୁରାରୋପଣ, ଗଙ୍ଗା ଯାତ୍ରା, ସ୍ଥାନ: ରିଜର୍ଭ ପୋଲିସ ଅଫିସ, ଜେକେପୁର, ସମୟ: ସକାଳ ୯ଟା।
- ମା ମୁତ୍ୟାଲାମା ମନ୍ଦିର ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ରାଧାକ୍ରିଷ୍ଣା ପ୍ରେମ ଲୀଳା, ସ୍ଥାନ: କୋଳନରା, ସମୟ: ସକାଳ ୯ ଟାରୁ ଆରମ୍ଭ।

## କୋରାପୁଟ
- ୱାନ ନେଶନ ୱାନ ଇଲେକ୍ସନ ନେଇ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୱାନ ନେଶନ ୱାନ ଇଲେକ୍ସନ ସଚେତନତା ପଦଯାତ୍ରା, ସ୍ଥାନ: କୋରାପୁଟ ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି
- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୧ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ : ଖରିଆପାଲି ଗ୍ରାମ, ସମୟ : ସକାଳ ୮ଟା ।
- ଶ୍ରୀଶ୍ରୀ ସୌରୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ନୂଆଁବାରପାଲି ଗ୍ରାମ, ସମୟ : ସକାଳ ୮ଟା ।
- .ଓଡ଼ିଶା ଯାଦବ ଟ୍ରଷ୍ଟ ବୋର୍ଡର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଜୟନ୍ତୀ ସଭା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଉତ୍କଳ ଗୀତିକବି ସମାଜର ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ଜଗଦା ସାଂସ୍କୃତିକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବୈଶାଖି ସାହିତ୍ୟ ସଂସଦର ୩୫ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାର୍ଟସିଟି ବିକାଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୃଷ୍ଣ କଲୋନି, ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ସୋଟୋକାନ୍ କରାଟେ ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଷୋହଳ ପ୍ରହରୀ ନାମଯଜ୍ଞ କଳସ ଅଧିବାସ, ସ୍ଥାନ: କୋକନରା, ପାଇକମାଳ,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଲୋହରସିଂ, ଝାରବନ୍ଧ,ସମୟ:ସକାଳ: ୮ଟା।
- ସ୍ୱର୍ଗତ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ୯୦ ଜୟନ୍ତୀ ଉତ୍ସବ , ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଡଗାଁ ସେବା ସମବାୟ ସମିତି, ବରଗଡ଼,ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଣ୍ଡରାମାଳି ସମାଜର ସମାବେଶ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଧାନମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ:ଦେବଗଡ ସହର, ସମୟ: ପାନ୍ତଃ ୪ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ: ବଣିଆ ସାହି, ଦେବଗଡ,ସମୟ:ସକାଳ ୬ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ,ସ୍ଥାନ: ବାରକୋଟ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ:ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର,ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ଅନ୍ତର୍ଗତରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା, ହରିନାମ ଓ ରାମାୟଣ ପୁରାଣ ପଠନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମସ୍ଥିତ କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରୀପଡା ଗାଁ, ସମୟ: ପ୍ରାତଃ ୫ଟା ୧୫।
- ଜିଲାସ୍ତରୀୟ ଓବିସି ମଞ୍ଚର ସାଧାରଣ ବୈଠକ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଁସଇପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପଠନ, ସ୍ଥାନ :ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ଦୁର୍ଗା ମନ୍ଦିରରେ ଦୁର୍ଗା ସହସ୍ର ନାମ ପଠନ, ସ୍ଥାନ:ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା।
- ଯକ୍ଷ୍ମା ଜନିତ ରୋଗ ପାଇଁ ସଚେତନତା ଶିବିର, ସ୍ଥାନ:ତିଳେଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ:ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାମ ହାସଲ ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ସହକର୍ମୀଙ୍କ ବିବାଦୀୟ ଆଲୋଚନାରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ବ୍ୟବସାୟ ଓ ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ରହିବ।

**ବୃଷ** ମାନସିକ ଅସ୍ଥିରତାଜନିତ ସବୁ ସୁବିଧା ଥାଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନରେ ଅସମର୍ଥ ହେବେ। ନିଜ ଲୋକଙ୍କ ଉପରେ ଭରସା କରି ସୁଫଳ ପାଇବେ ନାହିଁ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ।

**ମିଥୁନ** ଦୈହିକ ଅସୁସ୍ଥତାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ସହ ପାରିବାରିକ ସମ୍ପର୍କର ପୂର୍ବାବସ୍ଥାକୁ ବଜାୟ ରଖିପାରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନତା ସମସ୍ୟା ସୃଷ୍ଟି କରିପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ଉତ୍କର୍ଷ, ନୂତନ ବନ୍ଧୁସମ୍ପର୍କ ଯୋଗୁ ଦିନଟି ପୁନର୍ବସୁ ପାଇଁ ଭଲ ରହିବ।

**କର୍କଟ** ଅର୍ଥନୈତିକ ଅବରୋଧ ଦୂର ହେବା ସହିତ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଓ ବନ୍ଧୁବର୍ଗଙ୍କ ସହଯୋଗ ପାଇବେ। କିନ୍ତୁ କର୍ମକ୍ଷେତ୍ର ଜଞ୍ଜାଳର ବହୁଳତାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଫେରିଆସିପାରେ।

**ସିଂହ** ବନ୍ଧୁଙ୍କ ସହ ଗତକାଲିର ଅସମାପ୍ତ ଆଲୋଚନା ଆଜି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିବ। ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ସମସ୍ୟା ସମାଧାନ ହେବାର ଆଶା ରହିଛି। କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ, ମିଠାକଥା କହି କାମ ହାସଲ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଭଲ ରହିବା ସହ ପ୍ରିୟଜନଙ୍କ ସାନ୍ନିଧ୍ୟରୁ ସାମୟିକ ଉପକୃତ ହୋଇପାରନ୍ତି।

**କନ୍ୟା** ଯେତେ ଚେଷ୍ଟା କଲେ ମଧ୍ୟ କେତେକ କାମ ଅଧୁରା ରହିଯିବାର ସୂଚନା ରହିଛି। ଆପଣଙ୍କ ସଯୌକ୍ତିକ କଥାକୁ ବିରୋଧ କରୁଥିବା ବ୍ୟକ୍ତି ମଧ୍ୟ ସମର୍ଥନ ଜଣାଇବ। ପୂର୍ବର ଋଣ ଏବଂ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ଆନୁଷ୍ଠାନିକ କାମ, ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସ୍ୱାସ୍ଥ୍ୟହାନି, ଶତ୍ରୁତା ଏବଂ ଅର୍ଥର ଅଭାବ ଯୋଗୁ ଚିନ୍ତିତ ରହିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇ ନିଜ କାମ ପ୍ରତି ଅନୁରକ୍ତି ପ୍ରକାଶ କରିବା ଭଲ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ ଏବଂ ଦୀର୍ଘଦିନର ବକେୟା ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ବିଛା** ପ୍ରତ୍ୟେକ କାମ ସକାଶେ ପ୍ରତୀକ୍ଷା ମାନସିକ ଅଶାନ୍ତିର କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରତା ସୃଷ୍ଟିର ଆଶଙ୍କା ରହିଛି। ଆଜି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ତଦନୁସାରେ କାମରେ ସାହାଯ୍ୟ ମଧ୍ୟ କରିବେ । ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ଧନୁ** ବିଭିନ୍ନ କାରଣକୁ ନେଇ ପରିସ୍ଥିତି ଜଟିଳ ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଆର୍ଥିକ ଅଭିବୃଦ୍ଧି ସହିତ ବନ୍ଧୁ ସମ୍ପର୍କ, ଆରମ୍ଭ କରିଥିବା କାମ, ଦୂରଯାତ୍ରା ଓ ଆଲୋଚନାରେ ସଫଳତା ମିଳିବ। ସଭାସମିତି, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଚାପଗ୍ରସ୍ତ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଲୋକ ସମ୍ପର୍କ ଓ ବଳିଷ୍ଠ ପାରିବାରିକ ସ୍ଥିତି କାରଣରୁ ସାଧାରଣ ସମସ୍ୟା ଓ ମାନସିକ ଚିନ୍ତାରୁ ମୁକ୍ତ ରହିବେ। ଅଟକି ରହିଥିବା ଯାତ୍ରା, ସ୍ଥଗିତ କାର୍ଯ୍ୟ, ବ୍ୟବସାୟ ଓ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ପରିସ୍ଥିତିରେ ଗୁରୁତ୍ୱ ଦୃଷ୍ଟିରୁ ଆଜି ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ମଧ୍ୟ ଆପଣଙ୍କ କାମରେ ହସ୍ତକ୍ଷେପ କରିବ ନାହିଁ। ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାର ଆଶଙ୍କା ଦେଖାଦେବ।

**ମୀନ** ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଆପଣଙ୍କ ପାଇଁ ସହାୟ ହେବ। ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶୀ ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି, ପୂର୍ବପରି ଅକ୍ଷୁଣ୍ଣ ରହିବା ଯୋଗୁ ଖୁସି ଅନୁଭବ କରିବେ।

ଆଜି ମେ ୪ ତାରିଖ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର, ବୈଶାଖ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର। ରାଶିନକ୍ଷତ୍ର- ଦିବା ଘ.୧୨।୫୪ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତାପରେ ଅଶ୍ଳେଷା ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୧ ଗତେ ଘ.୦୬।୦୭ ମଧ୍ୟେ ରାହୁକାଳ।

# ଟାଙ୍ଗିଆରେ ହାଣି ପଡ଼ୋଶୀଙ୍କୁ ହତ୍ୟା

**ଗୁଣପୁର,୩।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ପଦ୍ମପୁର ଥାନା ଅଧୀନ ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ସୌରା ବିକ୍ରମପୁର ଗ୍ରାମରେ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଟାଙ୍ଗିଆରେ ହାଣି ତାଙ୍କ ପଡ଼ୋଶୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଚୈତନ୍ୟ ଶବର (୪୮)। ଶନିବାର ସକାଳେ ଅଭିଯୁକ୍ତ ପଣ୍ଡା ଶବର ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ସ୍ତ୍ରୀ ମେଲୁଣିଙ୍କ କହିବାନୁଯାୟୀ, ଚୈତନ୍ୟ ଓ ପଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଥିଲା। ଶୁକ୍ରବାର ଚୈତନ୍ୟ ଘରେ ଖାଉଥିବା ସମୟରେ ପଣ୍ଡା ଓ ତାଙ୍କ ପୁଅ ଦୁହେଁ ଘର ଭିତରକୁ ଆସି ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଯାଇଥିଲା। ଚୈତନ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ପଦ୍ମପୁର ଥାନାରେ ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ପଦ୍ମପୁର ଥାନାଧିକାରି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

# ଶ୍ରମିକଙ୍କ ସହ ମାଟି ଖୋଳିଲେ ବିଡିଓ

**ପାଟଣା,୩।୫ (ବୀର କିଶୋର ଦାଶ)**

ପ୍ରାୟତଃ ଅଫିସରମାନେ ତୃଣମୂଳସ୍ତରକୁ ଯାଆନ୍ତିନାହିଁ। କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରଣ କୋଠରିରେ ବସି କାର୍ଯ୍ୟର ସମୀକ୍ଷା କରୁଥିବା ଅଭିଯୋଗ ହୋଇଥାଏ। ମାତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବିଡିଓ ମାନସ କୁମାର ଦଣ୍ଡପାଟଙ୍କ କାର୍ଯ୍ୟଶୈଳୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ପାଟଣା ବିଡିଓ ପାଲାଣଘାଟି ପଞ୍ଚାୟତ କୁମୁଳାବାହାଲି ସୋସା ସାହିଠାରେ ଚାଲିଥିବା ମନରେଗା ଯୋଜନାରେ ପୋଖରୀ କାମ ତଦାରଖ କରିବାକୁ ଯାଇଥିଲେ। ଏହି ସମୟରେ ଶ୍ରମିକଙ୍କ ସହ ନିଜେ ଖରାରେ ମାଟି ଖୋଳି ଶ୍ରମିକଙ୍କୁ ଉତ୍ସାହିତ କରିଛନ୍ତି। ହାତରେ ଗଇଁତି ଧରି ମାଟି ଖୋଳି ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ବିଡିଓଙ୍କ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।


ବିଡିଓ ମାନସ କୁମାର ଦଣ୍ଡପାଟ ଗଇଁତି ଧରି ମାଟି ଖୋଳୁଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୋଳ ବାସି, ଜଳ ବାସି, ଅଗି ବାସି କି କରିବ ଖଡ଼ି ଘଷି।**

ଦୋଳ ପୂର୍ଣ୍ଣିମା, ସ୍ନାନ ପୂର୍ଣ୍ଣିମା ଏବଂ ଅଗ୍ନି ପୂର୍ଣ୍ଣିମା ପରେ କିଆରିକୁ ପ୍ରଥମେ ଚାଷ କରିବା ଭଳି ଅନେକ ଶୁଭ କାର୍ଯ୍ୟମାନ ଆରମ୍ଭ କରାଯାଇଥାଏ। ଏଥିପାଇଁ ଗଣନା ଅନାବଶ୍ୟକ ବୋଲି ଏଠାରେ ସୂଚିତ କରାଯାଇଛି।

**ଦାନ ଦିଆ ଗାଈର କି ଦାନ୍ତ ଦେଖା?**

ଦାନ୍ତ ଦେଖି ଗାଈ ବଳଦ ଭଲ କି ଖରାପ ତାହା ଜଣାପଡ଼ିଯାଇଥାଏ। ତେବେ ଦାନ ସୂତ୍ରରେ ମିଳିଥିବା ବସ୍ତୁଟି ଭଲ ହେଉ ବା ମନ୍ଦ ହେଉ ତାହା ବିଚାର କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ସରକାରଙ୍କ ବର୍ଷକର ସଫଳତାର ବିବରଣୀ ପାଇବେ ଜନସାଧାରଣ

**ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତି ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତୀକରଣ ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସରକାରଙ୍କ ଏକବର୍ଷର ସଫଳତାର ବିବରଣୀ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ୧୧୫ଟି ପୌରାଞ୍ଚଳ (ୟୁଏଲ୍‌ବି), ଆର୍‌ଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା, ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡିକୁ ଦେଖାଇବା, କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ ଓ ଡକ୍ୟୁମେଣ୍ଟେଶନ ପ୍ରସ୍ତୁତି, ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ନାଗରିକ ଭାଗୀଦାରିତା ଭାବେ ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରି ସୁନିଶ୍ଚିତ କରିବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଝିଞ୍ଜାମ୍ ବନ୍ଦର ଉଦ୍‌ଘାଟିତ ମଞ୍ଚରେ ମୋଦିଙ୍କ ସହ ଯୋଗଦେଲେ ଥରୁର

**ଥିରୁଭାନନ୍ତପୁରମ୍,୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କେରଳରେ ବିଝିଞ୍ଜାମ୍ ଅନ୍ତର୍ଜାତୀୟ ବନ୍ଦରର ଉଦ୍‌ଘାଟନ କରିଛନ୍ତି। ୮,୬୮୬ କୋଟି ଟଙ୍କାରେ ନିର୍ମିତ ଏହି ଟ୍ରାନ୍ସିପମେଣ୍ଟ ବନ୍ଦରର କ୍ଷମତା ଆଗାମୀ ବର୍ଷରେ ୩ ଗୁଣ ହେବା ସହ ବିଶ୍ୱର ସର୍ବବୃହତ୍ ପଣ୍ୟବାହୀ ଜାହାଜଗୁଡ଼ିକ ଏଠାରେ ସହଜରେ ଲାଗିପାରିବ। ଆଦାନୀ ପୋର୍ଟସ୍ ଦ୍ୱାରା ଏହି ବନ୍ଦର ବିକଶିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ଥିରୁଭାନନ୍ତପୁରମ୍‌ର କଂଗ୍ରେସ ଏମ୍‌ପି ଶଶୀ ଥରୁର ଉପସ୍ଥିତ ଥିଲେ। ଥରୁରଙ୍କ ଉପସ୍ଥିତି ଅନେକ ନେତାଙ୍କ ନିଦ ହଜାଇଦେବ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଲକ୍ଷ୍ୟ କରି କହିଛନ୍ତି। ସୂଚନାଯୋଗ୍ୟ, ଥରୁର କିଛିଦିନ ହେଲା ଭାଜପା ପ୍ରତି କୋହଳ ଆଭିମୁଖ୍ୟ ରଖୁଥିବା ନେଇ ନିଜ ଦଳରୁ ସମାଲୋଚିତ ହୋଇ ଆସୁଛନ୍ତି। ନିକଟରେ ପହଲଗାମ୍ ଆକ୍ରମଣକୁ ନେଇ ସେ ସରକାରଙ୍କ ପାକିସ୍ତାନ ବିରୋଧୀ ପଦକ୍ଷେପକୁ ସମର୍ଥନ କରିଥିଲେ। ସେହିପରି ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ମୋଦିଙ୍କ ନେତୃତ୍ୱରେ ଭାରତର ଚତୁର କୂଟନୀତିକୁ ଥରୁର ପ୍ରଶଂସା କରିଥିଲେ। ଶୁକ୍ରବାର ଥିରୁଭାନନ୍ତପୁରରେ ମୋଦି ପହଞ୍ଚିବା ପରେ ବିମାନବନ୍ଦରରେ ଥରୁର ତାଙ୍କୁ ସ୍ୱାଗତ କରିଥିଲେ।

# ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର

## ଜମି ଯୋଗାଣ ସହ ବିଭିନ୍ନ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)**


ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର। ଏଥିସହ ଚିକିତ୍ସା ସେବାରେ ଆହୁରି ଉନ୍ନତି ଆସିବ। ଏନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅଧ୍ୟକ୍ଷ ଡା. ଶୈଳେଶ କୁମାର ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ପ୍ରତିଷ୍ଠାନର ସମ୍ପ୍ରସାରଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରସ୍ତାବ ଓ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ଜରୁରୀ। ଏଥିଲାଗି ଅତିରିକ୍ତ ଜମି ଯୋଗାଇବା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିବା ସହ ଏହାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ସହ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ। ପରେ ଡା. ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ଭେଟି ଏହି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ସବୁ ବିଷୟରେ ପାସ୍, ମାର୍କଶିଟ୍‌ରେ ଫେଲ୍

## ମାଟ୍ରିକ ପରୀକ୍ଷାଫଳରେ ତ୍ରୁଟି

ଏରସମା,୩ା୫ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ମାର୍କଣ୍ଡ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷା ଫଳାଫଳରେ ତ୍ରୁଟି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ୫ ଜଣ ଛାତ୍ର ସବୁ ବିଷୟରେ କୃତକାର୍ଯ୍ୟ ହୋଇଥିଲେ ମଧ ମୋଟ ଫଳାଫଳରେ ଫେଲ୍ ବୋଲି ଦର୍ଶାଯାଇଛି। ଏପରିକି ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ ଓ ମାଟ୍ରିକ ଫରୀକ୍ଷାଫଳ ପ୍ରକାଶିତ ବହିରେ ମଧ ଫେଲ୍ ବୋଲି ଉଲ୍ଲେଖ ରହିଛି। ଏନେଇ ସେମାନେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଛାତ୍ର ଶକ୍ତିପ୍ରସାଦ ବିଶ୍ୱାଳଙ୍କ କହିବାନୁଯାୟୀ, ସେ ଓଡ଼ିଆରେ ୪୬, ଇଂଲିଶ୍ ୩୭, ଭୋକେଶନାଲ ( ଅଟୋମୋଟିଭ )୬୭, ଗଣିତ ୩୪, ବିଜ୍ଞାନ ୩୪, ସାମାଜିକ ବିଜ୍ଞାନରେ ୩୨ ଏହିପରି ମୋଟ୍ ୨୫୦ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ



PERSONAL DETAILS

| | |
|---|---|
| Roll No. | 028AB0103 |
| Candidate Name | SHAKTIPRASAD BISWAL |
| Father's Name | PRABIN BISWAL |
| Mother's Name | LILI BISWAL |
| Date Of Birth | 02/02/2010 |
| Name of the School | MARKANDA VIDYAMANDIR, GADAHARISHPUR |

MARKS AWARDED

| Subject Code | Subject Name | Maximum Marks | Marks Secured |
|---|---|---|---|
| FLO | FIRST LANGUAGE ODIA | 100 | 46 |
| SLE | SECOND LANGUAGE ENGLISH | 100 | 37 |
| AM | AUTOMOTIVE | 100 | 67 |
| MTH | MATHEMATICS | 100 | 34 |
| GSC | GENERAL SCIENCE | 100 | 34 |
| SSC | SOCIAL SCIENCE | 100 | 32 |

FINAL RESULT

| | |
|---|---|
| Grand Total | 250 |
| Result Grade | F |

ଶକ୍ତିପ୍ରସାଦ ବିଶ୍ୱାଳଙ୍କ ମାର୍କଶିଟ୍

ହୋଇଛନ୍ତି। ନିୟମ ଅନୁସାରେ ସବୁ ବିଷୟରେ ୩୦ କିମ୍ବା ତା'ଠାରୁ ଅଧିକ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବା କଥା। ଏହି ଅନୁସାରେ ଶକ୍ତିପ୍ରସାଦଙ୍କୁ ଡି ଗ୍ରେଡ୍ ମିଳିବା କଥା। ମାତ୍ର ମାର୍କଶିଟ୍‌ରେ ଏଫ୍ ଗ୍ରେଡ୍ ଲେଖା ହୋଇଥିବାରୁ ସେ ପରୀକ୍ଷାରେ ପାସ୍ କରି ପାରି ନ ଥିବା ଜଣାପଡ଼ିଛି। ତାଙ୍କ ପରି ଅନ୍ୟ ୪ ଜଣ ଛାତ୍ରଙ୍କ ପରୀକ୍ଷାଫଳରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକମାନେ ଶନିବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସ୍ୱାଇଁ କହିଛନ୍ତି, ୫ ଜଣ ଛାତ୍ରଙ୍କ ମାର୍କଶିଟ୍‌ରୁ ଏଫ୍ ଗ୍ରେଡ୍ ହଟାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଖୁବ୍‌ଶୀଘ୍ର ଏହା ଠିକ୍ ହୋଇଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

ଗଣମାଧ୍ୟମ କେତେକ ନୀତି ଓ ନୈତିକତାକୁ ନେଇ କାର୍ଯ୍ୟ କରୁଛି। ଗଣମାଧ୍ୟମର ପ୍ରତିନିଧିମାନେ ନୀତିଗତ ଦିଗକୁ ପ୍ରତିବଦ୍ଧ ରହିବା ବାଞ୍ଛନୀୟ। ଦୈନନ୍ଦିନ ଖବର ପ୍ରସ୍ତୁତି ବେଳେ ତ୍ରୁଟି ହୋଇପାରେ। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟି ଗ୍ରହଣୀୟ ନୁହେଁ। ଗଣମାଧ୍ୟମରେ ସ୍ୱାଧୀନତା ପାଇଁ ଦାୟିତ୍ୱ ରହିବା ଉଚିତ ବୋଲି ଶନିବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ରେଭେନ୍ସା ରେଡିଓ ପକ୍ଷରୁ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଖବରକାଗଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି।





## ରେଳ ମନ୍ତ୍ରାଳୟ
### [ଦକ୍ଷିଣ ପୂର୍ବ ରେଳପଥ (ନିର୍ମାଣ ସଂଗଠନ)]

**ବିଜ୍ଞପ୍ତି**

**କୋଲକାତା, 11 ଅପ୍ରେଲ, 2025**

**ଏସ୍.ଓ. 1698 (ଇ).-** ଯେହେତୁ, ରେଳୱେ ଅଧିନିୟମ, 1989 (1989ର 24) (ଯାହା ପରବର୍ତ୍ତୀ ସମୟରେ ଉକ୍ତ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପଧାରା (1) ଅନୁସାରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ-II, ଧାରା 3, ଉପଧାରା (ii) (ଯାହା ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେ ପ୍ରକାଶିତ, ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ (ଦକ୍ଷିଣ ପୂର୍ବ ରେଳପଥ / ନିର୍ମାଣ ସଂଗଠନ) ର ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ), ତାରିଖ 11 ଡିସେମ୍ବର, 2023 ଦ୍ୱାରା, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲାରେ ଝାରସୁଗୁଡ଼ା ୟାର୍ଡ ରୂପାନ୍ତିକରଣ (26 କିଲୋମିଟର) ସମେତ ଦୋହରୀ ଲାଇନ ଫ୍ଲାଏ ଓଭର ପରି ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନିଷ୍ପାଦନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟକାରିତା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବା ଅନୁଯାୟୀ ଏହି ଅଧିସୂଚନା ଜାରି କରାଯାଉଛି ।ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ର ସାରାଂଶ 6 ମାର୍ଚ୍ଚ, 2024 ତାରିଖରେ ଉକ୍ତ ଆଇନର ଧାରା 20ଏ ର ଉପ-ଧାରା (4) ଅନ୍ତର୍ଗତ; ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶିତ ହୋଇଥିଲା, ଯଥା 'ପ୍ରମେୟ' (ଓଡ଼ିଆ ସଂସ୍କରଣ), 'ସମ୍ବାଦ' (ଓଡ଼ିଆ ସଂସ୍କରଣ), 'ଦୈନିକ ଜାଗରଣ' (ହିନ୍ଦୀ ସଂସ୍କରଣ) ଏବଂ 'ଟାଇମ୍ସ ଅଫ୍ ଇଣ୍ଡିଆ' (ଇଂରାଜୀ ସଂସ୍କରଣ)। ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ବିରୁଦ୍ଧରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆପତ୍ତି ଗ୍ରହଣ କରାଯାଇନାହିଁ; ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ଏବେ, ଯେହେତୁ, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ ହୋଇଛି, ଉକ୍ତ ଅଧିନିୟମ ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଡି ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ, ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କର ହେବ, ସମସ୍ତ ଜବରଦଖଲରୁ ମୁକ୍ତ।

ଏହି ପରିପ୍ରେକ୍ଷୀରେ, ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ଥାନା/ଜିଲ୍ଲା: ଝାରସୁଗୁଡାର ଖାତା ସଂଖ୍ୟା 747/5243 ର ବ୍ୟକ୍ତିଗତ ପ୍ଲଟ୍ ସଂଖ୍ୟା 5621/10935, ଯାହାର କ୍ଷେତ୍ରଫଳ 0.060 ଏକର, ଯାହାକୁ ଅସାବଧାନତାବଶତଃ ରେଳବାଇ ଆଇନ, 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ **'ଦୋହରୀ ଲାଇନ ଫ୍ଲାଏଓଭର ଝାରସୁଗୁଡ଼ା ୟାର୍ଡ ରୂପାନ୍ତିକରଣ (26 କିଲୋମିଟର)** ସହିତ ଏବଂ **'ବରପାଲି ଲୋଡିଂ ବଲ୍କ'** ପାଇଁ ନିର୍ମାଣ ଅନ୍ତର୍ଭୁକ୍ତ କିମ୍ବା ବିନା ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।

କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା।

| କ୍ର. ସଂ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | 20ଇ ପ୍ରସ୍ତାବିତ କ୍ଷେତ୍ର (ଏକରରେ) | ପଞ୍ଜୀକୃତ ଭଡ଼ାଟିଆ (ଓଡ଼ିଆ ରେ) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 32 | 1441 | ଆ. ସା. | 0.010 | ମହମ୍ମଦ ଇସାକ, ମହମ୍ମଦ ରହମ୍‌ଦତୁଲ୍ଲା ପି: ମହମ୍ମଦ ଇନାୟତ ଜା: ମୁସଲମାନ ବା: ନିଜଗାଁ |
| 2 | | 1427 | ବେ. ପା. | 0.200 | |
| 3 | 70 | 1416 | ମା. ସା. | 0.050 | ସତ୍ୟବତି କିସାନ, ଭାରତୀ କିସାନ, ଅନ୍ନବତୀ କିସାନ ପି- ଗଣ୍ଡା କିସାନ, ମନଚ଼ନ ମାଝୀ, ବିରଞ୍ଚି କୁମାର ମାଝୀ ପି: ଦୁର୍ଯ୍ୟୋଧନ ମାଝୀ, ଶୁକୁ କିସାନ, ପ୍ରସାଦୀ କିସାନ, ସୁମିତ୍ରା କିସାନ ପି: ଖୁଟୁଲା କିସାନ, କୁମର କିସାନ, ବନମାଳୀ କିସାନ, ସରୋଜିନୀ କିସାନ, କିଆ କିସାନ, ଗଦେ କିସାନ, ପାର୍ବତୀ କିସାନ ପି: ଶିବା କିସାନ, ଉଦ୍ଧବ କିସାନ, ନିର କିସାନ, ଅନୁପମା କିସାନ ପି: ଆଷାଢୁ କିସାନ, ବିଷ୍ଣୁ କିସାନ ପି: ଜେଠୁ କିସାନ, ସୁନିଲ କିସାନ, ଦୈତାରି କିସାନ, ଦୟା କିସାନ, ବାସନ୍ତି କିସାନ, ଜୟସିନୀ କିସାନ ପି: ଖେଦୁ କିସାନ, ବୃନ୍ଦାବତୀ କିସାନ ସ୍ୱା ଖେଦୁ କିସାନ, ରୁକ୍ମଣୀ କିସାନ ପି: ଚ଼କ୍ର କିସାନ, ଚନ୍ଦ୍ରକାନ୍ତ କିସାନ, ଅଞ୍ଜଳି କିସାନ, ରୀତାଞ୍ଜଳି କିସାନ, ପୁଷ୍ପାଞ୍ଜଳି କିସାନ ପି: ଯୁଧିଷ୍ଠିର କିସାନ, ସରୋଜିନି କେଛୋ, ବୁନ୍ଦେ କିସାନ ପି: ମଙ୍ଗଲା କିସାନ, ସମିର କିସାନ ପି- ବବୁଲୁ କିସାନ, ସୀତା କିସାନ ସ୍ୱା: ବବୁଲୁ କିସାନ, ମିନକେତନ କିସାନ, ରମେଶ କିସାନ, ସଂଞ୍ଜୁ କିସାନ, ରଞ୍ଜୁ କିସାନ ପି: ଭୁବନ କିସାନ, ସବିତା କିସାନ ସ୍ୱା: ଭୁବନ କିସାନ, ସୁକେଶି କିସାନ ପି: ପିଛାଲୁ କିସାନ ଜା: କିସାନ ବା: ନିଜଗାଁ ପଡା: ବାଲିଯୋରି |
| 4 | 78 | 5818 | ଆ. ସା. | 1.050 | ରାଜବର୍ଦ୍ଧନ ଅଗସ୍ତି, ହର୍ଷବର୍ଦ୍ଧନ ଅଗସ୍ତି, ଅନୁପ ଅଗସ୍ତି,ସର୍ବେଶ ଅଗସ୍ତି, ଶୈଲେଶ ଅଗସ୍ତି,ସୀମା ଅଗସ୍ତି, ସନ୍ଧ୍ୟା ଅଗସ୍ତି ପି: କୃପାଶଙ୍କର ଅଗସ୍ତି, ଅଞ୍ଚଳ ଅଗସ୍ତି ,ପଙ୍କଜ ଅଗସ୍ତି , ମିତା ମିଶ୍ରା ପି: ପ୍ରଭୁଶଙ୍କର ଅଗସ୍ତି, ରୋଲି ମିଶ୍ରା ଉର୍ଫ ଶୁକ୍ଲା ମା-ରକ୍ଷା ମିଶ୍ରା ଉର୍ଫ ଶୁକ୍ଲା, ଭରତ ଅଗସ୍ତି ,ସରିତା ତିୱାରୀ ,ସୁଷମା ତିୱାରୀ, ରତ୍ନା ତିୱାରୀ ପି: ରମଶଙ୍କର ଅଗସ୍ତି, ଆଶୀଷ ଶୁକ୍ଲା ପି: ଗାନ୍ଧୀ ଶୁକ୍ଲା, ନୀରଜା ମିଶ୍ରା ପି: ଗଣେଶ ମିଶ୍ରା, ନିତା ତିବାରୀ , ସୁକନ୍ୟା ଶୁକ୍ଲା, ଜୟଶଙ୍କର ଅଗସ୍ତି ପି: ସିଉମଙ୍ଗଳ ଅଗସ୍ତି, ହରିଶଙ୍କର ଅଗସ୍ତି, ଶିଉଶଙ୍କର ଅଗସ୍ତି, ରବିଶଙ୍କର ଅଗସ୍ତି, ବିଜୟ ଶଙ୍କର ଅଗସ୍ତି ପି: ଉମାଶଙ୍କର ଅଗସ୍ତି, କଳାବତୀ ଅଗସ୍ତି ସ୍ୱା: ଉମାଶଙ୍କର ଅଗସ୍ତି ଜା: ବ୍ରାହ୍ମଣ ବା: ନିଜଗାଁ |
| 5 | 189 | 5658 | ବା. ସା. | 0.050 | ଝାଡି ଉରାମ ପିତା ରାଇଲୋ ଉରାମ ମଙ୍ଗରା ଉରାମ ପିତା :, ଡିବା ଉରାମ ମୁନିଆଁ ଉରାମ ପିତା ମାହାତ ଉରାମ ଜାତି :, ଉରାମ ବାସସ୍ଥାନ ନିଜଗାଁ ପଡା ବାଲିଯୋରି । |
| 6 | | 5626 | ମା. ସା. | 0.050 | |
| 7 | 246 | 1485 | ଆ. ସା. | 0.020 | ଧନନ୍ତରୀ ପଟେଲ ପି: ବଳଦେବ ପଟେଲ, ଦୟା ସାଗର ପଟେଲ ପି: ଚିନ୍ତାମଣି ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରି |
| 8 | 344 | 1495/ 6143 | ଆ. ସା. | 0.140 | ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା:ପୁରନ୍ଦର ମେହେର ଜା: ଭୁଲିଆ ବା: ନିଜଗାଁ ପଡା ପୁରୁଣାବସ୍ତି |
| 9 | 349 | 1443 | ଆ. ସା. | 0.010 | ବେଦମତୀ ପଟେଲ ସ୍ୱା: ଦଶରଥ ପଟେଲ, ବିଦ୍ୟାଧର ପଟେଲ, କେଶରୀ ପଟେଲ, ପ୍ରଶାନ୍ତ ପଟେଲ, ଉଦିତ ପଟେଲ, ଟିକେଶ୍ୱରୀ ନାଏକ, ଜାହ୍ନବୀ ପଟେଲ,ମନୋରମା ପଟେଲ ପି: ଦଶରଥ ପଟେଲ, ସ୍ନେହଲତା ପଟେଲ ସ୍ୱା: ଧନ୍ୱନ୍ତରୀ ପଟେଲ, ରଞ୍ଜନ ପଟେଲ, ମଙ୍ଗଳ ପ୍ରସାଦ ପଟେଲ, ଆରତୀ ପଟେଲ, ବିନତୀ ନାଏକ ପି: ଧନ୍ୱନ୍ତରୀ ପଟେଲ, କେଦାରନାଥ ପଟେଲ,ଶାନ୍ତି ପଟେଲ,ସୁକାନ୍ତି ପଟେଲ, ଲବଙ୍ଗଲତା ନାଏକ, ଝରଣା ପଟେଲ ପି: ଦୟାସଗର ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରୀ |
| 10 | 423 | 1440 | ବୀ. ପା. | 0.050 | ମହମ୍ମଦ ମଜହର ପି: ମହମ୍ମଦ ସୂଜାଏତ, ରହିମାନ ବିବି ସ୍ୱା: ମହମ୍ମଦ ସୂଜାଏତ ଜା: ମୁସଲମାନ ବା: ନିଜଗାଁ |
| 11 | | 1414 | ମା. ସା. | 0.050 | |
| 12 | | 1415 | ମା. ସା. | 0.050 | |
| 13 | | 1425 | ମା. ସା. | 0.040 | |
| 14 | | 1442 | ଆ. ସା. | 0.010 | |
| 15 | 426 | 1421 | ବା. ସା. | 0.070 | ମଜିଦୁନ ବିବି ସ୍ୱା:ନବି ଖାଁ ଜା: ମୁସଲମାନ ବା: ସୁନ୍ଦରଗଡ ଜିଲ୍ଲା ସୁନ୍ଦରଗଡ |
| 16 | | 5660 | ବା. ସା. | 0.010 | |
| 17 | 450 | 5825-A | ଆ. ସା. | 0.052 | ଜସବିର ସୋରେଙ୍ଗ ପି: ଅନୁଗ୍ରହ ପ୍ରସାଦ ସୋରେଙ୍ଗ ଜା: ଖରିଆ ବା: ବାଲିଯୋରୀ, ଝାରସୁଗୁଡ଼ା |
| 18 | | 5825-B | ବା. ସା. | 0.028 | |
| 19 | 461 | 1679/ 6103 | ଆ. ସା. | 0.800 | ପିଙ୍କି ଓରାମ, ରିଙ୍କି ଓରାମ, ଜଗନ୍ନାଥ ଓରାମ, ରିମି ଓରାମ, ଆକାଶ ଓରାମ ପି: ଚିନ ଓରାମ, ଝିମି ଓରାମ ପି: ଜୟସିଂହ ଓରାମ, ରାଜେଶ ଓରାମ ଓରଫ ଲାକଡ଼ା ପି: ମାଲୁ ଓରାମ, ରମେଶ ଲାକଡା, ମହେଶ ଲାକଡା, ଶୁବମ ଲାକଡା, ଲକ୍ଷ୍ମୀ ମିଂଜ୍, ଦୁତି ବାରଲା, ରାଇବାରୀ ବାଗ ପି: ସନିଚ଼ର ଓରାମ, ଗଣପତି ଲାକଡ଼ା ପି: ଭୀମସେନ ଲାକଡ଼ା, ଦ୍ରୋପଦୀ ଲାକଡ଼ା ସ୍ୱା: ଭୀମସେନ ଲାକଡ଼ା ଜା: ଉରାମ ବା: ନିଜଗାଁ |
| 20 | 463 | 5679 | ଆ. ସା. | 0.310 | ମଜନି ଓରାମ, ଶିବ ଓରାମ, ନିଳାମ୍ବର ଓରାମ, ରାଜେନ୍ଦ୍ର ଓରାମ, ଶାନ୍ତି ଓରାମ, ଲୋଭା ଓରାମ ପି: ଜେନା ଉରାମ, ପାର୍ବତୀ ଓରାମ ସ୍ୱା: ଜେନା ଉରାମ ଜା: ଓରାମ ବା: ନିଜଗାଁ |
| 21 | | 5680 | ବେ. ସା. | 0.040 | |
| 22 | 611 | 5822 | ଆ. ସା. | 0.250 | ସୁକାନ୍ତି ଗର୍ଡ଼ିଆ, ପୂଜା ଗର୍ଡ଼ିଆ, ଢ଼ୋଳାମଣି ଗର୍ଡ଼ିଆ, ଲିଜା ଗର୍ଡ଼ିଆ ପି: ରାଜେନ୍ଦ୍ର ଗର୍ଡ଼ିଆ, ଲୋଚନି ଗର୍ଡିଆ @ ମହାନନ୍ଦ ପି: ଶ୍ରୀରାମ ଗର୍ଡ଼ିଆ, ଲୁପାମୁଦ୍ରା ଚୌହାନ ,ବିଶ୍ୱବଳା @ ପୁତୁଳି ତାଣ୍ଡିଆ ,ଦେବସିଂହ ତାଣ୍ଡିଆ ,ଜନସିଂହ ତାଣ୍ଡିଆ ,ସରସ୍ୱତୀ ବଙ୍କରା ପି: ମାଣିକରାମ ଗର୍ଡ଼ିଆ, ଭୁଜପତି ଗର୍ଡ଼ିଆ ପି: ମୁକ୍ତିରାମ ଗର୍ଡ଼ିଆ, ମହେଶ ଗର୍ଡ଼ିଆ, କବିତା ଗର୍ଡ଼ିଆ ପି: କୁଞ୍ଜବିହାରୀ ଗର୍ଡ଼ିଆ, ଭାରତୀ ଗର୍ଡ଼ିଆ ,ସୁନିତା ଗର୍ଡ଼ିଆ ପି: ଜୟଶଙ୍କର ଗର୍ଡ଼ିଆ, ତିଲୋତମା ଗର୍ଡ଼ିଆ ସ୍ୱା: ଜୟଶଙ୍କର ଗର୍ଡ଼ିଆ, ବେଦପଦ ଗର୍ଡ଼ିଆ ପି: ବୁଧୁରାମ ଗର୍ଡ଼ିଆ ଜା: ଗଣ୍ଡା ବା: ନିଜଗାଁ |
| 23 | 747/ 239 | 1482 | ମା. ସା. | 0.030 | ଜୟ ଘାସି, ଭୟ ଘାସି ପି:ହରି ଘାସି ଜା: ଘାସି ବା: ଓ.ଏମ୍.ପି କଲୋନୀ ଭୂଇଁପଡା ଝାରସୁଗୁଡ଼ା |
| 24 | | 1483/6581 | ମା. ସା. | 0.030 | |
| 25 | | 1484/6582 | ମା. ସା. | 0.025 | |
| 26 | 747/ 1157 | 5682/ 7623 | ବେ. ସା. | 0.020 | ଧ୍ୱନ୍ଦା ବାଡା ପି: ରାଜୁ ବାଡା, ତରଣୀ ବାଡା, ହେମନ୍ତ ବାଡା, ଦିପକ ବାଡା ପି: ଧ୍ୱନ୍ଦା ବାଡା ଜା: ଓରାମ ବା: ଝାରସୁଗୁଡ଼ା ବାଲିଯୋରୀ |
| 27 | 747/ 2449 | 5783/ 9139 | ଘରବାରି | 0.010 | ସନ୍ତୋଷ କୁମାର ପଟେଲ ପି:ପଦ୍ମଲୋଚ଼ନ ପଟେଲ ଜା: ଅଘରିଆ ବା: ସାଗରପାଲି, ଥା: ଭଷ୍ମା, ଜି: ସୁନ୍ଦରଗଡ଼ |
| 28 | 747/ 2606 | 1448/ 9316 | ମା. ସା. | 0.090 | ଚ଼ନନ୍ଦ ଘୋଷ ପି:ରଖହରି ଘୋଷ ଜା: କାୟସ୍ଥ ବା: ଆଇ. ଟି କଲୋନୀ, ରାଜଗଙ୍ଗପୁର, ଜି: ସୁନ୍ଦରଗଡ଼ |
| 29 | 747/ 2888 | 5783/ 9626 | ଆ. ସା. | 0.150 | ସୁଜିତ କୁମାର ଦାଶ ପି:ଡ଼ା. କିଶୋର ଚ଼ନ୍ଦ୍ର ଦାଶ ଜା: ବ୍ରାହ୍ମଣ ବା: ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ କଲୋନୀ, ଝାରସୁଗୁଡ଼ା |
| 30 | 747/ 2919 | 5825/ 9656 | ଆ. ସା. | 0.070 | ସରିତା ତୁଙ୍ଗତୁଙ୍ଗ ପି:ଜୋନାସ ତୁଙ୍ଗତୁଙ୍ଗ ଜା: ଖଡିଆ ବା: କବ୍ସ କଲୋନୀ, ଝାରସୁଗୁଡ଼ା |
| 31 | 747/ 3261 | 1504/ 10058 | ଆ. ସା. | 0.275 | ହରିଚନ୍ଦନ ନାଏକ ପି:ନିଳାଦ୍ରି ନାଏକ ଜା: ଅଘରିଆ ବା: ବାଲିଯୋରୀ, ଥା: ତ: ଜି: ଝାରସୁଗୁଡ଼ା |
| 32 | 747/ 3327 | 5815/ 10175 | ଆ. ସା. | 0.010 | ମାଳିକା ପଟେଲ ସ୍ୱା:ଜନ୍ମଜୟ ପଟେଲ ଜା: ଅଘରିଆ ବା: କଙ୍କରାମୁଣ୍ଡା, ଥା: ଲଇକେରା |
| 33 | 747/ 3874 | 1448/ 10753 | ମା. ସା. | 0.010 | ସରସ୍ୱତୀ ଦେବୀ ଛେତ୍ରୀ ସ୍ୱା:ବିନୟ କୁମାର ଛେତ୍ରୀ, ଜା: ଛେତ୍ରୀ ବା: ଓ. ଏସ୍. ଏ. ପି. ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡ଼ା |
| 34 | 747/ 3979 | 5816/ 10862 | ଆ. ସା. | 0.020 | କ୍ଷୀର ସାଗର ମୁଣ୍ଡା ପି:ସୁଦାମ ମୁଣ୍ଡା ଜା: ମୁଣ୍ଡା ବା: ଅଭୟପୁର, ମୁଣ୍ଡାପଡ଼ା, ଥା: ବ୍ରଜରାଜନଗର |
| 35 | 747/ 4002 | 5622/ 10888 | ଘରବାରି | 0.030 | ଶ୍ୟାମ ବାହାଦୂର ରଣା ପି:ପ୍ରେମ ବାହାଦୂର ରଣା ଜା: ରାଜପୁତ ବା: ଓ. ଏସ୍. ଏ. ପି, ଝାରସୁଗୁଡ଼ା |
| 36 | 747/ 4012 | 5622/ 10898 | ଘରବାରି | 0.020 | ରାଜୁ ବାହାଦୂର ଥାପା ପି:ସରତ ବାହାଦୂର ଥାପା ଜା: ରାଜପୁତ ବା: ସେକ୍ଟର - 21, ରାଉରକେଲା, ଜି: ସୁନ୍ଦରଗଡ଼ |
| 37 | 747/ 4033 | 5622/ 10917 | ଘରବାରି | 0.080 | କେ ପଦ୍ମା ଦୋରା ସ୍ୱା:କେ ମୋହନ ରାଓ ଦୋରା ଜା: ତେଲେଙ୍ଗା ବା: ବେହେରାମାଲ, ଝାରସୁଗୁଡ଼ା |
| 38 | 747/ 4804 | 5622/ 11587 | ଘରବାରି | 0.050 | ସଂଜୁକ୍ତା ମେହେର ସ୍ୱା:ଡମ୍ବୁରୁଧର ମେହେର ଜା: ଭୁଲିଆ ବା: ତାଲମାଲ,ଝାରସୁଗୁଡ଼ା |
| 39 | 747/ 4805 | 5622/ 11588 | ମା. ସା. | 0.050 | ପ୍ରିୟବ୍ରତ ବାରିକ ପି:ହୁକୁମ ବାରିକ ଜା: କୁଲତା ବା: କଣ୍ଟେଇକେଲା,ଥା-ରେଙ୍ଗାଲି,ଜି-ଝାରସୁଗୁଡ଼ା |
| 40 | 747/ 5425 | 5620/ 12074 | ଆ. ସା. | 0.040 | ଜୟଶ୍ରୀ ସାହୁ ସ୍ୱା:ବୁଦ୍ଧଦେବ ସାହୁ ଜା: ଖଣ୍ଡାୟତ ବା: ଅର୍ଡା, ଥା:ଲଇକେରା, ଜି:ଝାରସୁଗୁଡ଼ା |
| 41 | 747/ 5739 | 5622/ 12331 | ଘରବାରି | 0.035 | ବିନୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରମୁଣ୍ଡା ପଡ଼ା, ଝାରସୁଗୁଡ଼ା |
| 42 | 747/ 5740 | 5622/ 10913 | ଘରବାରି | 0.035 | ଉଦୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରସୁଗୁଡ଼ା |
| 43 | 747/ 5858 | 5623/ 12433 | ଘରବାରି | 0.026 | ସସ୍ମିତା ପ୍ରଧାନ ସ୍ୱା:ବିରେନ କୁମାର ଗଡନାୟକ ଜା: ଚଷା ବା: ଝଟିକିପାସି, ଥା/ଜି-ଦେବଗଡ଼, ହା.ନି. ବେହେରାମାଲ, ଝାରସୁଗୁଡ଼ା |
| 44 | | 5624/ 12432 | ଘରବାରି | 0.030 | |
| 45 | 747/ 5896 | 1489/ 12477 | ଆ. ସା. | 0.040 | ଅକ୍ଷୟ କୁମାର ନାଏକ ପି:ରତନ କୁମାର ନାଏକ ଜା: ଅଘରିଆ ବା: କୁରେବଗା, ଥା-ବଡ଼ମାଲ, ଝାରସୁଗୁଡ଼ା |
| 46 | 747/ 5911 | 5624/ 12485 | ଘରବାରି | 0.071 | ମିଲିନାମୟୀ ଧଳ ସ୍ୱା:ଆଲୋକ କୁମାର ଧଳ ଜା: ଖଣ୍ଡାୟତ ବା: କୋଲିଡ଼ିହ, ଜି-କେନ୍ଦ୍ରାପଡ଼ା, ହା.ନି. ବମ୍ବେଛକ, ଝାରସୁଗୁଡ଼ା |
| 47 | 747/ 6034 | 1489/ 9752 | ଆ. ସା. | 0.025 | ସହଦେବ ନାଏକ ପି:ନାରାୟଣ ନାଏକ ଜା: ଅଘରିଆ ବା: କୁରେବଗା, ଝାରସୁଗୁଡ଼ା |
| 48 | 747/ 6317 | 5616/ 12781 | ମା. ସା. | 0.030 | ତ୍ରିବିକ୍ରମ ସିଂହ ପି:ଗର୍ଜନ ସିଂହ ଜା: ଗଣ୍ଡା ବା: ପାନପାଲି, ଥା-ଲଇକେରା, ଝାରସୁଗୁଡ଼ା |
| 49 | 747/ 6453 | 5621/ 11086 | ଆ. ସା. | 0.040 | ଟୁଲ ବାହାଦୁର ବରଘରେ ପି:ଟିକାରମ ବରଘରେ ଜା: ନେପାଳୀ ବା: ଓ ଅସ ଏପି 2ୟ ବାଟାଲିୟନ, ଝାରସୁଗୁଡ଼ା |
| 50 | 747/ 6694 | 5681 | ବେ. ସା. | 0.010 | ଗୁଣନିଧି କିସାନ ପି:ବିଷ୍ଣୁ କିସାନ ଜା: କିସାନ ବା: ବାଲିଯୋରୀ, ଛତ୍ରିଆକଟା, ଝାରସୁଗୁଡ଼ା |
| **ଖ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 3, ଦେବାଡିହି , ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 87 | 3292/ 4073 | ଆ. ସା. | 0.020 | ଗୋବିନ୍ଦ ରାମ ଗଣ୍ଡା, ମଧୁକର ଗଣ୍ଡା, ମେଘୁ ଗଣ୍ଡା ପି: ଗରିବ ଗଣ୍ଡା ଜା: ଗଣ୍ଡା ବା: ବାଲିଯୋରୀ |
| 2 | 169 | 2862 | ବେ. ସା. | 0.010 | ସଂଜୟ ଦଣ୍ଡସେନା , ଶଙ୍କର ଦଣ୍ଡସେନା , ହେମଲତା ଦଣ୍ଡସେନା, ସାବିତ୍ରି ପ୍ରଧାନ ପି- ତ୍ରିନାଥ ଦଣ୍ଡସେନା, ପୂର୍ଣ୍ଣମୀ ଦଣ୍ଡସେନା ସ୍ୱା: ତ୍ରିନାଥ ଦଣ୍ଡସେନା, କୁନ୍ତଲା କିସାନ, ଗୋଲାପ ବାଗ, ଡିଲେଶ୍ୱରୀ ପିଙ୍ଗ, ମଧୁସୁଦନ ବାଗ, ଚିତ୍ତରଞ୍ଜନ ବାଗ ପି: ହୀରା ବାଗ, ଦ୍ରୌପଦୀ ମାଝୀ,ସନାତନ ଦଣ୍ଡସେନା, ଯଶୋଦା ମାଝି, ଚର୍ତୁଭୁଜ ଦଣ୍ଡସେନା, କୌଶଲ୍ୟା ପ୍ରଧାନ , ଦେବକୀ କିସାନ ପି: ହେମସାଗର ଦଣ୍ଡସେନା, ଜମ୍ବୋବତୀ କିସାନ,ବିନୋଦ ଦଣ୍ଡସେନା ପି: ପୁରନ୍ଦର ଦଣ୍ଡସେନା, ଯୋଗେନ୍ଦ୍ର ପ୍ରଧାନ ପି: ମହେଶ ପ୍ରଧାନ, କିଶୋରୀ ଦଣ୍ଡସେନା, ମିନା ଦଣ୍ଡସେନା, ବିଘ୍ନେଶ୍ୱର ଦ ଦଣ୍ଡସେନା ପି: କାନ୍ତି ଦଣ୍ଡସେନା, ଧରମୁ ଦଣ୍ଡସେନା ,ସନ୍ଜୁର୍ଯ୍ୟ ଦଣ୍ଡସେନା , ଭଗବାନ ଦଣ୍ଡସେନା ,ଶୁଖି ଦଣ୍ଡସେନା ଉର୍ଫ ପ୍ରଧାନ ପି: ବାଲମକୁନ୍ଦ ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 3 | | 2864 | ବା. ସା. | 0.410 | |
| 4 | | 3196 | ମା. ସା. | 0.020 | |
| 5 | | 3446 | ମା. ସା. | 0.005 | |
| 6 | | 3447 | ମା. ସା. | 0.005 | |
| 7 | | 3458 | ମା. ସା. | 0.020 | |
| 8 | | 3470 | ଆ. ସା. | 0.015 | |
| 9 | 170 | 3449 | ମା. ସା. | 0.020 | ତ୍ରିନାଥ ଦଣ୍ଡସେନା ପି: ଘନଶ୍ୟାମ ଦଣ୍ଡସେନା ଜା: କିସାନ ବା: ନିଜଗାଁ, ରତ୍ନାବତୀ ବାଗ ପି: ମହେଶ୍ୱର ଦଣ୍ଡସେନା ଜା: କିସାନ ବା: ବାଙ୍କି ଲଏକେରା |
| 10 | | 3463 | ଆ. ସା. | 0.010 | |
| 11 | 180 | 3189/ 4051 | ଆ. ସା. | 0.030 | ତ୍ରିନାଥ ଦଣ୍ଡସେନା, ହିରା ବାଗ, ପିତା: ଘନଶ୍ୟାମ ଦଣ୍ଡସେନା, :,ହେମ ସାଗର ଦଣ୍ଡସେନା, ପିତା: ଶୁଖି ଦଣ୍ଡସେନା, :,ପୁରନ୍ଦର ଦଣ୍ଡସେନା, ପିତା ବୁଡା ଦଣ୍ଡସେନା ପଦ୍ମା ଦଣ୍ଡସେନା :, ପିତା: ଭୁଲା ଦଣ୍ଡସେନା, କସ୍ତୁରୀ ଦଣ୍ଡ଼ସେନା ସ୍ୱାମି ଭୁଲା :,ଦଣ୍ଡସେନା କାନ୍ତି ଦଣ୍ଡସେନା ପିତା ଭୁଲା ଦଣ୍ଡସେନା ବାଳମକୁନ୍ଦ :,ଦଣ୍ଡସେନା ପିତା ଲିମ୍ବ ଦଣ୍ଡ଼ସେନା ଜାତି କିସାନ ବାସସ୍ଥାନ :,ଝାରସୁଗୁଡ଼ା ଟାଉନ ପଡା ଦେବାଡିହି ବେଆଇନ ଖରିଦ ସୁତ୍ରେ :, ଦଖଲ ରମେନ୍ଦ୍ରନାଥ ମୁଖାର୍ଜୀ ପିତା ବିଶେଶ୍ୱର ମୁଖାର୍ଜୀ :,ଜାତି ବ୍ରାହ୍ମଣ ବାସସ୍ଥାନ ନିଜଗାଁ ପଡା କାଳିମନ୍ଦିର :,ରେଜିଷ୍ଟ୍ରି ଦଲିଲ ନମ୍ବର 1404 ତାରିଖ 21.7.67 ଜର ସମନ :,ଟଙ୍କା 100.00 । ବା: |
| 12 | 194 | 3536 | ବା. ପା. | 0.020 | ଧ୍ରୁବ ଚରଣ ପାଣ୍ଡେ, କଳ୍ପନା ନାଏକ, ଅଞ୍ଜନା ପଟେଲ , ହରିଶ୍ଚନ୍ଦ୍ର ପାଣ୍ଡେ ପି: ଦୀନମଣି ପାଣ୍ଡେ, କଳ୍ପନା ପାଣ୍ଡେ ସ୍ୱା: ପ୍ରହଲ୍ଲାଦ ପାଣ୍ଡେ, ଆଲିସା ପାଣ୍ଡେ, ଅଲିଭା ପାଣ୍ଡେ, ଆକୃତୀ ପାଣ୍ଡେ ପି: ପ୍ରହଲ୍ଲାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 13 | 206 | 3226 | ବା. ସା. | 0.250 | ଦେବେନ୍ଦ୍ର ପ୍ରସାଦ ପାଣ୍ଡେ ପି:ଭୀଷ୍ମଦେବ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 14 | 263 | 3263 | ବା. ସା. | 0.010 | ପୁରନ୍ଦର ମେହେର ପି:ମୁନୁ ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପଡା: ପୁରୁଣାବସ୍ତି |
| 15 | | 3264 | ବେ. ସା. | 0.005 | |
| 16 | 268 | 3222 | ବା. ସା. | 0.080 | ବୁଧବାରି ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ହିରାବତୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, କ୍ଷୀରବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତି ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 17 | | 3223 | ବା. ସା. | 0.050 | |
| 18 | 332 | 3407 | ଆ. ସା. | 0.010 | ନିରଞ୍ଜନ ପ୍ରଧାନ, ଶ୍ରୀପ୍ରସାଦ ପ୍ରଧାନ ପି: ଭୀମ ପ୍ରଧାନ ଜା: କିସାନ ବା: ନିଜଗାଁ |
| 19 | 347 | 3226/ 4170 | ବା. ସା. | 0.115 | ବାସୁଦେବ ପାଣ୍ଡେ, ପାର୍ବତୀ ପାଣ୍ଡେ ପି: ମହେନ୍ଦ୍ର ପ୍ରସାଦ ପାଣ୍ଡେ, ତପସ୍ୱିନୀ ପାଣ୍ଡେ ସ୍ୱା: ମହେନ୍ଦ୍ର ପ୍ରସାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 20 | 389 | 3494 | ବା. ପା. | 0.010 | ରୋହିତକୁମାର ପାଣ୍ଡେ ପି:ଜଗନ୍ନାଥ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 21 | 409 | 3254 | ଆ. ସା. | 0.020 | ଲକ୍ଷ୍ମୀଧର ମେହେର, ଗୋବିନ୍ଦ ମେହେର ପି: ଛାଲଖାଇ ମେହେର, ଶ୍ରୀଆ ମେହେର, ବେଲମତୀ ମେହେର ପି: ଚୂଡାମଣି ମେହେର, ବିଦ୍ୟାଧର ମେହେର, ଚିନ୍ତାମଣୀ ମେହେର ପି: ବିଟ ମେହେର, ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା: ପୁରନ୍ଦର ମେହେର, ନାରାୟଣ ମେହେର ପି: ମଙ୍ଗତା ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପୁରୁଣାବସ୍ତି |
| 22 | 453 | 3233 | ଆଡି | 0.020 | ତପସ୍ୱିନି ମାଝୀ ପି:ଶିବ ମାଝୀ ଜା: କିସାନ ବା: ନିଜଗାଁ |
| 23 | | 3235 | ଆଡି | 0.020 | |
| 24 | | 3238 | ମୁଣ୍ଡା | 0.035 | |
| 25 | 536/ 1952 | 3467 | ମା. ସା. | 0.015 | ବୁଧୁବାରୀ ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ , ଗୋପବନ୍ଧୁ ପ୍ରଧାନ , ହୀରାବତୀ ପ୍ରଧାନ , ଗୋବର୍ଦ୍ଧନ ପ୍ରଧାନ, ଖିରାବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତୀ ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 26 | 536/ 1953 | 3193 | ମା. ସା. | 0.010 | ସଦା ଦଣ୍ଡସେନା ପି:ଚମ୍ପା ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 27 | | 3194 | ମା. ସା. | 0.010 | |
| 28 | | 3448 | ମା. ସା. | 0.005 | |
| **ଗ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର ୫, ମାଳିମୁଣ୍ଡା, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 47 | 2111 | ଆ. ସା. | 0.090 | ଗୌରୀ ଶଙ୍କର ନାଏକ, ଜନକ ପଟେଲ, ସ୍ନେହଲତା ପଟେଲ, ପ୍ରେମ ପଟେଲ, ପୁଷ୍ପ ପଟେଲ ପି: ବୈକୁଣ୍ଠ ନାଏକ, ଲଳିତା ନାଏକ ସ୍ୱା: ବୈକୁଣ୍ଠ ନାଏକ, ଗୋକୁଳ ବିହାରି ନାଏକ, ମଣି ପଟେଲ ପି: ହିରାଧର ନାଏକ, ନିଳାବତୀ ନାଏକ ସ୍ୱା: ହିରାଧର ନାଏକ, ହେମାଦ୍ରୀ ନାଏକ, ଭବାନୀ ଶଙ୍କର ନାଏକ, ନୃପ କିଶୋର ନାଏକ, ସାବିତ୍ରୀ ପଟେଲ, ମିରା ନାଏକ, କିନୀ ଚୌଧୁରୀ ପି: ଯୋଗେନ୍ଦ୍ର ନାଏକ, ସୁଲଚନା ନାଏକ ସ୍ୱା: ଯୋଗେନ୍ଦ୍ର ନାଏକ, ବିଜୟକୁମାର ନାଏକ, ପ୍ରଫୁଲ କୁମାର ନାଏକ, ଗିରିଧାରି ନାଏକ ପି: ଚନ୍ଦ୍ର ଶେଖର ନାଏକ ଜା: ଅଘରିଆ ବା: ନିଜଗାଁ |
| 2 | | 2112 | ଆ. ସା. | 0.230 | |
| **ଘ) ମୌଜା: ଧୂତରା, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 28 | 1329 | ମା. ସା. | 0.010 | କୁମର କିସାନ ପି:କେନ୍ଦି କିସାନ ଜା: କିସାନ ବା: ନିଜଗାଁ |
| 2 | 52 | 1284 | ମା. ସା. | 0.010 | ଘସିଆ ଗଣ୍ଡା ପି:ବଳ ଗଣ୍ଡା ଜା: ଗଣ୍ଡା ବା: ନିଜଗାଁ |
| 3 | | 1297 | ମା. ସା. | 0.020 | |
| 4 | | 1298 | ମା. ସା. | 0.170 | |
| 5 | 67 | 1281 | ମା. ସା. | 0.010 | ଜଳନ୍ଧର ପାନ, ନିରନ୍ଧର ପାନ, ଜଗତ ପାନ, ହରିଲାଲ ପାନ, ଜଳନି ପାନ ପି: ଲାଲ ପାନ, ବସନ୍ତ ପାନ ପି: କୁଡୁନୁ ପାନ ଜା: ପାଣ ବା: ନିଜଗାଁ |
| 6 | | 1285/ 1675 | ଆ. ସା. | 0.200 | |
| 7 | 104 | 1285 | ମା. ସା. | 0.120 | ପୂର୍ଣ୍ଣଚନ୍ଦ୍ର ପାନ, ନାରାୟଣ ପାନ, ନବିନ ପାନ, ଟିକେଶ୍ୱର ପାନ, ଶୁଶିଲା ପାନ, ସୁବିଧା ପାନ, ସୁଦେଷ୍ଣା ପାନ ପି: ରାମଚନ୍ଦ୍ର ପାନ, ବଚନି ପାନ ସ୍ୱା: ରାମଚନ୍ଦ୍ର ପାନ, ଶ୍ୟାମସୁନ୍ଦର ପାନ ପି: ଦୁସମନ ପାନ ଜା: ପାନ ବା: ନିଜଗାଁ |
| 8 | | 1285/ 1550 | ମା. ସା. | 0.120 | |
| 9 | 105 | 1274 | ଆ. ସା. | 0.690 | ପୂର୍ଣ୍ଣଚନ୍ଦ୍ର ମାଙ୍କର, ସରଜିନି ମାଙ୍କର ପି: ଆନନ୍ଦ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ସୁମିତ୍ରା ମାଙ୍କର ସ୍ୱା: ଆନନ୍ଦ ମାଙ୍କର ଜା: ଗଉଡ଼ ବା: ସାରସମାଲ |
| 10 | 171 | 1326 | ମା. ସା. | 0.010 | ହୃଦା ଗର୍ଡିଆ ପି: କୁଲ ଗର୍ଡିଆ, କର ଗର୍ଡିଆ ପି: ଭୁଲା ଗର୍ଡିଆ, ଜିତେନ ଗର୍ଡିଆ ପି: କୁଲ ଗର୍ଡିଆ, ତେଜବତୀ ଗର୍ଡିଆ ସ୍ୱା: ବେଣୁଧର ଗର୍ଡିଆ, ରାଜାରାମ ଗର୍ଡିଆ, ରାଧେଶ୍ୟାମ ଗର୍ଡିଆ, ପାର୍ବତୀ ଗର୍ଡିଆ ପି: କେଶବ ଗର୍ଡିଆ , ନବୀନ ଚନ୍ଦ୍ର ଗର୍ଡିଆ, ସୁକାନ୍ତି ଗର୍ଡିଆ, ଶକୁନ୍ତଳା ଗର୍ଡିଆ ପି- ଚେରୁ ଗର୍ଡିଆ :, ନିରୁପମା ଗର୍ଡିଆ, ସ୍ୱା-ନବଘନ ଗର୍ଡିଆ :, ଆଲୋକ ଗର୍ଡିଆ ପି- ନବଘନ ଗର୍ଡିଆ :, ମଲ୍ଲି ଗର୍ଡିଆ, ସ୍ୱା- ରୂମଣି ଗର୍ଡିଆ :, ରୋହନ ଗର୍ଡିଆ , ଦର୍ଶନ ଗର୍ଡିଆ , ଜଗନ୍ନାଥ ଗର୍ଡିଆ ପି- ସତ୍ୟ ନାରାୟଣ ଗର୍ଡିଆ :, ରାଜକୁମାରୀ ଗର୍ଡିଆ ସ୍ୱା- ସତ୍ୟ ନାରାୟଣ ଗର୍ଡିଆ :, ରତ୍ନାକର ଗର୍ଡିଆ ବିଳାସିନୀ ଗର୍ଡିଆ, ସନ୍ତୋଷିନୀ ଗର୍ଡିଆ, ଦେବସିନୀ ଗର୍ଡିଆ ପି- ରୂମଣି ଗର୍ଡିଆ ଜା: ଗଣ୍ଡା ବା: ନିଜଗାଁ |
| 11 | | 1331 | ମା. ସା. | 0.010 | |
| 12 | 186 | 1341 | ବଗାୟତ-2 | 0.010 | କସ୍ତୁ ବାଗ ପି: କଲିଆ ବାଗ, କାଡିଆ ବାଗ ପି: ବୁଧୁ ବାଗ, ବଲିଆର ବାଗ ପି: ଭୁଦୁ ବାଗ, ମହେନ୍ଦ୍ର ବାଗ,ଭୀଷ୍ମ ବାଗ, ବିପିନ ବାଗ ପି: କସ୍ତୁ ବାଗ ଜା: କିସାନ ବା: ନିଜଗାଁ, କୁଂଜଲତା ବାଗ ସ୍ୱା: ଅଧିବାସ ବାଗ, ସୁକୁନ ପ୍ରଧାନ, ସରୋଜିନୀ କିସାନ, ସରସ୍ୱତୀ ମାଝୀ, ଫୁଲମଣୀ ମିର୍ଧା, ସବିତା ଶେଉଳ ପି:ସୁଜନ ବାଗ :, ଜୟସିଂ ବାଗ, ପଦ୍ମିନୀ ଛତ୍ରିଆ, ଚିତ୍ତ ବାଗ, ଚିତ୍ର ବାଗ, ସୁନୀଲ ବାଗ ପି:ସହଦେବ ବାଗ, ସାଇବନି ବାଗ ସ୍ୱା:ଦୁର୍ଗାଚରଣ ବାଗ :, ପୁଷ୍ପମା ପ୍ରଧାନ, ଉର୍ବଶୀନି ପ୍ରଧାନ, ଜୟକିଶୋର ବାଗ, ଯଶୋଦା ପ୍ରଧାନ, ଜଗଦୀଶ ବାଗ, ବିଶାଖା ମିର୍ଧା, ଜନନୀ ମାଝୀ ପି: ଫକୀର ମୋହନ ବାଗ, ଫେଦେଇ ବାଗ ସ୍ୱା: ଶ୍ରୀମଙ୍ଗଳ ବାଗ |
| 13 | | 1350/ 1554 | ମା. ସା. | 1.350 | |
| 14 | | 1287 | ପତିତ | 0.080 | |
| 15 | | 1294 | ମା. ସା. | 0.150 | |
| 16 | | 1295 | ଆ. ସା. | 0.130 | |
| 17 | 200/ 149 | 1285/ 1878 | ଆ. ସା. | 0.220 | ସଂଜୟ କୁମାର ବଖରା ପି:ଛବିଲ ବଖରା ଜା: ଗଣ୍ଡା ବା: ଅର୍ଡା ( ଜାମକାନି ) |
| 18 | 200/ 150 | 1285/ 1879 | ଆ. ସା. | 0.100 | ଖେଦାରୀ ବଖରା ପି:ଅଖିଳଚରଣ ବଖରା ଜା: ଗଣ୍ଡା ବା: ଅର୍ଡା, ଜାମକାନି |
| 19 | 200/ 195 | 1235 | ବା. ସା. | 0.120 | ପ୍ରମୋଦ କୁମାର ମହାପାତ୍ର ପି:ରମେଶ ଚନ୍ଦ୍ର ମହାପାତ୍ର ଜା: ବ୍ରାହ୍ମଣ ବା: ଲେକଚର କଲୋନୀ ବେହେରାମାଳ , ଜିଲ୍ଲା - ଝାରସୁଗୁଡ଼ା |
| **ଙ) ମୌଜା: ସରସପଲ୍ଲୀ, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 1 | 143 | ବେ. ସା. | 0.050 | ଆନନ୍ଦ ମାଙ୍କର ପି: ଦଶରଥ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ଯୁଗେଶ୍ୱର ମାଙ୍କର, ପୂର୍ଣ୍ଣମାସୀ ମାଙ୍କର, ପାନିବୁଡ଼ୀ ମାଙ୍କର, ଶୁଶୀଳା ମାଙ୍କର, ସାବିତ୍ରୀ ମାଙ୍କର ପି: ବନମାଳୀ ମାଙ୍କର, ନିରାସୀ ମାଙ୍କର ସ୍ୱା: ବନମାଳୀ ମାଙ୍କର, ବ୍ରଜ ମାଙ୍କର ପି: ଉଷତ ମାଙ୍କର ଜା: ଗୌଡ଼ ବା: ନିଜଗାଁ |
| 2 | | 144 | ଆ. ସା. | 0.100 | |
| 3 | | 145 | ବେ. ସା. | 0.110 | |
| 4 | 10 | 9 | ଆ. ସା. | 0.020 | କ୍ଷେତ୍ର ମାଝୀ, ନିଳାମ୍ବର ମାଝୀ ପି: କାନ୍ତାଲୁ ମାଝୀ ଜା: ଗଣ୍ଡ ବା: ନିଜଗାଁ |
| 5 | 61 | 1 | ଆ. ସା. | 0.180 | କରୁଣାକର ପଟେଲ ପି- ଭାଗୀରଥି ପଟେଲ :, ନେତ୍ର ପଟେଲ, ସୁରେନ୍ଦ୍ର ପଟେଲ, କୃଷ୍ଣ ପଟେଲ, ପାର୍ବତୀ ପଟେଲ ମାତା- ଯଜ୍ଞସେନୀ ପଟେଲ ଜା: ମାଲି ବା: ନିଜଗାଁ |
| 6 | | 11 | ମା. ସା. | 0.010 | |
| **ଚ) ମୌଜା: କୁଶରା, ତହସଲି/ଥାନା: ହେମଗିରୀ, ଜିଲ୍ଲା: ସୁନ୍ଦରଗଡ଼** | | | | | |
| 1 | 61/77 | 90/1048 | ବେ. ସା. | 0.410 | ଭୋପାଲ ଚନ୍ଦ୍ର ପଟେଲ ପି:ବୈକୁଣ୍ଠ ପଟେଲ ଜା: ଅଘ୍ରିଆ ବା: ନିଜଗାଁ |
| **ଛ) ରେଲୱେ ଅଧିନିୟମ 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି। ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା / ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 747/ 5243 | 5621/ 10935 | ଘରବାରି | 0.060 | ସୁଜିତ କୁମାର ମହାପାତ୍ର ପି:ବଳରାମ ମହାପାତ୍ର ଜା: ବ୍ରାହ୍ମଣ ବା: ବେହେରାମାଲ, ଝାରସୁଗୁଡ଼ା |

SIBA PRASAD TRIPATHY Digitally signed by SIBA PRASAD TRIPATHY Date: 2025.04.29 13:22:35 +05'30'

[ଫାଇଲ୍ ନଂ. ଦପୂରେ/ନିର୍ମାଣ-ସଂଗଠନ/ମୁଖ୍ୟାଳୟ/ଭୂମି/ଡିସିଇ/ସି/ଝାରସୁଗୁଡ଼ା/ଏଲ୍.ଏ/ଏମସିଏଲ ଦୋହରିକରଣ-7]

(PR-77) ରାଜୀବ ଶ୍ରୀବାସ୍ତବ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହ ଆମେ ସେବାରତ

"କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ- ଅମଙ୍ଗଳ ମଧ୍ୟରେ ରହିଥିବା ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ- ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା- ଏହା ହିଁ ଯଥାର୍ଥ ଧର୍ମ ଓ ନୀତି।" -ଶ୍ରୀଅରବିନ୍ଦ



# ଏବକାର ଭାରତ-ପାକିସ୍ତାନ



ଆକାର ପଟେଲ

୧୯୯୦ ଦଶକରୁ ଆରମ୍ଭ କରି ଏଇ ବିଗତ କିଛିବର୍ଷ ପର୍ଯ୍ୟନ୍ତ ଭାରତ ହାଇଫେନ୍ ଦୂରୀକରଣ (ଅର୍ଥାତ୍ ନିଜକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିବା) ଉପରେ ଗୁରୁତ୍ୱ ଦେଇ ଆସୁଛି। ଏହି ଆଲୋଚ୍ୟ ହାଇଫେନ୍‌ଟି ବିଶେଷକରି 'ଇଣ୍ଡୋ-ପାକ୍' ବା 'ଭାରତ-ପାକିସ୍ତାନ' ଭିତରେ ଥିବା ହାଇଫେନ୍‌କୁ ସୂଚିତ କରୁଛି (ଅର୍ଥାତ୍ ଭାରତ ଓ ପାକିସ୍ତାନକୁ ଏକାଠି କରି ଦେଖାଯାଉଛି)। ଏହି ଦୁଇଟିଯାକ ଦେଶ ଭିତରୁ କୌଣସି ବି ଅନ୍ୟର ଛାୟାରୁ ଅଲଗା କରି ବିଶ୍ୱର କୌଣସି ଦେଶ ଦେଖୁନି ନାହିଁ ଏହି ବିଚାରଧାରା ଦୃଷ୍ଟିରୁ କ୍ଲିଣ୍ଟନ ପ୍ରଶାସନର ଜଣେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ରବିନ ରାଫେଲଙ୍କ ସମେତ ଅନ୍ୟ ଆମେରିକୀୟ କୂଟନୀତିଜ୍ଞମାନେ ଭାରତ ଗସ୍ତରେ ଆସୁଥିବାବେଳେ ପାକିସ୍ତାନ ଗସ୍ତରେ ଯାଉଥିଲେ। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ 'ସନ୍ତୁଳନ' ରକ୍ଷା କରିବା ପାଇଁ ସେମାନେ ଏଭଳି ବାର୍ତ୍ତା ଦେବାକୁ ଚାହୁଁଥିଲେ। ଏପରି କି ୨୦୦୦ରେ ରାଷ୍ଟ୍ରପତି କ୍ଲିଣ୍ଟନ ଭାରତ ଗସ୍ତରେ ଆସି ଫେରିବା ବାଟରେ ପାକିସ୍ତାନରେ କିଛି ଘଣ୍ଟା ରହିଥିଲେ।

ଭାରତ ତାହାର ପଡ଼ୋଶୀ ତଥା ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶକୁ ବିରୋଧ କରୁଥିବାରୁ ଏବଂ ନିଜକୁ ବୃହତ୍ ଶକ୍ତି, ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଭାବୁଥିବାରୁ ହାଇଫେନ୍ ବିଚାରକୁ ଭଲ ପାଉନାହିଁ, ଅର୍ଥାତ୍ ନିଜକୁ ପୃଥକ୍ ଭାବେ ଦେଖିବାକୁ ଚାହେଁ। ୧୯୯୮ରେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଛିନ୍ନ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଭାରତ ମେ' ମଧ୍ୟଭାଗରେ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବା ପରେ ନୱାଜ ସରିଫଙ୍କ ନେତୃତ୍ୱାଧୀନ ପାକିସ୍ତାନ ୨୮ ମେ'ରେ ସମାନ କାର୍ଯ୍ୟ କରିଥିଲା। ୧୯୯୯ରେ କାର୍ଗିଲ ଯୁଦ୍ଧ ହୋଇଥିଲା। ପରମାଣୁ ଅସ୍ତ୍ରଧାରୀ ଦୁଇ ଦେଶ ପାରମ୍ପରିକ ଧାରାରେ ଲଢ଼ିଥିବା ବିଶ୍ୱ ଦେଖିଥିଲା। କ୍ଲିଣ୍ଟନ ଏ କ୍ଷେତ୍ରରେ ଆଗକୁ ଆସି ପାକିସ୍ତାନକୁ କାର୍ଗିଲରୁ ସେନା ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ। ଏହା ପରେ ଦୁଇଟି ଘଟଣା ଘଟିଥିଲା, ଯାହା ହାଇଫେନ୍‌କୁ ଦୂର କରିଥିଲା, ଅର୍ଥାତ୍ ଦୁଇ ଦେଶକୁ ଅଲଗା ଭାବେ ଦେଖାଯାଉଥିଲା। ପ୍ରଥମଟି ହେଲା ୧୧ ସେପ୍ଟେମ୍ବର ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ ଆମେରିକା ସନ୍ତ୍ରାସବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ତାଲିବାନ ନିୟନ୍ତ୍ରିତ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବା ପାଇଁ ପାକିସ୍ତାନର ଆବଶ୍ୟକତା ଥିଲା। ଆମେରିକା / ନାଟୋ ମିଲିଟାରି ପାଇଁ ସମସ୍ତ ଲଜିଷ୍ଟିକ ଓ ଅସ୍ତ୍ରଶସ୍ତ୍ର ସମୁଦ୍ରପଥରେ ପାକିସ୍ତାନ ଦେଇ ଯାଉଥିଲା। ଜେନେରାଲ ପରଭେଜ ମୁଶରଫ୍ ଏହାକୁ ଗ୍ରହଣ କରିଥିଲେ ଏବଂ ନୱାଜ ସରିଫଙ୍କୁ ବିରୋଧ କରି ଶାସନ ଦଖଲ କରିବା କାର୍ଯ୍ୟକୁ ଅଣଦେଖା କରାଯାଇଥିଲା। ବୈଶ୍ୱିକ ସ୍ତରରେ ମୁଶରଫ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଭାରତ ଈର୍ଷାକୁ ହୋଇପଡ଼ିଥିଲା। କିନ୍ତୁ ବାଜପେୟୀ ଏଭଳି ଘଟଣାକୁ ନିଜକୁ ଦୂରେଇ ରଖିଥିଲେ। ପରେ ଆମେରିକୀୟମାନେ ପ୍ରଥମ ଥର ପାଇଁ 'ଆଫ୍-ପାକ୍' ଶବ୍ଦ କହିବାକୁ ଲାଗିଲେ। ଫଳରେ 'ଭାରତ-ପାକିସ୍ତାନ' ହାଇଫେନ୍ ଫିକା ପଡ଼ିଗଲା। ଦ୍ୱିତୀୟ କାରଣର ସବୁଠୁ ଭଲ ଉଦାହରଣ ହେଲା 'ଭାରତ ଉଦୟ' ଶବ୍ଦ। ଏହି କ୍ରମରେ ଆର୍ଥିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଭାରତ ଚାଇନା ସହ ସମାନ ହୋଇଗଲା ବୋଲି ବିଜ୍ଞାପନ ଅଭିଯାନ ଆରମ୍ଭ ହୋଇଥିଲା। ୨୦୦୪ରେ ଉପା ସରକାରର ମନ୍ତ୍ରୀ ଜୟରାମ ରମେଶ 'ଚିଣ୍ଡିଆ' (ଚାଇନା-ଇଣ୍ଡିଆ) ଶବ୍ଦ ଆଣିଥିଲେ ଏବଂ ଆଶା ଥିଲା, ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଚାଇନା ଓ ଭାରତ ସହଯୋଗଭିତ୍ତିରେ ଏକାଠି କାମ କରିପାରିବେ। ଦୁର୍ଭାଗ୍ୟବଶତଃ 'ଚିଣ୍ଡିଆ' ବେଶିଦିନ ଶବ୍ଦ ରହିଲା ନାହିଁ। ଏହାର ପରିଣାମ ବିଶେଷକରି ଭାରତ ଓ ଚାଇନା ମଧ୍ୟରେ କିଛି ପ୍ରତିଶ୍ରୁତି ଦେଇଥିଲା ଏବଂ ତାହା ଲୋକଙ୍କୁ ଦେଖାଇଥିଲା। ସତ କହିବାକୁ ଗଲେ 'ଚିଣ୍ଡିଆ' ଶବ୍ଦ ପୁରା ଖରାପ ନ ଥିଲା। ଦେଖନ୍ତୁ, ପାକିସ୍ତାନ ସହ ଭାରତ ରହିବାକୁ ଅରାଜି ହେବା ପଛରେ ସ୍ପଷ୍ଟତଃ ଅସନ୍ତୋଷ ରହିଥିଲା। ଆମେ ନିଜକୁ ଶ୍ରେଷ୍ଠ ଭାବେ ଦେଖିବାକୁ ଚାହିଁଲୁ ଏବଂ ତା' ସହ ସମ୍ପର୍କ ରଖିଲୁ ନାହିଁ। ବାସ୍ତବରେ ହେଉଛି ସେତେବେଳେ ଭାରତ ଉପରେ ସୁବିଧାରେ ଥିଲା ଏବଂ ଏବେ ବି ସେହି ସ୍ଥିତିରେ ଅଛି।

ଜାତିସଂଘର ଆଲୋଚନା ମଞ୍ଚରେ ଭାରତ ତାହାର ମନୋଭାବ ପ୍ରକାଶ କରିଛି ଏବଂ ଆମ କୂଟନୀତିଜ୍ଞମାନେ ପାକିସ୍ତାନ ଉପରେ କହୁଥିବାବେଳେ ସେଭଳି ଭାବନା ଅନ୍ୟ ଦେଶଗୁଡ଼ିକ କ୍ଷେତ୍ରରେ ପ୍ରଦର୍ଶନ କରିନାହାନ୍ତି। ପାକିସ୍ତାନକୁ ବିରୋଧ କରିବା ବା ମୁକାବିଲା କରିବା ସବୁଠୁ ସନ୍ତୋଷଜନକ ସ୍ଥିତି; ଯେଉଁଥିରେ ଭାରତୀୟ ବ୍ୟବସ୍ଥା ନିଜକୁ ସବୁଠୁ ସୁବିଧାଜନକ ମଣିଥାଏ। ବିଶେଷକରି ଏହା ଭାଜପା ନେତୃତ୍ୱାଧୀନ ଭାରତ ପାଇଁ ସତ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ରଣନୀତି ବ୍ୟାପାର ସହ ଜଡ଼ିତ ଗୋଷ୍ଠୀ ପାକିସ୍ତାନ ବିରୋଧରେ ଯୁଦ୍ଧ ପାଇଁ ଉତ୍ସାହ ଥିବା ଲକ୍ଷ୍ୟ କରିପାରିବା। ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ସେମାନଙ୍କର ବିଜ୍ଞାପ୍ତିକର ମତ ଏବଂ ଟିଭିରେ ବିତର୍କକୁ ସାମ୍ନାକୁ ଆସୁଛି। ଏପରି କି ପାକିସ୍ତାନ ବିରୋଧୀ ଅଭିଯାନରେ ଭାରତୀୟ ନାଗରିକମାନେ ଅଧିକ ଭାଗ ନେଉଛନ୍ତି। ସମ୍ଭବତଃ ବିଶ୍ୱ ଭାରତ-ପାକିସ୍ତାନକୁ ଏକାଠି ଦେଖୁ ବୋଲି ଆମେ ନ ଚାହିଁ ସେଥିରୁ ଆନନ୍ଦ ଅନୁଭବ କରିବାକୁ ଚାହୁଁଛୁ। କିନ୍ତୁ ଏହା ଭାରତ-ପାକିସ୍ତାନ ହାଇଫେନ୍ ଦୂରୀକରଣର ବିରୋଧାଭାସ। ପାକିସ୍ତାନ ସହ ଏକାଠି ରହିବା ଆମେ ଚାହିଁବା ଦରକାର ଓ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏବିଗରେ ଶିକ୍ଷାବିତ୍ ଷ୍ଟିଫେନ୍ କୋହେନଙ୍କ ଦୃଷ୍ଟିକୋଣ ହେଉଛି, "ବ୍ୟବସ୍ଥାଗତ ଦୃଷ୍ଟିରୁ ଭାରତ-ପାକିସ୍ତାନ ସମ୍ପର୍କ କ୍ଷତିକାରକ। ଏହା ହେଉଛି ଏକ ବିଶେଷ ଘଟଣା, ଯାହାକୁ ମୁଁ ଯୁଗ୍ମ ସଂଖ୍ୟାଲଘୁ ସଂଘର୍ଷ ବୋଲି କୁହେ। ଏହି ସବୁ ପରିସ୍ଥିତିରେ ଉଭୟ ପକ୍ଷ ନିଜକୁ ସୁରକ୍ଷିତ, ସଙ୍କଟଗ୍ରସ୍ତ, ସାମିତ ଏବଂ ବିପଦଗ୍ରସ୍ତ ମଣନ୍ତି। ସେମାନଙ୍କର କ୍ଷମତା ପରିଗଣ ଶୁଦ୍ର, ଅର୍ଥାତ୍ ପାରମ୍ପରିକ ଶତ୍ରୁତା ପ୍ରିକୋଣ ସେମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ୨୦୧୯ରୁ କୋହେନଙ୍କ ଦେହାନ୍ତ ଘଟିଲାଣି ଏବଂ ବିଶ୍ୱ ଅନେକ ବର୍ଷ ହେଲା ହାଇଫେନ୍‌କୁ ବ୍ୟବହାର କରିନାହିଁ। କିନ୍ତୁ ବେଳେବେଳେ ଘଟଣାଗୁଡ଼ିକ ଆମକୁ ଏଥିସହିତ ଯୋଡ଼ିବାକୁ ସୁଯୋଗ ଦିଏ।

Email:aakar.patel@gmail.com

# କି ଅଦ୍ଭୁତ ମାନସିକତା



ଅକ୍ଷୟ କୁମାର ମିଶ୍ର

ଏହି ଆଲେଖ୍ୟଟି ଏକ ସତ୍ୟ ଘଟଣା, ଯାହାର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ, ତାହାକୁ ଉପକ୍ରମ ହିସାବରେ ନେଇ ଆରମ୍ଭ କରିବାକୁ ଯାଉଛି। କଟକର ଏକ ଘରୋଇ ହସ୍ପିଟାଲରେ ମୋର ସହଧର୍ମିଣୀ ଚିକିତ୍ସାଧୀନ ଥିଲେ। ସେଦିନ ଅପରେଶନ ପାଇଁ ତାଙ୍କୁ ଓଟି ଭିତରକୁ ନିଆ ଯାଇଥାଏ। ମୁଁ ବାହାରେ ଅପେକ୍ଷା କରିଥାଏ। ସମାନ ଭାବେ ଆଉ କିଛି ଲୋକ ମଧ୍ୟ ମୋ ଭଳି ସେମାନଙ୍କର ଆତ୍ମୀୟଙ୍କୁ ଅପେକ୍ଷା କରି ବସିଥାନ୍ତି। ଏହି ସମୟରେ ଜଣେ ମହିଳା ଓଟିର କବାଟ ଫାଙ୍କରେ ଭିତରେ ଥିବା ନର୍ସଙ୍କୁ ଧୀର ସ୍ୱରରେ ପଚାରିଲେ "ବେଟା ନା ବେଟୀ?" ନର୍ସ କ'ଣ କହିଲେ ଆମକୁ ଶୁଣାଗଲା ନାହିଁ। କିନ୍ତୁ ବାହାରେ ଥିବା ସମସ୍ତ ଲୋକ ନର୍ସଙ୍କ ଉତ୍ତର ସମ୍ପର୍କରେ ଅବଗତ ହୋଇଗଲେ। ମହିଳାଙ୍କର ଆତ୍ମୀୟସ୍ୱଜନଙ୍କ ଭିତରେ ଆନନ୍ଦର ଲହରି ଦେଖିବାକୁ ମିଳିଲା। ଆନନ୍ଦର ବିଷୟବସ୍ତୁଟିକୁ ମୋବାଇଲ ମାଧ୍ୟମରେ ଅନ୍ୟ ଲୋକଙ୍କୁ ପ୍ରେରଣ କରୁଥାନ୍ତି। ଓଟି ଭିତରେ ଜଣେ ଗର୍ଭବତୀ ମହିଳା ଯେ ଏକ ପୁତ୍ର ସନ୍ତାନ ଜନ୍ମ ଦେଉଛନ୍ତି ଏହି ବାର୍ତ୍ତାଟି ବିଦ୍ୟୁତ୍ ବେଗରେ ଖେଳେଇ ହୋଇଗଲା। ମନେହେଲା ସତେ ଯେମିତି ସେମାନେ ଏକ ଆଶଙ୍କା ଭିତରେ ଥିଲେ। ନର୍ସଙ୍କ ଉତ୍ତର ସେମାନଙ୍କୁ ଆଶ୍ୱସ୍ତ କଲା। ସେମାନଙ୍କର ଇଚ୍ଛା ପୂରଣ ହେଲା। "ବେଟା ହୋଇଛି" ଏହି ଦୁଇଟି ଶବ୍ଦ ସହିତ ମିଠେଇ ବଣ୍ଟନରୁ ସବୁକିଛି ସ୍ପଷ୍ଟ ହେଉଥିଲା। ମାନସିକ ଚାପ ଭିତରେ ଥିଲେ ମଧ୍ୟ କ୍ଷଣିକ ପାଇଁ ନିଜ ଭିତରେ ଏକ ଅଭିନବ ପୁଲକ ଅନୁଭବ କଲି, ଜଣେ ନବାଗତଙ୍କ ଆଗମନ ବାର୍ତ୍ତାରେ ସତ କିନ୍ତୁ ସ୍ୱତଃ ମୁହଁରୁ ବାହାରି ଆସିଲା- କି ବିଚିତ୍ର ଆମ ସମାଜ, କି ଅଦ୍ଭୁତ ମାନସିକତା !

ଏହାର ପରବର୍ତ୍ତୀ ଘଟଣା ଥିଲା ଆହୁରି ବେଦନା ଦାୟକ। ଜଣେ ନବଜାତ ଶିଶୁ ପୁତ୍ରକୁ ଓଟି ଭିତରୁ ଆଣି ବାହାରେ ଥିବା ଜଣେ ମହିଳାଙ୍କ କୋଳରେ ହସ୍ତାନ୍ତର କଲା ପରେ ଖୁସିର ମାହୋଲ ଦ୍ୱିଗୁଣିତ ହୋଇଗଲା। ସଜୀବ ସନ୍ତାନକୁ ଧରି ଫଟୋ ଉଠାଇବାରେ ବ୍ୟସ୍ତ। ଥେଇଥେଇ ହୋଇ କେହି ନାଚୁଥିଲେ ସିନା, କିନ୍ତୁ ପରିବେଶଟା ସେମିତି ଧରଣର ଥିଲା। ଅଥଚ କେହି ପଚାରୁ ନ ଥିଲେ ଯିଏ ଦଶମାସ ଧରି ନିଜ ଗର୍ଭରେ ସ୍ଥାନ ଦେଇ ଅସୀମ ଯନ୍ତ୍ରଣା ସହ୍ୟ କରି ଆଜି ଏତେବଡ଼ ଖୁସି ଖବରଟି ପରିବାର ପାଇଁ ଆଣିଦେଇଛନ୍ତି ତା'ର ଅବସ୍ଥା କ'ଣ ? ସେ କେମିତି ଅଛି, ତା'ର ସଂଜ୍ଞା ଫେରିଲା କି ନାହିଁ, ଏକଥା ଜାଣିବାକୁ କେହି ଚେଷ୍ଟା କରୁ ନ ଥିଲେ। ପୁଣି ଥରେ ସେହି ସମାନ କଥାଟି ମନକୁ ଆସିଲା। କି ବିଚିତ୍ର ସମାଜ, କି ଅଦ୍ଭୁତ ଆମ ଲୋକଙ୍କ ମାନସିକତା !

ଆମେ ଯେତେ ଉନ୍ନତି ପିଟି କହିଲେ ମଧ୍ୟ ଆମେ ଶିକ୍ଷିତ, ପ୍ରକୃତରେ ଆମ ଭିତରେ ଅନ୍ଧବିଶ୍ୱାସ ଏ ଯାଏ ଦୂରୀଭୂତ ହୋଇ ନାହିଁ। ଏଠାରେ ଯେତେ ଚିତ୍କାର କରି କହିଲେ ବି ନାରୀ ପୁରୁଷ ସମାନ ବୋଲି ବାସ୍ତବରେ ତାହା ନୁହେଁ। ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଭିନ୍ନ। ତା'ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାର ଆଖ୍ୟା ଦିଆଯାଏ। ତା'ର ବିରୋଧିତାକୁ ବିଶୃଙ୍ଖଳା କୁହାଯାଏ। ତା'ର ପ୍ରତିବାଦକୁ ପରମ୍ପରା ବିରୋଧୀ ବୋଲି ଚିତ୍ରଣ କରାଯାଏ। ସେତେବେଳେ ନାରୀଟିଏ ବଳାତ୍କାରର ଶିକାର ହୁଏ କୌଣସି ଦୋଷ ନ ଥାଇ ମଧ୍ୟ ସେ ସମାଜରେ ଉପହସିତ ହୁଏ। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ତାକୁ ସହିବାକୁ ପଡ଼େ।

ଏବେବି ଆମେ ଧରିନେଇଛୁ ପୁଅଟିଏ ନ ହେଲେ ବଂଶ ରକ୍ଷା ହେବ ନାହିଁ କୁଳ ବୁଡ଼ିଯିବ। ମା' ବାପାର ମୃତ୍ୟୁ ପରେ ମଶାଣିକୁ ନେବ କିଏ ? ନିଆଁ ବା ସମାଧି ବା କବର ଦେବ କିଏ ? ଶ୍ରାଦ୍ଧ କରିବ କିଏ ? ଏ ସବୁର ଅଧିକାର ଝିଅର ନାହିଁ। ବାହାଘର ପରେ ତା'ର ଗୋତ୍ର ବଦଳି ଯିବ। ସେ ପିଣ୍ଡ ଦେଲେ ଆତ୍ମା କୁଆଡ଼େ ଶାନ୍ତି ପାଇବ ନାହିଁ। ପୁଅଟିଏ ପାଇଁ ଏବେବି ମା'ବାପାମାନେ କେତେ କେତେ ମାନସିକ ରଖୁଥିବା ଶୁଣିବାକୁ ମିଳେ। ଲୋକଙ୍କର ଏହି ମାନସିକତାକୁ ଲକ୍ଷ୍ୟ କରି ଭ୍ରୁଣର ଲିଙ୍ଗ ଚିହ୍ନଟକୁ ବେଆଇନ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ କନ୍ୟା ଭ୍ରୁଣ କ'ଣ ହତ୍ୟା ହେଉନାହିଁ ଏକଥା କୁହାଯାଇ ପାରିବ ନାହିଁ। ଏତିକିରେ ବଦଳିଯାଏ ନାହିଁ ଲୋକଙ୍କର ମାନସିକତା। ଅଳ୍ପ କିଛି ପରିବାରକୁ ଛାଡ଼ିଦେଲେ ଅଧିକାଂଶ ପରିବାରରେ ସମାନ ଘଟଣା ଘଟେ। ଝିଅଟେ ଜନ୍ମ ହେଲେ ଧରି ନିଆଯାଏ ପରିବାର ଉପରକୁ ଏକ ବୋଝ ଆସିଗଲା। ଅଥଚ ପୁଅ ହେଲେ ଶୁଭର ସଙ୍କେତ ସ୍ୱରୂପ ଶଙ୍ଖ ଧ୍ୱନି କରାଯାଏ। ପୁଅ ହେଲେ ସମସ୍ତେ ଖୁସି ମନାନ୍ତି, ମାତ୍ର ଝିଅକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପୁନଶ୍ଚ କିଛି କିଛି ପରିବାରରେ ଝିଅ ଜନ୍ମ ପାଇଁ ମା'କୁ ଦାୟୀ ମଧ୍ୟ କରାଯାଏ ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ପୁରୁଷର



ଶୁକ୍ରାଣୁରେ ଥିବା କ୍ରୋମୋଜମ୍ ଉପରେ ନିର୍ଭର କରେ। କେତେକ କ୍ଷେତ୍ରରେ ଏମିତି ଦୃଷ୍ଟାନ୍ତ ଦେଖିବାକୁ ମିଳେ ପୁଅଟିଏ ପାଇବା ପାଇଁ ପୁରୁଷଟି ଦ୍ୱିତୀୟ ବିବାହ କରୁଥିବାର। ଏଥିରୁ ଅନୁମାନ କରାଯାଇପାରେ ପୁଅଟିଏ ପାଇଁ ଆମେ କେତେ ଲାଳାୟିତ।

ସବୁଠାରୁ କରୁଣ କାହାଣୀ ହେଲା ଅଳ୍ପ କେତୋଟି ଶିକ୍ଷିତ ତଥା ପ୍ରଗତିଶୀଳ ପରିବାରକୁ ଛାଡ଼ିଦେଲେ ସବୁଠି ଝିଅ ପୁଅ ଭିତରେ ଖାଦ୍ୟ, ପୋଷାକ, ଶିକ୍ଷାକୁ ନେଇ ବାଛବିଚାରର ଅନ୍ତ ଘଟି ନାହିଁ। ଝିଅଟିଏ ହୋଇଥିଲେ ଯାହା ଖାଉଛି ଖାଉ, ଯେମିତି ପଢୁଛି ପଢୁ। ଷୋହଳ ବର୍ଷ ହୋଇଗଲେ ବର ଖୋଜି ବାହାଘର କାମଟି ସାରିଦେଲେ କନ୍ୟାଦାୟରୁ ମୁକ୍ତି। ଭାଗ୍ୟକୁ ଆଦରି ସେ ତା' ଶାଶୁଘରକୁ ନେଇ ବଞ୍ଚିବ। ପୁଅଟିଏ ହୋଇଥିଲେ ଭଲ ବିଦ୍ୟାଳୟ ଖୋଜା ହେବ। ଭଲ ଟ୍ୟୁସନ୍ ମାଷ୍ଟର ଯୋଗାଡ଼ ହେବ। କୌଣସି ଥିରେ ତା'ର ଅଭାବ ରଖାଯାଏ ନାହିଁ। ଯେମିତି ହେଉ ସେ ଭଲ ପଢ଼ିବା ଦରକାର। କାରଣ ସେ ପରିବାର ସମ୍ଭାଳିବ। ବାପା ବୋଉଙ୍କୁ ପୋଷିବ।

ଏହି ସବୁ ବୈଷମ୍ୟ କ'ଣ ସହଜରେ ହଟିଯିବ ? ମୋର ମନେହୁଏ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବା ଯାଏ ଏହି ପାର୍ଥକ୍ୟ ଦୂର ହିଁ ଥିବ। ଆମ ବ୍ୟବସ୍ଥାରେ ନାରୀର ପୋଷାକ, ଖାଦ୍ୟ, ଚାଲିଚଳଣି, ଚରିତ୍ର, ସ୍ୱାଧୀନତାକୁ ନେଇ ବିତର୍କ ହୁଏ। ନାରୀକୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼େ, ଯେମିତି ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା। ସତୀଦାହ ପ୍ରଥାର ଉଚ୍ଛେଦ ହୋଇଛି ସତ କିନ୍ତୁ ଜୀବନ ତମାମ୍ ସ୍ୱାମୀର ଅନୁଗାମୀ ହୋଇ ରହିବାକୁ ପଡ଼େ ନିଜ ଭିତରେ ଥିବା ସମସ୍ତ ଇଚ୍ଛାକୁ ଦାହ କରି। ପୁରୁଷର ଦ୍ୱିତୀୟ ବିବାହ ସମାଜ ଆଖିରେ ଦୋଷାବହ ନୁହେଁ। କିନ୍ତୁ ଏବେବି ବିଧବା ବିବାହ ସହଜରେ ଗ୍ରହଣୀୟ ହୁଏ ନାହିଁ। ଏଠାରେ କନ୍ୟାଦାନ ମହାପୁଣ୍ୟ ବୋଲି ବିଚାର ହୁଏ। ସେଇଥିପାଇଁ ତ ଦାନର ଦକ୍ଷିଣା ସ୍ୱରୂପ ଯୌତୁକ ପ୍ରଥାର ପ୍ରଚଳନ କାହିଁ କେଉଁ କାଳରୁ। ଯଦିଓ ଏହା ଆଇନଗତ ଭାବେ ଅସିଦ୍ଧ। କିନ୍ତୁ ସମାଜରୁ ଏହା କ'ଣ ଉଚ୍ଛେଦ ହେଲାଣି ? ନାରୀ ଯେତେବେଳେ ପୁରୁଷର ସହଯୋଗ ଚାହେଁ ତାହା ତା'ର ଦୁର୍ବଳତା ବୋଲି ବିଚାର କରାଯାଏ। ସେଇଥିପାଇଁ ନାରୀ ଦୁର୍ବଳା ବୋଲି ସମାଜ କହେ। କେବଳ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରରେ ମା'ର ନାମ ଉଲ୍ଲେଖ କରାଯାଏ ସିନା ଅନ୍ୟ କୌଣସି ପ୍ରମାଣ ପତ୍ରରେ ମା'ର ନାମ ଦେଖିବାକୁ ମିଳେ ନାହିଁ। କାହାର ପରିଚୟ ପଚାରିବା ବେଳେ ବାପାର ନାମ ଲୋକେ ପଚାରନ୍ତି। କିନ୍ତୁ ମା' କିଏ ବୋଲି କେହି ପଚାରିବା ବୋଧହୁଏ ଶୁଣିବାକୁ ମିଳେ ନାହିଁ।

ଏହା ହିଁ ଆମ ମାନସିକତା, ଆମ ସମାଜର ଆଭିମୁଖ୍ୟ। ଯଦି ନାରୀ ଓ ପୁରୁଷ ବିଧାତାଙ୍କ ସୃଷ୍ଟି ଅସମ୍ଭବ ତେବେ ଉଭୟଙ୍କୁ ସମାନ ଚକ୍ଷୁରେ ଦେଖିବା ଆବଶ୍ୟକ। ଉଭୟଙ୍କୁ ସମାଜରେ ସମାନ ଗୁରୁତ୍ୱ ମିଳିବା ଜରୁରୀ। ଉଭୟ ନାରୀ ଓ ପୁରୁଷ ଭିତରେ ସହଯୋଗ, ସହଭାଗିତା, ସମର୍ଥନ ଓ ସମର୍ପଣ ଭାବନା ରହିଲେ ସଂସାରରେ ଶାନ୍ତି ବିରାଜମାନ ହେବ ଯାହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ସାଜିବ।

ସଭାପତି, ଓଷ୍ଠ
ମୋ: ୯୯୩୮୭୭୩୨୩୭

# ଦେହ ଦେଉଳରେ ଦିଅଁ ଦର୍ଶନ




ଡ. ସାରଦା ପ୍ରସାଦ କର

ସଂସ୍କୃତରେ ଉକ୍ତିଟିଏ ଅଛି 'ଦେହୋ ଦେବାଳୟ ପ୍ରୋକ୍ତୋ ଜୀବଃ ପ୍ରୋକ୍ତୋ ସନାତନଃ' ଅର୍ଥାତ୍ ଏ ଦେହ ହେଉଛି ଏକ ଦେବାଳୟ, ଯାହା ଭିତରେ ପରମାତ୍ମା ସୂକ୍ଷ୍ମ ରୂପରେ ଥାଆନ୍ତି। କିନ୍ତୁ ମନରେ ପ୍ରଶ୍ନ ଉଠେ ଦେହକୁ ସିନା ଦେଉଳ ସହ ତୁଳନା କରାଯାଇଛି ହେଲେ ଦେଉଳରେ ଯେଉଁ ପବିତ୍ରତା, ନୀତି ନିୟମ ପାଳିତ ହୁଏ ତାହା ଆମ ଦେହ ଦେଉଳରେ ଅନୁସୃତ ହେଉଛି ତ? ଆମେ ଜାଣୁ ମଣିଷ ଦ୍ୱାରା ନିର୍ମିତ ମନ୍ଦିରରେ ଧୂମପାନ, ମଦ୍ୟପାନ, ମନ୍ଦ ଆଚରଣ, ଆମିଷ ଭକ୍ଷଣ ନିଷେଧ ଓ ପରିବେଶକୁ ଶୁଦ୍ଧ ରଖିବାପାଇଁ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରାଯାଇଥାଏ। କିନ୍ତୁ ଥରେ ବିଚାରକରେ! ମଣିଷ ତିଆରି କରିଥିବା ମନ୍ଦିରକୁ ସ୍ୱଚ୍ଛ, ପରିଷ୍କାର ରଖିବାକୁ ଆମେ ଏତେ ପ୍ରୟାସ କରୁ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଆମର ଏ ଦେହ ଦେଉଳ ନିଶାସେବନ, ପାପାଚରଣ, ଅଭକ୍ଷଭକ୍ଷଣରେ ଏତେ କଳୁଷିତ ଆଉ କଳଙ୍କିତ କାହିଁକି?

ଗୀତାରେ ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହିଲେ: 'ଈଶ୍ୱର ସର୍ବଭୂତାନାଂ ହୃଦେଶେ ଅର୍ଜୁନ ତିଷ୍ଠତି'- ଦେହ ଯଦି ଦେଉଳ ହୁଏ ତେବେ ତା'ର ମସ୍ତକ ହେଉଛି ଦଧିନଉତି, ଶିଖା ହେଉଛି ଦେଉଳର ଧ୍ୱଜା ଓ ହୃଦୟ ହେଉଛି ଗର୍ଭଗୃହ; ଯେଉଁଠି ଈଶ୍ୱର ବିରାଜମାନ କରନ୍ତି। ଶଙ୍ଖ ପ୍ରଭୃତି ଧାରଣକରିଥିବା ଶଙ୍ଖ, ଚକ୍ର, ଗଦା, ପଦ୍ମ ହେଉଛନ୍ତି ଆମ ଅନ୍ତଃକରଣ ଚତୁଷ୍ଟୟର ପ୍ରତୀକ ମନ, ବୁଦ୍ଧି, ଚିତ୍ତ ଓ ଅହଂକାର। କିନ୍ତୁ ଏଠାରେ ପୂଜା ମନ୍ତ୍ରପାଠ ପରିବର୍ତ୍ତେ ଯଦି ଅତ୍ୟାଚାର ଓ ବ୍ୟଭିଚାର ଚାଲେ ତେବେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ ହେବ କିପରି? ପ୍ରତିଟି ଶରୀରରେ ଈଶ୍ୱର ସୂକ୍ଷ୍ମ ରୂପରେ ଅଛନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଅଜ୍ଞାନତାବଶତଃ ମଧ୍ୟ କାହା ଦେହରେ ଗୋଡ଼ ବାଜିଗଲେ ତୁରନ୍ତ ଆମ ପାଟିରୁ ବାହାରି ଆସେ 'ବିଷ୍ଣୁ'। ହେଲେ ବିଡ଼ମ୍ବନାର ବିଷୟ ଗୋଡ଼ ବାଜିଗଲେ ବିଷ୍ଣୁ କହୁଥିବା ମଣିଷ ନିଜର ସ୍ୱାର୍ଥ ଚରିତାର୍ଥ ପାଇଁ ଆଜି ଅନ୍ୟକୁ ଲାଞ୍ଛନା କରି ତା'ର ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ନିର୍ଦ୍ଦୟ ଭାବେ ପିଇଯାଉଛି। ସାମ୍ପ୍ରତ ସଜଳ ଶ୍ରାବଣ ବୁନ୍ଦେ ବି ବାଡ଼ିଦେବାକୁ ମଣିଷର ମନ କହୁନି।

ଏବେ ସମାଜରେ ନିତିପ୍ରତି ଘଟୁଥିବା ନାବାଳିକା ବଳାତ୍କାର, ଶିଶୁ ଅପହରଣ, ପଡିଚଣ୍ଡି ମଧ୍ୟରେ ପ୍ରତାରଣାର ବିଷୋଦଗାର ଏହାର ଗୋଟିଏ ଗୋଟିଏ ନମୁନା ନୁହେଁ କି? ସମାଜରେ କେହି ବ୍ୟକ୍ତି ଆମର ଦେଖାହୋଇଗଲେ ଆମେ ତାଙ୍କୁ 'ରାମ ରାମ' କହି ତାଙ୍କୁ ସ୍ୱାଗତ କରୁ। ହେଲେ ଉପରକୁ ଆମେ ରାମ ରାମ କହିଲେ ମଧ୍ୟ ଜୀବନରେ ରାମଙ୍କୁ ଅନୁସରଣ ନ କରି ଶାସ୍ତ୍ର ବିରୁଦ୍ଧ କର୍ମ ପଛରେ ସବୁବେଳେ ଧାଉଁଛେ। ଏପରି ବାହ୍ୟାଚାରରେ କି ଲାଭ? ରାମାୟଣରେ ଶ୍ରୀରାମଙ୍କ ପଛେ ପଛେ ମା' ସୀତା ଓ ଲକ୍ଷ୍ମଣ ଅନୁଧାବନ କରିଥିଲେ ବୋଲି ସେମାନଙ୍କ ଜୀବନ ଜୟଯୁକ୍ତ ହୋଇଥିଲା । ମହାଭାରତରେ ଶ୍ରୀକୃଷ୍ଣଙ୍କ ପଛେ ପଛେ ପାଣ୍ଡବ ଅନୁସରଣ କରିଥିଲେ ବୋଲି ସେମାନଙ୍କର ଜୀବନ ସୁରକ୍ଷିତ



ହୋଇଥିଲା । କିନ୍ତୁ ସମ୍ପ୍ରତି ମଣିଷର ଦେହ ଦେଉଳ କାମ, କ୍ରୋଧ, ଲୋଭ, ମୋହ, କପଟତା ଆଦି ଗନ୍ଧରେ ଅବରୁଦ୍ଧ ହୋଇଥିବାରୁ ଗୀତାର ଅମୃତ ବାଣୀ 'ମାମେକଂ ଶରଣଂ ବ୍ରଜ' ହୋଇଯାଇଛି ନିରୁଦ୍ଦିଷ୍ଟ। ତେଣୁ ଆମର ବାହ୍ୟ ଧର୍ମ ଦିନକୁ ଦିନ ସିନା ବଢ଼ୁଛି କିନ୍ତୁ ବ୍ୟକ୍ତିର ବିକାଶ ଓ ଚାରିତ୍ରିକ ଶୁଦ୍ଧତା କ୍ଷୀଣ ହେବାରେ ଲାଗିଛି। ତେବେ ପ୍ରଶ୍ନ ଆସେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ କିପରି ହେବ? ଗୌତମ ବୁଦ୍ଧଙ୍କ ଜୀବନୀରୁ ଅହିଂସାକୁ ଜାଣିପାରିଲେ, ମହାବୀରଙ୍କ ଚରିତ୍ରରୁ ଅହିଂସାକୁ ଆଣିପାରିଲେ, ଯିଶୁଙ୍କ ଜୀବନୀରୁ ପ୍ରେମକୁ ପଢ଼ି ପାରିଲେ ଓ ଶ୍ରୀରାମଙ୍କ ମର୍ଯ୍ୟାଦାରେ ନିଜକୁ ଗଢ଼ିପାରିଲେ ତାହା ହିଁ ହେବ ଦେହ ଦେଉଳର ପ୍ରକୃତ ରୂପରେଖ। ଏହା ସତ୍ୟ ଯେ ଦେଉଳ ତୋଳିବାକୁ ହେଲେ ସବୁଆଡ଼େ ଭୂମି ଲୋଡ଼ା। ତେଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବ୍ୟକ୍ତି ନିଜକୁ ପ୍ରଥମେ ସୁନ୍ଦର ମଣିଷଟିଏ କରି ଗଢ଼ିତୋଳିବା ଆବଶ୍ୟକ।

ରାମାୟଣକୁ ପଢ଼ନ୍ତୁ। ରାବଣ ବ୍ରହ୍ମାଙ୍କଠାରୁ ବର ମାଗିଲା ମୁଁ ମଣିଷ ହାତରେ ମରିବି। ସମସ୍ତେ ରାବଣକୁ ପଚାରିଲେ ଏତେବଡ଼ ଜ୍ଞାନୀ ହୋଇ ମଧ୍ୟ ଏପରି ବର କିପରି ମାଗିଲ ଯେ ଗୋଟିଏ ସାଧାରଣ ମଣିଷ ହାତରେ ମରିବ ବୋଲି। ରାବଣ ଉତ୍ତର ଦେଲା – ଏ ବର ସାଧାରଣ ନୁହେଁ କାରଣ ମଣିଷ ପରି ଦିଶିବା ଓ ମଣିଷ ପରି ମଣିଷଟିଏ ହେବା ଏକା କଥା ନୁହେଁ। ସମାଜରେ ମଣିଷପରି ଦିଶୁଥିବା ଅନେକଙ୍କ ଅନ୍ତର ଭିତରେ ଭରିରହିଛି ଛଳ, କପଟ, ଘୃଣା, ଅସୂୟା, କାମ, କ୍ରୋଧ, ଲୋଭ ଆଦି ଜାଙ୍ଗଲିକ ପ୍ରବୃତ୍ତି। ଉପରେ 'ହରି' 'ହରି' କହି ଭିତରେ ହରଣ କରିବାକୁ ସେମାନେ ଧୁରନ୍ଧର। କପାଳରେ ଚିତାଟିକକ କାଟି ବ୍ରହ୍ମାଣ୍ଡକୁ ଚିତା କାଟିବାରେ ସେମାନେ ତତ୍ପର। ଏପରି ଲକ୍ଷେ ମଣିଷ ଏକାଠି ହେଲେ ମଧ୍ୟ ମୋର ସାମାନ୍ୟ କ୍ଷତି କରିପାରିବେ ନାହିଁ। ମୁଁ ସେହି ମଣିଷ ହାତରେ ମରିବି, ଯାହାର ଉଦ୍ଧୁଙ୍ଗ ବ୍ୟକ୍ତିତ୍ୱ ଓ ମଣିଷପଣିଆ ପାଖରେ ସମଗ୍ର ବିଶ୍ୱ ନଇଁ ଯାଉଥିବ, ଯାହାର ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମାନ୍ୟ ବିଭେଦ ନ ଥିବ। ଶେଷରେ ପ୍ରଭୁ ରାମଚନ୍ଦ୍ର ବାଧ୍ୟ ହେଲେ ଆଦର୍ଶ ମଣିଷ ରୂପରେ ଆସି ରାବଣକୁ ନିଧନ କରିବା ପାଇଁ। ହେଲେ ବଡ଼ ଲାଜର କଥା ଆଜିର ପତନୋନ୍ମୁଖୀ ସମାଜରେ ମଣିଷପଣିଆ ଓ ମାନବିକତାର ମଡୁଡ଼ି ପଡ଼ିଥିବାରୁ ଦେହ ଦେଉଳରେ ଦିଅଁ ଦର୍ଶନ ହେଉନାହିଁ। ଏହା ହିଁ ଦେହ ଦେଉଳର ଦୁଃଖ।

ଅଂଶ ସବୁବେଳେ ଅଂଶୀ ପାଖକୁ ଯାଏ, ଯେପରି କି ଅଗ୍ନି ଶିଖାର ଗତି ହେଉଛି ସୂର୍ଯ୍ୟଙ୍କ ନିକଟକୁ। ଠିକ୍ ସେହିପରି ଈଶ୍ୱର ହେଉଛନ୍ତି ଅଂଶୀ ଓ ଆମେ ତାଙ୍କର ଅଂଶ। ତେଣୁ ଈଶ୍ୱରଙ୍କର ଅମୂଲ୍ୟ ଉପହାର ରୂପେ ପାଇଥିବା ଏ ଦେହ ଦେଉଳକୁ ପବିତ୍ର ତୀର୍ଥଭୂମି ଜ୍ଞାନକରି ଏହାର ମର୍ଯ୍ୟାଦାକୁ ଅତୁଟ ରଖିପାରିଲେ ତାହା ହିଁ ହେବ ଧର୍ମର ଶ୍ରେଷ୍ଠ ମୂଲ୍ୟାୟନ ଓ ଈଶ୍ୱରଙ୍କର ସବୁଠୁ ପ୍ରିୟ ନିବାସସ୍ଥଳୀ। ନ ହେଲେ ମଣିଷ ଜୀବନରେ ଶାନ୍ତି ଆସିବ ନାହିଁ କି ଆନନ୍ଦ ବି ମିଳିବ ନାହିଁ କାରଣ ଦିଅଁ ଦେଖି ଯିବା ଗୋ ସହି! ଦେଉଳରେ ଦିଅଁ ଦେବତା ନାହିଁ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ:୯୪୩୭୦୧୩୧୬୨

## ଏଇ ଭାରତରେ

କେରଳର ଜୋଶେଫ୍ କରାକାଟୁ ଡ୍ରାଗନ ଫୁଟ୍ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫୁଟ୍ ଚାଷୀ ହୋଇପାରିଛନ୍ତି। ଜୋଶେଫଙ୍କ ବୟସ ୭୪। ସେ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫୁଟ୍ ଚାଷ କରୁଛନ୍ତି। ଏହିସବୁ କିସମର ଡ୍ରାଗନଫୁଟ୍ ସେ ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆ ଆଦି ଦେଶରୁ ସଂଗ୍ରହ କରିଛନ୍ତି। ଡ୍ରାଗନଫୁଟ୍ ବିକ୍ରି କରି ସେ ରୋଜଗାର କରୁଛନ୍ତି। ସେ କହିଲେ ତାହାଠାରୁ ଅଧିକ ଲାଭ ପାଉଛନ୍ତି ଡ୍ରାଗନଫୁଟ୍ ଚାରା ବିକ୍ରି କରି। ଜୋଶେଫ୍ ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଡ୍ରାଗନଫୁଟ୍ ଓ ତାହାର ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି। ବଡ଼ କଥା ହେଉଛି ସେ ଗବେଷଣା କରି ନୂଆ କିସମର ରେଡ୍ ଚିଲି ଓ ଓ୍ୱଇ ବୟ ଡ୍ରାଗନଫୁଟ୍ ଉଦ୍ଭାବିବାରେ ସକ୍ଷମ ହୋଇପାରିଛନ୍ତି। ଡ୍ରାଗନଫୁଟ୍ ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେସିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। ପରେ ସେ ଏହି ବ୍ୟବସାୟକୁ ଛାଡ଼ି ଡ୍ରାଗନ ଫୁଟ୍ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫୁଟ୍ ଓ ତାହାର ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମେ ୧୯୭୬

- ପ୍ରଥମଥର ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସିଧାସଳଖ ବ୍ୟାବସାୟିକ ବିମାନ ଚଳାଚଳ ବ୍ୟବସ୍ଥା ଆରମ୍ଭ।
- ରାଜ୍ୟର ଦ୍ୱିତୀୟ ବୃହତ୍ତମ ପୌରସଂସ୍ଥା ବ୍ରହ୍ମପୁର ମ୍ୟୁନିସିପାଲ କାଉନସିଲର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି।
- ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

କଣ୍ଟୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
(ପ୍ରେମର ଅର୍ଥ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 8 | 6 | 9 | 7 | | |
| | | | | | | | | |
| 7 | 6 | | | | | | | 1 |
| | | | | | | | | |
| 8 | | | 2 | | 1 | 5 | 7 | |
| 4 | | | | 7 | 5 | | | |
| 5 | | | | | 4 | | | |
| 6 | | 3 | | | | | | 4 |
| | | | | | 2 | | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 7 | 6 | 3 | 2 | 8 | 9 |
| 8 | 3 | 7 | 9 | 2 | 4 | 6 | 5 | 1 |
| 9 | 6 | 2 | 5 | 8 | 1 | 4 | 3 | 7 |
| 6 | 8 | 5 | 3 | 9 | 2 | 1 | 7 | 4 |
| 7 | 4 | 3 | 6 | 1 | 5 | 8 | 9 | 2 |
| 2 | 1 | 9 | 4 | 7 | 8 | 3 | 6 | 5 |
| 5 | 2 | 8 | 1 | 3 | 7 | 9 | 4 | 6 |
| 4 | 9 | 1 | 8 | 5 | 6 | 7 | 2 | 3 |
| 3 | 7 | 6 | 2 | 4 | 9 | 5 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅନୁପ୍ରବେଶକାରୀଙ୍କୁ ହଟାଯାଉ

ମହାଶୟ,

ଦିନକୁଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ସାରା ଦେଶରେ ୧,୫୬,୪୩୨ ଜଣ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଅନୁଯାୟୀ ଓଡ଼ିଶାରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶ ପୂର୍ବକ ସବୁବାସ କରୁଛନ୍ତି ଅବ୍ୟାହତ କେନ୍ଦ୍ରାପଡ଼ା ଜିଲାରେ ଏମାନଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଘଟିବାର ଲକ୍ଷ୍ୟ କରାଯାଏ। ସମୁଦ୍ରପଥ ଦେଇ ନୌକା ସାହାଯ୍ୟରେ ଏମାନେ ମାଡ଼ି ଆସିଛନ୍ତି। କାରଣ ସି ସଲ୍‌ଟକୁ ମାତ୍ର ୮ ଘଣ୍ଟା ସମୁଦ୍ର ପଥରେ ଓଡ଼ିଶାରେ ଆସି ପହଞ୍ଚିବାକୁ ସମୟ ଲାଗୁଛି। ଏମାନଙ୍କୁ ରୋକିବା ପାଇଁ ୩ଟି ସାମୁଦ୍ରିକ ରାସ୍ତା ଥିଲେ ମଧ୍ୟ ଯଥେଷ୍ଟ କର୍ମଚାରୀ ନାହାନ୍ତି। ପ୍ରଥମେ ଏମାନେ ଅସ୍ଥାୟୀ ଗୃହ ନିର୍ମାଣ ପୂର୍ବକ ଚାଷ ଓ ଜଙ୍ଗଲ ଜମିକୁ ଦଖଲ କରୁଛନ୍ତି। ଏହାଦ୍ୱାରା ଆମର ପରିବେଶ ପ୍ରତି ପ୍ରଭାବ ପଡୁଛି। ଏମାନେ ବିଭିନ୍ନ ପ୍ରକାର ଚାଷ କରି ସବୁ ଶସ୍ୟ ବାଂଲାଦେଶକୁ ଜଳପଥ ଦେଇ ନେଉଛନ୍ତି। ଏମାନେ ବିଭିନ୍ନ ଉପାୟରେ ଓଡ଼ିଶା ଚାଷୀଙ୍କ ଖାଦ୍ୟ ପେୟ ମଧ୍ୟ ହାତେଉଛନ୍ତି, ଯାହା ଚିନ୍ତାର ବିଷୟ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଚାନ୍ଦବାଲି,୩।୫(କିଶାନ ପାତ୍ର) ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା ଶୁକ୍ରବାର ଚାନ୍ଦବାଲି ନିକଟସ୍ଥ କାଳୀମନ୍ଦିର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇର ଜେନେରାଲ ମ୍ୟାନେଜର (ନେଟୱର୍କ-୧ ଭୁବନେଶ୍ୱର) ପୋନାମଲମ ମୁରୁଗାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ, ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ବାଲେଶ୍ୱରର ଶୈଳେଶ କୁମାର ସିହ୍ନା ଓ ରିଜୋନାଲ ମ୍ୟାନେଜର ଦେବାଶିଷ ରଥ ପ୍ରମୁଖ ଯୋଗଦେଇ ଏହି ଶାଖାର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଅପରପକ୍ଷରେ ଦାଶରଥି ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ସଂଗ୍ରାମ କେଶରୀ ଦାସ, ଦିଲୀପ ଦାସ, ନରେନ୍ଦ୍ର କୁମାର ଜେନା, ସୌରଭ କୁମାର ସେଠୀ, ଶକ୍ତି କୁମାର ଯାଦବ, ଦୁର୍ଯ୍ୟୋଧନ ତ୍ରିପାଠୀ, ମନୀଷା ବିଶ୍ୱାଳ, ଲିପ୍ସା ସାହୁ, ଚନ୍ଦ୍ରକାନ୍ତ ବେହେରା, ନିରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୫ (ଅଭୟ ଦାଶ)



ବାର୍ଷିକ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ତଥା ରାଉରକେଲା ଷ୍ଟୋରର ୩ୟ ଏବଂ ବରଗଡ଼ ଷ୍ଟୋରର ୬ଷ୍ଠ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବାର୍ଷିକୀ ଉତ୍ସବ ସ୍ୱତନ୍ତ୍ର (anniversary special) ଅଫର ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରି କେବଳ ୮୯୯ ଟଙ୍କା, ହୀରାଗହଣାର ହୀରାମୂଲ୍ୟରେ ଛୋଟ ୨୫ % ଓ ରୁପା ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମ୍ଭର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢ଼ବିଶ୍ୱାସ, ଅନନ୍ୟ ସ୍ନେହର ଫଳାଫଳ। ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦେବାକୁ ଯାଉଛି।

ସେହିଭଳି ରାଜ୍ୟ ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ଜୁଏଲର୍ସ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ବର୍ଷର ସଫଳ ଯାତ୍ରାର ଏହି ବାର୍ଷିକୀ ସ୍ୱତନ୍ତ୍ର ସମାରୋହରେ ଉପରୋଲ୍ଲିଖିତ ଶାଖାଗୁଡ଼ିକର ସୁପରିଚାଳନା ଅନ୍ୟତମ ଉପଲବ୍ଧି।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୩।୫ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ସିଲ୍‌ଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ୍ ସ୍କିମ୍ ହୋଇଥିବାବେଳେ ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ରୁପାର ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇଦେଇଛି। ସେହିଭଳି ଏହି ଫଣ୍ଡ ଅଫ ଫଣ୍ଡ ମୁଖ୍ୟତଃ ଡିଏସ୍‌ପି ସିଲ୍‌ଭର ଇଟିଏଫ୍‌ରେ ପୁଞ୍ଜିନିବେଶ କରିବ। ଯାହା ଘରୋଇ ବଜାରରେ ଭୌତିକ ରୁପାର ପ୍ରଦର୍ଶନ ସହ ଅତି ନିକଟତର ରିଟର୍ନ ପ୍ରଦାନ କରିବ।


ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳ

ODISHA INDIA'S BEST KEPT SECRET

## OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL

At/PO- Hakimpada, PS/ Dist- Angul, Pin No.-759143,
E-Mail Id- dfo.satkosiawl@odisha.gov.in / Website- www.satkosia.org /
Phone/Fax-06764-236218, 236219

Notice No. 2755 Dtd. 28.04.25

**SHORT TENDER CALL NOTICE**

**FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER (PAMPASAR, PURUNAKOTE, TIKARPADA, JILLINDA & RAIGODA)**

No. MM-20:- Quotations in plain paper /letter pad are invited from the intending supplier / Vehicle owner for supply of Protection vehicle for use in patrolling and other duty in different Ranges of Satkosia Wildlife Division, Angul during the FY-2025-26 with following term and conditions.

The quotation should be reach in this office on or before 14.05.2025 at 10:00 A.M through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Satkosia Wildlife Division, Angul. The tenders will be opened in the same office on the same day at 12:30 P.M. by submitting a non-refundable Demand Draft to be drawn in favour of Divisional Forest Officer, Satkosia Wildlife Division, Angul from 30.04.2025 to 14.05.2025 payable at Angul for Rs. 1000/- (Rupees One Thousand) only towards cost of tender paper, which will be placed before the Purchase Committee of this office for approval. The amount quoted should be including the cost of Driver and all taxes (excluding the cost of Fuel). The incomplete quotation or after the schedule date and time shall be summarily rejected the undersigned reserves all rights to reject any or all quotation with showing any reason thereof.

1. BOLERO (B4, B6, Neo N4, Neo N8, Neo N10 R, Neo N10 Opt etc.) (Diesel Make)
2. SCORPIO (S MT 7STR, S MT 9STR, S11 MT 7S, N Z2, N Z4, N Z6 etc.) (Diesel Make)

**Total- 13 Nos. (Tentative)**

Sd./- Divisional Forest Officer, Satkosia Wildlife Division, Angul

OIPR-08022/11/0001/2526


# ଏନ୍‌ଏମ୍‌ଆଇପିଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୩।୫

ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଏନ୍‌ଏମ୍‌ଆଇପିଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ବିକ୍ରି ରେକର୍ଡ ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ(ନିସାନ) ୯୯,୦୦୦ ୟୁନିଟ୍‌ରୁ ଅଧିକ ଗାଡ଼ି ବିକ୍ରି (ରପ୍ତାନୀ+ଘରୋଇ) ବିକ୍ରି ହାସଲ କରିଥିବାବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ୍ ବି-ଏସ୍‌ୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁ ଏହି ସଫଳତା ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି।

# ୟୁଆଇର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୩।୫

ଉଷା ଇଣ୍ଟରନ୍ୟାଶନାଲ(ୟୁଆଇ)ର ନୂତନ ଉତ୍ପାଦ ରେଞ୍ଜ 'ଏରୋଏଜ୍‌ଏବଂ ଏରୋଏଜ୍‌ପ୍ଲସ୍' ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣକରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏହି ଫ୍ୟାନ୍ ସର୍ବୋତ୍ତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମ୍ପନ୍ନ ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତ୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲ୍‌ଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ରହିଛି।


## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL

E-mail - sencrwangul@yahoo.co.in; Phone: 06764-236404

No. 1285 Dt. 30.04.25

**Cancellation of Tender for Building Work**

No. O-109:- The tender for Building work invited vide this office Tender Call Notice No.909 dt.12.03.2025 (Bid Identification No. Building Online-AGL-26/2024-25) by the Procurement Officer, Chief Construction Engineer, Rural Works Circle, Angul is hereby cancelled.

Sd./- Chief Construction Engineer, Rural Works Circle, Angul

OIPR-25180/11/0051/2526

## ZILLA SWASTHYA SAMITI, BALANGIR

(Department of Health & FW, Govt. of Odisha)

**CORRIGENDUM**

Corrigendum No : 25 Date : 29.04.2025

No.E-60 : In continuation of Advertisement No.21 dated 19.04.2025, Sl. No - 11 of bid document should be read as Bidders should have proof of supply of 05 Nos. or more of the quoted drugs and consumables to any Govt. Organization/Corporate Hospital/PSU Hospital/ UN Agency during last 3 financial years (2022-23, 2023-24 and 2024-25) and Sl. No -12 should be read as Avg. Annual Turnover of Manufacturers/Supplier of Rs.1.00 crore or more during last 3 financial years (2021-21, 2022-23 and 2023-24). Other terms and conditions in the bid document will be remain unchanged.

OIPR-10019/11/0016/2526 Sd./- CDM & PHO, Balangir

## OFFICE OF THE COLLECTOR & DISTRICT MAGISTRATE, JAGATSINGHPUR

(District Social Welfare Section)

Ph : 06724-220865, E. Mail - dswojspur@nic.in

**TENDER CALL NOTICE**

**No. 1445/DT. 28.04.2025**

No.g-19 : Sealed tenders are invited from the intending eligible and Registered Firms/ authorized licenced Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP feeding Programme in all 8 nos ICDS of Jagatsinghpur District **(Balikuda, Biridi, Erasama, Jagtsinghpur, Kujanga, Naugaon, Raghunathpur and Tirtol ICDS Project)** for the year 2025-2026.

Details of the Term & Condition is available in the Office of the Collector, Jagatsinghpur (SocialWelfare Section) and District Website i.e www.jagatsighpur.nic.in.

The details of Tender process as follows.

1. Period of sale of Tender document from : **28.04.2025 (9.00 A.M.)**
2. Last date for receipt of Tender document : **16.05.2025 (1.30 P.M.)**
3. Date of Opening of Tender : **17.05.2025 (10.00 A.M.)**
4. Tender Paper cost : **Rs. 3000.00 (Rupees Three thousand) only**

Sd./- Collector & District Magistrate, Jagatsinghpur

OIPR-24275/11/0005/2526

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER CUM DISTRICT MISSION DIRECTOR, NATIONAL HEALTH MISSION, KORAPUT

Phone No. : 06852-299964,
e-mail : nhmkpt@gmail.com, ncdcellkoraput@gmail.com

**Tender Call Notice**

Bid No. 102/2025/NTEP Date : 01.05.2025

No.E-61 : Sealed tenders are invited from interested reputed travel agencies/ tour operators/ private individuals/NGOs for providing A/C or non-A/C-diesel driven vehicles on monthly hiring basis. The bidders are requested to submit their documents in the prescribed formats on or **before May 26, 2025, by 5.00 P.M. through Regd. Post, Speed Post, or Courier**. Tender will be opened on the same day at 05.15 P.M. at the office chamber of the CDM & PHO, Koraput. The details are available download in the website https://koraput.odisha.gov.in

OIPR-10077/11/0016/2526 Sd./- CDM & PHO, Koraput

## OFFICE OF THE NOTIFIED AREA COUNCIL, BINKA

Dist. : Subarnapur (Pin-767019), Email id : binikan.hud@nic.in,
Phone/Fax : 06654-241113

**E-tender call notice No. 936/Dt. 30.04.2025**

**Tender ID - 2025_ORULB_112944**

**Tender Reference No. BINKA-NAC-01/2025-26**

No.C-211 : Bid Documents consisting of work, estimated Cost, Cost of Tender Paper, EMD, Time of Completion, Class Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1 | Type of the work | : | Civil Works |
| 2 | No. of works | : | 1 nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of bidding online from | : | Dt. 01.05.2025 at 11.00 A.M. |
| 6 | Last Date & time of bidding online | : | Dt. 15.05.2025 up to 05.00 P.M. |
| 7 | Date & Time of opening of Technical Bid | : | Dt. 16.05.2025 at 11.00 A.M. |
| 8 | Name and address of the Officer inviting Bid | : | Executive Officer, N.A.C, Binka |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, Notified Area Council, Binka

OIPR-13198/11/0008/2526

## THE MAYURBHANJ CENTRAL CO-OPERATIVE BANK LTD, BARIPADA

AT/PO- BARIPADA, DIST-MAYURBHANJ, PIN-757001 (ODISHA)

**ବିଜ୍ଞାପନ**

No.LL-04:ଏତଦ୍ଦ୍ୱାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନର ପ୍ରଚଳିତ ନିୟମ ଅନୁସାରେ ପ୍ରତ୍ୟେକ ଜମାକାରୀ ତାଙ୍କ ବାବଦରେ ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ (KYC-Know your customer) ବ୍ୟାଙ୍କକୁ ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ । ସେ ଦୃଷ୍ଟିରୁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ବ୍ୟାଙ୍କକୁ ଆସି ସେମାନଙ୍କର ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ ପ୍ରଦାନ କରନ୍ତୁ ନଚେତ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ ।

ଏତଦ୍ଦ୍ୱାରା ଏହା ମଧ୍ୟ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଅନେକ ଲକରଧାରୀ ବ୍ୟାଙ୍କ ସହିତ ସେମାନଙ୍କର ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ଓ ଲକର ଭଡା ମଧ୍ୟ ନିୟମିତ ଭାବେ ବ୍ୟାଙ୍କକୁ ପ୍ରଦାନ କରୁନାହାନ୍ତି । ଯାହାଦ୍ୱାରା ଲକର ଭଡା ଅନାଦେୟ ହୋଇ ରହୁଅଛି । ଏଣୁ ସେମାନଙ୍କୁ ଅନୁରୋଧ ଯେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସେମାନଙ୍କର ବକେୟା ଭଡା ବ୍ୟାଙ୍କରେ ଦାଖଲ କରନ୍ତୁ ନଚେତ୍ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ ।

ସ୍ୱା./-ସମ୍ପାଦକ

OIPR-39044/11/0009/2526 ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦା

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER L. I. DIVISION, SAMBALPUR

**Tendor Call Notice for Hiring of Vehicle**

**No.02/2025-26 / Date : 25.04.2025**

No.CAD-248 : Sealed tenders are Invited from Interested reputed Travel Agencies / Tour Operators / Private Individuals for providing 2 (Two) Nos. of A/C Diesel driven Bolero (Mahindra) vehicle having sitting capacity not more than seven Including driver, which shall confirm to the terms and conditions for official use (01 no for Superintending Engineer (N.C), L.I. Circle, Sambalpur and 01 no. for L.I. (Civil)Sub-Division, Jharsuguda under the office of the Executive Engineer, L.I. Division-Sambalpur on monthly rent basis. The tender schedule containing General Bid Information & Terms and Conditions for hiring of Venicles etc. will be available with Office of the Executive Engineer, L.I. Division, Sambalpur on payment of Rs.100/- + 18% GST i.e. 118/- each in shape of DD in favour of E.E. OLIC Division, Sambalpur to be drawn at any Nationalized bank from 03.05.2025 07:00 A.M. to 08.05.2025 during office hour i.e. 01.00 P.M. The tenders completed in all respect to be received the Office of Executive Engineer, L.I. Division, Sambalpur on or before 09.05.2025 by 11.00 A.M. and shall be opened on the same day at 12.00 P.M.

Sd./- Executive Engineer, L.I. Division, Sambalpur

OIPR-32308/11/0003/2526

## GOVERNMENT OF ODISHA, "e"-PROCUREMENT NOTICE OFFICE OF THE SUPERINTENDING ENGINEER, PURI (R&B) DIVISION, PURI

**WORKS DEPARTMENT**

**Short Tender Call Notice**

E-mail : eerbpuri@yahoo.co.in

**Bid Identification No. SE (R&B) Puri-04/2025-26**

No.B-86 : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Civil Work
2. No. of Work : 1 No.
3. Tender Cost : Rs. 10000.00/ each (On-Line)
4. Class of bidders : 'B' Class
5. Available of Bid document in the Website : From 10.00 A.M. of Dt. 03.05.2025 to 11.00 A.M. of Dt. 09.05.2025
6. Last Date of receipt of tender : Dt. 09.05.2025 up to11.00 A.M.
7. Date of opening of Bid : Dt. 09.05.2025 at 12.00 P.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Superintending Engineer, Puri (R&B) Division, Puri

OIPR-34064/11/0026/2526

## Government of Odisha "e" Procurement Notice

**Bid Identification No.Online-02-OF-2025-26**

No.O-103 E-Mail ID- rwd.padampur@yahoo.co.in, Ph.No.9437255440

1. Name of the Work : **Building Works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of Contractor : "D" "C" & "B"
4. Date & Time of availability of bid document in the portal : From Dt.08.05.2025 at 10.00 A.M.
5. Last date & Time for receipt of bids in the portal : Dt.17.05.2025 upto 05.00 PM
6. Last date of seeking clarification : Dt.16.05.2025 upto 1.00 P.M.
7. Date & Time of bid opening : Dt.19.05.2025 at 10.00 A.M.
8. Name and address of the Officer Inviting Bid : Executive Engineer, R.W. Division, Padampur At/Po-Padampur, Dist-Bargarh Pin-768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer, Rural Works Division, Padampur

OIPR-25069/11/0026/2526

## GOVERNMENT OF ODISHA

"e" PROCUREMENT NOTICE

## RAJGANGPUR MUNICIPALITY

**Bid identification No. - Eo/RGP/03 of 2025-26**

e-mail ID - rajgangpurm.hud@nic.in

No.C-224 No. 2223, Dated 30.04.2025

1) Total Number of Work : 04 No. Work (Widening of the road, Boundary wall & renovation with Beautification of Talab, Bathing Ghat, Guard Wall & Drain etc)
2) Approximate Estimated Cost : 11.35 Lakh to 19.75 Lakhs
3) Period of Completion : 90 Days
4) Date & time of availability of the bid documents in the portal : 02.05.2025 at 11.00 A.M. to 14.05.2025 up to 5.00 P.M.
5) Last date of receipt of Bids in the portal : 14.05.2025 up to 5.00 P.M. (Online)
6) Bids Receipt online shall be opened on : 15.05.2025 at 11.00 A.M. (Online)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only, further details can be seen from the e-procurement portal. hhttp://tendersodisha.gov.in

Sd./- Victor Soreng, Executive Officer, Rajgangpur Municipality

OIPR-13094/11/0024/2526

## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

**INVITATION FOR BIDS (IFB)**

E-mail : pwdoff_khd@yahoo.com

**Tender Call Notice**

**Bid Identification No. S.E.-KHD-(R&B)-02/2025-26**

**Letter No. 2819 dtd. 25.04.2025**

No.B-70 : The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil+EI+PH) Works as detailed below :

1. Nature of Work : Composite (Civil+EI+PH) Works
2. No. of Work : 01 No.
3. Tender Cost : Rs. 10000.00 (Online)
4. Class of Contractor : 'B' class Contractor
5. Available of Bid documents in the website : From Dt.07.05.2025 at 11.00 A.M. to Dt.21.05.2025 at 1.00 P.M.
6. Date of opening of Bids : Dt.22.05.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer, Khurda (R&B) Division, Khurda

OIPR-34095/11/0029/2526

## OFFICE OF THE MUNICIPAL COUNCIL, BARBIL

No.C-192

Tender Call Notice No. 1267 Date. 28.04.2025

1. Name of the work : **Civil construction works as mentioned in website of Barbil Municipality.**
2. No. of work : **40 (Forty)**
3. Bid value : **Rs.24,800/- to Rs.2,00,000/-**
4. Period of completion : **30 days**
5. Period of availability of tender paper : **from Dt.01.05.2025 to 08.05.2025 up to 11.00 A.M.**
6. Last Date & time for submission of tender paper : **Dt.08.05.2025 up to 12.30 P.M.**
7. Date & time of opening of Technical Bid : **Dt.09.05.2025 at 10.30 A.M.**
8. Name and address of the officer inviting bid : **EXECUTIVE OFFICER, BARBIL MUNICIPALITY**

**Details can be seen from Barbil Municipality website : www.barbilmunicipality.in**

Sd./- Executive Officer, Barbil Municipality

OIPR-13108/11/0034/2526

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 7473/ଭୁ.ଉ.କ., ଭୁବନେଶ୍ୱର ତା.23.04.25 ରିଖ

EB-V-574/78

**ସୂଚନା**

No.CAD-262: ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EB-753କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୬୮୬୩, ତା.୦୧.୦୮.୨୦୨୩ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ **ପୁଲିନ୍ କୁମାର ଗନ୍ତାୟତ, ପିତା-ସ୍ୱର୍ଗତ ରାଧାକୃଷ୍ଣ ଗନ୍ତାୟତ, ବାସସ୍ଥାନ-ପ୍ଲଟ ନଂ.-ଏମ୍.ଆଇ.ଜି.-ବି-୩୫, ନୟାପଲ୍ଲୀ ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ପୁଲିନ୍ କୁମାର ଗନ୍ତାୟତ** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରଦ୍ଧାଞ୍ଜଳି ବେହେରା, ସ୍ୱାମୀ-ନୀଳକମଳ ପରିଡା, **ପ୍ଲଟ ନଂ.୭୩୧/୨୬୯୦ ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0282/2526

## ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼ OFFICE OF THE ASST. DIRECTOR OF TEXTILES, SUNDARGARH

At- Mahesdihi, Sundargarh, 770001; Email Id- adtsundargarh@gmail.com

**TENDER CALL NOTICE FOR SUPPLY OF TECHNOLOGICAL INTERVENTION COMPONENT UNDER THE SCHEME "PROMOTION OF HANDLOOM INDUSTRIES" FOR THE YEAR 2024-25**

Notice No.445 / Dated.30.04.2025/

No. PP-27:- Bids in sealed cover are invited under two-bid system from reputed Suppliers / Manufacturers / Dealers / Films units for supply of **Pit Looms, Frame Looms, Weaving Accessories, Dobby & Motorized Charkha** to beneficiaries of Sundargarh Zone (Jharsuguda & Sundargarh district) for disbursement to weavers under "Promotion of Handloom Industries" scheme for the year 2024-25 in Sundargarh Zone. The tender schedule of the bidding process are as follows :

| Sl.No. | Tender Schedule | Dateline |
|---|---|---|
| 1 | Date of Issue | 01.05.2025 |
| 2 | Tender submission last Date and Time | 14.05.2025 till 2 P.M. |
| 3 | Opening of Technical Bid | 16.05.2025 |
| 4 | Opening of Financial Bid | 9 A.M. onwards |

The bid documents containing eligibility criteria, detail of items, terms & conditions of the tender can be downloaded from the website www.sundargarh.odisha.gov.in or www.sadhacodisha.org, www.boyanika.com or www.samabalpuribastralaya.com or www.textiles.odisha.gov.in

Sd./- K. Pradhan, Assistant Director of Textiles, Sundargarh

OIPR-31031/11/0002/2526

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No. (0663)-2412791(Off.), E-mail : eemisbp@yahoo.co.in

No. 1738/Date. 29.04.2025

**'e' Procurement Notice**

**BID REF No. : SE, MID, SBP/01/2025-26**

No.A-

- Name of work : Civil Construction works
- No. of Works : 01 (One) No.
- Estimated cost : for 01 No. of work (Rs. 24.49 Lakh)
- Tender paper cost : Referred to DTCN
- Period of completion : Referred to DTCN
- Availability of bid through online : From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** in website (www.tendersorissa.gov.in)
- Period of receipt of bid through online : From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** through online
- Date of opening of bid documents : On **dt.14.05.2025 at 10.00 A.M.** onwards
- Digital signature certificate of Bidder : The bidder must posses compatible digital signature certificate (DSC) of Class-II or Class-III

**The detail tender call notice can also be seen in the DOWR website - http://dowrorissa.gov.in**

- Name & Address of the OIT : Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in
- Further details can be seen from the e-Procurement market place : http:/tendorsorissa.gov.in

Sd./- Superintending Engineer, M.I.Division, Sambalpur

OIPR-32036/11/0016/2526

## ODISHA SPACE APPLICATIONS CENTRE (ORSAC)

Dept of Science & Technology, Govt. of Odisha
Bhubaneswar-751 023

**Tender Notice No. 15/2025**

No.CAD-266 : Sealed tenders are invited from established and accredited Original Equipment Manufacturer(OEM)/ authorized dealers for supply and installation & commissioning of Desktop Computer, Workstation, Laptop, Printer for Odisha Space Applications Centre, Bhubaneswar.

For details please visit Website https://odisha.gov.in. https://st.odisha.gov.in https://it.odisha.gov.in & ORSAC Website https://orsac.odisha.gov.in or ORSAC office for submission of the Tender papers.

OIPR-28007/11/0015/2526 CHIEF EXECUTIVE

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମେ ୪/୨୦୨୫ Bhubaneswar, Sunday, May 4/ 2025

## ସଂକ୍ଷେପରେ

### ପହଲଗାମ୍ ଆକ୍ରମଣକାରୀ କଲମ୍ବୋ ଯାଇଥିବା ସନ୍ଦେହ

**ବିମାନବନ୍ଦରରେ କଡ଼ା ଯାଞ୍ଚ୍**

ନୂଆଦିଲ୍ଲୀ/କଲମ୍ବୋ,୩ା୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଜଣ ସନ୍ଦିଗ୍ଧ ଚେନ୍ନାଇରୁ ବିମାନ ଧରି ଶ୍ରୀଲଙ୍କାର କଲମ୍ବୋ ବିମାନବନ୍ଦରରେ ପହଞ୍ଚିଥିବା ଭାରତରୁ ସୂଚନା ମିଳିବା ପରେ ସେଠାରେ ବ୍ୟାପକ ତଲାସି କରାଯାଇଛି। ଚେନ୍ନାଇରୁ ଯାଇଥିବା ଉକ୍ତ ବିମାନରେ ପହଲଗାମ୍ ଆକ୍ରମଣର ୬ ଜଣ ସନ୍ଦିଗ୍ଧ ଥିବା ଭାରତୀୟ କର୍ତ୍ତୃପକ୍ଷ ଶ୍ରୀଲଙ୍କା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ଶ୍ରୀଲଙ୍କା ଏୟାରଲାଇନ୍ସ ବିମାନ ୟୁଏଲ୍୧୨୨ ପୂର୍ବାହ୍ନ ୧୧ଟା ୫୯ ମିନିଟ୍ ସମୟରେ ବନ୍ଦରନାଏକ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଶ୍ରୀଲଙ୍କା ପୋଲିସ, ସେଠାର ବାୟୁସେନା ଏବଂ ବନ୍ଦର ସୁରକ୍ଷା ସଂସ୍ଥା ପକ୍ଷରୁ ମିଳିତ ଭାବେ ସୁରକ୍ଷା ଯାଞ୍ଚ କରାଯାଇଥିଲା। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରାଯାଇ ପାରିନାହିଁ।

### ରୁଷିଆର ବିଜୟ ଦିବସ ପରେଡ୍‌ରେ ସାମିଲ ହେବେନି ରାଜନାଥ

ନୂଆଦିଲ୍ଲୀ, ୩ା୫

ଆସନ୍ତା ମେ' ୯ରେ ମସ୍କୋରେ ହେବାକୁ ଥିବା ରୁଷିଆର ବିଜୟ ଦିବସ ବାର୍ଷିକ ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରେଡ ସମାରୋହରେ ଯୋଗ ଦେବାକୁ ପୂର୍ବରୁ ମନା କରିଥିଲେ। ତାଙ୍କ ବଦଳରେ ରାଜନାଥ ମସ୍କୋ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଭାରତର ପ୍ରତିନିଧିତ୍ୱ କରିବେ। ପହଲଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜନାଥ ନିଜର ଏହି ଗସ୍ତକୁ ବାତିଲ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ମନ୍ଦିରରେ ଦଳାଚକଟା: ୭ ମୃତ, ୮୦ ଆହତ

**ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ**

ପଣଜୀ, ୩ା୫





ଶୁକ୍ରବାର ରାତିରେ ଗୋଆର ଶିର୍‌ଗାଓରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟିଛି।

ଗୋଆର ଶିର୍‌ଗାଓସ୍ଥିତ ଲୈରାଇ ଦେବୀ ମନ୍ଦିରରେ ଶୁକ୍ରବାର ରାତିରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଗୋଆ ମେଡିକାଲ କଲେଜ ଏବଂ ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲ ଯାଇ ଆହତଙ୍କ ସ୍ଥିତି ପରଖିଛନ୍ତି। ସେ ଏକ୍ସ'ରେ ଏକ ପୋଷ୍ଟ କରି ଦଳଚକଟାକୁ ନେଇ ଶୋକ ପ୍ରକଟ କରିବା ସହ ସ୍ଥିତି ଉପରେ ବ୍ୟକ୍ତିଗତ ଭାବେ କଡ଼ା ନଜର ରଖିଥିବା କହିଛନ୍ତି। ମନ୍ଦିରର ଦଳାଚକଟା ଘଟଣାକୁ ନେଇ ସେ ବିସ୍ତୃତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାର ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଆହତ ୮୦ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି। ଘଟଣାକୁ ନେଇ ଲୈରାଇ ଦେବୀ ମନ୍ଦିରର ସଭାପତି ଦିନନାଥ ଗାଓନ୍‌କର କହିଛନ୍ତି, ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳଚକଟା ଘଟିବା ସମୟରେ ପ୍ରାୟ ୫୦ରୁ ୭୦ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶୁକ୍ରବାର ରାତିରେ ଜଣେ ଶ୍ରଦ୍ଧାଳୁ ଭୁଲ୍ ବଶତଃ ନିଜ ବେତ ବାଡ଼ିରେ ଏକ ବିଜୁଳି ବଲ୍‌ବକୁ ଛୁଇଁ ଦେଇଥିଲେ, ଯାହାପରେ ତାଙ୍କୁ ଝଟକା ଲାଗିଥିଲା ଏବଂ ସେ ଅନ୍ୟ ଶ୍ରଦ୍ଧାଳୁଙ୍କ ଉପରେ ପଡ଼ିଯାଇଥିଲେ। ଏହାପରେ ଭିଡ଼ରେ ଥିବା ଲୋକମାନେ ପରସ୍ପରକୁ ଧକ୍କା ଦେଇଥିଲେ, ଫଳରେ ଦଳାଚକଟା ଘଟିଥିବା ସେ କହିଛନ୍ତି। ଏହି ଦଳାଚକଟାର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଉତ୍ତର ଗୋଆ ଏସ୍‌ପି ଅକ୍ଷତ କୌଶଲ କହିଛନ୍ତି। ଦଳାଚକଟାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

# ଅଷ୍ଟ୍ରେଲିଆ ନିର୍ବାଚନରେ ଲେବର ପାର୍ଟି ବିଜୟୀ

**ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବେ ଆଲ୍‌ବାନିସ୍**

ମେଲବର୍ନ,୩ା୫

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇଛି। ଫଳରେ ଆଲ୍‌ବାନିସ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଗତ ୨୧ ବର୍ଷ ମଧ୍ୟରେ କୌଣସି ଅଷ୍ଟ୍ରେଲୀୟ ନେତା କ୍ରମାଗତ ଦ୍ୱିତୀୟ ଥର ନିର୍ବାଚନ ଜିତିବା ଏହା ପ୍ରଥମ। ଅଷ୍ଟ୍ରେଲୀୟ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ୧୫୦ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଲେବର ପାର୍ଟି ଶନିବାର ସନ୍ଧ୍ୟା ସୁଦ୍ଧା ୭୦ ଆସନ ଜିତିଥିବାବେଳେ ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ମାତ୍ର ୨୪ ଆସନରେ ସୀମିତ ରହିଛି। ମେଣ୍ଟ କରି ନ ଥିବା ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୧୩ଟି ଆସନ ଜିତିବା ଆଶା କରାଯାଉଛି। ବିରୋଧୀ ଦଳ ନେତା ପିଟର ଡୁଟନ ଶନିବାର ସନ୍ଧ୍ୟାରେ ପରାଜୟ ସ୍ୱୀକାର କରିଛନ୍ତି। ଆମେ ଭଲ ପ୍ରଚାର କରିପାରି ନ ଥିଲୁ। ତେଣୁ ପରାଜୟ ପାଇଁ ମୁଁ ନିଜକୁ ଦାୟୀ କରୁଛି ବୋଲି ଡୁଟନ କହିଛନ୍ତି।



ଆଣ୍ଟୋନୀ ଆଲ୍‌ବାନିସ

ଆଲ୍‌ବାନିସ୍ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଜରିଆରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଷ୍ଟ୍ରେଲିଆ ଜନସାଧାରଣଙ୍କ ଆପଣଙ୍କ ନେତୃତ୍ୱ ଉପରେ ଆସ୍ଥା ରହିଛି। ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ତାଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।



ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଗୁରୁଗ୍ରାମରେ ଶନିବାର ଅନୁଷ୍ଠିତ ବିକ୍ଷୋଭ ରାଲିରେ ଲୋକେ ସାମିଲ ହୋଇଛନ୍ତି।

### ଜଳଦସ୍ୟୁଙ୍କ ଆକ୍ରମଣରେ ତାମିଲନାଡୁର ୧୭ ମତ୍ସ୍ୟଜୀବୀ ଆହତ

ଚେନ୍ନାଇ, ୩ା୫

ତାମିଲନାଡୁର ନାଗାପଟ୍ଟିନମ ଜିଲାର ଅକ୍କାରାଇପେଟାଇସ୍ଥିତ ସେରୁଥୁର ଗ୍ରାମର ୩୦ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ଏକ ବୋଟ୍‌ରେ କୋଡ଼ିୟାକରଇର ଦକ୍ଷିଣ ପୂର୍ବ ଅଞ୍ଚଳକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଶ୍ରୀଲଙ୍କାର ଜଳଦସ୍ୟୁଙ୍କ ଏକ ବୋଟ୍ ସେମାନଙ୍କ ସାମ୍ନାକୁ ଆସିଥିଲା। ଉକ୍ତ ବୋଟରେ ୬ ଜଣ ଜଳଦସ୍ୟୁ ରହିଥିଲେ। ସେମାନଙ୍କ ନିକଟରେ ଧାରୁଆ ଅସ୍ତ୍ର ଥିଲା। ଜଳ ଦସ୍ୟୁମାନେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରି ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ମାଛଧରା ଜାଲ, ଜିପିଏସ୍ ଡିଭାଇସ, ମାଛ ଆଦି ବିଭିନ୍ନ ସରଞ୍ଜାମ ଲୁଟି ନେଇଥିଲେ। ଏହି ଘଟଣାରେ ୧୭ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି।

# ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି: ଜଣେ ଗିରଫ

ଜୟପୁର,୩ା୫

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ରାଜସ୍ଥାନ ଜୟସାଲମେର୍‌ର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ଗୋଇନ୍ଦା ଅଧିକାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଗତ ୨୨ ତାରିଖ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଆଇଏସ୍‌ଆଇ ଗୁପ୍ତଚର ସନ୍ଦେହରେ ପଠାନ୍ ଖାନ୍‌ଙ୍କୁ ଗିରଫ କରାଯାଇଛି। ଜୟସାଲମେର ଜିଲାର ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳକୁ ଗୋଇନ୍ଦା ଅଧିକାରୀମାନେ ନିରୀକ୍ଷଣ କଲାବେଳେ ଜିରୋ ଆର୍‌ଡି ମୋହନଗଡ଼ ଅଞ୍ଚଳ ବାସିନ୍ଦା ପଠାନ୍‌ଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଦେଖାଦେଇଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୩ରେ ପଠାନ୍ ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀମାନଙ୍କୁ ଭେଟିଥିଲେ। ତାଙ୍କୁ ଅର୍ଥ ଲୋଭ ଦେଖାଯିବା ସହ ସେଠାରେ ଗୁପ୍ତଚରଗିରି ତାଲିମ ଦିଆଯାଇଥିଲା। ଏହା ପରେ ମଧ୍ୟ ପଠାନ୍ ଅନେକ ଥର ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀଙ୍କୁ ଭେଟିଛନ୍ତି। ପାକିସ୍ତାନୀ ପରିଚାଳକଙ୍କୁ ଭେଟି ଏବଂ ସୋସିଆଲ ମିଡିଆ ଜରିଆରେ ସେ ଜୟସାଲମେର ଅନ୍ତର୍ଜାତୀୟ ସୀମା ସମ୍ପର୍କିତ ସମ୍ବେଦନଶୀଳ ଗୁପ୍ତ ତଥ୍ୟ ଦେଇଥିବା ଜଣେ ଅଧିକାରୀ କହିଛନ୍ତି।



ପଠାନ୍ ଖାନ୍

**ପାଲେଷ୍ଟିନୀୟ ନାବାଳକଙ୍କୁ ହତ୍ୟା ମାମଲା**

### ଆମେରିକୀୟଙ୍କୁ ୫୩ ବର୍ଷ ଜେଲ

ୱାଶିଂଟନ୍,୩ା୫

ଜଣେ ୬ ବର୍ଷୀୟ ପାଲେଷ୍ଟିନୀୟ-ଆମେରିକୀୟ ବାଳକ ୱାଡ଼ି ଆଲ୍‌ଫାୟୁମିଙ୍କୁ ଛୁରି ଭୁସି ହତ୍ୟା କରିବା ସହ ତାଙ୍କ ମାଆଙ୍କୁ ଆହତ କରିବା ମାମଲାରେ ଆମେରିକାର ଜୋସେଫ୍ ଜୁବା (୭୩)ଙ୍କୁ ଶୁକ୍ରବାର ୫୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୩ରେ ଇସ୍ରାଏଲ୍-ଗାଜା ଯୁଦ୍ଧ ଆରମ୍ଭ ହେବା ପରେ ଜୋସେଫ୍ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଗତ ଫେବୃଆରୀରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ୱାଡ଼ି ଓ ତାଙ୍କ ମାଆ ହନନ ଶାହିନ ଜୋସେଫ୍‌ଙ୍କ ପ୍ଲେନ୍‌ଫିଲ୍ଡସ୍ଥିତ ଘରେ ଭଡ଼ାରେ ରହୁଥିଲେ। ସେମାନେ ମୁସଲମାନ ହୋଇଥିବାରୁ ଜୋସେଫ୍ ସେମାନଙ୍କୁ ଟାର୍ଗେଟ କରିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଥିଲେ।

### ପାକିସ୍ତାନୀ ମହିଳାଙ୍କ ସହ ବିବାହକୁ ଲୁଚାଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

ନୂଆଦିଲ୍ଲୀ,୩ା୫

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଘଟଣାକୁ ଲୁଚାଇ ରଖିଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମୁନିର ଅହମଦଙ୍କୁ ଶନିବାର ଚାକିରିରୁ ବହିଷ୍କାର କରାଯାଇଛି। ଭିଜା ବୈଧତା ଶେଷ ହେବା ପରେ କନ୍‌ଷ୍ଟେବଲ ଜଣକ ଜାଣିଶୁଣି ସ୍ତ୍ରୀଙ୍କୁ ଆଶ୍ରୟ ଦେଇଥିଲେ। ତାଙ୍କ କାର୍ଯ୍ୟ ସେବା ନିୟମାବଳୀର ଉଲ୍ଲଂଘନ ଏବଂ ଜାତୀୟ ସୁରକ୍ଷା ପ୍ରତି କ୍ଷତିକାରକ ବୋଲି ସିଆର୍‌ପିଏଫ୍ କହିଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ କେନ୍ଦ୍ର ସରକାର ପାକିସ୍ତାନୀମାନଙ୍କ ଭିଜା ରଦ୍ଦ କରିଥିବାବେଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିରଙ୍କ ସ୍ତ୍ରୀ ମିନାଲ ଖାନ୍ ପାକିସ୍ତାନୀ ହୋଇଥିବାବେଳେ ତାଙ୍କୁ ଦେଶ ଛାଡ଼ିବାକୁ ଗତ ୨୯ ତାରିଖରେ ଅଟ୍ଟାରୀ-ୱାଘା ସୀମାକୁ ନିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ଭାରତରେ ୧୦ ଦିନ ରହିବାକୁ ଅନୁମତି ଦେଇଥିଲେ। ସୂଚନାଯୋଗ୍ୟ, ଜମ୍ମୁ ବାସିନ୍ଦା ମୁନିର ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିବା ବିଭାଗକୁ ଜଣାଇଥିଲେ। କିନ୍ତୁ ବିଭାଗୀୟ ଅନୁମତି ବିନା ସେ ଗତବର୍ଷ ମେ' ୨୪ରେ ବିବାହ କରିଥିଲେ।



ମୁନିର ଅହମଦ ମିନାଲ ଖାନ୍

# ମଣିପୁର ବନ୍ଦ ଯୋଗୁ ଜୀବନଯାତ୍ରା ପ୍ରଭାବିତ

**ହିଂସାକୁ ୨ ବର୍ଷ**

ଇମ୍ଫାଲ/ଚୁରାଚାନ୍ଦପୁର,୩ା୫

ମଣିପୁର ଜାତିଆଣ ହିଂସାକୁ ଶନିବାର ୨ ବର୍ଷ ପୂରିଛି। ୨୦୨୩ ମେ' ୩ରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହୋଇ ଦୀର୍ଘଦିନ ଧରି ଚାଲିଥିଲା। ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧,୫୦୦ ଜଣ ଆହତ ହୋଇଥିଲେ। ଏଥିସହ ୭୦ ହଜାରରୁ ଊର୍ଦ୍ଧ୍ୱ ବାସହରା ହୋଇଥିଲେ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଜାତିଆଣ ହିଂସାର ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ବନ୍ଦ ଡାକରା ଦିଆଯାଇଥିବାରୁ ମେଇତି ନିୟନ୍ତ୍ରିତ ଇମ୍ଫାଲ ଉପତ୍ୟକା ଏବଂ କୁକି ଅଧ୍ୟୁଷିତ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ମେଇତି ସଂଗଠନ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି (ସିଓସିଓଏମ୍‌ଆଇ) ପକ୍ଷରୁ ଉପତ୍ୟକା ଜିଲାଗୁଡ଼ିକରେ ବନ୍ଦ ଡାକରା ଦିଆଯାଇଥିବାବେଳେ ଜୋମି ଷ୍ଟୁଡେଣ୍ଟସ୍ ଫେଡେରେଶନ (ଜେଡ୍‌ଏସ୍‌ଏଫ୍) ଏବଂ କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (କେଏସ୍‌ଓ) ପକ୍ଷରୁ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ବନ୍ଦ ପାଳନ କରାଯାଇଛି। ଫଳରେ ସମଗ୍ର ରାଜ୍ୟରେ ଦୋକାନବଜାର, ସ୍କୁଲ୍ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର କାର୍ଯ୍ୟ ରୋକିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ହିଂସାକାଣ୍ଡରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସନ୍ଧ୍ୟାରେ ଇମ୍ଫାଲରେ ଏକ ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଚୁରାଚାନ୍ଦପୁର ଏବଂ କାଙ୍ଗ୍‌ପୋକ୍‌ପି ଜିଲାରେ କୁକି ସମ୍ପ୍ରଦାୟ ପକ୍ଷରୁ 'ବିଚ୍ଛିନ୍ନତା ଦିବସ' ପାଳନ କରାଯାଇ ସ୍ୱତନ୍ତ୍ର ଅଞ୍ଚଳ ପାଇଁ ଦାବି କରାଯାଇଛି।





ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବା ସତ୍ତ୍ୱେ ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ଆଦୌ ନ ଯିବା ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ସମାଲୋଚନା କରିଛନ୍ତି। ମଣିପୁର ଗସ୍ତରେ ନ ଯାଇ ପ୍ରଧାନମନ୍ତ୍ରୀ ରାଜଧର୍ମ ପାଳନରେ ବିଫଳ ହୋଇଥିବା ଖାର୍ଗେ କହିଛନ୍ତି।

# ଏକସଙ୍ଗେ ୩ ବିଶ୍ୱ ରେକର୍ଡ





ଲଣ୍ଡନ

ବ୍ରିଟିଶ୍ ମାର୍ଶାଲ ଆର୍ଟିଷ୍ଟ ଜୋଶୁଆ ଇୟାଲା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଏକକାଳୀନ ୩ଟି ଅବିଶ୍ୱସନୀୟ ରେକର୍ଡ ସ୍ଥାପନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଗୋଟିଏ ମିନିଟରେ ସର୍ବାଧିକ ଫୁଲ୍-ଏକ୍ସଟେନ୍‌ସନ୍ ପଞ୍ଚ୍ ମାରିବାର ୩ଟି ବର୍ଗରେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧ ମିନିଟ ମଧ୍ୟରେ ବିନା ଗ୍ଲୋଭସ୍ ପିନ୍ଧି ୪୫୩ ପଞ୍ଚ୍, ବକ୍ସିଂ ଗ୍ଲୋଭସ୍ ସହ ୩୭୪ ପଞ୍ଚ୍ ଏବଂ ୧ କେ.ଜି. ଓଜନର ଡମ୍ବେଲ ଧରି ୩୩୩ ଥର ପଞ୍ଚ୍ ମାରି ୩ଟି ବିଶ୍ୱ ରେକର୍ଡ ଏକସଙ୍ଗେ ସୃଷ୍ଟି କରିଛନ୍ତି।

ଜୋଶୁଆ କହିଛନ୍ତି, ଏହି ସଫଳତା ପାଇଁ ସେ ପ୍ରାୟ ବର୍ଷେ ହେବ କଠିନ ପରିଶ୍ରମ କରୁଥିଲେ। ସେ ନିଜର ଟ୍ରେନିଂ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଚାଟ୍‌ଜିପିଟିର ବ୍ୟବହାର କରିଥିଲେ, ଯାହାକୁ ତାଙ୍କର ଜଣେ ସମ୍ପର୍କୀୟ ବକ୍ସିଂ ପ୍ରଶିକ୍ଷକ ଯାଞ୍ଚ୍ କରିଥିଲେ। ଜୋଶୁଆଙ୍କ ଅନୁଯାୟୀ, ବିନା ଗ୍ଲୋଭସ୍ ପିନ୍ଧି ଗୋଟିଏ ମିନିଟରେ ସର୍ବାଧିକ ପଞ୍ଚ୍ ମାରିବାର ରେକର୍ଡ ତାଙ୍କ ପାଇଁ ସବୁଠାରୁ କଷ୍ଟସାଧ୍ୟ ଥିଲା।

**ଫୁରସତ୍**



ମନୋଜ ବାଜପେୟୀ

# ମନୋଜଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଗଭର୍ନର'

ମୁମ୍ବାଇ

ଅଭିନେତା ମନୋଜ ବାଜପେୟୀ ପୁଣିଥରେ ନିଜ ଅଭିନୟ ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଶନିବାର ତାଙ୍କ ନୂତନ ଚଳଚ୍ଚିତ୍ର 'ଗଭର୍ନର'ର ଘୋଷଣା କରାଯାଇଛି, ଯେଉଁଥିରେ ସେ ରାଜ୍ୟପାଳ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବିପୁଲ ଶାହଙ୍କ ପ୍ରଡକ୍ସନ ହାଉସ୍ ସନ୍‌ସାଇନ୍ ପିକ୍ଚର୍ସର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ପଲିଟିକାଲ ଥ୍ରୀଲର ଫିଲ୍ମର ନିର୍ଦ୍ଦେଶନା ଚିନ୍ମୟ ମାଣ୍ଡଲେକର ଦେବେ। 'ଗଭର୍ନର'ର ଶୁଟିଂ ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟରୁ ଆରମ୍ଭ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ସନ୍‌ସାଇନ୍ ପିକ୍ଚର୍ସ ପକ୍ଷରୁ ଗତ ୨ ବର୍ଷ ଧରି ଏହି ପ୍ରୋଜେକ୍ଟ ଉପରେ କାମ କରାଯାଉଥିଲା। 'ଗଭର୍ନର' ଫିଲ୍ମର ପ୍ରାକ୍-ପ୍ରଡକ୍ସନ୍ ଆରମ୍ଭ ହୋଇସାରିଛି ଏବଂ ସମ୍ପ୍ରତି ଏହାର ପ୍ରମୁଖ ଚରିତ୍ରମାନଙ୍କ ପାଇଁ କାଷ୍ଟିଂ ପ୍ରକ୍ରିୟା ଜୋର୍‌ସୋର୍‌ରେ ଜାରି ରହିଛି।

ସମ୍ପ୍ରତି ମନୋଜଙ୍କ ହାତରେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କୁ ଫିଲ୍ମ ନିର୍ମାତା ଶେଖର କପୁରଙ୍କ 'ମାସୁମ: ଦି ନ୍ୟୁ ଜେନେରେଶନ' ଏବଂ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମାଙ୍କ 'ପୋଲିସ ଷ୍ଟେସନ ମେ ଭୂତ'ରେ ଦେଖିବାକୁ ମିଳିବ। ସେହିପରି ମନୋଜଙ୍କ ଅଭିନୀତ ଆମାଜନ ପ୍ରାଇମ ଭିଡିଓର ସୁପରହିଟ୍ ସିରିଜ୍ 'ଦି ଫ୍ୟାମିଲି ମ୍ୟାନ୍'ର ତୃତୀୟ ସିଜନ ଆସନ୍ତା ଦୀପାବଳୀ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି।

# ହସ୍ପିଟାଲରେ ବିବାହ

ଭୋପାଳ

ମଧ୍ୟପ୍ରଦେଶର ରାଜଗଡ଼ ଜିଲାର ଆଦିତ୍ୟ ସିଂଙ୍କ ବିବାହ ନନ୍ଦିନୀଙ୍କ ସହ ସ୍ଥିର ହୋଇଥିଲା। ବିବାହର ସପ୍ତାହେ ପୂର୍ବରୁ ଗତ ଏପ୍ରିଲ ୨୪ରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଥିଲା। ତେଣୁ ତାଙ୍କୁ ବ୍ୟାଓରାସ୍ଥିତ ପଞ୍ଜାବୀ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଶୁଭ ମୁହୂର୍ତ୍ତକୁ ନଷ୍ଟ ନ କରିବା ପାଇଁ ନନ୍ଦିନୀଙ୍କ ପରିବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ହସ୍ପିଟାଲରେ ଆଦିତ୍ୟ ଓ ନନ୍ଦିନୀଙ୍କ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
51 Years
ପୃଷ୍ଠା-୮+୮
ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 4/2025 Page 16 ₹ 7.00
୫୧ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 158 ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା-୮+୮
ଭୁବନେଶ୍ୱର, ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧



ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶନିବାର ଗୋଆ ଏଫ୍‌ସି ଓ ଜାମଶେଦପୁର ମଧ୍ୟରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ-ବିକାଶ ନାୟକ)**

# ପରୀକ୍ଷା ପୂର୍ବରୁ ମେଡିକାଲ ସିଟ୍ ଡିଲ୍

## ଭୁବନେଶ୍ୱରରେ ଧରାପଡ଼ିଲେ ଆନ୍ତଃ ରାଜ୍ୟ ରାକେଟ୍‌ର ୪ ସଦସ୍ୟ

**ସର୍ବଭାରତୀୟ ସ୍ତରରେ ରବିବାର ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି ୨୦୨୫) ଅନୁଷ୍ଠିତ ହେବା ଏହାର ଦିନକ ପୂର୍ବରୁ ମେଡିକାଲ କଲେଜଗୁଡ଼ିକରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ଆଶାୟୀଙ୍କଠାରୁ ଅନେକ ଲକ୍ଷ ଟଙ୍କା ଲୁଟିଥିବା ଏକ ଆନ୍ତଃ ରାଜ୍ୟ ରାକେଟ ଧରାପଡ଼ିଛି। ଗ୍ୟାଙ୍ଗର ୨ ଜଣ ସଦସ୍ୟ ଓଡ଼ିଶାର ହୋଇଥିବାବେଳେ ବିହାର ଓ ଝାଡ଼ଖଣ୍ଡର ଜଣେ ଲେଖାଏ ରହିଛନ୍ତି। ଏମାନେ ପରୀକ୍ଷାର୍ଥୀ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରୁଥିଲେ। କଡ଼ା ପରୀକ୍ଷା ପ୍ରୋଟୋକଲ୍ ସତ୍ତ୍ୱେ ହଲ୍‌ରେ ଅସଲ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଡମି କ୍ୟାଣ୍ଡିଡେଟ୍‌ମାନଙ୍କୁ ବସାଇ ପାସ୍ କରାଇବାକୁ ଯୋଜନା କରିଥିଲେ ବୋଲି କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମ୍ମୁଖରେ ଜେରା ବେଳେ ସେମାନେ ସ୍ୱୀକାର କରିଛନ୍ତି। ଏହି ଅଭିଯୁକ୍ତମାନଙ୍କ ନିକଟରୁ ୯୦ ଲକ୍ଷ ଟଙ୍କାର ୩ଟି ଚେକ୍ ସହ ଅନ୍ୟ ଏକ ବ୍ଲାଙ୍କ ଚେକ୍ ଜବତ କରାଯାଇଛି। ବିଦେଶରେ ରହୁଥିବା କେତେଜଣ ଏନ୍‌ଆର୍‌ଆଇଙ୍କଠାରୁ ମଧ୍ୟ ଏମାନେ ବିପୁଳ ଟଙ୍କା ନେବାକୁ ଉଦ୍ୟମ ଚଳାଇଥିବା ତଦନ୍ତରୁ ଜଣାପଡ଼ିଛି। ମୋଟ କେତେଜଣ ଛାତ୍ରୀଛାତ୍ରଙ୍କଠାରୁ କେତେ ଟଙ୍କା ନେଇଛନ୍ତି, ତାହା ଜାଣିବା ପାଇଁ ତନାଘନା ଜାରି ରହିଛି।**



ଭୁବନେଶ୍ୱର,୩।୫(ସତ୍ୟଜିତ ରାଉତ)

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟିରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରେଇବା ଆଳରେ ଠକୁଥିବା ଏକ ଆନ୍ତଃରାଜ୍ୟ ରାକେଟକୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଧରିଛି। ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲ ନିକଟରେ ଶନିବାର ସକାଳେ ଏସ୍‌ସିୟୁ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ଓଡ଼ିଶାର ହୋଇଥିବାବେଳେ ଅନ୍ୟ ୨ଜଣ ରାଜ୍ୟ ବାହାରର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ହଜାରୀବାଗର ପ୍ରିୟଦର୍ଶୀ କୁମାର, ବିହାର ଔରଙ୍ଗାବାଦର ଅରବିନ୍ଦଙ୍କ କୁମାର, ଭୁବନେଶ୍ୱର ପଟିଆ ଅଞ୍ଚଳର ସୁନୀଲ ସାମନ୍ତରାୟ ଏବଂ ତମାଣ୍ଡୋ ଅଞ୍ଚଳର ରୁଦ୍ର ନାରାୟଣ ବେହେରା। ସେମାନଙ୍କ ଠାରୁ ବିଭିନ୍ନ ଏନ୍‌ଇଇଟି ଆଶାୟୀ ପରୀକ୍ଷାର୍ଥୀଙ୍କ କାଗଜପତ୍ର, ୩ଟି ଚେକ୍ (୯୦ ଲକ୍ଷ ଟଙ୍କା), ଗୋଟିଏ ବ୍ଲାଙ୍କ୍ ଚେକ୍ (ଜଣେ ପରୀକ୍ଷାର୍ଥୀ ହୋଇଥିବା ସନ୍ଦେହ), ନକଲି ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆରଆଇ)/ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) ସାର୍ଟିଫିକେଟ, ୨ଟି କାର୍ ଏବଂ ଅନୁଗୋଳରେ କ୍ରୟ କରାଯାଇଥିବା ୨ଟି ପ୍ଲଟର କାଗଜପତ୍ର ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ ୩/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଏହା ଏକ ବଡ଼ ରାକେଟ ହୋଇଥିବାବେଳେ ଏମାନଙ୍କ ଚେର ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟରେ ଅନେକ ସଦସ୍ୟ ଥିବା ବେଳେ ସେମାନଙ୍କ ପାଖରେ ପହଞ୍ଚିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଲିଙ୍କ୍‌ରେ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇଟି ଜରିଆରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରେଇଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟ ଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ଭାରତରେ ଥିବା ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ସେହିପରି ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।

# ଆଇଟି ଲାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ

## କଲେଜ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ

ଯାଜପୁର,୩।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଇନଫର୍ମେଶନ ଟେକ୍ନୋଲୋଜି (ଆଇଟି) ଲାବ୍ ସ୍ଥାପନ ବାବଦ ଟେଣ୍ଡରରେ ବ୍ୟାପକ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଆଇଟି ଲାବ ସ୍ଥାପନ ପାଇଁ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ ଛୋଟ କଲେଜକୁ ୪.୯୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ପ୍ରତ୍ୟେକ କଲେଜର ଲାବ୍ ପାଇଁ କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ କ୍ୟାମେରା ଏବଂ ୬୫ ଇଞ୍ଚର ଏଲ୍‌ଇଡି ଟିଭି କିଣିବା ଏବଂ ସେଠାରେ ଇଣ୍ଟରନେଟ ସଂଯୋଗ ନିମନ୍ତେ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ବିଗତ ସରକାର ସମୟରେ ମଧ୍ୟ କଲେଜଗୁଡ଼ିକରେ ଲାବ୍ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା। ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା। କିନ୍ତୁ ନୂଆ ସରକାର ଆସିବା ପରେ କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ତଥାପି ଅନେକ କଲେଜର ଅଧ୍ୟକ୍ଷ ଏହାକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ କୋଟେଶନ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ନିଆଯାଇ ନାହିଁ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତାନ୍ତ ଆବଶ୍ୟକ। କିନ୍ତୁ ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧ୍ୟକ୍ଷ ନିଜସ୍ୱ ଏକ କ୍ରୟ କମିଟି ଗଠନ କରିଛନ୍ତି। ମାତ୍ର ସେଥିରେ ବୈଷୟିକ ଅଭିଜ୍ଞତା ଥିବା କୌଣସି ସଦସ୍ୟ ହିଁ ନାହାନ୍ତି। ବୈଷୟିକ ଅଭିଜ୍ଞତା ଥିବା ସଦସ୍ୟ କିମ୍ବା ଜିଲାର ସ୍ଥାୟୀ ବୈଷୟିକ ପରିଚାଳକଙ୍କ ଦ୍ୱାରା ସାମଗ୍ରୀଗୁଡ଼ିକର ସ୍ପେସିଫିକେସନ ଯାଞ୍ଚ କରା ନ ଯାଇ କ୍ରୟ କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କିଣାଯାଇଛି। କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରିବା ନିୟମ ରହିଛି। କିନ୍ତୁ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ଜିଲାର ପ୍ରାୟ ୮ଟି କଲେଜରେ ୱେବ୍‌ସାଇଟ ସ୍ଥାନରେ ଇମେଲ୍ ଠିକଣା ଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେଶନ ଆହ୍ୱାନ କରିଥିବା ନଜରକୁ ଆସିଛି। ଏଥିରେ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ(ଓଜିଏଫ୍‌ଆର୍) ଉଲ୍ଲଘନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କେଳେଙ୍କାରୀ ପଛରେ ଭୁବନେଶ୍ୱରର ଏକ ଆଇଟି ସଲ୍ୟୁଶନ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଛି। ତେବେ ଯେଉଁ କଲେଜ ଅଧ୍ୟକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରିସାରିଛନ୍ତି ତାକୁ ପରିଚାଳନା କମିଟିର ସଭାପତି ଥିବା ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ତୁରନ୍ତ ଟେଣ୍ଡର ସବୁକୁ ବାତିଲ କରିବାକୁ ଦାବି ହୋଇଛି। ଏହାସହ ଜିଲା ବୈଷୟିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଇଏମ୍ ମାଧ୍ୟମରେ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଟେଣ୍ଡର ଏବଂ ଅନ୍ୟାନ୍ୟ ଗାଇଡ୍‌ଲାଇନ୍ ଉପରେ ଜାଣିବା ପରେ ସେ କିଛି କହିପାରିବେ। ଯଦି ଟେଣ୍ଡରରେ ଫିକ୍ସିଂ କିମ୍ବା ନିମ୍ନମାନର ସାମଗ୍ରୀ କିଣାଯାଇଥାଏ, ତାହାହେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଖୁବ୍‌ଶୀଘ୍ର ରାଜ୍ୟରେ ନୂଆ ଇଭି ପଲିସି

ଭୁବନେଶ୍ୱର,୩।୫(ବନ୍ଦନା ସେଠୀ)

ଗ୍ରୀନ୍ ଏନର୍ଜି ବା ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା ଗ୍ରହଣ କରାଯିବ। ଏହିକ୍ରମରେ ବୈଦ୍ୟୁତିକ ଯାନ ବା ଇଭିର ବ୍ୟବହାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପଲିସି ପ୍ରଣୟନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଶନିବାର ରାଜଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସରକାରୀ ସ୍ତରରେ ଏହି ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରାଯିବ। ସମସ୍ତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ସୌର ପ୍ୟାନେଲ ବାଧ୍ୟତାମୂଳକ କରାଯିବ। ଟୁଇନ୍ ସିଟିର ବିଭିନ୍ନ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି। ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯିବ। ସେହିପରି ସରକାରୀ କର୍ମଚାରୀମାନେ ଇଭି (ଇଲେକ୍ଟ୍ରିକ୍ ଭେଇକିଲ୍) ଗାଡ଼ି ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ ଚାକିରିଆଙ୍କୁ ପୂର୍ବରୁ ଇଭି ଗାଡ଼ି କିଣିବାକୁ ସରକାର ଆଡ୍‌ଭାନ୍ସ ଦେଉଥିଲେ। ଇଲେକ୍ଟ୍ରିକ କାର ବା ଦୁଇ ଚକିଆ ଯାନ ଉଭୟ କିଣିବାକୁ ଆଡ୍‌ଭାନ୍ସ ଆକାରରେ ଟଙ୍କା ଦିଆଯାଉଛି। ଗ୍ରୁପ-ଏ ବା ବି କର୍ମଚାରୀଙ୍କୁ ଇଲେକ୍ଟ୍ରିକ କାର୍ ପାଇଁ ଏବଂ ଗ୍ରୁପ ସି' ଓ ଡି' କର୍ମଚାରୀଙ୍କୁ ଦୁଇଚକିଆ ଯାନ କିଣିବାକୁ ଅଗ୍ରୀମ ଟଙ୍କା ଦିଆଯାଉଛି। ଗ୍ରୁପ୍-ଏର କର୍ମଚାରୀମାନେ କିଣିବାକୁ ଥିବା କାର୍ ଦାମ୍‌ର ୭୫% ଅର୍ଥାତ୍ ସର୍ବାଧିକ ୧୫ଲକ୍ଷ ଟଙ୍କା ଆଡଭାନ୍ସ ଆକାରରେ ଦିଆଯାଉଛି। ସେହିପରି ଗ୍ରୁପ୍ ସି ଓ ଡି କର୍ମଚାରୀଙ୍କୁ ଦୁଇ ଚକିଆ ଇଭି କିଣିବା ପାଇଁ ୭୫% ବା ସର୍ବାଧିକ ୨ଲକ୍ଷ ପର୍ଯ୍ୟନ୍ତ ଆଡଭାନ୍ସ ଦିଆଯିବ। ଏଥିସହ ସରକାର ଦେଇଥିବା ଏହି ଟଙ୍କା ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ପାକିସ୍ତାନରୁ ସବୁ ଆମଦାନୀ ବନ୍ଦକଲା ଭାରତ

ନୂଆଦିଲ୍ଲୀ,୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହ ଉତ୍ତେଜନା ବଢ଼ିଚାଲିଥିବାବେଳେ କେନ୍ଦ୍ର ସରକାର ସେଠାରୁ ସମସ୍ତ ପ୍ରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିସହ ପାକିସ୍ତାନରୁ ଆସୁଥିବା ମେଲ୍ ଓ ପାର୍ସଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। କେବଳ ସେତିକି ନୁହେଁ, ପାକିସ୍ତାନୀ ଜାହାଜଗୁଡ଼ିକ ଭାରତୀୟ ବନ୍ଦରରେ ନ ଲଗାଇବାକୁ କଟକଣା ଲଗାଯାଇଛି।

ବୈଦେଶିକ ବାଣିଜ୍ୟ ନୀତି (ଏଫ୍‌ଟିପି) ୨୦୨୩ର ନୂଆ ନିୟମାବଳୀ ଅନୁଯାୟୀ, ଆମଦାନୀ ଓ ଦ୍ରବ୍ୟ ପରିବହନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କଟକଣା ତୁରନ୍ତ ଲାଗୁ ହୋଇଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବା ଜରୁରୀ ଥିଲା ବୋଲି ସରକାର କହିଛନ୍ତି। ଆବଶ୍ୟକ ହେଲେ ଏଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମୋଦନ ଆବଶ୍ୟକ ପଡ଼ିବ।

ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଅତ୍ୟନ୍ତ ସୀମିତ ଥିଲା। ଚଳିତ ଆର୍ଥିକ ବର୍ଷରେ ଭାରତ ସେଠାରୁ ମାତ୍ର ୦.୫ ନିୟୁତ ଡଲାର ମୂଲ୍ୟର ପଣ୍ୟ ଆମଦାନୀ କରିଥିବାବେଳେ ପ୍ରାୟ ୫୦୦ ନିୟୁତ ଡଲାରର ପଣ୍ୟ ରପ୍ତାନୀ କରିଥିଲା। ୨୦୧୯ ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନୀ ଆମଦାନୀ ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ଟାରିଫ୍ ଲଗାଇ ଏହାକୁ ମହଙ୍ଗା କରିଦେଇଥିଲା। ଫଳରେ ୨୦୨୪ ଏପ୍ରିଲରୁ ୨୦୨୫ ଜାନୁଆରୀ ମଧ୍ୟରେ ସେଠାରୁ ଆମଦାନୀ ମାତ୍ର ୦.୪୨ ନିୟୁତ ଡଲାରକୁ ହ୍ରାସ ପାଇଥିଲା। ଏଥିସହିତ ପାକିସ୍ତାନ ସହ ବିମାନ ଓ ସ୍ଥଳପଥ ଯୋଗେ ହେଉଥିବା ସମସ୍ତ ମେଲ୍ ଓ ପାର୍ସଲ ଆଦାନପ୍ରଦାନକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ଡାକ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ପାକିସ୍ତାନୀ ପତାକା ଲାଗିଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟକୁ ପ୍ରବେଶ ନିଷେଧ କରାଯାଇଛି।

# ତୃତୀୟ ସପ୍ତାହରେ +୨ ପରୀକ୍ଷାଫଳ

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଚଳିତ ମାସ ୬ ତାରିଖରେ ପ୍ରକାଶ ପାଇବ ବୋଲି ଶନିବାର ଏକ ଗୁଜବ ସୃଷ୍ଟି ହୋଇଥିଲା। ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ପରିଡ଼ା ଏନେଇ ସ୍ପଷ୍ଟୀକରଣ ରଖିଛନ୍ତି। ଡ. ପରିଡ଼ା କହିଛନ୍ତି, ସୋସିଆଲ ମିଡିଆରେ ଏକ ଫେକ୍ ଡ୍ରାଫ୍ଟ ଘୂରିବୁଲୁଛି। ଏହାକୁ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ଧ୍ୟାନ ଦିଅନ୍ତୁ ନାହିଁ। ମେ' ମାସ ତୃତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ସେ ସୂଚନା ଦେଇଛନ୍ତି। ତେବେ ଯୁକ୍ତ ପରୀକ୍ଷା ସମାପ୍ତ ହେବାର ୪୫ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପରିଷଦ ସ୍ଥିର କରିଥିଲା। ମାତ୍ର ଖରା କାରଣରୁ ଖାତାଦେଖାରେ କିଛିମାତ୍ରାରେ ବିଳମ୍ବ ହୋଇଥିବା ସେ କହିଛନ୍ତି।

# ୟୁଟ୍ୟୁବ୍ ଦେଖି ସ୍କୁଟର ତିଆରିକଲେ ଛାତ୍ର

ଭଦ୍ରକ,୩।୫(ସନାତନ ରାଉତ)

ଶିଖିବାର ଇଚ୍ଛା ଓ ନିଷ୍ଠା ଥିଲେ କିଛି ବି ଅସମ୍ଭବ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ମାଟ୍ରିକ୍ ଛାତ୍ର। ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ଅଯଥା ସମୟ ନଷ୍ଟ କରୁଥିବା ବେଳେ ୟୁଟ୍ୟୁବ୍ ଦେଖି ଏକ ସ୍କୁଟର ତିଆରି କରି ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଚରମ୍ପା ପଥରଆଡ଼ି ଗ୍ରାମର ବିନୋଦ ମହାରଣା(୧୭)।

ବିନୋଦ କହନ୍ତି, ମାଟ୍ରିକ୍ ପରୀକ୍ଷା ପରେ ଏକ ଇଲେକ୍ଟ୍ରିକ ସ୍କୁଟର କିଣିବା ପାଇଁ ଇଚ୍ଛା କରିଥିଲେ। ବଜାରରେ ଦାମ୍ ଅଧିକ ରହିଥିବାରୁ ସେ ନିଜେ ତିଆରି କରିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ। ଘରେ ମୋବାଇଲରେ ୟୁଟ୍ୟୁବ୍ ଦେଖି ବିଦ୍ୟୁତ୍‌ଚାଳିତ ସ୍କୁଟର ତିଆରି କରିବା କୌଶଳ ଶିଖିଥିଲେ। ପରେ ସେହି କ୍ରମରେ ସେ ସ୍କୁଟର ତିଆରି ଆରମ୍ଭ କରିଥିଲେ। ଘରେ ଥିବା ଭଙ୍ଗା ସାଇକେଲର ହ୍ୟାଣ୍ଡେଲ ସହ କିଛି ଷ୍ଟିଲ୍ ପାଇପ୍ ଓ ସିଟ୍‌କୁ ଯୋଡ଼ି ସ୍କୁଟର ବନାଇବା ଆରମ୍ଭ କରିଥିଲେ। ଅନ୍‌ଲାଇନରେ ଦୁଇଟି ଚକ ଓ ଗାଡ଼ି ଚାଲିବା ପାଇଁ ମୋଟର ସଂଗ୍ରହ କରିଥିଲେ। ନିଜ ଉଦ୍ୟମରେ ଏକ ବ୍ୟାଟେରି ତିଆରି କରି ସବୁକୁ ଯୋଡ଼ି ସେ ପ୍ରସ୍ତୁତ କରିଛନ୍ତି ଏହି ଗାଡ଼ି। ହ୍ୟାଣ୍ଡେଲରେ ଏକ ସୁଇଚ୍ ଓ ଏକ୍ସଲିଟର ଲଗାଇଛନ୍ତି। ଏହି ଷ୍ଟାଣ୍ଡିଂ ସ୍କୁଟରଟି ବହୁ ସ୍ପିଡ୍‌ରେ ଯାଉଥିବାରୁ ତା'ର ଗତି ରୋକିବାକୁ ବ୍ରେକ୍ ମଧ୍ୟ ଲଗାଇଛନ୍ତି। ଏହି ବ୍ୟାଟେରିକୁ ଦେଢ଼ ଘଣ୍ଟା ଚାର୍ଜ କଲେ ୧୫ କି.ମି. ଯାଉଛି। ସ୍କୁଟରରେ ଜଣେ କିମ୍ବା ଦୁଇଜଣ ଠିଆ ହୋଇ ଯାଇପାରୁଛନ୍ତି। ଏହାକୁ ତିଆରି କରିବା ପାଇଁ ୧ ମାସ ସମୟ ଲାଗିଥିବା ବେଳେ ମୋଟ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ବିନୋଦ ପଥରଆଡ଼ି ଗ୍ରାମର କାର୍ତ୍ତିକ ମହାରଣାଙ୍କ ସାନପୁଅ। ତାଙ୍କ ବାପା ଜଣେ ଗ୍ୟାରେଜ୍ ମେକାନିକ୍ ହୋଇଥିବା ବେଳେ ମା' ଗୃହିଣୀ। ସେ ଚରମ୍ପା ହାପିହୋମ୍ ସ୍କୁଲର ଛାତ୍ର। ଚଳିତବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ୬୪.୪ ପ୍ରତିଶତ ନମ୍ବର ରଖିଛନ୍ତି। ଆଗକୁ ଡିପ୍ଲୋମା ଇଞ୍ଜିନିୟରିଂ ପଢ଼ିବେ। ତେବେ ଆଗାମୀ ଦିନରେ ଡ୍ରୋନ୍ ତିଆରି କରିବା ସହ ୨ ସିଟ୍ ବିଶିଷ୍ଟ ବାଇକ୍ ତିଆରି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଯୁବପିଢ଼ି ଘରେ ନ ବସି କିଛି ନା କିଛି ନୂଆ ଅନୁସନ୍ଧାନ କରିବା ନେଇ ସେ ବାର୍ତ୍ତା ଦେଇଛନ୍ତି।



ଛାତ୍ର ବିନୋଦ ମହାରଣା ତିଆରି କରିଥିବା ସ୍କୁଟର ଚଳାଉଛନ୍ତି।




# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା

**ବାଲେଶ୍ୱର, ୩।୫(ବାଞ୍ଛାନିଧି ବେ)**

ରାଜ୍ୟମାର୍କେଟ ଲୋଟିଂ ଏଜେନ୍ସିରେ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ବିଜେଡି ନେତା ସୌମ୍ୟରଞ୍ଜନଙ୍କ ଓରଫ୍ ରାଜା ଚକ୍ରଙ୍କ ଓକିଲ ସାତ୍ୟାଶୁ ମୋହନ ଦ୍ରିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାଏର କରିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ଶନିବାର ବାଲେଶ୍ୱର ଏସଡିଜେଏମ୍ କୋର୍ଟରେ ସେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟରେ ମାମଲା (ନଂ.୨୫/୨୫) ରୁଜୁ କରାଯାଇଛି। ମନମୋହନଙ୍କ ସହ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ, ଲମ୍ବୋଦର ନାୟକ, ବୈଲୋଚନ ଦାଶ, ଅଶିଷ ଘୋଷ ଓ ଶୋଭନା ମହାନ୍ତି, କଟକ ହାଇକୋର୍ଟ ଓକିଲ ଓମ୍ ପ୍ରକାଶ ରାୟଙ୍କ ସମେତ ବହୁ ଆଇନଜୀବୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ଭାଜପା ସଭାପତି ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ମାସକ ତଳେ ଓକିଲ ଦ୍ରିବେଦୀ ମୋ ବିରୋଧରେ ଏକ ଆରୋପ କରିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେ ମୋ ବିରୋଧରେ ଏପରି କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏ ଅଭିଯୋଗର କୌଣସି ଭିତ୍ତି ନାହିଁ କି ସତ୍ୟତା ନାହିଁ। ସେ ମିଛିଆ ଆଗରେ ଯଦି ଏଭଳି ଅଭିଯୋଗ ଆଣିଛନ୍ତି, ପ୍ରମାଣ ଦେଖାନ୍ତୁ। ରାଜ୍ୟରେ ଭାଜପାକୁ ଓ ବ୍ୟକ୍ତିଗତ ଭାବେ ତାଙ୍କୁ ବଦନାମ କରିବା ଅଥବା ନିଜକୁ ପ୍ରସିଦ୍ଧ କରିବା ପାଇଁ ହୁଏତ ଦ୍ରିବେଦୀ ଏହା କହିଥାଇପାରନ୍ତି ବୋଲି କହିଥିଲେ। ଗଣମାଧ୍ୟମରେ କୌଣସି ଅଭିଯୋଗ କିମ୍ବା ଖବର ପ୍ରକାଶ ପୂର୍ବରୁ ସତ୍ୟାସତ୍ୟ ଅନୁଧ୍ୟାନ କରିବା ଉଚିତ ବୋଲି ମନମୋହନ କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ରାଜା ଚକ୍ରଙ୍କ ଓକିଲ ବରିଷ୍ଠ ଆଇନଜୀବୀ ଦ୍ରିବେଦୀ କୁହନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମିଥ୍ୟା ତଥ୍ୟ ଉପରେ ମାମଲା କରିଛନ୍ତି। ଆମେ ଷ୍ଟେଟ୍ ହେଡ୍ ବୋଲି କହିଛୁ, ସେ ଷ୍ଟେଟ୍ ହେଡ୍ ନୁହନ୍ତି। ମନମୋହନ ମନ୍ଦ ଉଦ୍ଦେଶ୍ୟରେ ଭାଜପା ଲୋକଙ୍କୁ ପ୍ରମୋଟ୍ କରିବା ପାଇଁ ଏକ ମିଥ୍ୟା ମୋକଦ୍ଦମା କରିଛନ୍ତି। ଆମେ ରିଜୋଲ୍ୟୁସନ୍ ପ୍ରତାବକ କହିଛୁ। ଆମେ ମଧ୍ୟ କାଉଣ୍ଟର କେସ୍ କରିବୁ ବୋଲି ଦ୍ରିବେଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋସାଇଟିରେ ବହୁ କୋଟିଟଙ୍କାର ଆର୍ଥିକ ଦୁର୍ନୀତି ନେଇ କ୍ରାଇମବ୍ରାଞ୍ଚରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ଦ୍ରିବେଦୀ ଭାଜପା ରାଜ୍ୟ ମୁଖ୍ୟଙ୍କୁ ୧ କୋଟି ୩ ଲକ୍ଷ ଦିଆଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା।


ମନମୋହନ ସାମଲ

# ଶାଶୁଙ୍କ ତଣ୍ଟିଚିପି ହତ୍ୟାକଲେ ବୋହୂ

**ରେଢ଼ାଖୋଲ, ୩।୫**
**(ଅଚ୍ୟୁତାନନ୍ଦ ପୁରୋହିତ)**

ପାରିବାରିକ ବିବାଦରୁ ଚାଲିଯାଇଛି ଜଣେ ମହିଳାଙ୍କ ଜୀବନ ଯାଇଛି। ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଟାସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ଜଣେ ବୋହୂ ତାଙ୍କ ଶାଶୁଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏଥିରେ ବୋହୂଙ୍କ ଭାଇ ସହଯୋଗ କରିଥିବା ମୃତାଙ୍କ ସ୍ୱାମୀ ଗଣେଶ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତା ହେଲେ ଲବଣୀ ଦେହୁରୀ। ପୋଲିସ ବୋହୂ ମୋନାଲିସା ଦେହୁରୀ ଓ ତାଙ୍କ ଭାଇ କୁଶାପାଲି ଗ୍ରାମର ସିଦ୍ଧାନ୍ତ ନାଏକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

କୁଟାସିଙ୍ଗା ଗ୍ରାମର ଗଣେଶ ଦେହୁରୀଙ୍କ ପୁଅ କୃଷ୍ଣଚନ୍ଦ୍ର ୨ବର୍ଷ ତଳେ ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଶାପାଲି ଗ୍ରାମର ମୋନାଲିସାଙ୍କୁ ବିବାହ କରିଥିଲେ। କୃଷ୍ଣଚନ୍ଦ୍ର ଗୁଜରାଟର ଅହମ୍ମଦାବାଦର ଏକ କମ୍ପାନୀରେ ଏବଂ ଗଣେଶ ରାଉରକେଲାରେ କାମ କରନ୍ତି। ଘରେ ଶାଶୁ ଓ ବୋହୂ ରହନ୍ତି। ବିବାହ ପରଠାରୁ ଶାଶୁ ଓ ବୋହୂଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ପଡ଼ୋଶୀମାନେ ରାଉରକେଲାରେ ରହୁଥିବା ଗଣେଶଙ୍କୁ ଫୋନ୍ କରି ଜଣାଇଥିଲେ। ଖବରପାଇ ଗଣେଶ ଶନିବାର ସକାଳେ କୁଟାସିଙ୍ଗାରେ ପହଞ୍ଚିଥିଲେ। ସେତେବେଳେ ଲବଣୀ ଘରେ ମରିପଡ଼ିଥିବା ଓ ତାଙ୍କ ପାଟିରୁ ରକ୍ତ ବାହାରିଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ରେଢ଼ାଖୋଲ ପୋଲିସକୁ ଜଣାଇଥିଲେ। ବୋହୂ ମୋନାଲିସା ତାଙ୍କ ଭାଇ ସିଦ୍ଧାନ୍ତଙ୍କ ସହାୟତାରେ ଲବଣୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(କ), ୨୬୫, ୩(୫)ରେ ଏକ ମାମଲା (ନଂ.୧୦୪/୨୫) ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି।

# ପତିଆରା ପାଇଁ ଗାଁ ଦାଣ୍ଡରେ ବୋମାମାଡ଼

**ଫୁଲଟାରେ ୨ ପ୍ଲାଟୁନ ଫୋର୍ସ ମୁତୟନ**

**ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁ ଦାଣ୍ଡରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକାଧିକ ବୋମାମାଡ଼ ହୋଇଛି। ଗାଁରେ ପତିଆରା ଜାହିର କରିବା ପାଇଁ ଗୋଟିଏ ଗୋଷ୍ଠୀ ଏପରି କାଣ୍ଡ କରିଥିବା କୁହାଯାଇଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ପ୍ରଚଣ୍ଡ ଶବ୍ଦ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଖେଳଯାଇଛି। ପୋଲିସ ସେହି ରାତିରେ ଗାଁରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ୨ଟି ଅଫୁଟା ବୋମା ଜବତ କରିଛି। ଗ୍ରାମର ଉଭୟ ଗୋଷ୍ଠୀ କେହି କାହା ବିରୋଧରେ ଅଭିଯୋଗ ନ କରିବା ସ୍ଥିତିକୁ ଆହୁରି ଜଟିଳ କରୁଛି। ପୋଲିସ ନିଜ ଆଡୁ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ସେଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

ଫୁଲଟା ଗ୍ରାମରେ ବହୁବର୍ଷ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ବିଭିନ୍ନ କାରଣରୁ ଝଗଡ଼ା ଲାଗି ରହିଛି। ଅନେକ ଥର ଶାନ୍ତି କମିଟି ବୈଠକ ହେଉଥିଲେ ମଧ୍ୟ ଗୋଷ୍ଠୀ ସଂଘର୍ଷ ଘଟୁଛି। ପୂର୍ବରୁ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ଉକ୍ତ ଗ୍ରାମରେ ସ୍ଥାନୀୟ ଲୋକଙ୍କୁ ନେଇ ବୈଠକ କରିବା ସହ ଶାନ୍ତି କମିଟି ଗଠନ ହୋଇଥିଲା। ଏହାପରେ ବି ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ପୋଲିସ ଗତ ଫେବୃଆରୀ ୯ ତାରିଖରେ ଉଭୟ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଏବେ ଜାମିନରେ ଆସିବା ଅରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି।


No.D-

## ODISHA PUBLIC SERVICE COMMISSION

**NOTICE**

**No. 2839/P.S.C., Dt. 30.04.2025**
**(2PG-14-25/26, DR-I)**

**Odisha Civil Services Main (Written) Examination-2023**
**Advt. No. 20 of 2023-24**

Keeping in view the dislocation arising because of interchange of Questions of Anthropology Optional Paper- I & II in the Odisha Civil Services Main (Written) Examination-2023 held on 27.04.2025 and considering the grievances of candidates received by OPSC, the Commission has decided the following :

1. The Written Examination in respect of Anthropology Optional Paper-I & II of the OCSE-2023 shall be re-conducted on 14.05.2025 (Wednesday) for ensuring fairness and equal opportunity to the concerned candidates as per the programme detailed below.

| Date of Examination | Forenoon Session (9.00 A.M. to 12.00 P.M.) | Afternoon Session (2.00 P.M. to 5.00 P.M.) |
|---|---|---|
| 14.05.2025 (Wednesday) | Anthropology Optional Subject, Paper-I | Anthropology Optional Subject, Paper-II |

**N.B :-** The PwD candidates will be given one-hour extra time in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M.

2. The Written Examination in respect of Anthropology Optional Paper-I & II held on 27.04.2025 shall be treated as **cancelled** and the answer scripts of the said examination shall not be evaluated.
3. The Admission Certificate & Instructions to Candidates for the said examination will be downloaded by candidates w.e.f 08.05.2025.

The candidates are advised to visit the website of the Commission at http://opsc.gov.in for further information in this regard.

**OIPR-12002/11/0202/2526** **Sd./- Secretary**

Annexure-1

## DISTRICT MINERAL FOUNDATION, JAJPUR

**Request for Proposal (RFP)**

**No.CAD-271:**District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Agency for Imparting Computer Training Programmes in the colleges of mining affected areas of Jajpur district, Odisha under District Mineral Foundation, Jajpur".

The detail of the RFP is available in the district web portal i.e. **www.jajpur.odisha.gov.in.**

**Sd./-**
**Collector & Managing Trustee, DMF, Jajpur**

**OIPR-30025/11/0011/2526**

## ODISHA MINING CORPORATION LIMITED

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

OMC | ODISHA NEW OPPORTUNITIES — Mining Happiness

**Short Notice**
**For Sale of Cement Grade Limestone**

**No.CAD-269:**The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.05.05.2025.
For details, please visit the website of MSTC i.e. www.mstcecommerce.com.

**OIPR-30005/11/0188/2526** **Sd./- Chief General Manager (S&M)**

## OFFICE OF THE NOTIFIED AREA COUNCIL, NILGIRI

**Ph : 06782-233259** **e-Mail-ID : nilgirinac.balasore@gmail.com**

**Letter No. 834/ Date : 29.04.2025**

**Quotation Call Notice/Tender Call Notice**

**No.C-204** : Sealed 3 nos. of quotations are invited from the registered Contractors/Suppliers/Dealers having valid GST registration Certificate for construction/supply/fitting of different items, Nilgiri as detailed below. The quotations to be received by the undersigned on or before below mentioned date and the same will be opened on the same day at 1.00 P.M. The quotationers or their authorized Agents should be present in this office in the same time and same day.
The Authority reserves the right to reject any or all quotation without assigning any reason thereof.

| Sl. No. | details of work | Notice No./date | Last date & time |
|---|---|---|---|
| 1 | Supply of Utensils | 820/29.04.2025 | 05.05.2025 at 11.00 A.M. |
| 2 | Supply fitting and fixing of Cremation Chula | 825/29.04.2025 | 05.05.2025 at 11.00 A.M. |
| 3 | 4 nos. of Civil Works | 830/29.04.2025 | 05.05.2025 at 11.00 A.M. |

- For more details visit website www.nilgirinac.in or Contract NAC office, Nilgiri / Notice Board.
- Any addendum/corrigendum of quotations can also be seen in the said website only.

**Sd./- Executive Officer, Nilgiri NAC**

**OIPR-13179/11/0019/2526**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2864/P.S.C., Dt. 01.05.2025**
**(1E-10-2024/25) (DR-II)**

**No.D-** : In continuation of this Office Notice No.2389/PSC, dt.15.04.2025 and No.1650/PSC, dt. 07.03.2025, it is for information of all concerned that the Main Examination for recruitment to the posts of Assistant Executive Engineer (CIVIL) in Group-'A' of Odisha Panchayati Raj Engineering Service Cadre under the Panchayti Raj and Drinking Water Department, pursuant to Advertisement No.33 of 2023-24 will be held at Bhubaneswar, Cuttack and Sambalpur Zones as per the following programme :

**PROGRAMME OF EXAMINATION**

| Date | Session | Paper | Subject Code | Time |
|---|---|---|---|---|
| 11.05.2025 (Sunday) | 1st Session | Paper-I (General Study) | 01 | 09.30 A.M. to 12.00 NOON (9.30 A.M. to 12.50 P.M. for PWD Candidates) |
| | 2nd Session | Paper-II (Specialized Paper - Civil Engg.) | 02 | 02.00 P.M. to 04.30 P.M. (02.00 P.M. to 05.20 P.M. for PWD Candidates) |

The list of Examination Centres, along with allotment of Roll Nos. of Candidates are given below :

| Sl. No. | Name of the Examination Centres and Address | Roll Numbers Allotted From..... to ........ | Total Candiadtes Alloted |
|---|---|---|---|
| **BHUBANESWAR** | | | |
| 1 | D.R. NAYAPALLI COLLEGE, NAYAPLLI, BHUBANESWAR | 200009-200742<br>300002-300999 | 500 |
| 2 | SARASWATI SHISU VIDYA MANDIR, BHIMA TANGI, OLD TOWN, BHUBANESWAR | 301001-302925 | 500 |
| 3 | HARIHARA GOVT. HIGH SCHOOL, BJB NAGAR, BHUBANESWAR-14 | 302928-303784 | 230 |
| 4 | SARASWATI SHISU VIDYA MANDIR, UNIT-3, KHARAVELA NAGAR, BHUBANESWAR | 303785-304707 | 239 |
| **CUTTACK** | | | |
| 1 | SARASWATI SHISU VIDYA MANDIR, TULASIPUR, CHAHATA NAGAR (MAHANADI RING ROAD), CUTTACK-753008 | 100003-100632<br>400005-401139 | 470 |
| **SAMBALPUR** | | | |
| 1 | GOVT. WOMEN'S COLLEGE, SAMBALPUR, MOTIJHARAN, MOTIJHARAN, NEAR BHUTAPADA CHOWK | 500005 to 500975 | 249 |

The candidates admitted are required to download their **"Admission Certificate" and "Instuction to Candiadtes"** from website of the Commission **(www.opsc.gov.in) from 06.05.2025 onwards.**

**OIPR-12002/11/0200/2526** **Sd./- Secretary**

## ODISHA PUBLIC SERVICE COMMISSION

**19, DR. P. K. PARIJA ROAD, CUTTACK-753001**

**NOTICE**

No.D- **No. 2869/P.S.C., Dt. 01.05.2025**
**(DR-IV)(2PA-01-2025-26)**

**ADVERTISEMENT NO.02 OF 2025-26**

**Website - https://www.opsc.gov.in**

| | |
|---|---|
| I. | Assistant Section Officer (Group-B) in the Office of the Advocate General, Odisha, Cuttack |
| II. | No. of Vacancies - 29 (10-w) |

Online applications are invited from the prospective candidates through proforma application to be made available on the Website of the Commission **(http://www.opsc.gov.in)** for recruitment to **29 (Twenty-Nine)** Posts of **Assistant Section Officers** (Group-B) in the Office of the Advocate General, Odisha, Cuttack in the scale of pay of Rs. 35,400/- in Level - 9, Cell- 1 as per the Pay Matrix provided under Rule - 3 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The recruitment examination will be conducted in accordance with provisions of the Odisha Secretariat Service (Method of Recruitment and Conditions of Service) Rules, 2016 as per the Notification No. 3441/L, dt. 24.02.2025 of Law Department, Government of Odisha. The Appointing Authority for the said post shall be the Advocate General, Odisha for all purposes.

**2. VACANCY POSITION :**
As per requisition furnished by the office of the Advocate General, Odisha, Cuttack, out of a total of **29(10-w)** vacancies, 10(03-w) vacancies are for UR category, 08(03-w) vacancies are reserved for SC category and 11(04-w) vacancies are reserved for ST category.
Also, 01 post is reserved for Person with Disabilities (Category — III) whose permanent disability is 40% or more, and 01 post for Ex-Servicemen. Candidates belonging to the categories of PWD & Ex-Servicemen shall be adjusted against the categories to which they belong.

**3. AGE :**
A candidate must have attained the age of 21 years and must not be above the age of 32 years on the 1st day of January 2025 i.e., he/she must not have been born **earlier than 2nd January 1993 and not later than 1st January 2004.**

**4. EDUCATIONAL QUALIFICATION :**
A candidate must possess a Bachelor's Degree in any discipline from a recognized University or possess such other qualification equivalent thereto and must have adequate knowledge in computer application as specified in the Schedule.

**5. EXAMINATION FEE :**
The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

**6. METHOD OF SELECTION :**
The selection of candidates for recruitment to the posts of Assistant Section Officer shall be made on the basis of Written Examination (Objective Type- MCQ) **and Skill Test in Computer** (Practical - Qualifying).

**7. DATE OF EXAMINATION :**
The Written Examination will be held tentatively **on 27th July, 2025 (Sunday)**. The detailed Schedule and Centre of Examination will be notified in due course.

**THE LINK FOR REGISTRATION AND SUBMISSION OF ONLINE APPLICATION SHALL BE AVAILABLE IN THE WEBSITE FROM 09.05.2025 to 09.06.2025 till 05.00 P.M. (Note: 09.06.2025 is the last date for submission of Registered Online Application)**

The candidates are advised to visit the Website of the Commission at **http://www.opsc.gov.in for detailed information for applying to the above post.**

**Place : CUTTACK** **Sd./- Secretary**
**Date: 01.05.2025** **Odisha Public Service Commission Cuttack**

**OIPR-12002/11/0199/2526**

## ODISHA HYDRO POWER CORPORATION LIMITED

**OFFICE OF THE SENIOR GENERAL MANAGER (ELECTRICAL)**
**BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051**
**Phone:06861-232581 (O)/ 232641 (R), Fax:06861- 232541, Email- unit.head_balimela@yahoo.com/bhep.balimela@gmail.com**

**SECTION-1**
**TENDER CALL NOTICE**
**NOTICE INVITING TENDER No.BHEP/06/2025-26, Dated 29.04.2025**

**No.CAD-265:** Sealed tenders are invited in two parts (i.e. Part-A techno-commercial bid & Part-B price bid) & in percentage bid basis from the Electrical Contractors/ Firms/ Agencies having experience in the execution of electrical work under State/Central Govt/ PSU of Govt. of India/ PSU of Govt. of Odisha & having valid Electrical Contractor License (MV) & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D. in Rs. | Cost of Bid documents in Rs. |
|---|---|---|---|---|
| 1 | "New Internal Wiring & Earthing of 104 Nos. of Quarters of BHEP, Balimela | Rs.21,48,241.00 | Rs.22,000.00 | Rs.6,000.00+ (GST @ 18%) Rs.1080.00 = Rs.7,080.00 |

Availability of bid document : From 10.00 Hrs of 03.05.2025 to 13.00 Hrs. of 16.05.2025
Last date & time of submission of bid : Upto 13.00 Hrs. of 16.05.2025
The date & Time of opening of the bid : 12.30 Hrs. onwards of 17.05.2025 (Only Technical Bid)
For details of the tender documents, terms & conditions, please visit our website www. ohpcltd.com

**OIPR-04019/11/0081/2526** **Sd./- C & P Head, BHEP, Balimela**

## ODISHA HYDRO POWER CORPORATION LTD.

**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
**POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA**
**PHONE: 0663-2950721 (O), 2950765, E-Mail: srgmhps_burla@yahoo.co.in, CIN: U40101OR1995SGC003963**
ISO:9001-14001 18001 Certified
**No.HHEP/Tech-WK-46/2 (Vol-IV) / 2433** **Date: 30.04.2025**

**NOTICE INVITING TENDER NO. HHEP-20/2025**

**No.CAD-266:** Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from Govt. registered Contractors/ Agencies having eligibility criteria only for execution of the following work.

| Description of Work | Cost of tender paper (Non-re-fundable) in Rs. | EMD in shape of DD/BC only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxiliaries and other equipment of Burla Power House for a period of one year (as per Section-IV) | Rs.11,800/- (Rs. 10000+ GST @ 18%) | 70,000/- | From 02.05.2025 (09.00 AM) to 15.05.2025 upto 11.00 AM | 15.05.2025 Upto 11.30 AM | 15.05.2025 at 12.00 Noon |

For details of the tender documents, terms and conditions please visit our website **www.ohpcltd.com.** If any of the above dates fall on holiday(s), or the office is closed due to any other reason the next working day will be treated as the effective date.

**OIPR-04007/11/0041/2526** **Sd./- C & P Head, HHEP, Burla**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER
## RUSHIKULYA BAHUDA BASIN, BERHAMPUR- 760004

**e-mail id: se_sicbam@yahoo.com**

**No.A-106:** **e-Procurement Notice No.ACE, RBB-02/2025-26**

1.Type of Work :- Road Work, 2. Total No. of Works : 01 (One) No. 3. Amount put to Tender: Rs.817.82 Lakh. 4. Period of Completion: 12 (Twelve) Calendar Months. 5. Paper Cost: Rs.10,000/- per each. 6.Class of Contractor: 'A' or 'Spl' Class of Contractor.

| Sl. No. | Procurement Officer | Bid Identification No | Name of Work | Bid Amount (Rs. in Lakh) | Availibility & Submission of Bid On-line |
|---|---|---|---|---|---|
| 1. | Addl. CE, RB Basin Berhampur | ACE, RBB (BEID)-02/2025-26 | Improvement to Service Road from RD 12.00 Km to 23.00 Km of HBMC and its distributaries that is Kanaka, Jaleswarkhandi, Chadheiapalli, Balia and Kharida-II of HIP | 817.82 | From 06.05.2025, 10.00 AM to 22.05.2025, 5.00 PM |

Date of opening of the Technical Bid:- 23.05.2025 at 11.30 A.M.
Bidders to be participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/ corrigendum/cancellation of the tender can be seen in the above website only.

**Sd./- Additional Chief Engineer**
**Rushikulya Bahuda Basin, Berhampur**

**OIPR-32411/11/0028/2526**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**No.O-105:** **No.2229/Date 30.04.2025**

**"e" Procurement Notice for Building Work**

| | | | |
|---|---|---|---|
| 1. | Name of the Work | : | Composite Building Work |
| 2. | Total No. of Works | : | 01 No. of Building Work for the year 2024-25 |
| 3. | Estimated Cost of the Work | : | Rs.332.22 Crore |
| 4. | Class of Contractor | : | |
| | a) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 11 of 2025 | 06.05.2025 at 11.00 A.M. | 20.05.2025 upto 5.00 P.M. | 21.05.2025 at 11.00 A.M. | To be intimated lateron |

**Further details can be seen from the website www.tendersodisha.gov.in**

**Sd./- Chief Constrcution Engineer,**
**Central Rural Works Circle, Bhubaneswar**

**OIPR-25194/11/0040/2526**

No. D-38

## ଅପହୃତ ବ୍ୟକ୍ତିଙ୍କ ସନ୍ଧାନ

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଅଧିନସ୍ଥ ଚନ୍ଦକା ଥାନା MMR ନମ୍ବର– ୧୯/୨୦୨୫

**ସମ୍ପୂର୍ଣ୍ଣ ନାମ ଓ ଠିକଣା**
ନାମ– ରଞ୍ଜନ କୁମାର ପାଲଟାସିଂହ
ପିତା–ଧୋବିନାଥ ପାଲଟାସିଂହ
ଗ୍ରାମ/ପୋଷ୍ଟ–ଦାରୁଠେଙ୍ଗ
ଥାନା–ଚନ୍ଦକା, ଭୁବନେଶ୍ୱର
ଜିଲ୍ଲା–ଖୋର୍ଦ୍ଧା



**ସଂକ୍ଷିପ୍ତ ବିବରଣୀ**
ବୟସ– ୬୦
ଉଚ୍ଚତା– ୫.୪ ଫୁଟ
ବର୍ଣ୍ଣ– ଶ୍ୟାମଳ (wheat)
ଗଲାବେଳେ ପିନ୍ଧିଥିବା ପୋଷାକ:
ନାଲି– ଧଳା ରଙ୍ଗର
ପୂରା ଟି–ସାର୍ଟ ଓ
କଳା ରଙ୍ଗର ହାଫ୍ ପ୍ୟାଣ୍ଟ।

**ଯଦି ସନ୍ଧାନ ମିଳେ ଯୋଗାଯୋଗ କରିବା ଠିକଣା**
ଆରକ୍ଷୀ ଉପଆୟୁକ୍ତ, ଭୁବନେଶ୍ୱର
(Dy. Commissioner of Police, Bhubaneswar)
ବାଣୀ ବିହାର ଛକ, ପୋଷ୍ଟ ଭୋଇନଗର, ଥାନା– ସହିଦ ନଗର, ଭୁବନେଶ୍ୱର, ୭୫୧୦୨୨
ମୋବାଇଲ–୮୨୮୦୩୩୮୩୦୨, ଦୂରାଭାଷ– ୦୬୭୪–୨୫୪୦୫୫୫

ବି.ଦ୍ର.:–ଉପରୋକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କର ସଠିକ ତଥ୍ୟ ପ୍ରଦାନ କରିବା ବ୍ୟକ୍ତିଙ୍କୁ ଟ.୨୦,୦୦୦ଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

**OIPR-12130/11/0010/2526**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## KANUPUR REHABILITATION, CAMPS & BUILDING DIVISION

**At/PO- Basudevpur, Dist-Keonjhar, PIN-758047**

**e-Procurement Notice**

No.A- **Bid Identification No.SE,KRC & BD-03/2025-26**
**Email:eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Power supply to village Electrification of Dhaladihi Mandir Sahi Hemlet of village Sankarpur and beneficiaries at Sankarpur new colony for the DPs of village Dhobakuchuda at Sankarpur of KIP" | 27.54 | 27600.00 | 6,000.00 | 06 (Six) Calendar Months | HT Electrical Contractor having valid license from ELBO | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-03/2025-26 | 02.05.25 From 10.00 Hours | 13.05.25 Upto 17.00 Hours | 14.05.25 | 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

**Sd./- Superintending Engineer**
**Kanupur Reh. C & B Division, Basudevpur**

**OIPR-32053/11/0008/2526**

**ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମାଟ୍ରିକ ଜିଲା ଟପ୍‌ପରଙ୍କୁ ସମ୍ବର୍ଦ୍ଧିତ**

ପଟ୍ଟାମୁଣ୍ଡାଇ,୩।୫(କଳ୍ପତରୁ ନାୟକ)-ଚଳିତ ବର୍ଷ ସଦ୍ୟ ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ଦକ୍ଷିଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଶୁଭମ ଜ୍ୟୋତି ରାଉତ ସର୍ବୋଚ୍ଚ ୫୭୫ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲା ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏଥିନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ଶୁଭମ୍‌ଙ୍କ ବାସଭବନ ବଡପଡାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଭିଷେକ ଦାସ, ଜିଲା ସଭାପତି ଶୋଭନ ଆଚାର୍ଯ୍ୟ, ଜିଲା ସମ୍ପାଦକ ସ୍ମୃତି ରଞ୍ଜନ ମଲ୍ଲ, ଅଭିଜିତ ବଳ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ।

# ଆଜିର କାମକୁ ଆସନ୍ତାକାଲି ପାଇଁ ରଖନାହିଁ: ରାଜସ୍ୱ ମନ୍ତ୍ରୀ

## ବିସ୍ଥାପିତମାନଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦେବାକୁ ଗୁରୁତ୍ୱାରୋପ

ଯାଜପୁର,୩।୫(ହର୍ଷବର୍ଦ୍ଧନ ବେହେରା)

ଆଜିର କାମକୁ ଆସନ୍ତାକାଲି ପାଇଁ ନ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ମନ୍ତ୍ରୀ ପୂଜାରୀ ଶନିବାର ଯାଜପୁର ଜିଲା ଗସ୍ତରେ ଆସି ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଓଡ଼ିଶା ରାଇଟ୍ ଟୁ ପବ୍ଲିକ ସର୍ଭିସ (ଓଆର୍‌ଟିପିଏସ୍), ଓଡ଼ିଶା ଲ୍ୟାଣ୍ଡ ରିଫର୍ମ (ଓଏଲ୍‌ଆର୍), ଜବରଦଖଲ, ବସୁନ୍ଧରା ଯୋଜନା, ଜନଗଣନା, ଭୂ-ଲେଖ, ଜଙ୍ଗଲ ଜମି, ଶିକ୍ଷାନୁଷ୍ଠାନର ଜମିପଟ୍ଟା ହସ୍ତାନ୍ତର, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ସମସ୍ୟା, ଇ-ଏମ୍‌ପିଆର୍ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଶିଳ୍ପାନୁଷ୍ଠାନରେ ବିସ୍ଥାପିତମାନଙ୍କୁ ନିଯୁକ୍ତିରେ ପ୍ରାଥମିକତା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ମ୍ୟୁଟେଶନ ମାମଲାଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ ଶେଷ କରିବା, ଓଏଲ୍‌ଆର୍ ଅପଡେଟ୍, ସରକାରୀ ଜମିରୁ ଅନଧିକାର ଦଖଲ ହଟାଇବା, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଯୋଗାଇବା ସହ ଜମି ଚିହ୍ନଟ ଦେବା, ଜନଗଣନା ସମୟରେ ଘରକୁ ଘର ବୁଲି ସର୍ଭେ, ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା/ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା, ଜଙ୍ଗଲଜମି ଅଧିକାର ଆଇନରେ ଜନଜାତିଙ୍କୁ ଜମିପଟ୍ଟା ଯୋଗାଇଦେବା, ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଯୋଗାଇବା ସହ ଖେଳପଡ଼ିଆ ପାଇଁ ୨ ଏକର ଜମି ଦେବାକୁ ଉପସ୍ଥିତ ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନଗଣନା ସମୟରେ ଘରକୁ ଘର ବୁଲି ଗରିବ ଭୂମିହୀନଙ୍କୁ ଚିହ୍ନଟ କରିବା, ପ୍ରତ୍ୟେକ ମାସରେ ବିଡିଓ, ତହସିଲଦାର ବୈଠକ କରି ବସୁନ୍ଧରା ଯୋଜନାରେ ଘର ଯୋଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ରହି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲାର ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଡିଏସ୍‌ଆର୍, ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ ବେହେରା


@ ଆଲୋକ ମହାନ୍ତି


@ ଦୀପ୍ତିମୟୀ


@ ପବିତ୍ର


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ବାଟ ହୁଡୁଛି ସର୍ବଶିକ୍ଷା ଅଭିଯାନ

## ଘୁଷୁରି ପଲରେ ବିତୁଛି ନାବାଳକଙ୍କ ଜୀବନ

ମହାକାଳପଡ଼ା,୩।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ଲୋଗାନ୍ ରହିଛି। ଗାଁ ଗହଳିରେ କୌଣସି ଛାତ୍ରୀଛାତ୍ର ଯେପରି ଡ୍ରପ୍‌ଆଉଟ ହେବେ ନାହିଁ ସେଥିପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଘରକୁ ଘର ବୁଲି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ସମାଜରେ ମୁଖ୍ୟସ୍ରୋତରେ ଜନଜାତିର ଛାତ୍ରୀଛାତ୍ରମାନଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା ହୋଇଛି। ସେମାନଙ୍କ ଖାଇବା ପିଇବା , ପାଠ୍ୟ ପୁସ୍ତକ , ପୋଷାକଠୁ ଆରମ୍ଭ କରି ସ୍ୱତନ୍ତ୍ର ଭାବେ ଆଦିବାସୀମାନଙ୍କ ପାଇଁ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲ ଖୋଲାଯାଇଛି। ଏହି ମହତ୍ ଉଦ୍ଦେଶ୍ୟ ନେଇ ସେମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହି ସବୁ ଯୋଜନା ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ବାଟବଣା ହେଉଛି। ଏହାର ଉଦାହରଣ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଦେଖିବାକୁ ମିଳିଛି । ଜଣେ ଘୁଷୁରି ପାଳକଙ୍କ ପାଖରେ କିଛି ପଇସା ପାଇଁ ବନ୍ଧକ ପଡ଼ିଛନ୍ତି ବାଲେଶ୍ୱର ଅଞ୍ଚଳର ଜଣେ ଆଦିବାସୀ ନାବାଳକ। ଗତ ୨ ବର୍ଷ ହେବ ସେହି ନାବାଳକ ମହାକାଳପଡ଼ା ଅଞ୍ଚଳର କିଆବାରିଆ ଗହୀର ପାଟର ବିଲ ବାଡ଼ିରେ ବୁଲି ବୁଲି ଘୁଷୁରି ଚରାଉ ଥିବା ଦେଖିବାକୁ ମିଳିଛି। ସେହି ପିଲାଟିର କହିବା କଥା ଭଉଣୀ ବାହାଘର ପାଇଁ ଟଙ୍କା ଅଭାବରୁ ମା'ବାପା ବାବୁଙ୍କ ପାଖରୁ କିଛି ଟଙ୍କା ଉଧାର ଆଣିଥିଲେ। ପ୍ରତି ବଦଳରେ ମୋତେ ଘୁଷୁରି ଚରାଇ ଶୁଝିବାକୁ ପଡୁଛି। ତୁମ ମା'ବାପା କେତେ ଟଙ୍କା ଧାର ନେଇଛନ୍ତି ପଚାରିବାରୁ ପିଲାଟି କିଛି ନ କହି ମନଦୁଃଖରେ ଚୁପ୍ ରହୁଛି । ଯେଉଁ ବୟସରେ ପିଲାମାନେ ପାଠ ପଢିବା କଥା ସେହି ସମୟରେ ଖରାରେ ଘୁଷୁରି ପଲରେ ତାଙ୍କୁ ରହିବାକୁ ପଡୁଛି। ଏଥିପାଇଁ ସେହି ପିଲା ପାଖରେ ଛତା କି ପାଣିବୋତଲଟିଏ ନାହିଁ । ଭୋକ କି ଶୋଷ ଲାଗିଲେ ନିରୁପାୟ ହୋଇ ନଦୀଜୋର ପାଣିରୁ ମୁନ୍ଦେ ପିଇଦେଇ ଶୋଷ ମେଣ୍ଟାଇବାକୁ ପଡୁଛି । ମୋର ବି ପାଠ ପଢିବାରେ ଇଚ୍ଛା ଥିଲା । ପରିସ୍ଥିତି ମୋତେ ଘୁଷୁରି ଚରାଳି ସଜେଇ ଦେଇଛି ବୋଲି ସେ କହିଛନ୍ତି।

ଏ ନେଇ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଜନଜାତି ଛାତ୍ରୀଛାତ୍ରମାନଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। କେଉଁ ପରିସ୍ଥିତିରେ ସମ୍ପୃକ୍ତ ଶିଶୁଟି ଯୋଜନାରୁ ବାଦ ପଡ଼ିଛି ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଜିଲା ପ୍ରଶାସନ ଏହି ନାବାଳକଙ୍କୁ ଉଦ୍ଧାର କରି ମା'ବାପାଙ୍କ ପାଖରେ ଛାଡ଼ିବାର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା କହିବା କଥା ଶିଶୁଟିର ସମ୍ପୂର୍ଣ୍ଣ ତଥ୍ୟ ମିଳିଲେ ପଦକ୍ଷେପ ଗ୍ରହଣ କରାଯିବ।

# ବନ୍ଧୁକ ଦେଖାଇ କଳାକନା ବୁଲାଇଦେଲେ ଦୁର୍ବୃତ୍ତ

## ବିରିଡ଼ି ଥାନା ଦଣ୍ଡିଲୋରେ ଅଭାବନୀୟ ଘଟଣା

■ ପାଖାପାଖି ୧.୪୦ ଲକ୍ଷ ଟଙ୍କା ସହ ଅଳଙ୍କାର ଲୁଟିନେଲେ

ଜଗତ୍‌ସିଂହପୁର, ୩।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆ ଦଣ୍ଡିଲୋ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁର୍ବୃତ୍ତମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଏକ ବିଲ୍ଡିଂରେ ରହୁଥିବା ୨ଟି ପରିବାର ଲୋକଙ୍କୁ ବାନ୍ଧି କଳାକନା ବୁଲାଇ ଦେଇଛନ୍ତି। ଘର ମାଲିକ ସୁକାନ୍ତ ଚନ୍ଦ୍ର ମହାରଣା (୪୯)ଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୨୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ ଚାଲିଥିଲେ ସୁଦ୍ଧା ଦୁର୍ବୃତ୍ତମାନଙ୍କ କୌଣସି ପତ୍ତା ମିଳିପାରି ନ ଥିବା ବିରିଡ଼ି ପୋଲିସ ପକ୍ଷରୁ କୁହାଯାଇଛି।

ମହାରଣାଙ୍କ ଅଭିଯୋଗ ଅନୁଯାୟୀ, ଦଣ୍ଡିଲୋରେ ତାଙ୍କର ଏକ ୨ ତଳ ବିଶିଷ୍ଟ ବିଲ୍ଡିଂ ରହିଛି। ଉପର ମହଲା ତାଙ୍କ ଅଧୀନରେ ଥିବାବେଳେ ତଳ ମହଲାଟି ଚନ୍ଦ୍ରକାନ୍ତ ସାହୁ ଭଡା ସୂତ୍ରରେ ନେଇ ପରିବାର ସହ ରହୁଛନ୍ତି। ଗତ ୨ ତାରିଖ ରାତି ପ୍ରାୟ ୧ଟା୩୦ରୁ ୨ଟା ମଧ୍ୟରେ ୫ଜଣ ଦୁର୍ବୃତ୍ତ ମହାରଣାଙ୍କ ଘରେ ପଶିଥିଲେ। ସେମାନେ ବନ୍ଧୁକ, ଭୁଜାଲି, ଶାବଳ ଓ କଟୁରି ଆଦି ଦେଖାଇ ସବୁ ଲୁଟି ନେଇଥିଲେ। ଏହି ସମୟରେ ଘରେ ଶାଶୁ ଓ ଭଉଣୀ ଥିଲେ। ଦୁର୍ବୃତ୍ତମାନେ ଏହି ମହଲାର କାଣ୍ଠ ଆଲମିରା (ପ୍ଲାଇ) ଭାଙ୍ଗି ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିଲେ। ଏଥିସହ ଆଲମିରାରେ ଥିବା ୨ଟା ସୁନା ଚେନ, ଲକେଟ୍ ସହ ୪୫ ଗ୍ରାମରୁ ଅଧିକ ଓଜନର ମୁଦି ମଧ୍ୟ ଲୁଟି ନେଇଥିଲେ। ତଳ ମହଲାର ଚନ୍ଦ୍ରକାନ୍ତଙ୍କ ଘରେ ପଶି ତାଙ୍କ ଗଡରେଜ୍‌ରୁ ୬୨ ହଜାର ଟଙ୍କା ସହ ପ୍ୟାକେଟରେ ଥିବା ୨୫୦ ଟଙ୍କା ନେଇ ଯାଇଥିଲେ। ଏହାବାଦ୍ ସୁନା ଅଳଙ୍କାର ଯଥା ସୁନାଚେନ୍, କାନ ଫୁଲ, ମଙ୍ଗଳସୂତ୍ର, ମୁଦି ଓ ରୁପା ଅଳଙ୍କାର ନେଇଯାଇଥିଲେ ବୋଲି ଚନ୍ଦ୍ରକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ଏତିକି ନୁହେଁ ତାଙ୍କ ପୁଅକୁ ମାଡ ମାରି ସେ କାନରେ ପିନ୍ଧିଥିବା ଏକ ସୁନାର ନୋଳି, ରୁପା ବ୍ରେସଲେଟ୍ ଓ ରୁପାର ଚେନ୍ ସମେତ ତକିଆ ତଳେ ରଖିଥିବା ପର୍ସରୁ ସମସ୍ତ ଏଟିଏମ୍, ପାନକାର୍ଡ ଓ ନଗଦ ୧୫୦୦ ଟଙ୍କା ନେଇଯାଇଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଶନିଶ୍ଚର ଦେବଙ୍କଠାରେ ଜଳାଭିଷେକ କଲେ ଶ୍ରଦ୍ଧାଳୁ

**ଚଣ୍ଡିଖୋଲ,୩।୫(ପ୍ରଦୀପ୍ତ କୁମାର ପୃଷ୍ଟି):** ଶନି ଓଷା ଅବସରରେ ଶନିବାର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ ଶନିଦେବଙ୍କଠାରେ ବହୁ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। କେଲୁଅ ଓ ଗେଙ୍ଗୁଟି ନଦୀର ସଙ୍ଗମସ୍ଥଳର ନଦୀକୂଳରେ ଏହି ମନ୍ଦିର ରହିଛି। ଶ୍ରଦ୍ଧାଳୁ ଭୋର ୪ଟାରୁ ପହଞ୍ଚି ନଦୀରୁ ଜଳ ଆଣି ଶନିଦେବଙ୍କ ନିକଟରେ ଲାଗି କରିଥିଲେ। ନଦୀ କୂଳରେ ବହୁ ଅସ୍ଥାୟୀ ଦୋକାନ ଖୋଲିଥିଲା। ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ପରିଲକ୍ଷିତ ହୋଇଥିଲା। ଜନକ- ହଳଧରପୁର ରାସ୍ତାର ବାଲିକୁଦା ଛକଠାରୁ ଶନିମନ୍ଦିର ପର୍ଯ୍ୟନ୍ତ ୨ କିମ୍ବା ୪ ଚକିଆ ଯାନ ଛଡ଼ା ଯାଇ ନ ଥିଲା।


ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ ଶନିଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି।

# ହରିଦାସପୁର, କଳାବୁଦା ଶନିଶ୍ଚର ପୀଠରେ ଜଳାଭିଷେକ ଉତ୍ସବ

ପାଟକୁରା,୩।୫(ରବୀନ୍ଦ୍ର ନାଥ ବାରିକ)

ଗରଦପୁରବ୍ଲକର ହରିଦାସପୁର, କଳାବୁଦା, କୁଦାନଗରୀ ଓ ଜୟତଳଙ୍ଗ ନିକଟ ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଗ୍ରହରାଜ ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଶନିବାର ଜଳାଭିଷେକ କରିଛନ୍ତି । ଶନିଙ୍କ କୋପ ଓ ଦଶାରୁ ରକ୍ଷା ପାଇବା ପାଇଁ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିବାର ପରମ୍ପରା ରହିଛି । ଆଜି ପ୍ରତ୍ୟୁଷରୁ ଶନିଶ୍ଚରଙ୍କ ଖୁମ୍ବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଚିତ୍ରୋତ୍ପଳା ନଦୀରେ ବୁଡ ପକାଇ ପାଣିନେଇ ଜଳାଭିଷେକ କରିଥିଲେ। ଏହି ଅବସରରେ ସେଠାରେ ଅଧାମ୍ନିକ ପରିବେଶ ସୃଷ୍ଟି ହୋଇଥିଲା। ହରିଦାସପୁର ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ତତ୍ତ୍ୱାବଧାନରେ ଜଳାଭିଷେକ ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଉତ୍ସବ ଅବସରରେ ୫ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ପୀଠରେ ଶନିଶ୍ଚର ଯଜ୍ଞ ଚାଲିଛି । ସେହିପରି କଳାବୁଦା ବାରୁଣୀଠାରେ ଶ୍ରଦ୍ଧାଳୁମାନେ ଶନିଦେବଙ୍କୁ ଜଳାଭିଷେକ କରିଥିଲେ । ଏହି ଉତ୍ସବ ନେଇ କଳାବୁଦାରେ ଶନିଶ୍ଚରଙ୍କ ଉଦେଶ୍ୟରେ ୫ ଦିନ ଧରି ହେଉଥିବା ମହାଯଜ୍ଞ ଆୟୋଜନ କରାଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟକୁରା ଥାନା, କୁଦାନଗରୀ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିଲା । କୋରୁଆ ଓ ଗରଦପୁର ଅଗ୍ନିଶମବାହୀନିର କର୍ମଚାରୀମାନେ ନଦୀକୂଳରେ ସଜାଗ ରହି ଥିଲେ। ସନ୍ଧ୍ୟାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ହରିଦାସପୁରଠାରେ ଚିତ୍ରୋତ୍ପଳା ମହୋତ୍ସବକୁ ଉଦଘାଟନ କରିଛନ୍ତି ।


ହରିଦାସପୁର ଶନିଶ୍ଚର ପୀଠରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରୁଛନ୍ତି ।


"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी

**काष्ठागार धमतरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वतन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार धमतरी से प्राप्त की जा सकती है।

नीलाम दिनांक - 13 मई 2025
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 83.491 | 2217 | 125.698 | 2923 | 209.189 | 5140 |
| बीजा | 9.366 | 2 | 0.059 | - | 9.425 | 2 |
| शीशम | 0.052 | 2 | - | - | 0.052 | 2 |
| हल्दु/मुण्डी | 3.809 | 4 | 1.492 | - | 5.301 | 4 |
| साजा | 13.670 | 61 | 2.139 | - | 15.809 | 61 |
| धावड़ा | 8.098 | - | - | - | 8.098 | - |
| नीलगिरी | - | - | 0.361 | - | 0.361 | - |
| पापड़ा | 0.656 | - | - | - | 0.656 | - |
| अन्य | 85.491 | 2459 | 48.012 | - | 133.503 | 2459 |
| योग | **204.633** | **4745** | **177.761** | **2923** | **382.394** | **7668** |

**जलाऊ**

| प्रजाति | काष्ठागार धमतरी नया | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|---|---|
| सागौन | 26 | - | - |
| अन्य | 69 | 1923 नग | 1000 नग |
| योग | 95 | 1923 नग | 1000 नग |

टीपः (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लोटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोनः 07722-238371, फैक्सः 07722-236137

G-252600629/2 — स्वा./- वनमण्डलाधिकारी, धमतरी वनमंडल, धमतरी



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/06, ତା.28.04.2025ରିଖ

(1) ଟେଣ୍ଡର ସଂ. e-Tender-estatekur-15-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର ଅଧୀନସ୍ଥ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର (ୱାର୍କସପ୍) ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 173.89 ଲକ୍ଷ, EMD : ₹ 2,37,000/-

(2) ଟେଣ୍ଡର ସଂ. e-Tender-estatekur-11-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପଶ୍ଚିମ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ ବିହାର କଲୋନୀରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚରଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 155.00 ଲକ୍ଷ, EMD : ₹ 2,27,500/-

(3) ଟେଣ୍ଡର ସଂ. e-Tender-estatekur-12-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପୂର୍ବ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ, ମଞ୍ଚେଶ୍ୱର କଲୋନୀ, ଷ୍ଟାଡିୟମ ଏବଂ ରେଳ ସଦନରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 170.08 ଲକ୍ଷ, EMD : ₹ 2,35,100/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-87/Q/25-26

# ୨୦ରୁ ଊର୍ଦ୍ଧ୍ୱ ଗାଁରେ ନାହିଁ ବିଦ୍ୟୁତ୍ ବ୍ୟବସ୍ଥା

**ଗଣିଆ ବ୍ଲକ୍ର ବଡ଼ସିଲିଙ୍ଗା ପଞ୍ଚାୟତ**

- ନଳକୂପ ନ ଥିବାରୁ ଚୁଆ ମେଣ୍ଟାଉଛି ଶୋଷ
- ଟାୱାର ପାଇଁ କାଠଖୁଣ୍ଟିରେ ରହୁଛି ଫୋନ
- ବିକାଶର ପଦଚିହ୍ନ ବାଟବଣା


ଜଣେ ମହିଳା ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।


ଟାୱାର ପାଇଁ କାଠଖୁଣ୍ଟି ଉପରେ ଫୋନ ରଖି ଜଣେ ମହିଳା କଥା ହେଉଛନ୍ତି।

ନୟାଗଡ଼,୩।୫(ଲୋକନାଥ ମିଶ୍ର)

ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି। ହେଲେ ବଦଳିପାରୁନି ଆଦିବାସୀଙ୍କ ଭାଗ୍ୟ। କିନ୍ତୁ ବଦଳି ଚାଲିଛନ୍ତି ପ୍ରଶାସନିକ ଅଧିକାରୀ। ସରକାର ବି ବଦଳିଗଲେ। ହେଲେ ସ୍ୱାଧୀନତାର ୭୭ ବର୍ଷ ପରେ ବି ବଦଳିପାରୁନି ନୟାଗଡ଼ ଜିଲା ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ଗାଁର ଚିତ୍ର। କୁମୁରି, ଡମାଘାଟି, ବେଦାଡି, ଡୁଲୁଙ୍ଗି, ଭାଲିଆସାହି, ସେରେଣ୍ଡା, ଡୁଇସିଙ୍ଗ ହରିଜନସାହି, କୁତୁରି, ରାଇଖୋଲ, ବଡବାଙ୍କଝରି, ଦୁମୁଦୁମାର ବେଦିନିନାଳି ସାହି, ଲାଣ୍ଡିଆ କୁଟିବାରି, ତାଲାବାରି, ଧଉରାବଣି, ରାଣିତୈଳ, ମଡିକୁପା, ବଳିଆଝର, ମୁଷ୍ଟୁଗୁଡା, ସଲପଗଣ୍ଡାପରି ୨୦ରୁ ଊର୍ଦ୍ଧ୍ୱ ଗାଁରେ ବିଦ୍ୟୁତ୍ ନାହିଁ। ବୁରିଆପାଜୁ ଛକରୁ ଗେଡି ଛକ, ବସାଗଣ୍ଡ ଚକରୁ ବୌଦ୍ଧ ସୀମା, ସାନବାଙ୍କଝରୀଠାରୁ ବଡବାଙ୍କଝରୀ, ବାଙ୍କଝରୀ ଛକଠାରୁ ଡୁଇସିଙ୍ଗ, ଢ଼ିପିସାହି ପତରଫଡିଠାରୁ ବେଦିନନାଳି ସାହି, ବଡସିଲିଙ୍ଗାଠାରୁ ଟୋଲକପାଟିଆ, ବହମୂଳ ଚକଠାରୁ କୁତୁରି ପରି ବିଭିନ୍ନ ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ ଅଣଦେଖା କରାଯାଉଛି। ସନ୍ଧ୍ୟା ହେଲେ ବିଦ୍ୟୁତ୍ ନ ଥିବାରୁ ତାଟି କବାଟ ପଡି ଯାଉଛି। କିଛି ଗାଁର ଲୋକମାନେ ବଡ କାଠଗଣ୍ଡି ଜାଳି ତାର ଆଲୋକରେ ରାତି କର୍ମ ଶେଷ କରୁଛନ୍ତି। ଅନ୍ୟପକ୍ଷେ ଗାଁଲୋକଙ୍କ ପାଇଁ ନଳକୂପ ବ୍ୟବସ୍ଥା ନ ଥିବାରୁ ବିଲ ଚୁଆପାଣି ପିଇବାକୁ ପଡୁଛି। ରେକାଡି, ଯାନକାଖୋଲା, ବେଦାଡି, କୁମୁରୀରେ ପୋଖରୀ ନାହିଁ କି ନଳକୂପ ନାହିଁ। ପୁଣି ରାଣିତୈଳାରେ ନଳକୂପ ନାହିଁ। ଏପରି ବିଭିନ୍ନ ଗାଁରେ ପାନୀୟ ଜଳ ପାଇଁ ସମସ୍ୟା ଲାଗି ରହିଛି। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ଗାଁରେ ପୋଖରୀ କରାଗଲେ ଭଲ ହୁଅନ୍ତା। ତେବେ ବିଭାଗ ଆଦିବାସୀ ଗାଁକୁ ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ଉଠାଜଳସେଚନ କ'ଣ ଗାଁ ଲୋକ ଜାଣି ନାହାନ୍ତି। ଜଳସେଚନ ବିଭାଗ ମଧ ଦୃଷ୍ଟି ଦେଉନାହିଁ। ୫ଜି ଯୁଗରେ ଟାୱାର କାମ କରୁନି। ମୁଷ୍ଟୁଗୁଡା ପରି ଗାଁରେ ଲୋକେ ଫୋନ କରିବା ପାଇଁ ଖୁଣ୍ଟି ପୋତି ମୋବାଇଲ ଟାୱାର ଆସିବାକୁ ଅପେକ୍ଷା କରୁଛନ୍ତି। ରାସ୍ତା ମଧ ସବୁ ଗାଁକୁ ନାହିଁ। ଆବୋଡା ଖାବୋଡା ଜଙ୍ଗଲିଆ ରାସ୍ତା ସାହା ଭରସା। ବିକାଶର ପାଦଚିହ୍ନ ବାଟବଣା ହେଉଥିବାରୁ ଆଦିବାସୀମାନେ ଅଭିଶପ୍ତ ଜୀବନଯାପନ କରି କରି କ୍ଷୋଭ, ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି।

ଆଦିବାସୀ ଗାଁ ଗୁଡିକୁ ସର୍ବନିମ୍ନ ସୁବିଧା ଯୋଗାଇବାରେ ପ୍ରଶାସନ ଓ ସରକାର ଧ୍ୟାନ ଦେଲା ପରି ଲାଗୁ ନାହିଁ। ଗୋଛାବାରୀ ଛକଠାରୁ କୁମୁରୀକୁ ବନବିଭାଗର ପାଦଚଲା ରାସ୍ତା ରହିଛି। ଏହାକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ଡୁଲୁଙ୍ଗି, ବେଦାଡି, ବୁରିଆପାଜୁରେ ପୋଷ୍ଟ ଅଫିସ ଅଛି। କିନ୍ତୁ କର୍ମଚାରୀ ଆସୁ ନଥିବାରୁ ପୋଷ୍ଟ ଅଫିସରୁ ତାଲା ଖୋଲୁନି। ପୋଷ୍ଟ ଅଫିସ ଭଡା ଘର ବଦଳରେ ସରକାରୀ ଜମିରେ ହେଉ ଓ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି ହେଉଛି। କିଛି ସ୍ଥାନରେ ବିଏସ୍ଏନ୍ଏଲ୍ ଟାୱାର ଥିଲେ ମଧ କାମ କରୁନି। ଅନ୍ୟ ବେସରକାରୀ ମୋବାଇଲ ଟାୱାର ନିର୍ମାଣ ପାଇଁ ଗୁରୁତ୍ୱ ଦେବାକୁ ଦାବି ଉଠୁଛି। ରାଜସ୍ୱ ଗାଁ ହୋଇଥିଲେ ହେଁ ଗାଁ କଲ୍ୟାଣ ସମିତି କାମ କରୁନି। କେଉଁ ଗାଁରେ ଗାଁ କଲ୍ୟାଣ ସମିତି ଅଛି ସେମାନେ ସାଇନବୋର୍ଡ ବି ନାହିଁ। ଏଣୁ ଗାଁର ବିକାଶ ପାଇଁ ହାତପାଣ୍ଠି ୧୦ ହଜାର ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଉଛି ଜଣାପଡୁ ନାହିଁ। ବୁରିଆପାଜୁରେ ଆଶା କର୍ମୀ ଥିବାବେଳେ ସରକାରୀ ସୁବିଧାସୁଯୋଗ ମିଳୁନି। ମୁଷ୍ଟୁଗୁଡା, ସଲପଗଣ୍ଡା, କୁତୁରୀରେ ଆଶାକର୍ମୀ ନିଯୁକ୍ତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ଡମାଘାଟିରେ ୪ ଘର ଥାଇ ଅଙ୍ଗନୱାଡି କେନ୍ଦ୍ର ଅଛି। କିନ୍ତୁ ଜାନକାଖୋଲାରେ ୧୬ ଘର ଥାଇ ଅଙ୍ଗନୱାଡି କେନ୍ଦ୍ର ହୋଇ ପାରୁନି। ସେହିପରି ଶଗଡ଼ଭଙ୍ଗା ପରି ଅନେକ ଗାଁରେ ଅଙ୍ଗନୱାଡି କେନ୍ଦ୍ରର ଆବଶ୍ୟକତା ଥିବାବେଳେ କରାଯାଉନି।

ଏନେଇ ଭାନୁମତି ପ୍ରଧାନ କୁହନ୍ତି, ସରକାର ରାସ୍ତା କରିବାକୁ ଭୁଲିଗଲେ। ହେଲେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ କରୁ ନାହାନ୍ତି। ଏଣୁ ଚୁଆ ଜଳ ବ୍ୟବହାର କରି ଆମେ ରୋଗିଣା ହୋଇ ଚାଲିଛୁ। ଜାନକିଖୋଲା ଗାଁ ସଭାପତି କୁହନ୍ତି, ଆମ ଆଖ ପାଖ ଆଦିବାସୀ ଗାଁର ସମସ୍ୟା ନେଇ ବାରମ୍ବାର ଜିଲାପାଳ, ବିଧାୟକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓଙ୍କୁ ଅଭିଯୋଗ କରୁଛୁ। ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳୁଛି। ହେଲେ ଆମ ଅଭିଯୋଗ ଅଣଦେଖା ଓ ଉପେକ୍ଷିତ ହୋଇ ରହି ଯାଉଛି।

## ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା

ନୂଆଗାଁ,୩।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ନୂଆଗାଁ ବ୍ଲକରେ ଟପ୍ପର ହୋଇଥିବା ଛାତ୍ର ନୀଳମାଧବ ନାଥଙ୍କୁ ଶନିବାର ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ଓ ଚାହାଲି ସମିତି ସଭ୍ୟା ସମ୍ବର୍ଦ୍ଧିତ କରିଛନ୍ତି। ବାପାଙ୍କ ଆଶା, ଅଭିଳାଷକୁ ପୂରଣ କରିବା ପାଇଁ ବାପାଙ୍କ ଦିଗ୍‌ଦର୍ଶନ ତଥା ମାଆ ଓ ସ୍କୁଲ ଶିକ୍ଷକମାନଙ୍କ ପ୍ରେରଣାରେ ପାଠ ପଢି ନୂଆଗାଁ ବ୍ଲକର ଟପ୍ପର ହୋଇଛନ୍ତି ଚାହାଲି ଜନଶକ୍ତି ନୋଡାଲ ହାଇସ୍କୁଲର ଛାତ୍ର ନୀଳମାଧବ ନାଥ। ବିଭିନ୍ନ ସମୟରେ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ପାଠ ପଢାରେ ସମସ୍ୟା ଉପୁଜିଥିଲେ ମଧ୍ୟ ନିଜେ ପରିଶ୍ରମ କରି ସଫଳତା ପାଇ ପାରିଛନ୍ତି। ମାଟ୍ରିକ ପରୀକ୍ଷାରେ ନୂଆଗାଁ ବ୍ଲକରେ ସର୍ବାଧିକ ୫୫୯ ନମ୍ବର ରଖି (ଏ-୧) ନୂଆଗାଁ ବ୍ଲକରେ ଟପ୍ପର ହୋଇଛନ୍ତି। ତେବେ ନୂଆଗାଁ ବ୍ଲକ ପାଇଁ ଗର୍ବ ଆଣିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଚାହାଲି ସମିତି ସଭ୍ୟା ଅଶ୍ୱିନୀ ଆଚାର୍ଯ୍ୟ ଚାହାଲି ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ର ନୀଳମାଧବଙ୍କ ଘରେ ପହଞ୍ଚିଥିଲେ। ନୀଳମାଧବଙ୍କ ବାପା ଲକ୍ଷ୍ମୀଧର ନାଥ ମାଆ ରଜନୀ ନାଥ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ନୀଳମାଧବଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ର ନୀଳମାଧବଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୀଳମାଧବଙ୍କ ବାପା ଲକ୍ଷ୍ମୀଧର ଜନଶକ୍ତି ହାଇସ୍କୁଲରୁ ୧୯୮୨ରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ନିଜେ ଗର୍ବ ଅନୁଭବ କରୁଛନ୍ତି ବୋଲି ଲକ୍ଷ୍ମୀଧର କହିଛନ୍ତି।


ନୀଳମାଧବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମନ୍ଦିର ପରିସରରୁ ଚନ୍ଦନ ଗଛ କାଟିଦେଲେ

ଖଣ୍ଡପଡ଼ା,୩।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମ ମଧ୍ୟ ଭାଗରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିର ସୁଯୋଗ ନେଇ ଏକ ଚନ୍ଦନ ଗଛ କାଟି ଦେଇଥିଲେ। ମାତ୍ର କୌଣସି କାରଣରୁ ଏହାକୁ ଲୁଟି ନେବାର ଉଦ୍ୟମ ବିଫଳ ହୋଇଛି।

ଗୁରୁବାର କାଳବୈଶାଖୀ ପ୍ରଭାବରେ ରାତି ସାରା ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ବର୍ଷା ପବନ ସମୟରେ ସ୍ଥାନୀୟ ଲୋକମାନେ ଘରେ ବିଶ୍ରାମ ନେଉଥିଲେ। ବିଳମ୍ବିତ ରାତିର ସୁଯୋଗ ନେଇ କେହି ମନ୍ଦିର ପରିସରରେ ଥିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଚନ୍ଦନ ଗଛକୁ ଲୁଟି ନେବାକୁ ଉଦ୍ୟମ କରିଥିଲେ। ହେଲେ କଟା ଯାଇଥିବା ଏହି ବଡ ଗଛକୁ ଲୁଟି ନେବାକୁ ଦୁର୍ବୃତ୍ତମାନେ ସକ୍ଷମ ହୋଇ ପାରି ନ ଥିଲେ। ରାତି ପାହିବା ପରେ ସ୍ଥାନୀୟ ବାସିନ୍ଦା ଚନ୍ଦନ ଗଛଟି ଦୁଇ ଗଡ ହୋଇ ଝୁଲୁଥିବା ଦେଖିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ଆଲୋଚନା କରାଯାଇ ଗ୍ରାମର ସଭାପତି ଯୁଗଳ କିଶୋର ନାୟକ କଣ୍ଟିଲୋ ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ଜାରି ରଖିଥିବା ଫାଣ୍ଡି ଅଧିକାରୀ ଦାସଙ୍କ ଠାରୁ ପ୍ରକାଶ।

## ପିଏମଶ୍ରୀ ବିଦ୍ୟାଳୟର ମାନ୍ୟତା ପାଇଥିବା ଛାତ୍ରୀ ଛାତ୍ର ଏ-୧ ଗ୍ରେଡ୍ ପାଇଲେନି

ଖଣ୍ଡପଡା,୩।୫
(ଅଜୟ କୁମାର ମହାରଣା)

ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ନିମନ୍ତେକେନ୍ଦ୍ର ଓ ରାଜ୍ୟ ସରକାର ପ୍ରମୁଖ ଶିକ୍ଷାନୁଷ୍ଠାନକୁ ଅନେକକୋଟି ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ପ୍ରଥମ ପର୍ଯ୍ୟାରେ ଅନୁଦାନ ଅର୍ଥ ୫-ଟି ଯୋଜନାରେ ବିନିଯୋଗ ପରେ ଏବେ ପିଏମଶ୍ରୀ ଯୋଜନାରେ ଖଣ୍ଡପଡା ବ୍ଲକର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡା ଓ ବେଣାଗାଡିଆ ଗ୍ରାମସ୍ଥିତ ସାତ ଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟକୁ ମାନ୍ୟତା ମିଳିଥିଲେ ହେଁ ଉକ୍ତ ୨ଟି ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଆସୁଥିବା ଅଭିଯୋଗ ହେଉଛି । ଫଳ ସ୍ୱରୂପ ଗତ ୪ ବର୍ଷ ଧରି ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ଅନୁଯାୟୀ ଉକ୍ତ ୨ଟି ବିଦ୍ୟାଳୟର କେହି ହେଲେ ଛାତ୍ରୀ ଛାତ୍ର ଏ-୧ ଗ୍ରେଡରେ ପାସ ନ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରୀୟା ପ୍ରକାଶ ପାଇଛି। ଏକଦା ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ବେଳେ ଗତ ୪ ବର୍ଷ ମଧ୍ୟରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ।

ଏ ସମ୍ପର୍କରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କୁ ପଚାରିବାରେ ବିଦ୍ୟାଳୟର ଶ୍ରେଣୀଗୃହର ଅଭାବ ସାଙ୍ଗକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଦ୍ୟାଳୟରେ ବର୍ଷ ତମାମ ସଚେତନତା କାର୍ଯ୍ୟକ୍ରମ, ସଭା ସମିତି, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯୋଗୁ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ମତ ରଖିଥିଲେ । ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପ୍ରକାଶିତ ଫଳାଫଳକୁ ନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି । ତେବେ ମୋଟାମୋଟି ଭାବେ ପିଏମଶ୍ରୀ ମାନ୍ୟତା ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶୁଳିଆ ଜଙ୍ଗଲରୁ ଶାଳକାଠ ସହ ଟ୍ରାକ୍ଟର ଜବତ

ଶରଣକୁଳ,୩।୫(ଦୀପକ କର)

ପଞ୍ଚିରି ବନାଞ୍ଚଳ ଅନ୍ତର୍ଗତ ଶୁଳିଆ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଶାଳ କାଠ ନେଉଥିବା ବେଳେ ବନ କର୍ମଚାରୀମାନେ ଶାଳକାଠ ସହ ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି। ଶରଣକୁଳ ନିକଟସ୍ଥ ଅସୁରିଡିପା ଗ୍ରାମରେ ଏକ ଯାତ୍ରା କାର୍ଯ୍ୟରେ ବାଉଁଶ, କଣିକା ଲଗାଇବାକୁ ପଞ୍ଚିରି ବନାଞ୍ଚଳକୁ ଗ୍ରାମବାସୀ ଅନୁମତି ମାଗିଥିଲେ। ବନାଞ୍ଚଳ ଅଧିକାରୀ ଚୁ ମୁର୍ମୁ ଜଙ୍ଗଲରୁ କାଠ ଦେବାକୁ ମନା କରିଥିଲେ। କିନ୍ତୁ ଗ୍ରାମବାସୀ ଶୁଳିଆ ଜଙ୍ଗଲରେ ପଶି ଜବରଦସ୍ତ ୩ ଟ୍ରିପ ଶାଳ କାଠ କାଟି ଦେଇଥିଲେ। ଏହି କାଠ ଟ୍ରାକ୍ଟରରେ ଭର୍ତ୍ତି କରି ଗୋଟିଏ ଟ୍ରିପ ଗାଁକୁ ଆଣିଥିବା ବେଳେ ଆଉ ଗୋଟିଏ ଟ୍ରିପକୁ ବନ କର୍ମଚାରୀମାନେ ପହଞ୍ଚି ଜବତ କରିଥିଲେ। ଏହାକୁ ଦେଖି ଆଉ ଗୋଟିଏ ଟ୍ରାକ୍ଟର ଚାଳକ କାଠ ଛାଡ଼ି ଘଟଣା ସ୍ଥଳରୁ ଖସି ଯାଇଥିଲା। ଜବତ ଟ୍ରାକ୍ଟରରେ ଶୁଖିଲା କାଠ, ଶାଳ ବଲ୍ଲୀ ଓ ଶାଳ ଗଣ୍ଡି ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏନେଇ ବନ କର୍ମଚାରୀଙ୍କ ଉପରେ ବିଭିନ୍ନସ୍ତରରୁ ଚାପ ପଡିବାରୁ ସେମାନେ ଟ୍ରାକ୍ଟର ଛାଡ଼ି ଦେଇଥିବା ଅଭିଯୋଗ ହୋଇଚି। ଏହି ଘଟଣାରେ ପଞ୍ଚିରି ଫରେଷ୍ଟର ଶିଶିର କୁମାର ସାହୁ ଟ୍ରାକ୍ଟର ସହ କାଠ ଜବତ ହୋଇଛି। ଏକ ମାମଲା ରୁଜୁ ହୋଇଥିବା କହିଛନ୍ତି। ସେ ଆହୁରି କହିଛନ୍ତି ଗାଡ଼ି ନମ୍ବରକୁ ଆଧାର କରି ଆମେ ଆଞ୍ଚଳିକ ପରିବହନ ବିଭାଗକୁ ଜଣାଇଛୁ। ଗାଡ଼ି ନମ୍ବର ଅନୁସାରେ ମାଲିକଙ୍କ ନାମ ଜଣାଇବା ପରେ ଆମେ ତାଙ୍କ ନାମରେ ମାମଲା ରୁଜୁ କରିବୁ ବୋଲି କହିଛନ୍ତି।

## ନୂଆଗାଁରେ ଲଙ୍କାପୋଡ଼ି ଉତ୍ସବ ଉଦ୍‌ଯାପିତ

**ଶୋଭାଯାତ୍ରା ପରେ ଶ୍ରୀରାମଙ୍କ ରାଜ୍ୟାଭିଷେକ**

ନୂଆଗାଁ,୩।୫ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଗ୍ରାମରେ ଶୁକ୍ରବାର ଲଙ୍କାପୋଡ଼ି ଯାତ୍ରା ଉଦଯାପିତ ହୋଇ ଯାଇଛି। ରାମ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା କଳାକାରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ରାମଙ୍କ ରାଜ୍ୟାଭିଷେକ କରି ରାମ ନାଟକ ସମାପ୍ତ ହୋଇଥିଲା।

ନୂଆଗାଁ ବ୍ଲକ ନୂଆଗାଁ ସଦର ଗ୍ରାମରେ ପୂର୍ବରୁ ସମ୍ପୂର୍ଣ୍ଣ ରାମଲୀଳା ମଞ୍ଚସ୍ଥ ପରେ ଲଙ୍କାପୋଡ଼ି ଉତ୍ସବ ପାଳନ କରାଯାଉଥିଲା। ବିଭିନ୍ନ ସମସ୍ୟା ଯୋଗୁ କିଛି ବର୍ଷ ହେଲା ତାହା ବନ୍ଦ ହୋଇଥିବା ବେଳେ ଆଗ୍ରହୀ କଳାକାରଙ୍କ ଦ୍ୱାରା ଚଳିତ ବର୍ଷ ତାହା ପୁନର୍ବାର ଆରମ୍ଭ କରାଯାଇଥିଲା। ନୂଆଗାଁ ଗ୍ରାମର କଳାକାରମାନେ ରାମ ନବମୀଠାରୁ ରାମ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରି ଆସୁଥିଲେ। ଯାହାକୁ ଦେଖିବା ପାଇଁ ପ୍ରତିଦିନ ରାତିରେ ରାମାୟଣ ଓ ନାଟକ ପ୍ରେମୀ ଦର୍ଶକମାନଙ୍କ ଭିଡ ଜମୁଥିଲା। ପୁଷ୍ପକ ବିମାନ, ଉଡନ୍ତା ହନୁମାନ, ହନୁମାନଙ୍କ ଲଙ୍କାଗଡ଼ ଦହନ ଆଦି ଏହି ନାଟକର ମୁଖ୍ୟ ଆକର୍ଷଣ ସାଜିଥିଲା। ବୁଧବାର ପ୍ରାୟ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡ଼ି କରାଯାଇଥିଲା। ଏହି ରାବଣ ପୋଡ଼ି ଉତ୍ସବରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ଅତିଥି ଭାବେ ଯୋଗ ଦେଇ କଳାକାରମାନଙ୍କ ଅଭିନୟ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ରାବଣକୁ ମାରି ଲଙ୍କା ବିଜୟ ପରେ ରାମଚନ୍ଦ୍ର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ଶୁକ୍ରବାର ରାମ ନାଟକରେ ଅଭିନୟ କରୁଥିବା କଳାକାରମାନେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ନାଟକସ୍ଥଳରୁ ବାହାରି ବଜାରଦେଇ ଗଦାଧରପୁର ଆସି ସେଠାରୁ ପୁନର୍ବାର ନାଟକ ସ୍ଥଳକୁ ଯାଇଥିଲେ। ସେଠାରେ ପ୍ରଭୁ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗ୍ରହୀ କଳାକାର ଆଦିତ୍ୟ ପ୍ରଧାନ, ସ୍ୱପ୍ନେନ୍ଦୁ ପ୍ରଧାନଙ୍କ ସମେତ ସୁରେନ୍ଦ୍ର ପ୍ରଧାନ, ଭାଗୀରଥି ସିଠ, ଦିନବନ୍ଧୁ ପ୍ରଧାନ, କାଳିନ୍ଦୀ ଚରଣ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ବବୁଲ ବାରିକ ପ୍ରମୁଖ ଶିଶୁଙ୍କଠାରୁ ବୟସ୍କମାନେ ଏହି ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।


ରାଜ୍ୟାଭିଷେକ ଉତ୍ସବରେ ସାମିଲ ହୋଇଥିବା କଳାକାର।

**ସେଲ୍ଫି କର୍ନର ଧରିତ୍ରୀ**
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଲୋକ ବେହେରା


@ ଆଲୋକ ମହାନ୍ତି


@ ଦୀପ୍ତିମୟୀ


@ ପବିତ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी**

**काष्ठागार धमतरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।

नीलाम दिनांक - 13 मई 2025
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 83.491 | 2217 | 125.698 | 2923 | 209.189 | 5140 |
| बीजा | 9.366 | 2 | 0.059 | - | 9.425 | 2 |
| शीशम | 0.052 | 2 | - | - | 0.052 | 2 |
| हल्दु / मुण्डी | 3.809 | 4 | 1.492 | - | 5.301 | 4 |
| साजा | 13.670 | 61 | 2.139 | - | 15.809 | 61 |
| घावड़ा | 8.098 | - | - | - | 8.098 | - |
| नीलगिरी | - | - | 0.361 | - | 0.361 | - |
| पापड़ा | 0.656 | - | - | - | 0.656 | - |
| अन्य | 85.491 | 2459 | 48.012 | - | 133.503 | 2459 |
| योग | **204.633** | **4745** | **177.761** | **2923** | **382.394** | **7668** |

**जलाऊ**

| प्रजाति | काष्ठागार धमतरी नया | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के दुकड़ो में (साईज 5.50 मीटर) |
|---|---|---|---|
| सागौन | 26 | - | - |
| अन्य | 69 | 1923 नग | 1000 नग |
| योग | 95 | 1923 नग | 1000 नग |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लोटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

**फोन: 07722-238371, फैक्स: 07722-236137**

G-252600629/2 — **स्वा. / - वनमण्डलाधिकारी, धमतरी वनमंडल, धमतरी**



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/06, ତା.28.04.2025ରିଖ

**(1) ଟେଣ୍ଡର ସଂ. e-Tender-estatekur-15-25, ତା.23.04.2025ରିଖ**

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର ଅଧୀନସ୍ଥ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର (ୱାର୍କସପ୍) ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 173.89 ଲକ୍ଷ, EMD : ₹ 2,37,000/-

**(2) ଟେଣ୍ଡର ସଂ. e-Tender-estatekur-11-25, ତା.23.04.2025ରିଖ**

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପଶ୍ଚିମ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ ବିହାର କଲୋନୀରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚରଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 155.00 ଲକ୍ଷ, EMD : ₹ 2,27,500/-

**(3) ଟେଣ୍ଡର ସଂ. e-Tender-estatekur-12-25, ତା.23.04.2025ରିଖ**

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପୂର୍ବ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ, ମଞ୍ଚେଶ୍ୱର କଲୋନୀ, ଷ୍ଟାଡିୟମ ଏବଂ ରେଳ ସଦନରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 170.08 ଲକ୍ଷ, EMD : ₹ 2,35,100/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-87/Q/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହସ



ବିଶ୍ୱର ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହେଉଛି ହସ। ପ୍ରତିଦିନ ହସିଲେ ପ୍ରାୟ ୯୯.୯% ରୋଗ ଭଲ ହୋଇପାରେ। ହସରେ ଏମିତି ଶକ୍ତି ରହିଛି ଯାହା ତା'ର ସକାରାତ୍ମକ ପ୍ରଭାବ ଦ୍ୱାରା ଅନ୍ୟକୁ ବି ଆକର୍ଷିତ କରିପାରେ। ମୋ ମତରେ ସମସ୍ତେ ପ୍ରତିଦିନ ଅତି କମ୍‌ରେ ୨ ରୁ ୫ମିନିଟ୍ ହସିବା ଦରକାର। ୨୨ଦିନ ପର୍ଯ୍ୟନ୍ତ ଏପରି କଲେ ଦେଖିବେ ୨୩ ଦିନକୁ ତାହା ଅଭ୍ୟାସରେ ପରିଣତ ହୋଇଯିବ।

**-ଅଭିଷେକ ମହାନ୍ତି,** ଯୋଗଗୁରୁ, ଭୁବନେଶ୍ୱର

## ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ



ହସିଲେ ମନ ଖୁସି ହୁଏ। କାରଣ ହସର ସିଧାସଳଖ ପ୍ରଭାବ ରହିଛି ମନ ଓ ଆବେଗ ଉପରେ। ମନ ଖୁସିରେ ହସିଲେ ତା'ର ପ୍ରଭାବ ଅଧିକ ରହିବ। ଖୁସିରେ ହସିବା ପାଇଁ ଶାରୀରିକ, ମାନସିକ ଓ ଆଧାତ୍ମିକ ଦିଗକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରକୃତପକ୍ଷେ ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ।

**- କଳ୍ପନା ସାହୁ,** ଆସୋସିଏଟ୍ ପ୍ରଫେସର, ଏକ୍ସଆଇଏମ ୟୁନିଭର୍ସିଟି

## ଛୋଟ ପିଲାଙ୍କ ସହ ହସିବାକୁ ଭଲପାଏ



ହସ ହେଉଛି ଦିବ୍ୟ ପ୍ରବାହ। ଖୁସି ପାଇବା ପାଇଁ ସର୍ବଦା ହସିବାକୁ ଚେଷ୍ଟା କରେ। ଆଉ ସବୁବେଳେ ଛୋଟ ପିଲାଙ୍କ ସହ ହସିବାକୁ ଭଲ ପାଏ। ବ୍ୟସ୍ତ ବହୁଳ ଜୀବନରୁ ଟିକିଏ ସମୟ ବାହାର କରି ଏଭଳି କରିବା ଦ୍ୱାରା ମନ ପ୍ରଫୁଲ୍ଲ ରୁହେ।

**-ସୁଧୀର ରଞ୍ଜନ ପଟ୍ଟନାୟକ,** ମ୍ୟାନେଜର (ଏଚ୍.ଆର),ସ୍ୱଞ୍ଜ ଆଇରନ୍ ପ୍ଲାଣ୍ଟ ,ରାଉରକେଲା

## ସ୍ୱାସ୍ଥ୍ୟ, ଶାନ୍ତି, ଖୁସି ପାଇଁ ହସ

୧୯୯୮ ମେ' ୧୦ରେ ମୁମ୍ବାଇଠାରେ ଡା. ମଦନ କାଟାରିଆଙ୍କ ତତ୍ତ୍ୱାବଧାନରେ ପ୍ରଥମେ ବିଶ୍ୱ ହସ ଦିବସ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେ' ପ୍ରଥମ ରବିବାରକୁ ଏହି ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଖୁସି ପାଇଁ ହସ'।

## ଚରିତ୍ର ସହ ହଜି ଯିବାକୁ ହୁଏ



**ଯେଉଁ** ଚରିତ୍ରରେ ଆମେ ଅଭିନୟ କରୁ ତାହାକୁ ସଫଳ କରିବାକୁ ଭୂମିକା ସହ ଶତ ପ୍ରତିଶତ ହଜି ଯିବାକୁ ପଡେ। ଏଥିପାଇଁ ତିନୋଟି ବିଷୟ- ଇମାଜିନେଶନ, ଇମିଟେସନ ଏବଂ ଇମିଗ୍ରେସନକୁ ଗୁରୁତ୍ୱ ଦେବାକୁ ପଡେ। ମନେକରନ୍ତୁ ମୁଁ ଯଦୁମଣି ମହାପାତ୍ର ଭୂମିକାରେ ଅଭିନୟ କରିବି। ତେଣୁ ସେହି ଭୂମିକା ସହ ସମ୍ପୂର୍ଣ୍ଣ ଭାବରେ ହଜିଯିବାକୁ ପଡିବ।ଏହାଦ୍ୱାରା ଭୂମିକାଟିକୁ ଭଲ ଭାବରେ ତୁଲାଇ ହୁଏ।

**-ହରିହର ମହାପାତ୍ର,** ହାସ୍ୟାଭିନେତା

# ହସ ମହୌଷଧି



ପ୍ରଖ୍ୟାତ ହାସ୍ୟାଭିନେତା ଚାର୍ଲି ଚାପଲିନ୍ କହିଥିଲେ, 'ଯେଉଁଦିନ ମୁଁ ହସି ନ ଥାଏ, ସେ ଦିନ ମୋର ବେକାର ଗଲା ପରି ମନେକରେ।' ବାସ୍ତବରେ 'ହସ' ଏପରି ଏକ ଅମୂଲ୍ୟ କାର୍ଯ୍ୟ ଯାହା ପ୍ରତ୍ୟେକ ମଣିଷ ପାଇଁ ଅଶେଷ ହିତକାରୀ। ଏଥିସହ ଏହା ଅନେକ ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାରରୁ ମୁକ୍ତି ଦେଇଥାଏ। ମଣିଷ ବିଷାଦଗ୍ରସ୍ତ ହେଲେ ତା'ର ଉପକାରୀ ହରମୋନ୍ ଓ ରାସାୟନିକ ତତ୍ତ୍ୱ କ୍ଷରଣରେ ବାଧା ସୃଷ୍ଟି ହୋଇଥାଏ। ମନ ଓ ମାନସିକ ଅବସ୍ଥାକୁ ସନ୍ତୁଳନ କରୁଥିବା ରାସାୟନିକ ପଦାର୍ଥ ଯଥା- ଗାବା, ସିରୋଟୋନିନ୍, ଆଡ୍ରେନାଲିନ୍ ଓ ଡୋପାମିନ୍‌ଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆମର ଦୁଃଖ, ବ୍ୟାକୁଳତା, ଆନନ୍ଦ ଓ ହସ ସହିତ ଜଡ଼ିତ ଥାଆନ୍ତି। ଡୋପାମିନ କମ୍ ହେଲେ ବିଷାଦ ଆସିଥାଏ ଓ ଆଡ୍‌ରେନାଲିନ୍ ଅଧିକ ହେଲେ ଉନ୍ମାଦନା ଓ ଚଞ୍ଚଳତା ଆସିଥାଏ। ମଣିଷ ଚାପଗ୍ରସ୍ତ, ବିଷାଦଗ୍ରସ୍ତ ଓ ଆତୁର ନ ରହିଲେ ତା'ର ଆଭ୍ୟନ୍ତରୀଣ ଶରୀରର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥାଏ, ନଚେତ୍ ସବୁ କାର୍ଯ୍ୟ ଶିଥିଳ ହୋଇଯାଏ। ଅଧିକାଂଶ ରୋଗ ମନ ସହିତ ଜଡ଼ିତ ଓ ଖାଲି ଶାରୀରିକ ରୋଗର ଚିକିତ୍ସା କଲେ ସେସବୁ ଭଲ ହୋଇ ନ ଥାଏ। ବରଂ ଉଭୟ ଶାରୀରିକ ଓ ମାନସିକ ବ୍ୟତିକ୍ରମର ଚିକିତ୍ସା କଲେ ରୋଗୀଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାଏ। ହସ ଓ କାନ୍ଦ ଦୁଇଟି ମଧ୍ୟରୁ ହସ ପାଇଁ ଅଧିକ ମାଂସପେଶୀ କାର୍ଯ୍ୟ କରିଥାଆନ୍ତି। କାନ୍ଦ ଯଦିଓ ମଣିଷର ଅନ୍ତରରୁ ଅନେକ ଦୁଃଖ ଓ କଷ୍ଟ ଧୋଇଦେଇଥାଏ। ହସ ମଣିଷକୁ ପ୍ରଫୁଲ୍ଲତା ପ୍ରଦାନ କରିଥାଏ। ଗୋଟିଏ ହସ କୋଟିଏଙ୍କ ମନରେ ପୁଲକ ଭରି ଦେଇଥାଏ, ମାତ୍ର ଏହା ଆକ୍ଷେପପୂର୍ଣ୍ଣ, ଅପମାନିତ କରିବା ଭଳି ହେବା ଉଚିତ ନୁହେଁ।



**-ଡା. ରାମଚନ୍ଦ୍ର ରାଉତ,** ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ:୮୨୪୯୦୮୭୯୯୮

୧୫ ମିନିଟ୍‌ର ହସ ୪୦ କ୍ୟାଲୋରି ପର୍ଯ୍ୟନ୍ତ ଦହନ କରିଥାଏ ଏବଂ ଏହା ଶାରୀରିକ ଓଜନ କମାଇବା ତଥା ସୁସ୍ଥ ରହିବାରେ ସହାୟକ ହୋଇଥାଏ।



## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ



ସ୍ୱର୍ଗତ ଦିଲ୍ଲିପ କୁମାର ପାହାନ (ନିଲୁ)
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଘର), ଖଲିକୋଟ, ଗଞ୍ଜାମ
ଆବିର୍ଭାବ: ୦୪।୦୭।୧୯୯୧
ତିରୋଧାନ: ୧୫।୦୫।୨୦୨୪
ଭାଇ, ଦୁର୍ବୃତ୍ତମାନେ ଆମ ପାଖରୁ ତତେ ଛଡ଼ାଇ ନେଲେ ତଥାପି ପରିବାର ଲୋକ, ସାଙ୍ଗସାଥୀ, ଗ୍ରାମବାସୀଙ୍କ ପ୍ରତି ତୋର ରହିଥିବା ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଭାଇ: ଜିତୁ, ସ୍ତ୍ରୀ: ସାବିତ୍ରୀ, ପୁଅ: ଦିବ୍ୟାଂଶୁ, ଭଉଣୀ: ପିଙ୍କି, ଛବି, ଭଣଜା, ଝିଆରୀ: ଓମ୍, ସାଇ, ଲକି ଓ ଅନ୍ୟମାନେ
ଧ-୩୮୮

### ଦଶାହ ଉପଲକ୍ଷେ



⁄କୃଷ୍ଣଚନ୍ଦ୍ର ମିଶ୍ର
ନିଜସ୍ୱ ବାସଭବନ, ଧାନକୋଠୀ ସାହି, ପୁରୀ
ଆବିର୍ଭାବ: ୦୨।୦୩।୧୯୩୮
ତିରୋଧାନ: ୨୫।୦୪।୨୦୨୫
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୩୮୪



# Classified Everyday
0674-2580101, 9692975378


MATRIMONIAL

### BRIDE WANTED

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମୀନ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମୀନ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

### GROOM WANTED

Retd ଏକାକୀ ରହୁଥିବା Govt. ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378


REAL ESTATE
SALE

National and International Project @ 3lakhs to 30lakhs Contact- 8917622925. D-367

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-74649


CONSTRUCTION

Construct your home with branded materials, all complete furnishing, price start 1280/- per sqft. 9827152441. D-76818

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Ground Floor Single Room attached Toilet for Office at VSS Nagar. 7873657633. D-374

3BHK flat Ashok Nagar, Rajmahal Sqr. 9437778642. D-382

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384


### AFFIDAVIT

By virtue of an affidavit sworn before the Notary Public, Dharmasala, dated 03.05.2025, I, Sabita Das, Address: At-Phajilpur, P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my son's name from Chadrasakhara Das to Chandra Sekhar Das. Henceforth, he shall be known as Chandra Sekhar Das for all purposes. D-375

By virtue of an affidavit No.- 783, dated 02.05.2025 sworn before the Executive Magistrate, Dharmasala, I, Sandhyarani Dash, W/o- Sanjay Dash, At-Dankari, P.O.- Mahisara, P.S.- Jenapur, Dist.- Jajpur declare that my minor son's old name Prailaya Dash changed to new name Pralay Dash. Henceforth, he shall be known as Pralay Dash for all purposes. D-376

I, Gulibindala Ranjit Kumar, S/o- Gulibindala Chiranjeebulu, resident of Radhu, Radu, Derigam, Rayagada, Odisha, PIN-Code-765024 declared by the affidavit No.- 21, dated-26.04.2025 that now onwa rds I shall be known as Gulibindal Ranjit Kumar for all future purposes. D-383

## LEGAL NOTICE

I.R. No.- 625
Date- 23.04.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ ୨ନ୍ଦର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୮୪/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

ସୁଶ୍ରୀ ସଂଗୀତା ପ୍ରଧାନ, ବୟସ ୪୫ ବର୍ଷ, ସ୍ୱାମୀ- ପଦ୍ମନାଭ ପ୍ରଧାନ, ଠିକଣା- ସା- ପ୍ଲଟ୍ ନଂ. ଏନ୍- ୫ନ୍ଦର, ଇ/୨୫୮, ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଜିଲ୍ଲା- ଖୋର୍ଦ୍ଧା,

....ବାଦୀ

ବନାମ

୧. ଇଲା ଦାସ, ସ୍ୱାମୀ- ସତ୍ୟ ମାଧବ ଦାସ, ସା- ପ୍ଲଟ୍ ନଂ. ୬୦୮ ନ୍ଦର, ଭଗବାନ ଟାୱାର, କଟକ ରୋଡ, ଲକ୍ଷ୍ମୀସାଗର, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୩. ଅମ୍ରିତା ରଏ, ସ୍ୱାମୀ- ତଡିତ କୁମାର ରୟ, ସା- ମୟାପୁରୀ, ଆପାର୍ଟମେଣ୍ଟ, ରାମକୃଷ୍ଣ ମଠ ପଛପାଖ, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୪. ଲଳିତା ମହାନ୍ତି, ସ୍ୱାମୀ- ମେଜର ଏଲ୍.କେ. ମହାନ୍ତି, ସା- ରଶ୍ମି ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୫. ଦେବୀ ଦାସ, ସ୍ୱାମୀ- ⁄ନୀଳମାଧବ ଦାସ, ସା- ପ୍ଲଟ୍ ନଂ୬୦୮ନ୍ଦର, ଭଗବାନ ଟାୱାର, କଟକ ରୋଡ୍, ଲକ୍ଷ୍ମୀସାଗର, ପୋଷ୍ଟ- ଲକ୍ଷ୍ମୀସାଗର, ଭୁବନେଶ୍ୱର- ୭୫୧୦୦୬, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. କଳା ଦାସ, ସ୍ୱାମୀ- ⁄ଉଦୟମାଧବ ଦାସ, ସା- ନାଗେଶ୍ୱର ଟାଙ୍ଗୀ, ପୋଷ୍ଟ- ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୭. ପ୍ରିୟମ୍ବଦା ଦାସ, ସ୍ୱାମୀ- ବୈଷ୍ଣବ ଚରଣ ଦାସ, ସା- ଓଲ୍ଡ ଟାଉନ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୮. ଶିବାନୀ ଇଷ୍ଟେଟ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ତରଫ ମ୍ୟାନେଜିଂ ଡାଇରେକ୍ଟର, ରତିକାନ୍ତ କାନୁନ୍‌ଗୋ, ସା- ପ୍ଲଟ ନଂ ୨୫୧ନ୍ଦର, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ଼ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର୪ଙ୍କୁ ମୃତ୍ୟୁ ଦର୍ଶାଯାଇ ଓ ଅନ୍ୟ ପ୍ରତିବାଦୀମାନଙ୍କର ବିଭିନ୍ନ କାରଣ ଦର୍ଶାଯାଇ ନୋଟିସ୍ ଜାରି ନହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା।।

ଜମିର ବିବରଣୀ

ମୌଜା: ନୀଳକଣ୍ଠପୁର, ଥାନା- ଚନ୍ଦକା, ଥାନା ନଂ- ୧୫ନ୍ଦର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ୯୦ନ୍ଦର, ସାବିକ ପ୍ଲଟ୍ ନଂ ୨୭୭ନ୍ଦର, ଏ୧.୦୨୦ ଡିସିମିଲ ସ୍ଥଧରୁ କ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ, ହାଲ ଖାତା ନଂ୧୯୯ନ୍ଦର, ହାଲ ପ୍ଲଟ୍ ନଂ୨୮୨ନ୍ଦର, ରକବା ଏ୦.୩୪୬ ଡିସିମିଲ ସ୍ଥଧରୁ ଏ୦.୦୨୮ ଡିସିମିଲ ଓ ହାଲ ପ୍ଲଟ୍ ନଂ୨୮୩ନ୍ଦର, ଏ୦.୩୭୭ ଡିସିମିଲ ସ୍ଥଧରୁ ଏ୦.୦୨୭ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର ୧,୩,୫,୬,୭ ଓ ୮ ମାନେ ଓ ପ୍ରତିବାଦୀ ନଂ୪ନ୍ଦରଙ୍କର ୱାରସମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ ୨ନ୍ଦରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୮୭

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ସି.ଏସ୍.ନଂ: ୬୭/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। ୨. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

.... ପ୍ରତିବାଦିନୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା (୧) ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। (୨) ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇ ଦିଆଯାଉଅଛି କି, ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ଆପଣମାନଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣମାନେ ସ୍ୱୟଂ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣମାନଙ୍କ ପକ୍ଷ ରଖିବେ, ନଚେତ୍ ଆପଣମାନଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ-୩୮୬

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ.ନଂ:୨୫/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ- ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

....ପ୍ରତିବାଦିନୀ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇଦିଆଯାଉଅଛି କି ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ସେଥିରେ ଉପରୋକ୍ତ ନିଷେଧାଦେଶ ଦରଖାସ୍ତ ଦାଖଲ କରିଅଛନ୍ତି। ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣଙ୍କର ପକ୍ଷ ରଖିବେ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା. ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ- ୩୮୫


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୁରପଲ୍ଲୀରେ ଶନିଓଷା

ପାଣିକୋଇଲି,୩।୫(ବିକାଶ ମଲ୍ଲିକ): ପୁରପଲ୍ଲୀରେ ଶନିଓଷା ପାଳନ କରାଯାଇଛି। ଗ୍ରହରାଜ ଶନିଙ୍କ ଶେଷପାଳିରେ ପ୍ରତ୍ୟେକ ଶନିପୀଠରେ ଆଶାତୀତ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ଶନିବାର ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଲାଗିଥିଲା। କୋରେଇ ବ୍ଲକ୍‌ର କରଦା, ଓଟିନ୍ଦା, ପାଣିକୋଇଲି ଆଦି ଶନି ପୀଠରେ ଭକ୍ତମାନେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ।

### ଅଧ୍ୟାପକଙ୍କ ପରଲୋକ


ଚଣ୍ଡିଖୋଲ,୩।୫(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟାପକ ପ୍ରବୋଧ ଖଣ୍ଡାଇଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସକାଳେ କଲେଜକୁ ଯାଇଥିଲେ ଏବଂ ହଠାତ ତାଙ୍କର ଦେହ ଖରାପ ହେବାରୁ କଲେଜ କର୍ତ୍ତୃପକ୍ଷ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମରଶରୀରକୁ କଲେଜକୁ ନିଆଯାଇଥିଲା। ସେଠାରେ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲାଙ୍କ ସମେତ ସମସ୍ତ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ମୃତଦେହକୁ ତାଙ୍କ ଜନ୍ମସ୍ଥାନ ଧର୍ମଶାଳା ଥାନା ଅନ୍ତର୍ଗତ କ୍ଷେତ୍ରପାଳ ଗ୍ରାମକୁ ନିଆଯାଇଥିଲା। ଖଣ୍ଡାଇ ଏହିମାସରେ ଅବସର ଗ୍ରହଣ କରି ଥାଆନ୍ତେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଏକମାତ୍ର ପୁତ୍ର ଜାଣେ ଡାକ୍ତର ଭାବେ କଲିକତାରେ କାର୍ଯ୍ୟ କରୁଛନ୍ତି।

# ଟଙ୍କା ଦେଲେ ଚପିଯାଉଛି ତଦନ୍ତ

- ସିଏମ୍ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ନିର୍ଦ୍ଦେଶ ନିରର୍ଥକ
- ତଥ୍ୟ ପ୍ରମାଣ ଥାଇବି ସୁରକ୍ଷିତ ୯ ନକଲି ଶିକ୍ଷକ

ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୩।୫

ନକଲି ପ୍ରମାଣପତ୍ରଧାରୀ ଶିକ୍ଷକମାନଙ୍କୁ ଚିହ୍ନଟ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷାଧିକାରୀମାନଙ୍କୁ ନିୟମିତ ବ୍ୟବଧାନରେ ନିର୍ଦ୍ଦେଶ ହେଉଛି। ଗତ ୧୫ ବର୍ଷ ମଧ୍ୟରେ ଏଭଳି ଅନେକ ନିର୍ଦ୍ଦେଶ ପତ୍ର ଦିଆଯାଇ ଆସୁଛି। କିନ୍ତୁ ଯାଜପୁର ଜିଲାରେ ଏହିସବୁ ନିର୍ଦ୍ଦେଶପତ୍ର ନିରର୍ଥକ ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗ୍ରିଭାନ୍ସ ମାଧ୍ୟମରେ ଆସୁଥିବା ତଦନ୍ତ ନିର୍ଦ୍ଦେଶକୁ କେତେଜଣ ଅଧିକାରୀ ନକଲି ଶିକ୍ଷକମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଅସୁଲ କରି ରଫାଦଫା କରୁଥିବା ଚର୍ଚ୍ଚା ହେଉଛି। ରାଜ୍ୟର ଅନ୍ୟ ଜିଲାରେ ନକଲି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଯାଜପୁର ଜିଲାରେ ସେମାନଙ୍କୁ ସୁରକ୍ଷା ଦିଆଯାଉଛି। ଗତ ୨୩ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ନକଲି ପ୍ରମାଣପତ୍ର



PIL Urgent.

DIRECTORATE OF ELEMENTARY EDUCATION, ODISHA, BHUBANESWAR

Letter No. 7820 //Date. 23-04-25
PT1-DEEO-LEGAL-MISC-0004-2023

To
All District Education Officers of the State.

Sub:- Submission of information on Fake Certificate cases for filing of counter affidavit in W.P(C) No.18752/2018 filed by Sanjaya Kumar Maharana Vrs. State of Odisha & Others.

Sir/Madam,
In inviting a reference to the subject cited above, it is to intimate you that W.P(C) No.18752/2018 filed by Sanjaya Kumar Maharana Vrs. State of Odisha & Others is listed on 06.05.2025. Before the scheduled date we need to file Counter Affidavit regarding present status of Fake Certificate cases.

Hence, you are hereby requested to submit the list of Fake Certificate cases along with its present position in the enclosed prescribed format both hard copy & soft copy by 30.04.2025.

Yours faithfully
DIRECTOR

Memo No: 7821 Date 23-04-25
Copy forwarded to all BEOs of the state of information and necessary action. They are directed to submit the information to their DEOs with in 03 days positively.

23/4/2025
JOINT DIRECTOR

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆସିଥିବା ଚିଠି।

ମାମଲା ସଂକ୍ରାନ୍ତରେ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ (ପତ୍ରସଂଖ୍ୟା-୭୮୨୦) ହୋଇଛି। ଏହି ନିର୍ଦ୍ଦେଶ ବି କେତେଦୂର ଜିଲାରେ କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିଯିବି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା କୋରେଇ ବ୍ଲକ ଅଶନଝର ଗ୍ରାମକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ଗ୍ରାମର ୯ ଜଣ ନକଲି ଆଦିବାସୀ ପ୍ରମାଣପତ୍ର ଦେଇ କୋରେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଶିକ୍ଷକତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଶନଝର, ଏସ୍.କେ. ଗଡ଼ିଆ, ଶୀତଳଗୋବିନ୍ଦପୁର, ମଥୁରାପୁର, ଯଇଁତିରା, ଧନତ୍ରୀ, ଗଜେନ୍ଦ୍ରପୁର, ଏମ୍‌ଏଲ୍‌ଏ ଉଚ୍ଚବିଦ୍ୟାପୀଠ, ହଳଦୀଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଯୁବତୀଯୁବକ ନକଲି ଆଦିବାସୀ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ବିଭିନ୍ନ ସରକାରୀସ୍ତରରେ ଅଭିଯୋଗ ହୋଇଛି। ପୂର୍ବରୁ ସେହି ଗ୍ରାମର ସମାନ ଜାତିର ୨ ଜଣ ଶିକ୍ଷୟିତ୍ରୀଶିକ୍ଷକ ନକଲି ଆଦିବାସୀ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗ ହେବା ପରେ ତତ୍କାଳୀନ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଉଭୟଙ୍କୁ ନିଲମ୍ବିତ କରିଥିଲେ। ପରିତାପର ବିଷୟ ସେହି ଗ୍ରାମରେ ସମାନ ଜାତିର ଅନ୍ୟ ୯ ଜଣ ଶିକ୍ଷୟିତ୍ରୀଶିକ୍ଷକ ନକଲି ଆଦିବାସୀ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ବେଳେ ଆବଶ୍ୟକ ତଥ୍ୟପ୍ରମାଣ ଥାଇ ମଧ୍ୟ ସମ୍ପୃକ୍ତ ନକଲି ଶିକ୍ଷକଙ୍କ ଦରମା ବନ୍ଦ କିମ୍ବା ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ନୋଟିସ ଭଳି କୌଣସି ପଦକ୍ଷେପ ନିଆଯାଉନାହିଁ। ସିଏମ୍‌ଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ତଦନ୍ତ ନିର୍ଦ୍ଦେଶକୁ ଚାପିବାକୁ ଜିଲା ଶିକ୍ଷାଧିକାରୀଙ୍କ ଅଫିସରେ ୨ ଲକ୍ଷ ଏବଂ ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଫିସରେ ୧ ଲକ୍ଷ ଟଙ୍କାର ଅର୍ଥ କାରବାର ହୋଇଥିବା ସମ୍ପୃକ୍ତ ନକଲି ଶିକ୍ଷକମାନେ କହି ବୁଲୁଛନ୍ତି।

ଏ ସଂକ୍ରାନ୍ତରେ ବିଇଓ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ସନ୍ଦିଗ୍ଧ ନକଲି ଶିକ୍ଷକଙ୍କୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ନୂତନ ଜାତିଗତ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ହୋଇଥିଲା। ଏପର୍ଯ୍ୟନ୍ତ ସେମାନେ ଦାଖଲ କରିନାହାନ୍ତି। ସେମାନଙ୍କୁ ଅତ୍ୟଧିକ ୩ ମାସ ସମୟ ଦିଆଯିବ। ସମୟସୀମା ମଧ୍ୟରେ ନୂତନ ଜାତିଗତ ପ୍ରମାଣପତ୍ର ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଜିଲାଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ସିଏମ ଗ୍ରିଭାନ୍ସ ତଦନ୍ତ ଦାୟିତ୍ୱ ବିଇଓଙ୍କୁ ଦିଆଯାଇଛି। ଏନେଇ ବିଇଓଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଗ୍ରହରାଜ ଶନିଶ୍ଚରଙ୍କ ଜନ୍ମୋତ୍ସବ



ଯାଜପୁରରୋଡ୍,୩।୫ (ପବିତ୍ର ରଞ୍ଜନ ମହାନ୍ତି):

### ଜଳଲାଗି କଲେ ମାନସିକଧାରୀ

ଗ୍ରହରାଜ ଶନିଦେବଙ୍କ ଜନ୍ମୋତ୍ସବ ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏନେଇ ପୌର ପରିଷଦ ଅନ୍ତର୍ଗତ ୨୨ନଂ. ୱାର୍ଡର ଝଟିଆ ସାହି ସ୍ଥିତ ଶନିଦେବଙ୍କ ମନ୍ଦିରରେ କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଥିଲା। ଶୁକ୍ରବାର ରାତିରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ଭୋର ୪ଟାରୁ ମନ୍ଦିର ଦ୍ୱାର ଫିଟା ଯାଇ ଗ୍ରହରଜାଙ୍କ ମହାସ୍ନାନ, ବେଶ ଆଳତୀ କରାଯାଇଥିଲା। ପରେ ଭକ୍ତଙ୍କୁ ଦର୍ଶନ ପାଇଁ ଧାଡିରେ ଛଡ଼ାଯାଇଥିଲା। ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମାନସିକଧାରୀମାନେ ପରିବାର ଓ ସନ୍ତାନଙ୍କ ମଙ୍ଗଳ କାମନା କରି ଅଶ୍ୱସ୍ତ ବୃକ୍ଷ ମୂଳେ ଜଳଲାଗି କରିଥିଲେ। କର୍ତ୍ତାଭାବେ ଶୁକଦେବ ରାଉତ ଓ ଜାନକୀ ରାଉତ ପୂଜାରେ ଅଂଶଗ୍ରହଣ କରିଥିଲେ। ମନ୍ଦିର ପୂଜକ ଭରତ ପତି ପୂଜାକାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବିଭୂନେନ୍ଦ୍ର ପାଢ଼ୀ, ପ୍ରତାପ ଦାଶ, ରାଜକିଶୋର ଆଚାର୍ଯ୍ୟ ଏବଂ ଦେବେନ୍ଦ୍ର ପାଢ଼ୀ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କୁ ଥଣ୍ଡା ପାନୀୟ ଓ ଖେଚୁଡ଼ି ଅନ୍ନ ପ୍ରସାଦ ବଣ୍ଟନ କରାଯଇଥିଲା। ଯାଜପୁରରୋଡ୍ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଫୋର୍ସ ମୁତୟନ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ ପାଲା ଗୟାକଙ୍କୁ ନେଇ ଆସନ୍ତା ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୫ ଦିନ ଧରି ଏଠାରେ ବାଦୀ ପାଲା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା।

# ବିଞ୍ଝାରପୁରରେ ୬ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ୍

ବିଞ୍ଝାରପୁର,୩।୫(ରାମକୃଷ୍ଣ ଦାସ): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ୬ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଆଶିଷ ସାମଲ ୫୬୫ ନମ୍ବର ରଖି ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ପ୍ରଥମ ହୋଇଛନ୍ତି। ସେହି ବିଦ୍ୟାଳୟର ସୂର୍ଯ୍ୟ ପ୍ରକାଶ ବେହେରା ୫୫୫ ଓ ସୁଦୀପ୍ତା ଦାସ ୫୪୫ ନମ୍ବର ରଖି ଏ-୧ ପାଇଛନ୍ତି। ସେହିପରି ଅରେଇସ୍ଥିତ ବରୁଣେଶର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ପ୍ରିୟାତନୟା ମିଶ୍ର ୫୬୦, ସ୍ମୃତିରେଖା ପାତ୍ର ୫୪୦ ନମ୍ବର ରଖି ଏ-୧ ପାଇଛନ୍ତି। ଗୁହାଳି ଗୋବିନ୍ଦପୁରସ୍ଥିତ ଏଜିଆଇ ଉଚ୍ଚ ବିଦ୍ୟାଳୟର ଛାତ୍ର ରିତେଶ କର ୫୬୦ ନମ୍ବର ରଖି ଏ-୧ ପାଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷାମଣ୍ଡଳରେ ବହୁ ପୁରାତନ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଫଳାଫଳ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନିରାଶ କରିଛି।

# ରାଜ୍ୟସ୍ତରୀୟ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ




ଧର୍ମଶାଳା ପ୍ରେସ୍ କ୍ଲବରେ ରାଜ୍ୟସ୍ତରୀୟ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ ଅବସରେ ଯୋଗଦେଇଥିବା ଏସୟୁଜେର କର୍ମକର୍ତ୍ତା।

ଧର୍ମଶାଳା,୩।୫(ବଟକୃଷ୍ଣ ପରିଡ଼ା): ରାଜ୍ୟ ସାମ୍ବାଦିକ ସଂଘ(ଏସୟୁଜେ) ପକ୍ଷରୁ ଧର୍ମଶାଳା ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ଶାଖା ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଖବରକାଗଜର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ଖବରଦାତାଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏକତାବଦ୍ଧ ହୋଇ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ସମ୍ପାଦକ ଶିବାଶିଷ ମହାନ୍ତି ଯୋଗଦେଇ କାର୍ଯ୍ୟରତ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ସୁରକ୍ଷା ଓ ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ଅଖିଳ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବ୍ଲକ ଅଞ୍ଚଳରୁ ଖବରଦାତାମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଧର୍ମଶାଳା ପ୍ରେସ କ୍ଲବ୍ ପ୍ରତିଷ୍ଠାତା ନରହରି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ମାନସ ଜେନା ଧନ୍ୟବାଦ ଦେଇଥିଲେ।

# ବରପଦା ଅଗ୍ନିକାଣ୍ଡରେ ଆଉ ଜଣଙ୍କର ମୃତ୍ୟୁ

ପାଣିକୋଇଲି,୩।୫(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମରେ ଅଗ୍ନିକାଣ୍ଡ ଘଟଣାରେ ଶନିବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଅନାମ ଖଟୁଆ। ଗତ ଗୁରୁବାର ରାତିରେ ଅନାମଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିବାରୁ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତ ଦଗ୍ଧ ହୋଇଥିଲେ। ଅନାମ ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀରକୁ ଗ୍ରାମକୁ ଅଣାଯାଇ ଏକ ଶୋକାକୂଳ ପରିବେଶରେ ସତ୍କାର କରାଯାଇଛି। ଅନାମଙ୍କ ନାତି ଅଶୋକ ସେମାନଙ୍କୁ ବହାର କରିବାକୁ ଯାଇ ଅର୍ଦ୍ଧଦଗ୍ଧ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

# ଶନିଯଜ୍ଞରେ ମହୁମାଛି ଆକ୍ରମଣ

### ନାବାଳକ ଗୁରୁତର, ୩ ଆହତ

ରସୁଲପୁର,୩।୫(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଶନି ଦେବତାଙ୍କ(ନବଗ୍ରହ) ମନ୍ଦିରରେ ଶନି ଓଷା ଅବସରରେ ଆୟୋଜିତ ଯଜ୍ଞ ଉତ୍ସବରେ ମହୁମାଛି ଆକ୍ରମଣ ହୋଇଛି। ଏଥିରେ ସତ୍ୟଜିତ୍ ସାହୁ(୧୧)ନାମକ ଜଣେ ନାବାଳକ ଗୁରୁତର ହୋଇଥିବା ବେଳେ ଭକ୍ତ ରତ୍ନାକର ବେହେରା, ସବିତା ବେହେରାଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ଗୁରୁତର ନାବାଳକଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମିକ ଚିକିତ୍ସା କରାଯିବା ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଯାଇଛି।

ଶନି ଓଷା ଶେଷ ପାଳିରେ ଶନିବାର ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା। ପୂର୍ବାହ୍ନ ପ୍ରାୟତଃ ସାଢେ ୧୧ଟାରେ ମନ୍ଦିର ନିକଟ ପାଣିଟାଙ୍କିରେ ବସାବାନ୍ଧିଥିବା ମହୁମାଛି ହଠାତ୍ ଉଡିଆସି ଭକ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ଭକ୍ତମାନେ ଏଣେତେଣେ ଦୌଡ଼ାଦୌଡି ହୋଇଥିଲେ। ମନ୍ଦିର ପରିସର ଭକ୍ତଶୂନ୍ୟ ହୋଇଯିବାରୁ ମହୁମାଛି ବସାକୁ ଫେରି ଯାଇଥିଲେ। ଅପରାହ୍ନରେ ପୁଣି ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ କୁଣ୍ଡରେ ଘୃତ ଆହୁତି ଦେବା ସମୟରେ ମହୁମାଛି ପୁଣି ବାହାରିଥିଲେ। ଭକ୍ତମାନେ ମହୁମାଛିଙ୍କୁ ଉଡିବା ଦେଖି ଛତ୍ର ଭଙ୍ଗ ଦେଇଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯଜ୍ଞ କାର୍ଯ୍ୟକୁ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା। ୨ଦିନ ତଳେ ପଞ୍ଚାୟତ ନିକଟରେ ରହୁଥିବା ଆଦିବାସୀ ପରିବାରର ୨ଜଣ ପିଲାଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଥିଲେ। ଦୈନନ୍ଦିନ ବହୁ ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଛନ୍ତି। ସେମାନଙ୍କୁ ମହୁମାଛି ଆକ୍ରମଣର ଭୟ ରହୁଛି। ତେଣୁ ଉକ୍ତ ପାଣିଟାଙ୍କରେ ଥିବା ମହୁମାଛିଙ୍କୁ ଘଉଡ଼ାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ୧୬ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳତା

ଚଣ୍ଡିଖୋଲ,୩।୫(ପ୍ରଦୀପ୍ତ କୁମାର ପୃଷ୍ଟି): ଚଳିତ ମାଟ୍ରିକ ପରୀକ୍ଷାରେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ୧୬ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଛି। ଚଳିତ ଶିକ୍ଷା ବର୍ଷରେ ୯୪.୩୩ ପ୍ରତିଶତ ପାସ ହାର ରହିଛି। ମୋଟ୍ ୬୧ ବିଦ୍ୟାଳୟରୁ ୨,୯୯୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୮୨୯ ଜଣ ପାସ କରିଛନ୍ତି। ୧୭୦ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାଜଶ୍ରୀ ସାମଲ ଓ ଶିବାଙ୍ଗୀ ମାଝୀ ଏ-୧ ଗ୍ରେଡରେ ପାସ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏ-୨ ଗ୍ରେଡରେ ୩୪, ବି-୧ ଗ୍ରେଡରେ ୧୭୧, ବି-୨ ଗ୍ରେଡରେ ୫୯୧, ସି-ଗ୍ରେଡରେ ୮୪୯, ଡି-ଗ୍ରେଡରେ ୮୨୭ ଜଣ ଓ ଇ-ଗ୍ରେଡ୍‌ରେ ୩୫୨ ଜଣ ପାସ କରିଛନ୍ତି।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଦଶରଥପୁର,୩।୫ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଶରତ ନାୟକ ଶନିବାର ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ବୈରୀ ଥାନାଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଦଶରଥପୁର ଥାନାଧିକାରୀ ବଦ୍ରିକାନାଥ ବେହେରା ଏଠାରୁ ବଦଳି ହେବା ପରେ ଏହି ପଦବୀ ଗତ କିଛି ଦିନ ହେବ ଖାଲି ପଡିଥିଲା। ନୂତନ ଅଧିକାରୀଙ୍କ ଯୋଗଦାନ ପରେ ଶୂନ୍ୟସ୍ଥାନ ପୂରଣ ହୋଇଛି। ଆଇନ ଶୃଙ୍ଖଳା ରକ୍ଷା କରିବା, ଚୋରା ମଦ କାରବାର ନିୟନ୍ତ୍ରଣ ଓ ବେଆଇନ ବାଲି ଚୋରାଚାଲାଣ ଆଦି ନିୟନ୍ତ୍ରଣ କରିବା ପ୍ରାଥମିକତା ହେବ ବୋଲି ନୂତନ ଥାନା ଅଧିକାରୀ ନାୟକ କହିଛନ୍ତି।



ଥାନାଧିକାରୀ ଶରତ ନାୟକ।

# ବରୀ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା ଅମଲା ସଂଘ

ଯାଜପୁର ଟାଉନ,୩।୫ (ପ୍ରଯକ୍ତା ପ୍ରିୟଦର୍ଶିନ ମହାନ୍ତି): ବରୀ ବ୍ଲକ୍‌ରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ ଅମର ରଞ୍ଜନ ନାୟକଙ୍କୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମାଡ଼ ମାରିବା ଘଟଣା ସମ୍ପର୍କରେ ଅମଲା ସଂଘ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜଣାଇଛି। ମନ୍ତ୍ରୀ ଯାଜପୁର ଜିଲା ଗସ୍ତରେ ଆସିଥିବାବେଳେ ସଂଘ କର୍ମକର୍ତ୍ତା ତାଙ୍କୁ ଭେଟି ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଗତ ୨୮ତାରିଖରେ ନାୟକଙ୍କୁ ବିଧାୟକ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଏପରିକି ବିଧାୟକଙ୍କ କର୍ମୀମାନେ ତାଙ୍କୁ ଗୋଇଠା, ବିଧା ଓ ଚାପୁଡା ମାରିବା ସହ ବିଧାୟକ ନିଜେ ଜାତିଅଣା ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ସଂଘ ମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ କନିଷ୍ଠ ରାଜସ୍ୱ ସହାୟକ ଓ ବରିଷ୍ଠ ରାଜସ୍ୱ ସହାୟକଙ୍କ ବିରୋଧରେ ବରୀ ରାମଚନ୍ଦ୍ରପୁର ଥାନାରେ ପାଲଟା ଏତଲା ଦେଇଛନ୍ତି। ତେଣୁ ଉଭୟ କନିଷ୍ଠ ଓ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେଠାରୁ ତୁରନ୍ତ ବଦଳି କରିବାକୁ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।



ଅମଲା ସଂଘ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଦଶରଥପୁର,୩।୫ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ତହସିଲ ଅନ୍ତର୍ଗତ ନିଜାମପୁର ପଞ୍ଚାୟତରେ ଶନିବାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟାହ୍ନ ୧୨ଟାରେ ଜେସିବି ମେଶିନ ସାହାଯ୍ୟରେ ବେଆଇନ ଭାବେ ନିର୍ମାଣ ହୋଇଥିବା କୋଠା ଘର ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ରଶ୍ମି ରଞ୍ଜନ ମଲ୍ଲିକଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

ପଞ୍ଚାୟତର ସୁବାସ ଚନ୍ଦ୍ର ସାହୁ ଓ ତାଙ୍କ ସମ୍ପର୍କୀୟମାନେ ଘରପାଖକୁ ଲାଗିଥିବା ଗୋଚର, ଶ୍ମଶାନ ଏବଂ ପାଣିନାଳକୁ ନିଜସ୍ୱ ଜାଗା ସହ ମିଶାଇ ଜବରଦଖଲ କରିଥିଲେ। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗୃହ ପାଳିତ ପ୍ରାଣୀ ଚାରଣଭୂମି ପାଉନଥିଲେ। ଏନେଇ ଗ୍ରାମବାସୀ ତହସିଲ ଅଫିସରେ ଅଭିଯୋଗ କରିବା ପରେ ଗତ ବର୍ଷ ଅଗଷ୍ଟ ୨୭ ତାରିଖରେ ଏହାର ମାପଚୁପ କରାଯାଇଥିଲା। ଏହି ସମୟରେ ଉକ୍ତ ପରିବାର ସରକାରୀ ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ଏହାପରେ ସାମାଜିକ କର୍ମୀ ନିର୍ମଳ ବେହୁରିଆ, ବିଜୟ ପରିଡ଼ାଙ୍କ ନେତୃତ୍ୱରେ ତାପସ ବେହୁରିଆ, ପଦ୍ମନାଭ ପଣ୍ଡା, ଶଙ୍କର ସାମଲ, ପ୍ରଫୁଲ୍ଲ ନାୟକ, ପ୍ରଭାତ ବିଶ୍ୱାଳ ପ୍ରମୁଖ ଗ୍ରାମବାସୀ ଏକଜୁଟ ହୋଇ ଜବରଦଖଲ ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। କେଶ ନମ୍ବର ଡବ୍ଲ୍ୟୁପିସି ୨୬୪୦୯/୨୦୨୪ରେ ମାମଲାର ବିଚାର କରାଯାଇଥିଲା।



ଜବରଦଖଲରେ ଥିବା ଘର ଭଙ୍ଗାଯାଉଛି।

## ସଂକ୍ଷେପରେ

### ଖରଣିପଡ଼ା ଏମ୍‌ବିକେଙ୍କ ବିରୋଧରେ ଅଭିଯୋଗ

ପାତ୍ରପୁର, ୩।୫ (ଉମା ଚରଣ ନେପାକ): ଅନ୍ୟ ବ୍ଲକରେ ବିବାହ କରିଥିବା ଜଣେ ଏମ୍‌ବିକେଙ୍କୁ କିପରି ପାତ୍ରପୁର ବ୍ଲକ ଖରଣିପଡ଼ା ଗ୍ରାମର ଏମ୍‌ବିକେ ଭାବେ ଚୟନ କରାଯାଇଥିଲା ସେ ନେଇ ତଥ୍ୟ ପ୍ରଦାନ କରିବାକୁ ଗ୍ରାମବାସୀ ଶୁକ୍ରବାର ଦାବି କରିଛନ୍ତି। ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନଙ୍କୁ ଏ ନେଇ ଆବେଦନ ପତ୍ର ପ୍ରଦାନ କରାଯାଇଛି।

ଖରଣିପଡ଼ା ଗ୍ରାମର ଗାୟତ୍ରୀ ପ୍ରଧାନ ଗତ କିଛି ବର୍ଷ ତଳେ ଦିଗପହଣ୍ଡି ବ୍ଲକ୍ ବୋମକେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁମ୍ଭରଡା ଗ୍ରାମର ବସନ୍ତ ପ୍ରଧାନଙ୍କୁ ବିବାହ କରିଛନ୍ତି। ବିବାହ ପରେ ସେ ଅନ୍ୟ ବ୍ଲକର ହୋଇଥିବା ବେଳେ ପାତ୍ରପୁର ବ୍ଲକ ଖରଣିପଡା ଏମ୍‌ବିକେ ଭାବରେ କିପରି ଚୟନ ହେଲେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପାତ୍ରପୁର ଜୀବିକା ମିଶନର କିଛି କର୍ମଚାରୀ ତାଙ୍କୁ ଜାଲିଆତି କରି ନିଯୁକ୍ତି ପତ୍ର ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରଦାନ ସମୟରେ ଗ୍ରାମର ରୁପେଶ ସେଠୀ, ତୁମ୍ବନ ପ୍ରଧାନ, ପବିତ୍ର ସେଠୀ, ପ୍ରଦ୍ୟୁମ୍ନ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ସାଗର ସେଠୀ, ହେମନ୍ତ ପ୍ରଧାନ ଓ ହୃଷିକେଶ ବେହେରାଙ୍କ ସହିତ ବହୁ ଯୁବକ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଏହି ବିଷୟରେ ଏମ୍‌ବିକେ ଗାୟତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ୨୪ ଫେବୃଆରୀ ୨୦୧୪ରେ ତାଙ୍କୁ ଏମ୍‌ବିକେ ଭାବରେ ଚୟନ କରାଯାଇଥିଲା। ୨୦୧୫ରେ ବିବାହ ହୋଇଛି। ଯେଉଁସବୁ ଅଭିଯୋଗ ଆସିଛି ତାହା ତଥ୍ୟ ବିହିନ ବୋଲି ଗାୟତ୍ରୀ କହିଛନ୍ତି।

### ୩୦ ଲିଟର ଦେଶୀମଦ ଜବତ

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)

ପାଟପୁର ଥାନା ବାବୁଲିବନ୍ଧ ଖାରିସାହି ଗ୍ରାମର ସୁରେଶ ମଲ୍ଲିକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୩୬/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ପାଟପୁର ଥାନା ଏଏସ୍‌ଆଇ ରମାକାନ୍ତ ଶବର, ପୋଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ ସଦଳବଳେ ବାବୁଲି ବନ୍ଧ, ଜୁଆଣ ପଲ୍ଲୀ, ଫାସିବନ୍ଧ ଗ୍ରାମ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ରାତି ପ୍ରାୟ ୮ଟାରେ ଅଭିଯୁକ୍ତ ସୁରେଶଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିଥିଲେ। ଏଏସ୍‌ଆଇ ରମାକାନ୍ତ ଶବରଙ୍କ ଏତଲା କ୍ରମେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ପୋଡ଼ାମାରି ଫାଣ୍ଡି ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ଗୋଦାମରୁ ଚିନିକଳ ଯନ୍ତ୍ରାଂଶ ଜବତ, ଜେଲ ଗଲେ କବାଡ଼ିଆ

ନୟାଗଡ଼, ୩।୫ (ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ଅରାସାହିର ପଞ୍ଚୁ ସାହୁଙ୍କୁ ଇଟାମାଟିସ୍ଥିତ କବାଡ଼ିଆଙ୍କ ଗୋଦାମରୁ ନୟାଗଡ଼ ଚିନିକଳର ପ୍ରାୟ ୨ ଟନ୍ ଯନ୍ତ୍ରାଂଶ ଜବତ କରିଛି। ଏହି ଘଟଣାରେ ୧୪୩/୨୫ରେ ମାମଲା ରୁଜୁ କରି ପୋଲିସ ପଞ୍ଚୁ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପଞ୍ଚୁଙ୍କୁ ନୟାଗଡ଼ ଜେଲକୁ ପଠାଇ ଦିଆଯାଇଛି।

### ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ବାର୍ଷିକୋତ୍ସବ

ବେଲଗୁଣ୍ଠା,୩।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରା ମାତୃ ବିହାର ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ୩୨ ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ସଭାପତି କୁଞ୍ଜବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଭୂପାଦ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଆଇନଜୀବୀ ସନ୍ତୋଷ ବିଶ୍ୱାଳ, ଶିକ୍ଷାବିତ୍ ରାମକୃଷ୍ଣ ପାତ୍ର, ଚିନ୍ତାମଣି ଦାସ, ଗୋବର୍ଦ୍ଧନ ବେହେରା, ଦୟାନିଧି ବିଶ୍ୱାଳ ଯୋଗ ଦେଇଥିଲେ। ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ବେଆଇନ ଇଟାଭାଟି ବଢ଼ାଉଛି ତାତି

ପାରଳାଖେମୁଣ୍ଡି,୩।୫(ଗିରିଧାରୀ ପରିଚ୍ଛା)



ବେଆଇନ ଭାବେ ଗଢି ଉଠିଥିବା ଇଟାଭାଟି।

ଗଜପତି ଜିଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟି ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଗଢ଼ି ଉଠିଛି ଇଟାଭାଟି। ଗ୍ରୀଷ୍ମର ଉତ୍ତାପ ସାଙ୍ଗକୁ ଇଟାଭାଟିର ଉତ୍ତପ୍ତ ଧୂଆଁ ମଣିଷକୁ ତାତିରେ ଆଉଟୁ ପାଉଟୁ କରୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପ୍ରଶାସନର କଟକଣାକୁ ଖାତିର ନ କରି ସବୁଠି ଚାଲିଛି ଏହି ଇଟାଭାଟି। ପ୍ରଦୂଷଣ ବୋର୍ଡର ସମସ୍ତ ନିୟମକୁ ଉଲ୍ଲଂଘନ କରି ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଏହିସବୁ ଇଟାଭାଟି ଗଢ଼ିଉଠି ଯେମିତି କୁଟୀରଶିଳ୍ପ ପାଲଟିଛି। ଏଥିଯୋଗୁ ହେଉଥିବା ପ୍ରଦୂଷଣ ରୋକିବାକୁ ସରକାର ଲୋକଙ୍କୁ ସଚେତନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମାତ୍ର ଏହାର ପ୍ରଭାବ ଇଟା ନିର୍ମାଣକାରୀଙ୍କ ଉପରେ ପଡୁନାହିଁ। ଏପରି କି କେତେକ ସ୍ଥଳରେ ଜଙ୍ଗଲରୁ କାଠ ଆଣି ଇଟାଭାଟି ମାଲିକମାନେ ଇଟା ପୋଡୁଥିବା ଅଭିଯୋଗ ହେଉଛି। ଫଳରେ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଜିଲାର ଗୋଷାଣୀ, ରାୟଗଡ, ନୂଆଗଡ, କାଶୀନଗର, ଗୁମ୍ମା, ଉଦୟଗିରି ଓ ପାରଳାଖେମୁଣ୍ଡି ଉପକଣ୍ଠରେ ବେଆଇନ ଇଟାଭାଟିମାନ ଗଢ଼ିଉଠିଛି। ଏ ନେଇ ଉପଜିଲାପାଳ ଅନୁପ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ହୋଇଥିବା ଅଭିଯୋଗ ଅନୁସାରେ ତହସିଲଦାରମାନଙ୍କୁ ରିପୋର୍ଟ ମଗାଯାଇଥିଲା। ରିପୋର୍ଟ ହସ୍ତଗତ ହୋଇଛି। ଏନେଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ରାଜବାଟୀ ସିଂହଦ୍ୱାର ସମ୍ମୁଖରେ ଗତ ୨ ଦିନ ଧରି ଚାଲିଥିବା ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ହରପ୍ରସାଦ ରଥ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପୁରୀର ପଣ୍ଡିତ ମାନସ ରଞ୍ଜନ ମହାରାଜ, କଟକ ଆଠଗଡ଼ର ମାନସ ମନ୍ଦାକିନି ପ୍ରେମଲତା ଦାଶ ଏବଂ ସୁଭଦ୍ରା ଶୁଭଦର୍ଶିନୀ ପ୍ରବଚକ ଭାବେ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ନିର୍ମାଣ ପୃଷ୍ଠଭୂମିରେ ରହିଥିବା ପୌରାଣିକ କିମ୍ବଦନ୍ତୀ ସମେତ ଜଗନ୍ନାଥଙ୍କ ମାନବୀୟ ଲୀଳାଗୁଡିକ ସମ୍ପର୍କରେ ଶ୍ରୋତାଙ୍କୁ କଥାମୃତ ଶ୍ରବଣ କରାଇଥିଲେ।

## ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଓଡ଼ିଶା ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଦକ୍ଷିଣ–ପୂର୍ବ ସମ୍ଭାଗ ପକ୍ଷରୁ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିର ୧୦ ଦିନ ଚାଲିବ। ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପ୍ରକାଶ ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା ଉଦଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଦକ୍ଷିଣ–ପୂର୍ବ ସମ୍ଭାଗ କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ, ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୧୦ ଶିଶୁ ମନ୍ଦିରର ନୂତନ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କୁ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୫ ଜଣ ପ୍ରଶିକ୍ଷିକା ପ୍ରଶିକ୍ଷକ ତାଲିମ ପ୍ରଦାନ କରିବେ ବୋଲି ଜଣାପଡିଛି।

## ଆଇନଗତ ସହାୟତା ଉପରେ ନିର୍ମିତ ଚଳଚ୍ଚିତ୍ର ପୁରସ୍କୃତ

ନୟାଗଡ଼, ୩।୫(ଲୋକନାଥ ମିଶ୍ର)

**ସର୍ବଭାରତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କଲା**

ଅଣସଙ୍ଗଠିତ ଘରୋଇ ସହାୟକମାନଙ୍କ ପାଇଁ ଆଇନଗତ ସହାୟତା ଉପରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ସର୍ବଭାରତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏ ଅବସରରେ ଗତ ୩୦ ତାରିଖରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ଓ ଅନ୍ୟ ଦୁଇ ବିଚାରପତି ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ କଲେଜରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ନୟାଗଡ଼ର ଆଦ୍ୟା ଦେବପ୍ରଜ୍ଞା ପଟ୍ଟନାୟକଙ୍କ ସମେତ ସାନିୟା ଖାଁ, ସ୍ମୃତିଶିଖା ସାହୁ, ଜାଗୃତି ମାଝୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାରେ ପ୍ରତିଯୋଗୀମାନେ ସାର୍ଟିଫିକେଟ ସହ ନଗଦ ୫ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ ତରଫରୁ ସର୍ବଭାରତୀୟ ଆଇନ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଇନ ସଚେତନତା ଉପରେ ଏହି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ଅଣସଙ୍ଗଠିତ ଘରୋଇ ସହାୟକମାନଙ୍କ ପାଇଁ ଆଇନଗତ ସହାୟତା ଉପରେ ଏହି କ୍ଷୁଦ୍ର ଚଳଚ୍ଚିତ୍ର ପର୍ଯ୍ୟବସିତ ଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଏହାର ପରିବେଷଣ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ କଲେଜରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ନୟାଗଡ଼ର ଆଦ୍ୟା ଦେବପ୍ରଜ୍ଞା ପଟ୍ଟନାୟକଙ୍କ ସମେତ ସାନିୟା ଖାଁ, ସ୍ମୃତି ଶିଖା ସାହୁ, ଜାଗୃତି ମାଝୀ ପ୍ରମୁଖ ସହପାଠୀ ଏଥିରେ ଭାଗ ନେଇଥିଲେ।




ବିଚାରପତିମାନେ ଆଇନଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

## ଓଡ଼ିଶା ଜୀବିକା ମିଶନର ରାଜ୍ୟ ନିର୍ଦ୍ଦେଶିକା ଗଞ୍ଜାମ ଗସ୍ତ

### ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ, ଆଲୋଚନା କଲେ

ଛତ୍ରପୁର,୩।୫ (ଦିଲ୍ଲୀପ ସାମଲ)

ଓଡ଼ିଶା ଜୀବିକା ମିଶନର ରାଜ୍ୟ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଶନିବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଏସଏଚଜି ମହିଳାମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ସେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତର ନିଶା ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଖୋଟ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ସାମଗ୍ରୀ ବୁଲି ଦେଖିଥିଲେ। ଏହା କିପରି ପ୍ରସ୍ତୁତ କରାଯାଉଛି ସେ ବିଷୟରେ ପଚାରି ବୁଝିଥିଲେ। ସେହିପରି ଶ୍ରୀରାମଚନ୍ଦ୍ର ପୁର ପଞ୍ଚାୟତର ଶାମୁକା କେଉଡ଼ା ଉତ୍ପାଦକ ଗୋଷ୍ଠୀ ପକ୍ଷରୁ କିଆଁଫୁଲ ପତ୍ରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ନିର୍ଦ୍ଦେଶିକା ପ୍ରିୟଦର୍ଶିନୀ ଦେଖିଥିଲେ। ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ସ୍ତରୀୟ ସଂଘ ସଦସ୍ୟାଙ୍କ ସହ ସେମାନଙ୍କ ଜୀବନ ଜୀବିକା ସମ୍ପର୍କରେ ଆଲୋଚନା କରିଥିେ। ହିଞ୍ଜିଳିକାଟୁ ବ୍ଲକ ସାରୁଠାରେ ଥିବା ଗାଈ କ୍ଲଷ୍ଟର, ହିଞ୍ଜିଳିକାଟୁରେ ପରିଧାନ ସିଲେଇ ୟୁନିଟ , ବ୍ରହ୍ମପୁରରେ ଆଚାର ୟୁନିଟ, ରଙ୍ଗେଇଲୁଣ୍ଡା ବ୍ଲକର ରଣ୍ଡୋସ୍ଥିତ ଛତୁଆ ପ୍ରସେସିଂ ୟୁନିଟ ଓ ଧୂପକାଠି ୟୁନିଟ ନିର୍ଦ୍ଦେଶିକା ବୁଲି ଦେଖିଥିଲେ। ପରିଦର୍ଶନ ବେଳେ ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ସନ୍ତୋଷ ରଥ ଓ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଳଭଣ୍ଡାର, ନଦୀ ଆଡ଼ିବନ୍ଧ ନିୟମିତ ଯାଞ୍ଚ କର: ସଚିବ



ସଚିବ ଡହ ଜଳଭଣ୍ଡାର ଆଡ଼ିବନ୍ଧ ବୁଲି ଦେଖୁଛନ୍ତି।

ଭଞ୍ଜନଗର,୩।୫(ବାବୁଲା ପ୍ରଧାନ)

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସତନ୍ତ୍ର ସଚିବ ମୁକୁଳ ଚନ୍ଦ୍ର ବେରା ତିନି ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଆସି ଶନିବାର ଦ୍ୱିତୀୟ ଦିନରେ ଭଞ୍ଜନଗର ଜଳଭଣ୍ଡାର, ଡହ ଜଳଭଣ୍ଡାର, ମାଧବରିଡା ଆନିକାଟ ବୁଲି ଦେଖିଛନ୍ତି। ଏହି ସମୟରେ ସର୍ବୋଚ୍ଚ ଯନ୍ତ୍ରୀ ଜଳଭଣ୍ଡାର, ନଦୀ ଏବଂ କେନାଲ ଆଡିବନ୍ଧଗୁଡ଼ିକ ନିୟମିତ ଯାଞ୍ଚ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ କ୍ଷୁଦ୍ର ଜଳସେଚନ ବିଭାଗର ଜୟମଙ୍ଗଳ ପ୍ରକଳ୍ପ ନିରୀକ୍ଷଣ କରିଥିଲେ। ଏହି ସମୟରେ ସେ ଆଡ଼ିବନ୍ଧ ସମତୁଲ କେତେକ ସ୍ଥାନରେ ଠିକ ନ ଥିବା ଦେଖି ତାହାକୁ ସୁଧାରିବା ପାଇଁ କହିଥିଲେ। ଘାସ ବିଛା ସହ ଅନ୍ୟାନ୍ୟ କାମ ନିର୍ଦ୍ଧାରିତ ସମୟ ପୁର୍ବରୁ ଶେଷ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜୟମଙ୍ଗଳ ପ୍ରକଳ୍ପ ଏକ ଭଲ ପ୍ରକଳ୍ପ। ଏହାର ସୁଫଳ ଚାଷୀ ମାନେ ପାଉଛନ୍ତି। ରବି ଋତୁରେ ମଧ୍ୟ ଉକ୍ତ ପ୍ରକଳ୍ପରୁ ଚାଷୀ କିଭଳି ଜମିକୁ ପାଣି ପାଇପାରିବେ ସେଥିପ୍ରତି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସଚିବ କହିଥିଲେ। ସେଠାରୁ ବାହାରି ସେ ବାଲିସିରା ନିକଟରେ ସେଚାଞ୍ଚଳ ଉନ୍ନତିକରଣ (କାଡା) ଯୋଜନାରେ ଚାଲିଥିବା ସିମେଣ୍ଟ କେନାଲ କାମ ବୁଲି ଦେଖିଥିଲେ। ପରେ ସେ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। ସଚିବଙ୍କ ଗସ୍ତ ସମୟରେ ମୁଖ୍ୟଯନ୍ତ୍ରୀ ଅଜୟ ବିଶ୍ୱାଳ, ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ଡହ ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା, ଯନ୍ତ୍ରୀ ଶାନ୍ତନୁ ସାହୁ, ଅସଲମ ଖାନ, ଭଞ୍ଜନଗର ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର ଉପସ୍ଥିତ ଥିଲେ।

## କାଇଁଚପୁର ଶୀତଳା ଠାକୁରାଣୀ ଯାତ୍ରା ଜମୁଛି

ଗଞ୍ଜାମ,୩।୫(ବିଦ୍ୟାଧର ସାହୁ)

ମା'ଶୀତଳା ଠାକୁରାଣୀଙ୍କ ଯାତ୍ରା ମଇ ୧ରୁ ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର କାଇଁଚପୁର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ଶୁକ୍ରବାର ମା'ଙ୍କୁ ଫୁଲ ଚଢା ଯାଇଥିଲା। ମା'ଙ୍କ ମସ୍ତକରୁ ଫୁଲ ଖସିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଗ୍ରାମର ଅନ୍ୟ ଠାକୁରଙ୍କ ସହ ମା'ଙ୍କ ଘଟ ମସ୍ତକରେ ଧରି ଘଟ ପରିକ୍ରମା କରାଯାଇଥିଲା। ଘଣ୍ଟ ମୃଦଙ୍ଗ ସହ ବିଭିନ୍ନ ବାଦ୍ୟ ବାଜଣାରେ କମ୍ପିଉଠିଥିଲା ଗାଁ। ଏକ ମାସ ପୂର୍ବରୁ ଏହାର ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂର୍ବରୁ ଗ୍ରାମର ରେଡି ସାହି ଠାରେ ପୂଜକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମା'ଙ୍କ ଭୂମିପୂଜା ଏବଂ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ କୈବର୍ତ୍ତ ସାହିରେ ଠାକୁର ବାୟାଧର ଏବଂ ଦଳେଇପୁଟ ସାହିରେ ମାଲୁଆଣୀ ଠାକୁରାଣୀ ଏବଂ ରେଡି ସାହିରେ ମା'ଶୀତଳାଇଙ୍କ ୩ଟି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ତଥା ୧୫ ନଂ. ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସମ୍ପାଦକ ଭାଗ୍ୟ ରେଡ୍ଡି, କୋଷାଧ୍ୟକ୍ଷ ପି.କ୍ରିଷ୍ଣା ରେଡ୍ଡି, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡି, ଶାନ୍ତି କମିଟି ସଦସ୍ୟ କେ.ରଜନୀ ରେଡ୍ଡି, ରାବଣା ରେଡ୍ଡି, ମାସେନୁ ରେଡ୍ଡି, ଈଶ୍ୱର ସେଠୀ, ଶିବଶଙ୍କର ସେଠୀ, ଲୋକନାଥ ବେହେରା, ପିତାମ୍ବର ବେହେରା, ଦଣ୍ଡ ବେହେରା, ଗ୍ରାମ ଠାକୁରାଣୀଙ୍କ ପୂଜକ ଲଚ୍ଛମନ ରେଡ୍ଡିଙ୍କ ସମେତ ଗ୍ରାମର ଭଦ୍ର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ୧୨ ବର୍ଷ ପରେ ମା'ଙ୍କ ଯାତ୍ରା ହେଉଥିବାରୁ ଗ୍ରାମ ଉତ୍ସବମୁଖର ହୋଇ ଉଠିଛି।

## 'ନିଷ୍ଠା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଦଶପଲ୍ଲା,୩।୫(ପ୍ରକାଶ କୁମାର ପାଣି)

ସ୍ଥାନୀୟ ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲ ପରିସରରେ ତିନୋଟି ପର୍ଯ୍ୟାୟରେ 'ନିଷ୍ଠା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୫ ରୁ ୧୯, ଦ୍ୱିତୀୟ ପର୍ଯ୍ୟାୟ ୨୧ ରୁ ୨୫ ଓ ତୃତୀୟ ପର୍ଯ୍ୟାୟ ୨୮ ରୁ ମେ'୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪୯, ଦ୍ୱିତୀୟ ପର୍ଯ୍ୟାୟରେ ୫୦ ଓ ତୃତୀୟ ପର୍ଯ୍ୟାୟରେ ୫୦ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ପାଇଁ ପ୍ରଶିକ୍ଷଣ ନେଇଥିଲେ ସାଧନ କର୍ମୀ ,ଅଜୟ କୁମାର ବେହେରା ମମତା ସାହୁ, ସନ୍ତୋଷ କୁମାର ପଣ୍ଡା, ପବିତ୍ର ମୋହନ ସାହୁ, ସଜ୍ଜନ କୁମାର ପୃଷ୍ଟି ପ୍ରମୁଖ ଶିକ୍ଷା ଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପାଣି ପଞ୍ଚାୟତ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର

ଖଣ୍ଡପଡ଼ା,୩।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାସ୍ଥିତ ୨ଟି ଉଠାଜଳ ସେଚନ ପ୍ରକଳ୍ପ ନିମନ୍ତେ ପାଣି ପଞ୍ଚାୟତ କମିଟି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଗଠନ ହେବାର ୧ମାସ ପରେ ଶୁକ୍ରବାର ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ବିଭାଗୀୟ ନିର୍ଦ୍ଦେଶନାମା କ୍ରମେ ଗତ ମାର୍ଚ୍ଚ ୪ରେ ସିଧାମୂଳା–ଏ(ମା' ମଙ୍ଗଳା ପାଣି ପଞ୍ଚାୟତ) ପାଣି ପଞ୍ଚାୟତ ନିମନ୍ତେ ନୂତନ କମିଟିର ବିଭିନ୍ନ ପଦବୀ ପାଇଁ ଆବେଦନ କରିଥିବା କୃଷକମାନଙ୍କ ମଧ୍ୟରୁ ସଭାପତି ଭାବେ ନିରଞ୍ଜନ ପଣ୍ଡା, ସମ୍ପାଦକ ଜୟକୃଷ୍ଣ ମହାଲିକ ଏବଂ ନିର୍ବାହୀ କମିଟିର ସଦସ୍ୟ ଭାବେ ଦିଲୀପ କୁମାର ମନ୍ତ୍ରୀ, ଗୁଣ ପ୍ରଧାନ, ନେତ୍ରାନନ୍ଦ ସ୍ୱାଇଁ, କାର୍ତ୍ତିକ ମଲିକ, ଦିବାକର ମନ୍ତ୍ରୀ ଓ ନୀଳମଣି ମନ୍ତ୍ରୀ ପ୍ରମୁଖ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ଜଣା ପଡିଛି। ସେହିପରି ସିଧାମୂଳା–ବି ଉଠାଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ ନୂତନ ସଭାପତି ଭାବେ ସନ୍ତୋଷ ସ୍ୱାଇଁ, ସମ୍ପାଦକ ଭାବେ ପ୍ରସନ୍ନ ରାଉତ ଏବଂ ନିର୍ବାହୀ କମିଟିର ସଦସ୍ୟ ଭାବେ ଚନ୍ଦ୍ର ଶେଖର ସ୍ୱାଇଁ, ପୀତବାସ ମନ୍ତ୍ରୀ, ମାଟିଆ ସ୍ୱାଇଁ,ତାରେଶ୍ୱର ରାଉତ,ଦାସରଥୀ ରାଉତ ଓ ବିଶ୍ୱନାଥ ରାଉତ ପ୍ରମୁଖ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ତେବେ ଉଭୟ ନୂତନ ପାଣି ପଂଚାୟତ କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ପାଣି ପଞ୍ଚାୟତର ପୁରାତନ(ସିଧାମୂଳା–ଏ) ସଭାପତି, ସମ୍ପାଦକ ଯଥାକ୍ରମେ ଦୟାନିଧି ନାୟକ ଓ ବ୍ରଜବନ୍ଧୁ ମନ୍ତ୍ରୀ ଓ ସିଧାମୂଳା–ବି ସଭାପତି ଓ ସମ୍ପାଦକ ଯଥାକ୍ରମେ ବ୍ରଜବନ୍ଧୁ ମନ୍ତ୍ରୀ ଓ ବାଉରୀବନ୍ଧୁ ରାଉତଙ୍କୁ ଖଣ୍ଡପଡା ଉଠାଜଳ ସେଚନ ବିଭାଗ କାର୍ଯ୍ୟାଳୟ ପତ୍ର ସଂଖ୍ୟା ଯଥାକ୍ରମେ ୮ଓ ୧୧/ ୧୭।୩।୨୦୨୫ କ୍ରମେ ନିର୍ଦ୍ଦେଶ ଦିଆଯାଇଥିଲା। ଶୁକ୍ରବାର ନୟାଗଡ଼ ଜିଲା ଉଠାଜଳସେଚନ ନିଗମ ନିର୍ବାହୀଯନ୍ତ୍ରୀ ଇଂ.ସର୍ବେଶ୍ୱର ନାୟକ, ସହକାରୀ ଯନ୍ତ୍ରୀ ଇଂ.ଅନୁ ଦାସଙ୍କ ସମେତ ବିଦ୍ୟୁତ ବିଭାଗୀୟ ଅଧିକାରୀ ପ୍ରମୁଖ ସିଧାମୂଳା ଗସ୍ତ କରି ସେମାନଙ୍କ ଉପସ୍ଥିତିରେ ଉଭୟ ପାଣି ପଞ୍ଚାୟତର ସଭାପତି ନିରଞ୍ଜନ ପଣ୍ଡା, ସନ୍ତୋଷ ସ୍ୱାଇଁଙ୍କ ସମସ୍ତ କମିଟି ସଦସ୍ୟଙ୍କୁ ପ୍ରତ୍ୟେକ୍ଷ ଭାବେ ପ୍ରକଳ୍ପକୁ ହସ୍ତାନ୍ତ କରିଛନ୍ତି।

# ଜବରଦଖଲରେ ସରକାରୀ ଜମି

ଖଜୁରୀପଡା, ୩।୫( ବିଦୁର ବେହେରା )




ଜବରଦଖଲ ହୋଇଥିବା ଜମି।

ଖଜୁରୀପଡା ତହସିଲ ଅଞ୍ଚଳରେ ସବୁ ନୀତିନିୟମକୁ ଉଲ୍ଲଂଘନ କରି ସରକାରୀ ଜମିକୁ ଜବରଦଖଲ କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ରାଜସ୍ୱ ବିଭାଗ ଟେର ପାଉନାହିଁ। ଖଜୁରୀପଡ଼ା ତହସିଲ ପ୍ରଶାସନ ସରକାରୀ ଜାଗାରେ ପ୍ରବେଶ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସୂଚନା ଫଳକ ଲାଗିଥିଲେ ମଧ୍ୟ ଜବର ଦଖଲକାରୀ ଏହାକୁ ମାନୁନାହାନ୍ତି। ସେମାନେ ସରକାରୀ ଜମି ଜବରଦଖଲ କରୁଛନ୍ତି। ଏନେଇ କେହି କିଛି ପଚାରିଲେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଖଜୁରୀପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଥିବା ଏକ ସରକାରୀ ଜାଗାକୁ କେତେ ଜଣ ବ୍ୟକ୍ତି ନିଜ ଅକ୍ତିଆରକୁ ନେବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୂର୍ବରୁ ତତ୍କାଳୀନ ତହସିଲଦାର ସ୍ୱପ୍ନିତା ନାୟକ ଉକ୍ତ ସରକାରୀ ଜମିରେ ବେଆଇନ ପ୍ରବେଶ ନିଷେଧ ଓ ଦଣ୍ଡନୀୟ ଅପରାଧ ବୋଲି ଫଳକ ମାରିଥିଲେ। ବର୍ତ୍ତମାନ ଉକ୍ତ ଫଳକ ଉପରେ କପଡା ଘୋଡାଇ ସେଠାରେ ବେଆଇନ ନିର୍ମାଣ ଚାଲିଛି। ଏନେଇ ଅଞ୍ଚଳର ମନୋଜ ବେହେରା ନାମକ ବ୍ୟକ୍ତି ସେଠାରେ ରେ ପହଞ୍ଚି ଏହାର ଫଟୋ ଏବଂ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେ ଜବରଦଖଲକାରୀଙ୍କ ଗାଳିଗୁଲଜର ଶିକାର ହୋଇଥିଲେ। ଏ ନେଇ ଶନିବାର

**ପଚାରିଲେ ମିଳୁଛି ଧମକ**

ମନୋଜ ଖଜୁରୀପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କୁ ଏ ବିଷୟରେ ପଚରିବାରୁ ଅଭିଯୋଗ ଆସିଛି। ଏହାର ତଦନ୍ତ ହେବ ବୋଲି କହିଛନ୍ତି। ସେହିପରି ତହସିଲଦାର ଶୁଭଶ୍ରୀ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଜବର ଦଖଲକାରୀମାନେ ଛୁଟି ଦିନ ଦେଖି ସରକାରୀ ଜମି ଜବରଦଖଲ କରୁଛନ୍ତି। ମୁଁ ସୋମବାର ଉକ୍ତ ସ୍ଥାନକୁ ଯାଇ ଜବରଦଖଲ ଉଚ୍ଛେଦ କରିବି ବୋଲି ସେ କହିଛନ୍ତି।

## ଜଗତ୍‌ସିଂହପୁର ଜିଲା

# ୧୦୦୦ ପୁଅରେ ୮୬୨ ଝିଅ

### ଔପଚାରିକତା ପାଇଁ ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ

**ଜଗତ୍‌ସିଂହପୁର, ୩।୫ (ପ୍ରମୋଦ କୁମାର ନାୟକ)**



ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ଜଗତ୍‌ସିଂହପୁର ଏକ ଶିକ୍ଷିତ ଜିଲା ଭାବେ ପରିଚିତ। କିନ୍ତୁ ଜିଲାରେ ଲିଙ୍ଗ ଅନୁପାତ ବୃଦ୍ଧି ପାଉଛି। ଏନେଇ ଚିନ୍ତା ବଢ଼ିବାରେ ଲାଗିଲାଣି। ତଥ୍ୟ ଅନୁଯାୟୀ ଜିଲାର ୧୦୦୦ ପୁଅରେ ୮୬୨ ଝିଅ ଅଛନ୍ତି। ଆଗକୁ ଏହି ଅସମାନତା ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। କାରଣ ଜିଲାରେ ସଚେତନତା କେବଳ କାଗଜକଲମରେ ଚାଲିଛି। ଏନେଇ ଜିଲାପାଳ ଜେ. ସୋନାଲ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ପିସିପିଏନ୍‌ଡିଟି (ପ୍ରି-କନସେପ୍ସନ୍ ଆଣ୍ଡ ପ୍ରି ନାଟାଲ ଡାଇଗ୍ନୋଷ୍ଟିକ ଟେକ୍‌ନିକ୍ସ୍‌) ପରାମର୍ଶଦାତା କମିଟି ବୈଠକରେ ଜିଲାପାଳ ଜେ. ସୋନାଲ ଏହା କହିଛନ୍ତି। ବୈଠକରେ ଜିଲାପାଳ ପୌରୋହିତ୍ୟ କରି ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବେ ରୋକାଯାଇ ପାରିବ ତା'ଉପରେ ଗୁରୁତ୍ୱାରୋପ କରିବାକୁ ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତଗୁଡ଼ିକ ଓ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା ହୋଇଥିଲା। ତେବେ ସରକାରୀ ଭାବେ ନିୟମିତ ସମୟ ବ୍ୟବଧାନରେ ଏହି ବୈଠକ ହେଉଥିଲେ ସୁଦ୍ଧା ଲିଙ୍ଗ ଅନୁପାତ ହ୍ରାସ ପରିବର୍ତ୍ତେ ବୃଦ୍ଧି ପାଉଛି। ମାତ୍ର ଔପଚାରିକତା ପାଇଁ ପିସିପିଏନ୍‌ଡିଟି ବୈଠକ ଓ ସଚେତନତା ହେଉଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି।

ଆୟୋଜିତ ବୈଠକରେ ଜନସଚେତନତା ବୃଦ୍ଧି ପାଇଁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଥିବା ଆଶା କର୍ମୀମାନଙ୍କୁ ଏଥିରେ ନିୟୋଜିତ ସହ ସେମାନଙ୍କୁ ସେ ଦିଗରେ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ତନଖି ହୋଇଥିବା ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକ ମଧ୍ୟରୁ କାର୍ଯ୍ୟକ୍ଷମ ଥିବା ଦୁଇଟି ଓ ବନ୍ଦ ଥିବା ଗୋଟିଏର ତନଖି ରିପୋର୍ଟ ଉପରେ ତର୍ଜମା ସହ ନିୟମିତ ବ୍ୟବଧାନରେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ) ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଶିଶୁରୋଗ ବିଶେଷଜ୍ଞ ଡା. ରାଜେଶ ମହାନ୍ତି, ଜିପି (ଗଭର୍ନମେଣ୍ଟ ପ୍ଲିଡର) ସଲିଲ କୁମାର ଘୋଷ, ସାମାଜିକ କର୍ମୀ ଜ୍ୟୋତିର୍ମୟୀ ମହାନ୍ତି, ବେସରକାରୀ ସଙ୍ଗଠନ ଆଶ୍ରାର ସେକ୍ରେଟାରୀ ଅଜୟ ଖୁଣ୍ଟିଆ ଏବଂ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଏନ୍‌ଏଚ୍‌ଏମ୍ (ନ୍ୟାଶନାଲ ହେଲ୍‌ଥ ମିଶନ) ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏନ୍‌ଏଚ୍‌ଏମ୍ ସହକାରୀ ପରିଚାଳକ ସ୍ୱସ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

### ମଙ୍ଗରାଜପୁର ହତ୍ୟା ଘଟଣା

**କୁଜଙ୍ଗ, ୩।୫(ମନୋଜ ପ୍ରଧାନ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ରମାକାନ୍ତ ବେହେରାଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଘରୁ ଡାକି ନେଇ ଛୁରୀ ଭୁଷି ବିଭତ୍ସ ହତ୍ୟା କରାଯାଇଥିଲା। ଏହି ଅଭିଯୋଗରେ ଉକ୍ତ ଗ୍ରାମ ଦଳିତ ସାହିର ପ୍ରଶାନ୍ତ ଜେନା , ପାପୁନି ଜେନା ଓ ନିର୍ମଳ ଜେନାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏଥିସହ ୨ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ କୋର୍ଟରେ ରେକର୍ଡ କରିଛି।

ସୂଚନାଯୋଗ୍ୟ, ରମାକାନ୍ତଙ୍କ ସହ ଅଭିଯୁକ୍ତମାନଙ୍କ ପୂର୍ବ ଶତ୍ରୁତା ଥିଲା। ଗୁରୁବାର ଅଭିଯୁକ୍ତ ଓ ସେମାନଙ୍କ ସହଯୋଗୀଙ୍କ ସହ ରମାକାନ୍ତଙ୍କ ବଚସା ହୋଇଥିଲା। ଏନେଇ ରାତିରେ ବାରମ୍ବାର ତାଙ୍କୁ କଲ୍ ଆସିବାରୁ ରମାକାନ୍ତ ଏଡାଇ ନ ପାରି ଘରୁ ପଳାଇ ଯାଇଥିଲେ। ରାତି ପ୍ରାୟ ୩ଟାରେ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କ ଘରେ ପହଞ୍ଚି ରମାକାନ୍ତ କ୍ଷତାକ୍ତ ଅବସ୍ଥାରେ ଚଉରାପିଣ୍ଡିରେ ପଡିଛି ବୋଲି ସ୍ତ୍ରୀ ନୀଳିମାଙ୍କୁ କହି କୁଆଡ଼େ ଚାଲିଯାଇଥିଲେ। ନୀଳିମା ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସ ଓ ଆମ୍ବୁଲାନ୍ସରେ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିବା ପରେ ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରମାକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ନୀଳିମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୬୫/୨୫) ରୁଜୁ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ୧୬ ଗ୍ରାମ୍ ବ୍ରାଉନସୁଗାର ଜବତ: ୩ କୋର୍ଟ ଚାଲାଣ



ଧରା ପଡ଼ିଥିବା ଅଭିଯୁକ୍ତମାନେ।

**ପାରାଦୀପ/କୁଜଙ୍ଗ, ୩।୫
(ଶରତ ରାଉତ/ମନୋଜ ପ୍ରଧାନ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ପାରାଦୀପ ଅଭୟଚାନ୍ଦପୁର ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୧୫.୫୮ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଅଭିଯୁକ୍ତମାନେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡାଳିମପୁର (ବଗଦିଆ) ଗ୍ରାମର ସଂଗ୍ରାମ ଦଳାଇ ଓରଫ ରାକା, ପାରାଦୀପ ଲକ୍ ଥାନା ଅନ୍ତର୍ଗତ ସିଜୁ ଗ୍ରାମର ବିକ୍ରମ ନାୟକ (୨୬) ଓ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମର ଦୀପକ ପତି(୩୫)। ଏ ନେଇ ୬୭/୨୫ରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଶୁକ୍ରବାର ସନ୍ଧ୍ୟାରେ ବାଇକ ଯୋଗେ ଡାଳିମପୁର ପାଖରେ ଯିବାବେଳେ ପାଟ୍ରୋଲିଂ ପୋଲିସ ତାଙ୍କୁ ଧରିଥିଲା। ଯାଞ୍ଚ ବେଳେ ବାଇକ୍‌ରୁ ବ୍ରାଉନସୁଗାର ବାହାରିଥିଲା ବୋଲି ଥାନାଧିକାରୀ ସମୀର ରାଉତ ସୂଚନା ଦେଇଛନ୍ତି।

# ଜନ ଆରୋଗ୍ୟ ସେବା କେନ୍ଦ୍ର ପାଇଁ ଭୂମି ପୂଜନ

### ଦଳିତ ବହୁଳ ପଞ୍ଚାୟତରେ ଖୁସିର ଲହରି

**ରଘୁନାଥପୁର, ୩।୫(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଦୀର୍ଘବର୍ଷର ପ୍ରତୀକ୍ଷା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଜନ ଆରୋଗ୍ୟ ସେବା କେନ୍ଦ୍ର ପାଇଁ ଭୂମି ପୂଜନ କରାଯାଇଛି। ଫଳରେ ଏଠାରେ ଥିବା ଦଳିତ ସମ୍ପ୍ରଦାୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବାକୁ ସୁଗମ କରିବାପାଇଁ ସରପଞ୍ଚଙ୍କ ପ୍ରତିନିଧି ସାମାଜିକ କର୍ମୀ ରହିମ ଖାଁ ଏଠାରେ ଜନ ଆରୋଗ୍ୟ ସେବା କେନ୍ଦ୍ର ପାଇଁ ବାରମ୍ବାର ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆର୍କଷଣ କରିଆସୁଥିଲେ। ନିକଟରେ ରଘୁନାଥପୁରଠାରେ ଜିଲାପାଳଙ୍କ ଜନ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ। ଏହାକୁ ଅନୁଭବ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଞ୍ଚାୟତରେ ଏକ ଜନ ଆରୋଗ୍ୟ ସେବା କେନ୍ଦ୍ର ଖୋଲିବା ପାଇଁ ଅନୁଦାନ ଦେଇଛନ୍ତି। ୩୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଦୁଇତାଲା ବିଶିଷ୍ଟ କୋଠା ପାଇଁ ସ୍ଥାନୀୟ ସରପଞ୍ଚ ସାହେଦା ତବସୁମ ଓ ସମିତି ସଭ୍ୟା ସାଗରିକା ତରାଇ ଭୂମି ପୂଜା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ନାରାୟଣ ଦାସ, ପ୍ରସନ୍ନ ସେଠୀ, ବାବା ନରସିଂହ ନାୟକ, ରବୀନ୍ଦ୍ର ରାଉତ, ଭବାନୀ ଶଙ୍କର ଦାସ, ଅଜୟ ସାମଲ, ୱାର୍ଡ ସଭ୍ୟ ନନ୍ଦିନୀ ଦାସ ଓ ସ୍ୱାସ୍ଥ୍ୟବିଭାଗ ଯନ୍ତ୍ରୀ ମନୋରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟ ପାଇଁ ସାମାଜିକ କର୍ମୀ ଖାଁ ତଥା ଗ୍ରାମବାସୀ ସରକାର ଓ ସ୍ୱାସ୍ଥ୍ୟବିଭାଗକୁ ସାଧୁବାଦ ଜଣାଇଛନ୍ତି।

# କୃଷି, କୃଷକଙ୍କ ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକ ଉତ୍ସବ

**ରଘୁନାଥପୁର,୩।୫(ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ)**

ରଘୁନାଥପୁର ବ୍ଲକ ରେଣ୍ଡୁଆ ଗହ୍ଣାପୁରସ୍ଥିତ ଉପଳେଶ୍ୱରି ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଜଗତସିଂହପୁର ଜିଲା କୃଷକ ସଙ୍ଗଠନର ୨୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସଭାରେ ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ପୌରୋହିତ୍ୟ କରିଥିଲେ। ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭୂଚରଣ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷକାର୍ଯ୍ୟ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା କୃଷି କ୍ଷେତ୍ରରେ ଉନ୍ନତି ହେବା ସହ କୃଷକମାନେ ଲାଭବାନ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ କୃଷି ଓ କୃଷକଙ୍କ ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ ବୋଲି ଅଧ୍ୟାପକ ଲେଙ୍କା ବକ୍ତବ୍ୟ ରଖିଥିଲେ। ସେହିପରି ଭାଜପା ମୁଖପାତ୍ର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଚାଷୀମାନଙ୍କ ହିତ ପାଇଁ ସଙ୍ଗଠନ ଓ ସରକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ ଠିଆ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଙ୍ଗଠନ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଚାଷୀମାନଙ୍କୁ ଅଧିକରୁ ଅଧିକ ଆଖୁ ଓ ପରିବା ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଜିଲାରେ ଶୀତଳଭଣ୍ଡାର ଓ ଚିନିକଳ ସ୍ଥାପନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥିଭାବେ ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର, ସଙ୍ଗଠନ ଉପସଭାପତି ସାରଦା ପ୍ରସାଦ ରାୟ, ଉପଦେଷ୍ଟା ଦିଲୀପ କୁମାର ରଥ ଓ ଅଜୟ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସଭାପତି ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ହଂସୁଆ ସଫେଇର ଉନ୍ନତି ପାଇଁ ସରକାର ପ୍ରଦାନ କରୁଥିବା ୧ ଶହ କୋଟି ଟଙ୍କାକୁ ଠିକ୍ ମାର୍ଗରେ ବିନିଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ। କୃଷି ଓ କୃଷକଙ୍କ ସମସ୍ୟା ଏବଂ ସେମାନଙ୍କ ହିତସାଧନ ନିମନ୍ତେ ଥିବା ବିଭିନ୍ନ ପ୍ରସ୍ତାବକୁ ସଙ୍ଗଠନ ଜରିଆରେ ସରକାରଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ଭାଜପା ମୁଖପାତ୍ର ମଲ୍ଲିକ ନିଅନ୍ତୁ ବୋଲି ସଭାପତି ଜେନାଙ୍କ ସହ ଅନ୍ୟ ବକ୍ତାମାନେ ଆଶାପୋଷଣ କରିଥିଲେ। ଏହି ଅବସରରେ ଜିଲାର ୧୫ ଜଣ ସଫଳ ଚାଷୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ ଅଭୟ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ମହାନ୍ତି ସଭା ପରିଚାଳନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ତଅାଁରା ସରପଞ୍ଚ ବଟକୃଷ୍ଣ ନାୟକ, ସଙ୍ଗଠନ ସଦସ୍ୟ ବିପିନ ସ୍ୱାଇଁ, ପ୍ରଦୀପ୍ତ କିଶୋର ମହାନ୍ତି ଓ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଉପସ୍ଥିତ ଥିଲେ।

# ଭୋଗ,ଦୀପ ଦୋକାନ ନିଲାମ ସର୍ତ୍ତରେ ଖିଲାପ ଅଭିଯୋଗ

### ଶାରଳା ମନ୍ଦିର

**ତିର୍ତ୍ତୋଲ, ୩।୫ (ଗୌରାଙ୍ଗ ଚରଣ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ମା'ଶାରଳା ଠାକୁରାଣୀଙ୍କ ମନ୍ଦିର ବେଢ଼ା ଭୋଗ ଓ ଦୀପ ଦୋକାନ ନିଲାମ ସର୍ତ୍ତାବଳୀ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମନ୍ଦିର ସୋଲ ଟ୍ରଷ୍ଟି ତଥା ଜିଲାପାଳ ଜେ.ସୋନାଲଙ୍କୁ ମନ୍ଦିର ପରିଚାଳନା ଅଧିକାରୀ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଅବଗତ କରାଇଛନ୍ତି।

ଗତ ବର୍ଷ ଏହିଭଳି ନିଲାମ ଦେୟ ପରିଶୋଧ ନେଇ ପ୍ରଶାସନ ସହ ନିଲାମଧାରୀଙ୍କ ବିବାଦ ହୋଇଥିଲା। ଏନେଇ ଦୀର୍ଘଦିନ ପର୍ଯ୍ୟନ୍ତ ଭୋଗ ଦୋକାନ ସିଲ ହୋଇଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ନିଲାମ ଦେୟ ପରିଶୋଧ ପରେ ପରିସ୍ଥିତି ସ୍ୱାଭାବିକ ହେବା ସହ ଦୋକାନ ଖୋଲିଥିଲା। ଚଳିତ ବର୍ଷ ମଧ୍ୟ ଏହିଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଚଳିତବର୍ଷ ଶାରଳା ମନ୍ଦିର ପରିସରରେ ଥିବା ଭୋଗ ଦୋକାନ ୧ କୋଟି ୨୧ ଲକ୍ଷ ଟଙ୍କା ଓ ଦୀପ ଦୋକାନ ୧ କୋଟି ୪୩ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ସର୍ତ୍ତ ଅନୁଯାୟୀ ନିଲାମଧାରୀ ନିଲାମ ଦେୟର ୫୦ ଭାଗ ଏପ୍ରିଲ ୪ ତାରିଖରେ ଦାଖଲ କରି ଦୋକାନ ଖୋଲିଥିଲେ। ଅବଶିଷ୍ଟ ୫୦ ଭାଗ ଟଙ୍କା ଚଳିତ ମାସ ୨ ତାରିଖରେ ଦେବାକୁ ଚୁକ୍ତି ହୋଇଥିଲା। କିନ୍ତୁ ଉପରୋକ୍ତ ଦେୟ ନିଲାମଧାରୀଙ୍କ ତରଫରୁ ମନ୍ଦିର ବ୍ୟାଙ୍କ ଖାତାରେ ଜମା ହୋଇନାହିଁ। ଏ ସମ୍ପର୍କରେ ମନ୍ଦିର ପରିଚାଳନା ଅଧିକାରୀ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରୁ ନିଲାମଧାରୀ ଅବଶିଷ୍ଟ ଦେୟ ଦେବା ନିମନ୍ତେ ସମୟ ମାଗିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ସେ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ତରାଇ ମତ ଦେଇଛନ୍ତି।

# ଜନନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

**ଏରସମା, ୩।୫ (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଲୋକନାଥ ଚୌଧୁରୀ ସ୍ମୃତି କମିଟି ପକ୍ଷରୁ ଜନ ନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଚୂଡାନ୍ତ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାପତି ଶଶୀ ଭୂଷଣ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଅତିଥିଭାବେ ଯୋଗଦେଇ ଲୋକନାଥ ଚୌଧୁରୀଙ୍କ ଆଦର୍ଶ ରାଜନୈତିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଏମ୍‌ପି ବିଭୁ ପ୍ରସାଦ ତରାଇ ଉପସ୍ଥିତ ହୋଇ ଏରସମା ମୁଖ୍ୟ ବଜାରରେ ସ୍ୱର୍ଗତ ଚୌଧୁରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠାର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସମ୍ପାଦକ ଅରୁଣ କୁମାର ବେହେରା, କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ପ୍ରସନ୍ନ କୁମାର କୁଅଁର, ଅକ୍ଷୟ ବେହେରା, ଗ୍ରାମ୍ୟ କମିଟି ସଭାପତି ଅମୂଲ୍ୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିଜରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟରୁ ଅନ୍ତର ଏକ ଚିରନ୍ତନ ପ୍ରକ୍ରିୟା

**ରଘୁନାଥପୁର, ୩।୫(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବିଇଓଙ୍କ କାର୍ଯ୍ୟାଳୟ ଓ ୯ଟି ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ମଧୁସୂଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଇଓ ବିଜୟ କୁମାର ସ୍ୱାଇଁ ଓ ଉପବିଭାଗୀୟ ଅଧିକାରୀ ସୌମ୍ୟରଞ୍ଜନ ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏବିଇଓ ଆଶୁତୋଷ ବାନାର୍ଜୀ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟରୁ ଅନ୍ତର ଏକ ଚିରନ୍ତନ ପ୍ରକ୍ରିୟା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିରିଡି ବିଇଓ ସୌଦାମିନୀ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷକ ଜ୍ୟୋତ୍ସ୍ନାରାଣୀ ଦାଶ, ଏବିଇଓ ରଜନୀକାନ୍ତ ରାୟ ଓ ଚାର୍ଟାଡ ଆକାଉଣ୍ଟାଣ୍ଟ ନାରାୟଣ ଚୌଧୁରୀ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନେତା ଦେବାଶିଷ ବେହେରା ଅତିଥି ପରିଚୟ ଓ ସିଆର୍‌ସିସି ସୁକାନ୍ତ କୁମାର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। କର୍ମଚାରୀ ଦିବ୍ୟଜ୍ୟୋତି ସେନାପତି ଓ ଆକାଉଣ୍ଟାଣ୍ଟ ମହାବୀର ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାସ୍କର ମୁଦୁଲି, ବିରୂପାକ୍ଷ ସେଠୀ, ଜୟପ୍ରକାଶ ପଣ୍ଡା, ଯଜ୍ଞବଳ୍କ ମିଶ୍ର, ବିଶ୍ୱନାଥ ଦାସ, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ଓ ପ୍ରଶାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତିଲତା ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଅଧ୍ୟକ୍ଷତା କରିଥିଲେ। ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ପ୍ରଦୀପ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ରେଣ୍ଡୁଆ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ଅବସରକାଳୀନ ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି, ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଜୟ କୁମାର ସେଠୀ, ବିଜନ ମହାପାତ୍ର, ଅଜୟ ବରାଳ ଯୋଗଦେଇଥିଲେ।




ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଓ ଅନ୍ୟମାନେ।

# ଶନିଶ୍ଚର ମନ୍ଦିରରେ ଜଳାଭିଷେକ

**ରଘୁନାଥପୁର/କୁଜଙ୍ଗ/ରାହାମା/ ୩।୫
(ରାଜେନ୍ଦ୍ର ନାରାୟଣ ସିଂହ/ (ମନୋଜ ପ୍ରଧାନ/ଶ୍ରୀକାନ୍ତ ଦାସ)**

ରଘୁନାଥପୁର ବ୍ଲକ ତାରପୁର ମହାନଦୀ କୂଳ ବାନାମ୍ବର ମନ୍ଦିର ନିକଟରେ ଅବସ୍ଥିତ ଶନିଶ୍ଚର ମନ୍ଦିରରେ ଶନିବାର ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ମାନସିକଧାରୀ ଭକ୍ତମାନେ ନିକଟସ୍ଥ ନଦୀରେ ସ୍ନାନ କରି ପୂର୍ଣ୍ଣକୁମ୍ଭ ଜଳ ଆଣି ଶନି ଶିଳା ଉପରେ ଢାଳିଥିଲେ। ସେହିପରି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶନି ମନ୍ଦିରରେ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଜଙ୍ଗ ମହାନଦୀ କୂଳରେ ସ୍ଥାପିତ ଶନି ମନ୍ଦିରରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ମହାନଦୀରୁ ପାଣି ଉଠାଇ ଜଳାଭିଷେକ କରିଛନ୍ତି। ଏନେଇ୨ ଦିନ ବ୍ୟାପୀ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମହାନଦୀରୁ ଜଳ ଉଠାଇବା ସମୟରେ କୌଣସି ଅଘଟଣ ନ ଘଟିବା ପାଇଁ କୁଜଙ୍ଗ ପୋଲିସ ଓ ମନ୍ଦିର ପରିଚାଳନା କମିଟି ସତର୍କ ଦୃଷ୍ଟି ରଖିଥିଲେ। ସେହିପରି କୁଜଙ୍ଗ ଥାନା ଅନ୍ତର୍ଗତ ବିଜିପୁର ଓ ପଙ୍କପାଳ ମହାନଦୀ କୂଳରେ ଅବସ୍ଥିତ ଶନିମନ୍ଦିରରେ ଜଳାଭିଷେକ କରାଯାଇଥିଲା।

# ଚାଳକଙ୍କୁ ମାଡ଼ ମାରି ୪ ଘଣ୍ଟା ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

### ଇଫ୍‌କୋ ଛକରେ ସଡ଼କ ଦୁର୍ଘଟଣା: ଜଣେ ମୃତ

**ପାରାଦୀପ,୩।୫(ଶରତ ରାଉତ)**

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଚଣ୍ଡିଖୋଲ ପାରାଦୀପ ୫୩ନଂ. ଜାତୀୟ ରାଜପଥର ଇଫ୍‌କୋ ଛକ ନିକଟରେ ଶନିବାର ଖରାବେଳେ ଏକ ଟ୍ରକ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋର ଶିରୋମଣୀ (୩୫)। ତାଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ପାଣ୍ଡରାସିଙ୍ଗା ଗ୍ରାମରେ। ସେ ପାରାଦୀପଗଡ ଅଞ୍ଚଳରେ ରୁହନ୍ତି ଏବଂ ଏକ ଘରୋଇ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଶନିବାର ଖରାବେଳେ ସେ ଘରୁ ସ୍କୁଟି ଯୋଗେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ଅଭିମୁଖେ ଯିବାବେଳେ ତାଙ୍କ ଉପରେ ଏକ ଟ୍ରକ୍ (ଓଡି-୦୪ୟୁ-୨୧୫୫)ଚଢ଼ି ଯାଇଥିଲା। କିଶୋରଙ୍କ ମୁଣ୍ଡ ଉପରେ ଟ୍ରକ୍ ଚକା ଚଢିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏନେଇ କେତେଜଣ ଲୋକ ଟ୍ରକକୁ ଅଟକାଇ ଚାଳକଙ୍କୁ ମାଡ଼ ମାରିଥିଲେ। ଖବରପାଇ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଥାନାକୁ ନେବା ସହ ଟ୍ରକ୍ ଜବତ କରିଛି। ଅପରପକ୍ଷେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ନିୟନ୍ତ୍ରଣ କରିବା ଦାବିରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକମାନେ ସେଠାରେ ଧାରଣା ଦେଇଥିଲେ। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଧାରଣା ହଟାଇଛି। ସୂଚନାଯୋଗ୍ୟ ଅଠରବାଙ୍କି ଦୋଛକି ମଧ୍ୟରେ ପ୍ରାୟତଃ ଦୁର୍ଘଟଣା ଘଟୁଛି। ଚଳିତ ବର୍ଷ ଏହାକୁ ମିଶାଇ ୮ ଜଣଙ୍କ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଲାଣି।

# ଶୀର୍ଷରେ ଆର୍‌ସିବି



ଶଟ୍ ଖେଳିବା ଅବସରରେ ରୋମାରିଓ ଶେଫର୍ଡ।

**ବେଙ୍ଗାଲୁରୁ,୩।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ଅଷ୍ଟମ ବିଜୟ ହୋଇଥିବା ବେଳେ ଚେନ୍ନାଇ ଲାଗି ଏହା ନବମ ପରାଜୟ। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ଜ୍ୟାକବ ବେଥେଲ ୩୩ ବଲରେ ୫୫ (୮ ଚୌକା ଓ ୨ ଛକା) ଓ ବିରାଟ କୋହଲି ୩୩ ବଲରେ ୬୨ (୫ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରୋମାରିଓ ଶେଫର୍ଡ ୧୪ ବଲରେ ୫୩ (୪ ଚୌକା ଓ ୬ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ମାଥିସା ପାଥିରାନା ୩ ଉଇକେଟ ନେଇଥିଲେ। ଜବାବରେ ସିଏସ୍‌କେକୁ ଶେକ ରଶିଦ ଓ ଆୟୁଷ ମହାତ୍ରେ ୪.୩ ଓଭରରେ ୫୧ ରନର ଆରମ୍ଭ ଦେଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରଶିଦ(୧୪) ଓ ସାମ କୁରାନ(୫)ଙ୍କ ଉଇକେଟ ହରାଇଥିଲା। ମହାତ୍ରେ ଓ ରବୀନ୍ଦ୍ର ଜାଡେଜା ତୃତୀୟ ଉଇକେଟରେ ୧୧୪ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ମହାତ୍ରେ ୪୮ ବଲରେ ୯୪ (୯ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମହେନ୍ଦ୍ର ସିଂ ଧୋନୀ(୧୨) ଓ ଶିବମ୍ ଦୁବେ(୮) ରନ୍ କରିଥିଲେ। ହେଲେ ଦଳକୁ ଜିତାଇ ପାରି ନ ଥିଲେ। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଜାଡେଜା ୪୫ ବଲରେ ୮ ଚୌକା ଓ ୨ ଛକା ସହିତ ୭୭ ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ପକ୍ଷରୁ ଏନଗିଡି ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୧୩/୫(ବିରାଟ କୋହଲି-୬୨, ଜ୍ୟାକବ ବେଥେଲ-୫୫, ରୋମାରିଓ ଶେଫର୍ଡ-୫୩*, ମାଥିସା ପାଥିରାନା-୩/୩୬, ନୁର ଅହମ୍ମଦ-୧/୨୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୧୧/୫ (ଆୟୁଷ ମହାତ୍ରେ-୯୪, ରବୀନ୍ଦ୍ର ଜାଡେଜା-୭୭*, ଲୁଙ୍ଗି ଏନଗିଡି-୩/୩୦, କୃନାଲ ପାଣ୍ଡ୍ୟା-୧/୨୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**
**କୋଲକାତା ବନାମ ରାଜସ୍ଥାନ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ନୌ**
ସ୍ଥାନ: ଧର୍ମଶାଳା
ସମୟ: ରାତ୍ର ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୨୭୧ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

**ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ସିରିଜ**

# ୩-୨ରେ ହାରିଲା ଭାରତ

**ପର୍ଥ,୩।୫(ପି.ଟି)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା କରିବା ସତ୍ତ୍ୱେ ୨-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାଜୟ ବରଣ କରିଛି। ଭାରତୀୟ ଦଳ ପକ୍ଷରୁ ନବନୀତ କୌର (୩୫ତମ ମିନିଟ୍) ଓ ଲାଲରେସିଆମି (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ଗ୍ରେସ ଷ୍ଟିୱାର୍ଟ (ଦ୍ୱିତୀୟ), ଜେଡ ସ୍ମିଥ (୩୬ତମ) ଓ ଗ୍ରେଟା ହାୟେସ (୪୨ତମ) ଗୋଲ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଗ୍ରେସ ଷ୍ଟିୱାର୍ଟଙ୍କ ଗୋଲ ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ ୧-୦ ଗୋଲ୍‌ରେ ଆଗରେ ରହିଥିଲା। ଏହି କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ସୁଯୋଗ ସୃଷ୍ଟି କରିଥିଲେ। ହେଲେ କେହି ତାହାକୁ ସ୍କୋରରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଦଳ ସଫଳତାର ସହ ଅଷ୍ଟ୍ରେଲିଆର ପେନାଲ୍ଟି କର୍ନରକୁ ବେକାର କରିଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଅଷ୍ଟ୍ରେଲିଆ ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୫ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ନବନୀତ କୌର ଗୋଲରେ ପରିଣତ କରିଥିଲେ। ହେଲେ ଏହାର ପରବର୍ତ୍ତୀ ମିନିଟ୍‌ରେ ଜେଡ୍ ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୪୨ତମ ମିନିଟ୍‌ରେ ହାୟେସ ଘରୋଇ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରର ୫୯ତମ ମିନିଟରେ ଲାଲରେସିଆମି ଭାରତ ପାଇଁ ଦ୍ୱିତୀୟ ଗୋଲ ପରିଶୋଧ କରିଥିଲେ।

# ଆଣ୍ଟୋନେଲି ସର୍ବକନିଷ୍ଠ ପୋଲ୍ ବିଜେତା



କିମି ଆଣ୍ଟୋନେଲି

**ଫର୍ମୁଲା-୧**

**ମାୟାମି ଗାର୍ଡେନ୍ସ (ଫ୍ଲୋରିଡା), ୩।୫ (ଏପି)**

ଫର୍ମୁଲା-୧ ଇତିହାସରେ କୌଣସି ଇଭେଣ୍ଟରେ ସର୍ବକନିଷ୍ଠ ପୋଲ୍ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି ୧୮ବର୍ଷୀୟ କିମି ଆଣ୍ଟୋନେଲି। ମାୟାମି ଗ୍ରାଁ ପ୍ରି ପୂର୍ବରୁ ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ମର୍ସିଡିଜର ଏହି ଡ୍ରାଇଭର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଣ୍ଟୋନେଲିଙ୍କର ଏହା ହେଉଛି ପ୍ରଥମ ଫର୍ମୁଲା-୧ ସିଜନ। ମର୍ସିଡିଜ ୭ଥର ଚାମ୍ପିୟନ ଲିୱିସ ହାମିଲ୍‌ଟନଙ୍କ ସ୍ଥାନରେ ଆଣ୍ଟୋନେଲିଙ୍କୁ ଟିମ୍‌ରେ ସାମିଲ କରିଛି। ଇଟାଲୀର ଏହି ଡ୍ରାଇଭରଙ୍କ ଉପରେ ମର୍ସିଡିଜ ଆସ୍ଥା ପ୍ରକଟ କରିଛି। ସେ ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଯଥାର୍ଥ ବୋଲି ପ୍ରମାଣିତ କରିଛନ୍ତି। ଆଣ୍ଟୋନେଲି ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ବର୍ତ୍ତମାନର ଫର୍ମୁଲା-୧ ପଏଣ୍ଟ ଲିଡର ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କ ସହିତ ଆରମ୍ଭ କରିବେ। ପ୍ରଥମ ସ୍ପ୍ରିଣ୍ଟ ରେସ୍‌ରେ ଆଣ୍ଟୋନେଲିଙ୍କଠାରୁ .୦୪୫ ସେକେଣ୍ଡ ଟାଇମ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପିଆଷ୍ଟ୍ରି।

# ଡାଇମଣ୍ଡ ଲିଗ୍: ସାବ୍‌ଲେଙ୍କୁ ୮ମ ସ୍ଥାନ

**କେକିଆଓ (ଚାଇନା), ୩।୫ (ପି.ଟି.)**

ଭାରତର ଟପ୍ ୩,୦୦୦ ମିଟର ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ ଏଠାରେ ଶନିବାର ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ମିଟିଂରେ ୮ମ ସ୍ଥାନ ଅଧିକାର କରିଛନ୍ତି। ୩୦ବର୍ଷୀୟ ସାବ୍‌ଲେ ସିଜନରେ ତାଙ୍କ ଦ୍ୱିତୀୟ ରେସ୍ ୮ମିନିଟ ୨୩.୮୫ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ପୂର୍ବରୁ ଏପ୍ରିଲ ୨୬ରେ ଅନୁଷ୍ଠିତ ଜିଆମେନ ଡାଇମଣ୍ଡ ଲିଗ୍‌ରେ ସେ କିନ୍ତୁ ୮ ମିନିଟ ୨୨.୫୯ ସେକେଣ୍ଡ ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିଥିଲେ। ଶନିବାର ଏଠାରେ ଅନୁଷ୍ଠିତ ରେସ୍‌ରେ ଇଥିଓପିଆର ଆବ୍ରାହମ ସିମେ ୮:୦୭.୮୨ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନିଆର ଏଡ୍‌ମଣ୍ଡ ସେରେମ (୮:୦୮.୬୮) ଓ ସିମନ କିପ୍‌ରପ୍ କୋଚ୍ (୮:୦୯.୦୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଆମେନ୍ ଡାଇମଣ୍ଡ ଲିଗ୍ ଜିତିଥିବା ଇଥିଓପିଆର ଅନ୍ୟ ଜଣେ ଆଥ୍‌ଲେଟ ସାମୁଏଲ୍ ଫିରେଉ ଏଠାରେ ୮:୧୧.୧୮ ଟାଇମିଂ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସାମୁଏଲ୍ ସେଠାରେ ବର୍ତ୍ତମାନର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ କରକ୍କୋର ସୋଫିଆନେ ଏଲ୍ ପାକାଲିଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପାକାଲି କିନ୍ତୁ ଶନିବାର ରେସ୍‌ରେ ଅଂଶଗ୍ରହଣ କରି ନ ଥିଲେ।

# ମାଡ୍ରିଡ୍ ଓପନ ଫାଇନାଲରେ ରୁଡ୍

**ମାଡ୍ରିଡ, ୩।୫ (ଏପି)**

ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଜରାରେ ଯନ୍ତ୍ରଣା ଯୋଗୁ ସେ ପେନ୍‌କିଲର ବ୍ୟବହାର କରି ଏହି ମ୍ୟାଚ ଖେଳିଥିଲେ। ଫାଇନାଲରେ ସେ ଜ୍ୟାକ୍ ଡ୍ରାପରଙ୍କୁ ଭେଟିବେ। ଡ୍ରାପର ଅନ୍ୟ ସେମିଫାଇନାଲରେ ଲୋରେଞ୍ଜୋ ମୁସେଟିଙ୍କୁ ୬-୩, ୭-୬ (୪)ରେ ପରାସ୍ତ କରି ବର୍ଷରେ ତାଙ୍କର ତୃତୀୟ ଫାଇନାଲ ଖେଳିବାକୁ ଯାଉଛନ୍ତି। ଏହି ମ୍ୟାଚ ପୂର୍ବରୁ ରୁଡ୍ ଗତ ୩ଟି ଗେମ୍‌ରେ ରୁଡ୍ ତାଙ୍କ ଇଞ୍ଜୁରୀକୁ ନେଇ ଚିକିତ୍ସାରେ ଅଛନ୍ତି। କାଜା ମାଜିକା ସେଣ୍ଟର କୋର୍ଟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚକୁ ସେ ୬-୪, ୭-୫ରେ ଜିତି ନେଇଥିଲେ। ରୁଡ୍ କହିଛନ୍ତି କୋର୍ଟକୁ ଯିବା ପୂର୍ବରୁ ୱାର୍ମଅପ୍ ହେଉଥିବା ବେଳେ ସେ ତାଙ୍କ ପଞ୍ଜରାରେ ଯନ୍ତ୍ରଣା ଅନୁଭବ କରିବାରୁ ପେନ୍‌କିଲର ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ।



ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି କାସ୍ପର ରୁଡ୍।

# ରାବାଡ଼ା ସାମୟିକ ବାସନ୍ଦ

**ଜୋହାନ୍ସବର୍ଗ,୩।୫(ପି.ଟି.)**

ମନୋରଞ୍ଜନ ଲାଗି ନେଇଥିବା ଔଷଧ କାରଣରୁ ବର୍ତ୍ତମାନ ସାମୟିକ ବାସନ୍ଦାଦେଶ ଭୋଗ କରୁଥିବା ବିଶ୍ୱର ପ୍ରିମିୟର ଫାଷ୍ଟ ବୋଲର କାଗିସୋ ରାବାଡା ଶନିବାର ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପେସର ଗତ ମାସରେ ଗୁଜରାଟ ଟାଇଟନ୍ସ ଲାଗି ଦୁଇଟି ମ୍ୟାଚ୍ ଖେଳିବା ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଦେଶ ଫେରି ଯାଇଥିଲେ। ଆସନ୍ତା ୨୫ ତାରିଖରେ ୩୦ ବର୍ଷରେ ପାଦ ଦେବାକୁ ଯାଉଥିବା ରାବାଡା ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍ସଙ୍କ ଆସୋସିଏଶନ (ଏସ୍‌ଏସିଏ) ଜରିଆରେ ଏକ ବିବୃତି ଜାରି କରିଛନ୍ତି। ମୁଁ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରେ ଅଂଶଗ୍ରହଣ ନ କରି ଦକ୍ଷିଣ ଆଫ୍ରିକାକୁ ଫେରି ଆସିଥିଲି। ମନୋରଞ୍ଜନ ଲାଗି ଔଷଧ ବ୍ୟବହାର ଯୋଗୁ ମୋ ଡୋପ ନମୁନାରେ ନିଷିଦ୍ଧ ଔଷଧ ଠାବ ହୋଇଛି।

# ହେମରାଜ ୪, ଅଞ୍ଜଳୀ ୬ ବର୍ଷ ବାସନ୍ଦ

**ଡୋପ୍ ଟେଷ୍ଟ**

**ନୂଆଦିଲ୍ଲୀ, ୩।୫ (ପି.ଟି.)**

ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜାର ଓ ଅଞ୍ଜଳୀ କୁମାରୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜାର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜାର ଆହୁରି ମଧ୍ୟ ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପ୍‌ଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ। ଅଞ୍ଜଳୀ ଆହୁରି ମଧ୍ୟ ଗତବର୍ଷ ଦେଶରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ସୂଚନାଯୋଗ୍ୟ, ଡୋପିଙ୍ଗ ମାମଲାରେ ନାଡାର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା କବାଡ଼ି ଖେଳାଳି ମନୀଷ ଗୁଲିଆ, ରେସ୍‌ଲର ଓମ୍‌କାର ଶଙ୍କର ଚୋଗ୍‌ଲେ ଓ ଦିବ୍ୟାକକ୍‌ରାନ, ବକ୍ସର ଥୋକ୍‌ଚୋମ୍ ଯାଇସାନା ଚାନୁ ଓ ସନ୍ତରଣକାରୀ ବିଶାଲ ଗ୍ରେୱାଲ ପ୍ରମୁଖ ୪ବର୍ଷ ଲେଖାଏଁ ବାସନ୍ଦ ହୋଇଛନ୍ତି। ପାୱାର ଲିଫ୍ଟର ଅମିତା ଦେବୀ କୋଟ୍‌ୱଲ୍ ଏବଂ ଜଣେ ନାବାଳକ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ ୬ ବର୍ଷ ଲେଖାଏ ବାସନ୍ଦ ହୋଇଛନ୍ତି। ଏ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରାଯାଇ ନାହିଁ।

# କିସ୍‌ରୁ ଭାଗ ନେବେ ୪୧ ଆଥ୍‌ଲେଟ୍

**୭ମ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ**

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

ବିହାରରେ ୭ମ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ଆୟୋଜନ କରାଯାଇଛି। ଏଥିରେ ସ୍ଥାନୀୟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪୧ଜଣ ଛାତ୍ର ଆଥଲେଟ (୨୦ ବାଳକ ଓ ୨୧ ବାଳିକା) ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ମେଗା ଇଭେଣ୍ଟ ରବିବାରଠାରୁ ମେ ୧୫ ପର୍ଯ୍ୟନ୍ତ ୫ଟି ସହର ଯଥା ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇଠାରେ ଆୟୋଜନ କରାଯାଇଛି। ଏଥିରେ ୨୭ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। କିସ୍‌ରୁ ରଗ୍‌ବୀରେ ୧୯ ଖେଳାଳି (୧୦ବାଳକ ଓ ୯ବାଳିକା), ସିପକଟାକ୍ରରେ ୧୫ ଖେଳାଳି (୮ବାଳକ ଓ ୭ବାଳିକା), ଆଥ୍‌ଲେଟିକ୍ସରେ ଜଣେ (ବାଳକ), ଖୋ ଖୋରେ ୪ ଖେଳାଳି (ଜଣେ ବାଳକ ଓ ୩ ବାଳିକା) ଏବଂ ଜୁଡୋ ଓ ସାଇକ୍ଲିଂରେ ଜଣେ ଲେଖାଏ ବାଳିକା ଅଂଶଗ୍ରହଣ କରିବେ।



୭ମ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସରେ ଅଂଶଗ୍ରହଣ କରିବାକୁଥିବା ଆଥ୍‌ଲେଟ୍।

# ବଲାଙ୍ଗୀର, ଭୁବନେଶ୍ୱର, କଟକ, ଜୟପୁର ବିଜୟୀ

**ମାଧୁରୀ ମେହେଟାଙ୍କ ଶତକ**

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍‌ରେ ଶନିବାର ବଲାଙ୍ଗୀର, ଭୁବନେଶ୍ୱର, କଟକ ଓ ଜୟପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ବରଗଡ଼ ବିପକ୍ଷ ମ୍ୟାଚରେ ବଲାଙ୍ଗୀର ୧୦୩ରନରେ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାଧୁରୀ ମେହେଟା (୬୨ବଲ୍‌ରୁ ୧୦୫ରନ)ଙ୍କ ଶତକ ଓ ସରିତା ମେହେର (୪୬ ବଲ୍‌ରୁ ୫୩* ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ୩ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଜବାବରେ ବରଗଡ଼ ନିର୍ଦ୍ଧାରିତ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବିଜିଲି ଦୀପ୍ ୪ ଓ ସୁଜିନ ଖାନ୍ ୨ ଉଇକେଟ ନେଇଥିଲେ। ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ୮ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ଏଥିରେ ବାଲେଶ୍ୱର ଦଳ ୧୫.୫ ଓଭରରେ ମାତ୍ର ୪୦ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର ୧୦.୩ ଓଭରରେ ୨ଉଇକେଟ ବିନିମୟରେ ୪୪ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ପ୍ରିୟଙ୍କା ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୩ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ସମ୍ବଲପୁର ବିପକ୍ଷରେ କଟକ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୪୨ ରନ କରିଥିଲା। କଟକ ୪.୫ ଓଭରରେ ବିନା କୌଣସି ଉଇକେଟରେ ୪୫ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ବୋଲର ଭାବାନୀ ଧଣ୍ଡା (୩.୧-୦-୭-୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବାଡ଼ାନାସୀ ଗ୍ରାଉଣ୍ଡରେ ଜୟପୁର ୮ଉଇକେଟରେ କେନ୍ଦୁଝରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୫୯ ରନ କରିଥିଲା। ଜବାବରେ ଜୟପୁର ୧୦ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିରେ ବିଜୟୀ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୫ ବଲ୍‌ରୁ ୩୩ ରନ କରି ଅପରାଜିତ ରହିଥିବା ବେଳେ ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ।



ମାଧୁରୀ ମେହେଟା



ଭାବାନୀ ଧଣ୍ଡା



କାଜଲ ଜେନା



ପ୍ରିୟଙ୍କା ସାହୁ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ